

ପବିତ୍ର ମକର ସଂକ୍ରାନ୍ତିର ଶୁଭେଚ୍ଛା

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ଆଉ କେବେ ରାଜନୀତି ଭିତ୍ତିକ ଫିଲ୍ମ କରିବିନି |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୮୬ Vol. 21 No-286 14 JANUARY 2025 TUESDAY BHUBANESWAR ମଙ୍ଗଳବାର, ୧୪ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୩ଦିନିଆ କେନ୍ଦୁଝର ଗସ୍ତ

କେନ୍ଦୁଝର,୧୩।୧(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାରଠାରୁ ୩ ଦିନିଆ କେନ୍ଦୁଝର ଗସ୍ତରେ ଯିବେ ବୋଲି ସୂଚନା ମିଳିଛି। ୧୪ତାରିଖ ସକାଳ ୯.୩୦ରେ ଶ୍ରୀ ମାଝୀ କେନ୍ଦୁଝର ରାଇସୁଆଁ ଏୟାରଷ୍ଟ୍ରିପ୍‌ରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ବାହାରି ୧୦.୪୦ରେ ପାଟଣାରେ ପହଞ୍ଚି ମକର ବୁଡ଼ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରୁ ଅନ୍ୟାନ୍ୟ କାମ ସାରି ଅପରାହ୍ନ ୪.୨୫ରେ ରାଇକଳାସ୍ଥିତ ନିଜ ବାସଭବନରେ ପହଞ୍ଚିବେ।

### ନାଗ୍‌ମାର୍ଗ-୨ ମିସାଇଲ୍‌ର ସଫଳ ପରୀକ୍ଷଣ

ଜୟପୁର,୧୩।୧: ରାଜସ୍ଥାନର ପୋଖରାନ୍‌ରେ ସୋମବାର ନାଗ୍‌ମାର୍ଗ-୨ ମିସାଇଲର ସଫଳ ପରୀକ୍ଷଣ ହୋଇଛି। ଡିଆରଡିଓ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ନାଗ୍‌ମାର୍ଗ-୨ ହେଉଛି ଆଣ୍ଟି ଟ୍ୟାଙ୍କ୍ ଗାଇଡେଡ୍ ମିସାଇଲ। ଏହା ଶତ୍ରୁପକ୍ଷର ମିସାଇଲକୁ ବିନାଶ କରିବାରେ ସକ୍ଷମ ବୋଲି କୁହାଯାଇଛି। ଏହି ମିସାଇଲର ପରୀକ୍ଷଣ ସଫଳ ହେବାପରେ ଡିଆରଡିଓର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀ ବେଶ୍ ଖୁସି ପ୍ରକଟ କରିଥିବା ଦେଖିବାକୁ ମିଳିଥିଲା।

## ପ୍ରୟାଗରାଜରେ ଆସ୍ଥାର ମହାକୁମ୍ଭ

# ଅମୃତ ସ୍ନାନ କଲେ ଦେଢ଼କୋଟି ଶ୍ରଦ୍ଧାଳୁ



- ଆଧ୍ୟାତ୍ମିକ ପରମ୍ପରାର ବିରାଟ ଉତ୍ସବ
- ବିଶ୍ୱାସ ଓ ସଦ୍‌ଭାବନାର ମହା ସମାବେଶ
- ଭାସମାନ ପୋଲିସ ଷ୍ଟେସନ, ସୁରକ୍ଷା କଡ଼ାକଡ଼ି
- ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ପ୍ରୟାଗରାଜ,୧୩।୧: ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାସମାରୋହରେ ଆରମ୍ଭ ହୋଇଛି ଆସ୍ଥାର ମହାକୁମ୍ଭ ମହାକୁମ୍ଭ ମେଳା। ଏହି ଅବସରରେ ଦେଢ଼କୋଟିରୁ ଅଧିକ ଶ୍ରଦ୍ଧାଳୁ ଅମୃତ ସ୍ନାନ କରିଥିବା ସୂଚନା ମିଳିଛି। ତେବେ ମଙ୍ଗଳବାର ମକର ସଂକ୍ରାନ୍ତି ଉପଲକ୍ଷେ ସେଠାରେ ଅନୁଷ୍ଠିତ ହେବ ସାହିସ୍ନାନ। ଉତ୍ତରପ୍ରଦେଶ ଡିଜିପି ପ୍ରଶାନ୍ତ କୁମାର କହିଛନ୍ତି ଯେ ଏହି ମହାକୁମ୍ଭର ପ୍ରଥମ ସ୍ନାନ ସକାଳେ ବ୍ରାହ୍ମ ମୁହୂର୍ତ୍ତରୁ ଆରମ୍ଭ ହୋଇଥିଲା ଏବଂ ସନ୍ଧ୍ୟାସୁଦ୍ଧା ଦେଢ଼କୋଟିରୁ ଅଧିକ ଶ୍ରଦ୍ଧାଳୁ ଅମୃତ ସ୍ନାନ କରିଛନ୍ତି। ସେ ଆହୁରି କହିଥିଲେ ଯେ ଏହି ସ୍ନାନ ପାଇଁ ଆମେ ବହୁ ବ୍ୟବସ୍ଥା କରିଥିଲୁ। ଏଥିରେ ସମସ୍ତ ପ୍ରକାର କୌଶଳର ବ୍ୟବହାର କରାଯାଇଛି, ଯେଉଁଥିରେ ବହୁ ନୂଆ ଜିନିଷ ରହିଛି। ଫଳରେ ଶ୍ରଦ୍ଧାଳୁ କୌଣସି ଅସୁବିଧାର ସମ୍ମୁଖୀନ ହୋଇନଥିଲେ। ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷାକରି ପଦକ୍ଷେପ ନିଆଯାଉଥିବା ସେ ସୂଚନା ଦେଇଥିଲେ। ଏହି କୁମ୍ଭମେଳା ଆସନ୍ତା ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଶ୍ରଦ୍ଧାଳୁଙ୍କ ସମେତ ଲକ୍ଷାଧିକ ସାଧୁସନ୍ଥ କୁମ୍ଭମେଳାରେ ସାମିଲ ହୋଇଥିବାବେଳେ ପ୍ରୟାଗରାଜ ଭଳି ତୀର୍ଥନଗରୀରେ ସନାତନ ପ୍ରେମୀମାନେ ଜୋରଦାର ସ୍ୱାଗତ କରିଥିଲେ। ଏହି ବିଶାଳ ଧାର୍ମିକ ସମାଗମ ପାଇଁ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଥିବାବେଳେ ଏହା ଉପରେ ସାରା ବିଶ୍ୱର ନଜର ରହିଛି। ମହାକୁମ୍ଭ ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକତା ଓ ବିଶ୍ୱାସର ପ୍ରତୀକ। ପ୍ରତି ୧୨ବର୍ଷରେ ଆୟୋଜିତ ହେଉଥିବା ଏହି ମେଳା କେବଳ ଏକ • ପୃଷ୍ଠା ୫ ଦେଖନ୍ତୁ

## କେନ୍ଦ୍ର-ରାଜ୍ୟ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

# ଓଡ଼ିଶାରେ ଲାଗୁହେବ ଆୟୁଷ୍ମାନ ଭାରତ



ନୂଆଦିଲ୍ଲୀ/ଭୁବନେଶ୍ୱର,୧୩।୧(ବ୍ୟୁରୋ): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉପାଦେ ଆଗେଇଲା ଓଡ଼ିଶା । ଓଡ଼ିଶାରେ ଖୁବ୍‌ଶୀଘ୍ର ଲାଗୁ ହେବ ଆୟୁଷ୍ମାନ ଭାରତ ଓ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା। ଏ ନେଇ ସୋମବାର ନୂଆଦିଲ୍ଲୀରେ କେନ୍ଦ୍ର ସରକାର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଦିଲ୍ଲୀର ବିଜ୍ଞାନ ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା, ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଅଶ୍ୱିନୀ ବୈଷ୍ଣବ ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କ • ପୃଷ୍ଠା ୫ ଦେଖନ୍ତୁ

**ଉପକୃତ ହେବେ ରାଜ୍ୟର ୩.୫ କୋଟି ଲୋକ**

**ବର୍ଷକୁ ପାଇବେ ୫ଲକ୍ଷର କ୍ୟାସ୍‌ଲେସ୍ ସ୍ୱାସ୍ଥ୍ୟସେବା**

**ପୁରୁଷଙ୍କୁ ୫ଲକ୍ଷ, ମହିଳାଙ୍କୁ ୧୦ଲକ୍ଷର ବୀମା ସୁବିଧା**

### ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୩।୧: ଓଡ଼ିଶାରେ ଆୟୁଷ୍ମାନ ଭାରତ ଓ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଲାଗୁ ନେଇ ନୂଆଦିଲ୍ଲୀରେ ସୋମବାର ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଏହି ଯୋଜନା ରାଜ୍ୟବାସୀଙ୍କୁ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଯୋଗାଇବାରେ ସହାୟକ ହେବ। ବିଶେଷକରି ନାରୀଶକ୍ତି ଓ ବୟସ୍କଙ୍କ ପାଇଁ ଏହା ବିଶେଷ ଲାଭଦାୟକ ପାଲଟିବ। ପୂର୍ବରୁ ଥିବା ସରକାର ଏହାକୁ କାର୍ଯ୍ୟକାରୀ କରୁନଥିବାବେଳେ ବର୍ତ୍ତମାନର ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ଯାଉଥିବାରୁ ମୋଦୀ ଅଭିନନ୍ଦନ ଜଣାଇଥିଲେ।


national health authority



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆୟୁଷ୍ମାନ ଭାରତ
ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା
ଓ
ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର
ସମନ୍ୱିତ କାର୍ଯ୍ୟାନ୍ୱୟନ ନିମନ୍ତେ ୧୩ ଜାନୁଆରୀ ୨୦୨୫, ନୂଆଦିଲ୍ଲୀ ଠାରେ
ବୁଝାମଣା ପତ୍ର ସ୍ୱାକ୍ଷରିତ

ଗରିମାମୟ ଉପସ୍ଥିତି

ଶ୍ରୀ ଜେ. ପି. ନଡ୍ଡା
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଶ୍ରୀ ଜୁଏଲ୍ ଓରାମ
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

ଶ୍ରୀ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଡ଼. ମୁକେଶ ମହାଲିଙ୍ଗ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

DSPL - 320

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR 10001/13/0023/2425



ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଦାନଗଦୀ ବ୍ଲକ ଅନ୍ତର୍ଗତ ଟୋଲକାନୀସ୍ଥିତ ଝାଡେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ୧୩ ତାରିଖରୁ ଆରମ୍ଭ ହୋଇ ୨୨ତାରିଖରେ ଉଦ୍‌ଯାପିତ ହେବାକୁ ଥିବା ଏହି ଶିବିରକୁ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ଅଧ୍ୟାପିକା ମୀରାମ୍ବିକା ସାହୁ, ପାରିଜାତ ମହାନ୍ତି, ଅଧ୍ୟାପକ ରଞ୍ଜନ କୁମାର ସାହୁ, ଗୋବର୍ଦ୍ଧନ ସାହୁ, ବାଇଧର ସାହୁ, ଶ୍ରୀମନ୍ତ ନାୟକ ପ୍ରମୁଖ ଯୋଗଦେଇ ଏହି ପ୍ରଶିକ୍ଷଣ ପିଲାମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଶିକ୍ଷିକା ମିନତୀ ନାୟକ ଓ ରୂପଶ୍ରୀ ଲେଙ୍କା ଯୋଗଦେଇ ୧୬୦ଜଣ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ପ୍ରାରମ୍ଭରେ ପିଲାମାନଙ୍କ ଦ୍ୱାରା ବନ୍ଦେ ଉତ୍କଳଜନନୀ ଗାନ କରାଯାଇଥିଲା। ଏହାକୁ ନୋଡାଲ ଅଫିସର ଅଧ୍ୟାପକ ରଞ୍ଜନ କୁମାର ଖଣ୍ଡା ପରିଚାଳନା କରିଥିଲା ବେଳେ ସଂଯୋଜିକା ଅଧ୍ୟାପିକା ଇତିଶ୍ରୀ ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ। ପରେ ପିଲାମାନଙ୍କୁ ଆତ୍ମସୁରକ୍ଷା ର ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷକ ଦ୍ୱୟ ପ୍ରଶିକ୍ଷଣ ଦେଇଥିଲେ।



# ବିନା ଟେଣ୍ଡରରେ ଚାଲିଛି ସଫେଇ କାମ



## ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝରଗଡ଼ ପୌରପାଳିକାର ବିଭିନ୍ନ ୱାର୍ଡରେ ନିୟମିତ ସଫେଇ ହେଉନଥିବାରୁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏହାକୁ ନେଇ ଅଭିଯୋଗ କଲେ ମଧ୍ୟ କେତେକ ୱାର୍ଡରେ କାଉନସିଲରମାନେ ଶୁଣୁ ନାହାଁନ୍ତି। ଅଭିଯୋଗ ସତ୍ତ୍ୱେ ଅନେକ କ୍ଷେତ୍ରରେ କାଉନସିଲରମାନେ ସଠିକ୍ କାର୍ଯ୍ୟ କରୁନାହାଁନ୍ତି। ଫଳରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହେଉଛି ସହରରେ। ସୂଚନାଯୋଗ୍ୟଯେ, କେନ୍ଦୁଝରଗଡ ପୌରପାଳିକା ଅଧିନରେ ୨୧ଟି ୱାର୍ଡ ରହିଛି। ପୂର୍ବରୁ ସମସ୍ତ ୱାର୍ଡରେ ସୁଚାରୁ ରୂପେ ସଫେଇ କରିବା ପାଇଁ ଟେଣ୍ଡର କରାଯାଇ ଭାଗ ଭାଗ କରି ୩ଟି ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଉଥିଲା। ଫଳରେ ସଫେଇ କାର୍ଯ୍ୟ ସଠିକ୍ ଭାବେ ସମ୍ପାଦିତ ହେଉଥିଲା। ପରବର୍ତ୍ତୀ ସମୟରେ ଜଣେ ବାହାର ସଂସ୍ଥାକୁ ଦିଆଯିବା ପରେ ସଫେଇ କାର୍ଯ୍ୟର ସୁପରିଚାଳନା ହୋଇ ପାରିଲାନାହିଁ। ଏପରିକି ପ୍ରତ୍ୟେକ ବର୍ଷ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରିବା ବ୍ୟବସ୍ଥା ଥିଲେ ହେଁ ୨୦୨୩ ମସିହାରେ ବିନା ଟେଣ୍ଡରରେ ପୂର୍ବରୁ କାମ କରୁଥିବା ସଂସ୍ଥାକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସଫେଇ କାର୍ଯ୍ୟ ଦିଆଯାଇଛି। ଫଳରେ ଉକ୍ତ ସଂସ୍ଥା ମନମୁଖି କାମ କରିବା ଫଳରେ ସହରର ପରିମଳ ବ୍ୟବସ୍ଥା ଦିନକୁ ଦିନ ବିଗିଡିବାକୁ ଲାଗିଛି। ଏପରିକି ୨୦୨୪ ମସିହାରେ ଟେଣ୍ଡର କରାନଯାଇ ଏକ୍ସଟେନସନ୍‌ରେ କାମ ଚାଲିଛି। ଏହି ଘଟଣାକୁ ନେଇ ଅନେକ ବିରୋଧୀ ଦଳର କାଉନସିଲର ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିର୍ଦ୍ଦିଷ୍ଟ କେତେକ କାଉନସିଲଙ୍କ ପ୍ରୋତ୍ସାହନରେ ଉକ୍ତ ସଂସ୍ଥା ମନମୁଖି ଭାବେ କାମ କରି ଆସୁଥିବାରୁ ଅସନ୍ତୋଷ କୁହୁଳୁଛି। ଏଣୁ ତୁରନ୍ତ ଏନେଇ ପଦକ୍ଷେପ ଗ୍ରହଣ କରି ସହରର ସଫେଇ କାର୍ଯ୍ୟକୁ ସଠିକ୍ ଭାବରେ କରିବା ପାଇଁ ଅଭିଜ୍ଞ ଠିକା ସଂସ୍ଥାମାନଙ୍କୁ ପୂର୍ବଭଳି ବିଭିନ୍ନ ଭାଗରେ ବିଭକ୍ତ କରି ଦିଆଯାଉ। ଏଠାରେ ପ୍ରକାଶ ଯେ, ଠିକା ସଂସ୍ଥାର ମାସିକ ବିଲ ପ୍ରଦାନ ବେଳେ କାଉନସିଲରମାନଙ୍କର ସହମତି ଜରୁରି ହୋଇଥାଏ। ଅନେକ ୱାର୍ଡରେ ସଫେଇ କାର୍ଯ୍ୟ ଠିକ୍ ଭାବରେ ହେଉ ନଥିବାବେଳେ କାଉନସିଲମାନେ କିଭଳି ସହମତି ପ୍ରଦାନ କରୁଛନ୍ତି ତାହାକୁ ନେଇ ସହରବାସୀ ସମାଲୋଚନା କରୁଛନ୍ତି। ସଫେଇ ବାବଦରେ ମାସିକ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ପ୍ରକୃତ ପକ୍ଷେ କେତେ ସ୍ୱଚ୍ଛତା ରକ୍ଷା ହେଉଛି ତାହାର ଯାଞ୍ଚ ହେବା ଜରୁରି। ପ୍ରତ୍ୟେକ ୨ଟି ୱାର୍ଡ ପାଇଁ ଅଳିଆ ବୋହିବା ପାଇଁ ଗୋଟିଏ ଟ୍ରାକ୍ଟର ଆବଶ୍ୟକତା ରହିଛି। ମାତ୍ର ତାହା ଯୋଗାଇ ଦିଆଯାଉ ନଥିବାରୁ ଅନେକ ୱାର୍ଡରେ ଅଳିଆ ନେବାରେ ସମସ୍ୟା ଦେଖାଦେବା ସହ ବିଳମ୍ବ ହେଉଛି। ସଫେଇ କର୍ମଚାରୀଙ୍କୁ ଆବଶ୍ୟକୀୟ ଟ୍ରଲି, ତୁଇଲବାର ଯୋଗାଇ ଦିଆଯାଉନାହିଁ। ଯେଉଁଗୁଡିକ ଖରାପ ହେଲାଣି ତାହା ମଧ୍ୟ ମରାମତି କରାଯାଉନାହିଁ। ଫଳରେ ସଫେଇ କର୍ମଚାରୀମାନେ ବାଧ୍ୟ ହୋଇ କାଟୁନ ଏବଂ ଭଙ୍ଗା ଡଷ୍ଟବିନରେ ଅଳିଆ ନେଉଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀଙ୍କ ସହ ଯୋଗାଯୋଗ କରିବାରୁ ଖୁବଶୀଘ୍ର ସଫେଇ କାମ ପାଇଁ ଟେଣ୍ଡର କରାଯିବ ବୋଲି କହିଛନ୍ତି।

# ନବୋଦୟ ପ୍ରବେଶିକା ପରୀକ୍ଷା ଦେବେ ଛାତ୍ରଛାତ୍ରୀ




ବାଲିମେଳା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଞ୍ଚଳରେ ଥିବା ଜବାହାର ନବୋଦୟ -୨ ବିଦ୍ୟାଳୟରେ ଷଷ୍ଠଶ୍ରେଣୀ ପ୍ରବେଶିକା ପରୀକ୍ଷା ଦେବେ ୪୦୪୦ ଛାତ୍ରଛାତ୍ରୀ। ମିଳିଥିବା ସୂଚନା ଅନୁଯାୟୀ ବାଲିମେଳାରେ ଥିବା ଜବାହାର ନବୋଦୟ - ୨ ବିଦ୍ୟାଳୟ ୪ଟି ବ୍ଲକ ଅଧୀନରେ ରହିଅଛି। କରୁକୋଣ୍ଡା, କୁଡୁମୁଲୁଗୁମ୍ମା , ଖଇରପୁଟ, ଚିତ୍ରକୋଣ୍ଡା, ମାଥିଲି ଓ ବାଲିମେଳା ଏନ୍‌ଏସି ଅଞ୍ଚଳରେ ଥିବା ୪୦୪୦ଜଣ ଛାତ୍ରଛାତ୍ରୀ ଜବାହାର ନବୋଦୟ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଛନ୍ତି । ଆସନ୍ତା ଜାନୁଆରୀ ୧୮ ତାରିଖ ଦିନ ୨୪ଟି ସେଣ୍ଟର ମାଧମରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ ବୋଲି ବିଦ୍ୟାଳୟ ଅଧକ୍ଷ ବି ଡି ପ୍ରସାଦ ପ୍ରକାଶ କରିଛନ୍ତି ।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍ ): ୪୯ ନମ୍ବର ଜାତୀୟ ରାଜପଥ ୧୦ ନମ୍ବର ଢ଼ାବା ନିକଟରେ ଅଜଣା ଗାଡ଼ି ଧକ୍କାରେ ବାଇକ ଆରୋହି ଖୁଣ୍ଟବନ୍ଧ ଗ୍ରାମର ଭାସ୍କର ବାଗ (୩୧ )ଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସାଙ୍ଗରେ ଥିବା ବେଲପାହାଡ଼ ଅଞ୍ଚଳର ସୁରେନ୍ଦ୍ର ବାର୍ଲା ଗୁରୁତର ଆହତ ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ଗତକାଲି ରାତି ପ୍ରାୟ ୧୧ରୁ ୧୨ ମଧରେ ଭାସ୍କର ବାଗ (୩୧ ) ଓ ସୁରେନ୍ଦ୍ର ବାର୍ଲା ବାଇକରେ ଝାରସୁଗୁଡ଼ା ଅଭିମୁଖେ ଯାଉଥିଲେ। ହେଲେ ଓରିଏଣ୍ଟ ଥାନା ଅନ୍ତର୍ଗତ ୧୦ ନମ୍ବର ଢ଼ାବା ନିକଟରେ ତାଙ୍କ ବାଇକକୁ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଉଭୟ ଗୁରୁତର ଆହତ ହୋଇଥିଲେ। ଓରିଏଣ୍ଟ ଥାନା ଏସ୍‌ଆଇ ଲକ୍ଷ୍ମୀପ୍ରିୟା ମଲିକ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି କେନ୍ଦ୍ରୀୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଭାସ୍କର ବାଗଙ୍କୁ ମୃତ ଘୋଷଣା କରାଯାଇଥିଲା। ସେପଟେ ଗୁରୁତର ଆହତ ସୁରେନ୍ଦ୍ର ବାର୍ଲାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଆଜି ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଓରିଏଣ୍ଟ ପୁଲିସ ଲକ୍ଷ୍ମୀପ୍ରିୟା ମଲିକ ସୂଚନା ଦେଇଛି।

# ନୂତନ ନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ ଓ ପୂର୍ବଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ବାଲିମେଳା, (ଭାସ୍କର ନ୍ୟୁଜ୍ ): ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଆଜି ନୂତନ ନିର୍ବାହୀ ଅଧିକାରୀ ଭାବେ ଯୋଗଦେଲେ ମାଲକାନଗିରି ଅତିରିକ୍ତ ତହସିଲଦାର ମୁନା ତୁରୁକ। ଏଥିସହିତ ପୂର୍ବ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ ପାରିଷଦ ବୃନ୍ଦ ଓ ବିଜ୍ଞାପିତ ଅଞ୍ଚଳର କର୍ମକର୍ତ୍ତା। ବିଦାୟ ସମୟରେ ଶ୍ରୀ ମହାପାତ୍ର



ବାଲିମେଳରେ ଦୀର୍ଘ ୧୦ ମାସ କର୍ମକାଳ ମଧ୍ୟରେ ଘଟିଥିବା ସମସ୍ତ ସୁବିଧା ଓ ଅସୁବିଧାଗୁଡିକୁ ବଖାଣିବା ସହିତ ବିଭିନ୍ନ ଜନମଙ୍ଗଳକାରୀ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରାଯାଇଥିଲା। ଜଣେ ନିର୍ମଳ ଓ କାର୍ଯ୍ୟଦକ୍ଷ ନିର୍ବାହୀ ଅଧିକାରୀଙ୍କୁ ବାଲିମେଳା ବିଦାୟ ଦେଉଛି ବୋଲି ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ ନାୟକ କହିଥିବା ବେଳେ ବାଲିମେଳା ଏନ୍‌ଏସି କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟକୁ ଅତି ସହଜରେ ତୁଲାଇଥିବା କହିଛନ୍ତି। ନୂତନ ଭାବରେ ଯୋଗଦେଇଥିବା ନିର୍ବାହୀ ଅଧିକାରୀ କହିଥିଲେ ଯେ ସମସ୍ତଙ୍କ ବୁଝାମଣାରେ ଓ ସହଯୋଗରେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ସଭାରେ ଉପାଧ୍ୟକ୍ଷାଙ୍କ ସମେତ ସମସ୍ତ କାଉନସିଲର ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ୧ନଂ ୱାର୍ଡ କାଉନସିଲର ଲକ୍ଷ୍ମୀନାରାୟଣ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

# ଲେଖିକା ସଂସଦର ବାର୍ଷିକ ଉତ୍ସବ ପାଳିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲା ଲେଖିକା ସଂସଦ ର ପଞ୍ଚମ ବାର୍ଷିକ ଉତ୍ସବ ଡି.ଏନ. ହାଇସ୍କୁଲର ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପାଧ୍ୟକ୍ଷା ମମତା ରାଣୀ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖିକା ଡ. ଅପର୍ଣ୍ଣା ମହାନ୍ତି, ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ନବଜ୍ୟୋତି ରାୟ, ସମ୍ମାନିତ ଅତିଥି ଭାବେ ଓସକାର ସମ୍ପାଦିକା ଧରିତ୍ରୀ ରାଉତ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁଲେଖିକା ଡ. କଳ୍ପନା ମହାନ୍ତି ଯୋଗ ଦେଇଥିଲେ। ସଭା ପରିଚାଳନା କରିଥିଲେ ସଂସଦର ସମ୍ପାଦିକା ଇନ୍ଦୁମତୀ ପାତ୍ର। ଏହି ଅବସରରେ ସଂସଦର ମୁଖପତ୍ର ଶତରୁପାର ଅନ୍ତସ୍ୱର ଉନ୍ମୋଚିତ ହୋଇଥିଲା। ଡ. ଅପର୍ଣ୍ଣା ମହାନ୍ତିଙ୍କୁ ଶତରୁପା ସମ୍ମାନ, ପ୍ରଣତି ଦାସଙ୍କୁ ଦୁଃଖିଦେବୀ ସେବା ସମ୍ମାନ ଏବଂ ସଂସଦର ସଭାପତି ବିଜୟାଲକ୍ଷ୍ମୀ ଦୀକ୍ଷିତଙ୍କୁ ବିଦ୍ୟୁତ ଲତା ବଳଙ୍କୁ ଶିକ୍ଷା ସମ୍ମାନ ପ୍ରଦାନ କରା ଯାଇଥିଲା। ଏତଦ୍ ବ୍ୟତୀତ ସଦସ୍ୟା ଆର୍ଯ୍ୟବାଳା ମହାପାତ୍ରଙ୍କ ପୁସ୍ତକ ହେବି ମୁଁ ଭଲ ପିଲା ଏବଂ ଡ. କଳ୍ପନା ମହାନ୍ତିଙ୍କ ବିରହ ର ଶତ ରାଗ ଉନ୍ମୋଚିତ ହୋଇଥିଲା। ଏହି ସଭାରେ ସମସ୍ତ ସଦସ୍ୟା ଏବଂ କେନ୍ଦୁଝରର ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ସାହିତ୍ୟ ପ୍ରେମୀ ଯୋଗ ଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସହ ସମ୍ପାଦିକା ଶୋଭନା ଜେନା ଏବଂ ସାଂସ୍କୃତିକ ସମ୍ପାଦିକା ବିଜୟ ଲକ୍ଷ୍ମୀ ମହାନ୍ତିଙ୍କ ସଂଯୋଜନାର ବହୁ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। ଶେଷରେ କୋଷାଧ୍ୟକ୍ଷା ସନ୍ତୋଷିନୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ନବଉତ୍କଳ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବନ୍ଧୁମିଳନ

ଡେରାବିଶ, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆ ଠାରେ ନବଉତ୍କଳ ସ୍ୱେଚ୍ଛାସେବୀ ସଂଗଠନର ବନ୍ଧୁମିଳନ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନୁଷ୍ଠାନର ସଭାପତି କ୍ଷିରୋଦ କୁମାର ଘଡ଼ାଇ ଅଧକ୍ଷତା କରିଥିବା ବେଳେ ସଭାରେ ସମ୍ପାଦକ ବାଇଧର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଗଠନର ଆଗାମୀ କାର୍ଯ୍ୟକ୍ରମ ସହିତ ସଂଗଠନ ସମାଜର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତି ନିମନ୍ତେ ଆଲୋଚନା କରାଯାଇଥିଲା। ଏଥିରେ ସଂଗଠନର ସମସ୍ତ ସଭ୍ୟସଭ୍ୟା ଓ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଭାଗ ନେଇଥିଲେ। ଶେଷରେ କୋଷାଧକ୍ଷ ବିଭୂତି ଭୂଷଣ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତରୁ ପଡି ଶ୍ରମିକ ଗୁରୁତର

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ସଦର ବ୍ଲକ ରାଙ୍କି ପଞ୍ଚାୟତ ବୈକୁଣ୍ଠ ବିହାର ଲେନ-୧ରେ ଏକ ନିର୍ମାଣାଧୀନ ଛାତ ଘରୁ ପଡି ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଆହତ ଶ୍ରମିକଙ୍କ ନାମ ଏସ୍.କେ ସଦାମ(୩୨) ଏବଂ ତାଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ମୁର୍ସିଦାବାଦ ଅଞ୍ଚଳର ବୋଲି ଜଣାପଡିଛି। ଟେଲିଫୋନ ଏକ୍ସଚେଞ୍ଜ ନିକଟସ୍ଥ ବୈକୁଣ୍ଠ ବିହାର ଲେନ-୧ ରେ ଜିଏସ୍‌ଟି ବିଭାଗର ବରିଷ୍ଠ ଅଧିକାରୀ ସନତ କୁମାର ଜେନାଙ୍କ ନିର୍ମାଣାଧୀନ ୪ ମହଲା କୋଠା ଘର କାମ କରୁଥିବାବେଳେ ଦିନ ୧୦ଟା ବେଳେ ସେ ଛାତରୁ ଖସି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ମଧ୍ୟାହ୍ନ ୧୨ଟା ବେଳେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଛାତରୁ ଖସି ପଡିବା ଯୋଗୁଁ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିବାବେଳେ ଗୋଡ ଏବଂ ହାତ ଅକାମୀ ହୋଇଯାଇଛି ବୋଲି ଅସ୍ଥିଶଲ୍ୟ ବିଭାଗର ଡାକ୍ତର ତାରିଣୀ ପ୍ରସାଦ ସାହୁ କହିଛନ୍ତି। ବିନା ସୁରକ୍ଷା ସରଞ୍ଜାମରେ ସେ ଉଚ୍ଚ ମହଲା କୋଠା ଘରେ କିପରି କାମ କରୁଥିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏ ନେଇ ଟାଉନ ଥାନାରେ କୌଣସି ଏତଲା ହୋଇନଥିବା ଜଣାପଡିଛି। ଠିକାଦାର ଉସମାନ ଅଧିନରେ ୩୦ ରୁ ଉର୍ଦ୍ଧ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ କେନ୍ଦୁଝର ସହରରେ ବିଲ୍ଡିଂ କାମ କରୁଛନ୍ତି। ତେବେ ସେମାନଙ୍କ ଶ୍ରମ ବିଭାଗର ଲାଇସେନ୍ସ ତାଙ୍କ ନିକଟରେ ରହିଛି କି ନାହିଁ ତାହା ତଦନ୍ତ ପରେ ଜଣାପଡିବ।

# ଭାରତ ସ୍କାଉଟ ଏଣ୍ଡ୍ ଗାଇଡ ପକ୍ଷରୁ ଟେଷ୍ଟ କ୍ୟାମ୍ପ

କନ୍ଧମାଳ, (ଭାସ୍କର ନ୍ୟୁଜ୍ ): କନ୍ଧମାଳ ଜିଲ୍ଲା ଭାରତ ସ୍କାଉଟ ଏଣ୍ଡ୍ ଗାଇଡ ପକ୍ଷରୁ ଦୁଇ ଦିନିଆ ଟେଷ୍ଟ କ୍ୟାମ୍ପ ଫୁଲବାଣୀ ପ୍ଲବିକ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କ ଆଦେଶ କ୍ରମେ ତଥା ରାଜ୍ୟ ଚିଫ୍ କମିଶନର କାଳୀ ପ୍ରସାଦ ମିଶ୍ରଙ୍କ ଅନୁମୋଦନ ଏହି ଟେଷ୍ଟ କ୍ୟାମ୍ପ ସୁଚାରୁ ରୂପେ ସ୍ଥାନୀୟ ପବ୍ଲିକ ସ୍କୁଲ ଫୁଲବାଣୀ ଠାରେ କରାଯାଇଥିଲା। ଉକ୍ତ ଟେଷ୍ଟ କ୍ୟାମ୍ପରେ ଜିଲ୍ଲା ସମ୍ପାଦକ ସଞ୍ଜୟ କୁମାର ପାତ୍ର ଉପସମ୍ପାଦକ ରଙ୍କନିଧି ବେହେରା ଡି.ଓ.ସି ସ୍କାଉଟ୍ ରାକେଶ ବିଶୋଇ, ଡି.ଓ.ସି ଗାଇଡ ଶ୍ରିଛନ୍ଦା ପ୍ରଧାନ, ଡି. ଟି. ସି ସ୍କାଉଟ୍ ଗୌର ଚନ୍ଦ୍ର ମହାନ୍ତି, ଡି.ଟି.ସି ଗାଇଡ ସୁଶ୍ରୀ ରେଣୁବାଳା ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଟେଷ୍ଟ କ୍ୟାମ୍ପ ସୁଚାରୁରୂପେ ପରିଚାଳନା କରାଯାଇଥିଲା। ରାଜ୍ୟରୁ ଦୁଇ ରିସୋର୍ସେ ବ୍ୟକ୍ତି ଭାବେ ଅଭିନାଶ ପଟ୍ଟନାୟକ ଏବଂ ରାହୁଲ କୁମାର ସାହୁ ଯୋଗ ଦେଇ ୧୨୦ ସ୍କାଉଟ୍କୁ ୧୨୧ ଗାଇଡ୍‌ଙ୍କ ରାଜ୍ୟ ପୁରସ୍କାର ପ୍ରାପ୍ତି ପାଇଁ ଦୁଇଦିନ ଟେଷ୍ଟ ନେଇଥିଲେ । ଏହି ଦୁଇ ଦିନିଆ ଟେଷ୍ଟ ଶିବିରରେ ଛାତ୍ରଛାତ୍ରୀମାନଙ୍କୁ କିପରି ଭାବେ ସମସ୍ତ ଟେଷ୍ଟରେ ଉପକୃତ ହୋଇ ରାଜ୍ୟ ପୁରସ୍କାର ପ୍ରାପ୍ତି ନିମନ୍ତେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ସ୍କାଉଟ୍ ମାଷ୍ଟର ଗାଇଡ କ୍ୟାପଟେନ ପ୍ରୋତ୍ସାହନ କରିଥିଲେ। ଶେଷ ଦିନରେ ଫୁଲବାଣୀ ପ୍ଲବିକ ସ୍କୁଲର ପ୍ରିନ୍ସପାଲ ଧନୁଞ୍ଜୟ ସେଠି ଉପସ୍ଥିତ ରହି ସ୍କାଉଟ ଛାତ୍ରଛାତ୍ରୀମାନଙ୍କୁ ଓ ସ୍କାଉଟ୍ ମାଷ୍ଟର ଗାଇଡମାନଙ୍କୁ ଧନ୍ୟବାଦ ଦେଇଥିଲେ ଓ କହିଥିଲେ ଏହି ଟେଷ୍ଟ ଦ୍ୱାରା ସମସ୍ତ ସ୍କାଉଡର ନୀତି, ନିୟମ ଜାଣିପାରି ନିଜ ନିଜର କାର୍ଯ୍ୟରେ ବ୍ୟବହାର କରିଲେ ସଫଳ ହୋଇପାରିବ।

# ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ




କୋଷାଗୁମୁଡା, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଯୁବ ରେଡକ୍ରସ, ରେଡ ରିବନ କ୍ଲବ ତରଫରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ୨୦୨୫ ପାଳନ ହୋଇଯାଇଛି। ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କୋଡ଼ିଙ୍ଗାର ସମାଜସେବୀ ଧରମ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମାଜସେବୀ ବଦ୍ରୀ ନାରାୟଣ ସିଂ ମୁଖ୍ୟବକ୍ତା ସ୍ଥାନୀୟ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜୀବ ଜାଲ ଓ କୋଡିଙ୍ଗା ଥାନା ଏଏସ୍‌ଆଇ ପ୍ରଦୀପ ବାଘ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଅମିତା ରାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ତଥା ଅନୁଷ୍ଠାନର ରେଡ଼କ୍ରସ ଅଧିକାରୀ ଅଖିଳ କୁମାର ଭଟ୍ଟ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଯୁବ ଶକ୍ତି ହେଉଛନ୍ତି ରାଷ୍ଟ୍ରର ଶକ୍ତି ଏବଂ ଯୁବ ସମାଜ ଉତ୍ସର୍ଗୀକୃତ ମନୋଭାବ, ଆନ୍ତରିକତା, ଦାୟିତ୍ୱବାନ ହୋଇ କାର୍ଯ୍ୟ କଲେ ଦେଶକୁ ଉନ୍ନତିର ଚରମ ଶିଖରରେ ପହଞ୍ଚାଇ ସ୍ୱାମୀଜୀଙ୍କ ସ୍ୱପ୍ନ ଓ ସଂକଳ୍ପ ପୂରଣ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ କିରାଣି ସୀମାଞ୍ଚଳ ପଟ୍ଟନାୟକଙ୍କୁ ଅନୁଷ୍ଠାନ ପ୍ରତି ଥିବା ସେବା ଓ ସମ୍ମାନ ପାଇଁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ପ୍ରବନ୍ଧ, ବିତର୍କ, ଚିତ୍ରାଙ୍କନ, ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଞ୍ଚାସୀନ ଅତିଥିମାନେ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଲାଇବ୍ରେରିଆନ୍ ସସ୍ମିତା ପ୍ରଧାନ ସଂଯୋଜନା କରିଥିବା ବେଳେ ଶିକ୍ଷା ବିଭାଗର ଡେମନଷ୍ଟେଟର ଦେବକୀ ଦିଶାରି ଧନ୍ୟବାଦ୍ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।

# ମାନବ ସେବା ହିଁ ମାଧବ ସେବା ଟ୍ରଷ୍ଟ ପକ୍ଷରୁ 'ଟିକେ ନାଚ ଟିକେ ଗୀତ' କାର୍ଯ୍ୟକ୍ରମ




ଡେରାବିଶ, (ଭାସ୍କର ନ୍ୟୁଜ୍ ) : ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ଠାରେ ଆଜି ଅପରାହ୍ନରେ ମାନବ ସେବା ହିଁ ମାଧବ ସେବା ଟ୍ରଷ୍ଟ ପକ୍ଷରୁ 'ଟିକେ ନାଚ ଟିକେ ଗୀତ-୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି କ୍ଷିରୋଦ ଚନ୍ଦ୍ର ବିହାରୀଙ୍କ ସଂଯୋଜନା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସମାଜସେବୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ମୁଖ୍ୟ ବକ୍ତା ଭାବେ ବାଲୁଙ୍କେଶର ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର କାନନବାଳା ନାୟକ, ସମ୍ମାନିତ ଅତିଥିଭାବେ ମନିଷା ପଣ୍ଡା, ଭାଗବତ ସାହୁ, ଦୈତାରୀ ଯେନା, ବିଜୟ କୁମାର ପରିଡ଼ା, ଶରତ କୁମାର ସାହୁ ଯୋଗ ଦେଇଥିଲେ । ଏହି ଅବସରରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରବିନ୍ଦ୍ର ଫଟୁଆ ଅତିଥି ପରିଚୟ ପ୍ରଦାନ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସମସ୍ତ ସଦସ୍ୟ/ସଦସ୍ୟାମାନେ ପରିଚାଳନା କରିଥିଲେ ।

# ଜିଏମୟୁରେ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ




ବରଗଡ, (ଭାସ୍କର ନ୍ୟୁଜ୍ ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଇତିହାସ ପରିଷଦର ୪୪ତମ ଅଧିବେଶନ ତା. ୧୧.୦୧.୨୫ରେ ଉଦ୍‌ଘାଟିତ ହୋଇଯାଇଛି। ଇତିହାସ ବିଭାଗ ଦ୍ୱାରା ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟରେ ଏହି ଅଧିବେଶନ ଆୟୋଜନ ହୋଇଥିଲା। ଏହି ଅଧିବେଶନକୁ ମୁଖ୍ୟ ଅତିଥି ଭାବେ ଜାତୀୟ ସ୍ମାରକ ପ୍ରାଧିକରଣର ଅଧ୍ୟକ୍ଷ ତଥା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ପୂର୍ବ ମହାନିର୍ଦ୍ଦେଶକ ପ୍ର. କିଶୋର କୁମାର ବସା ଜିଏମୟୁ ଇତିହାସ ବିଭାଗର କାର୍ଯ୍ୟ କିପରି ନୂଆ ଇତିହାସ ସୃଷ୍ଟି କରୁଛି ଏବଂ ପଶ୍ଚିମ ଓଡ଼ିଶା ପ୍ରତ୍ନତତ୍ତ୍ୱର ଭୂସ୍ୱର୍ଗ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ କଳା ଓ ଇତିହାସ ଗବେଷକ ପ୍ର. ଲକ୍ଷ୍ମୀଶଙ୍କର ନିଗମ, ଓଡ଼ିଶା ଇତିହାସ ପରିଷଦର ସଭାପତି ପ୍ର. ସୁବ୍ରତ, ଇତିହାସ ପରିଷଦର ସଂପାଦକ ଡ. ସୁବାଷ ଚନ୍ଦ୍ର ବାରିକ ଥିବାବେଳେ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଏନ୍. ନାଗରାଜୁ ପରିଚାଳନା କରିଥିଲେ। ଇତିହାସ ବିଭାଗର ମୁଖ୍ୟ ତଥା ଏହି କାର୍ଯ୍ୟକ୍ରମର ସଂଯୋଜକ ଡ. ଅତୁଳ କୁମାର ପ୍ରଧାନ ଏହି ଅଧିବେଶନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଇତିହାସ ପରିଷଦ ସଂପାନରେ ୧୫୦ ଅଧିକ ଗବେଷଣାପତ୍ର ପାଠ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଭାରତର ବିଭିନ୍ନ ପ୍ରାନ୍ତରୁ ଗବେଷକ ଏଥିରେ ଯୋଗ ଦେଇଥିଲେ। କିନ୍ତୁ ଜିଏମୟୁ ଇତିହାସ ବିଭାଗର ଛାତ୍ରଛାତ୍ରୀ ସୌମ୍ୟାରାଣୀ ପଣ୍ଡା, ମୁକେଶ ଥପା, ଅଭିଷେକ ମହାପାତ୍ର, ବିଜୟ ଲକ୍ଷ୍ମୀ, ପ୍ରକାଶ, ଖୁସବୁ ପଟେଲ, ହରିପ୍ରୀୟା ମେହେର, ଅଜୁ ମେହେର, ଶ୍ରୀଧର ବାଗ, ଯଶୋବନ୍ତୀ, ବେଣୁଧର ପ୍ରଧାନ, ଲିଜାରାଣୀ ନାୟକ, ଦିବାକର କାଣ୍ଡ, ଦେବେନ୍ଦ୍ର, ଚିନ୍ମୟୀ ଗର୍ତିଆ, ଅନୁରାଧା ପଲଙ୍କ ଦ୍ୱାରା ସୁନ୍ଦର ପୋଷ୍ଟର ପତ୍ର ଉପସ୍ଥାପନ କରିବାର ଦେଖିବାର ମିଳିଥିଲା। ସେହିପରି ଡ. ସନ୍ତୋଷ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ସ୍ଥାପତ୍ୟ କଳା ଉପରେ ଏକ ଜାତୀୟ ସମ୍ମାନ ମଧ ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ପ୍ର. ହରିହର ପଣ୍ଡା, ମୁଖ୍ୟବକ୍ତା ରେଭେନ୍ସା ବିଶ୍ୱବିଦ୍ୟାଳୟର ଡ଼. ଉମାକାନ୍ତ ମିଶ୍ର ଯୋଗଦେଇଥିଲେ। ତା.୧୨.୦୧.୨୦୨୫ ରିଖ ଏହି ଅଧିବେଶନ ଉଦ୍‌ଯାପିତ ହୋଇଥିଲା ଓ ଜିଏମୟୁ ଇତିହାସ ବିଭାଗର ପୁରାତନ ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା। ବିଭାଗୀୟ ମୁଖ୍ୟ ଡ. ଅତୁଳ କୁମାର ପ୍ରଧାନ, ଡ. ସନ୍ତୋଷ ମଲ୍ଲିକ, ଡ. ପରମ ପ୍ରତାପ ପ୍ରଧାନ, ପୁରାତନ ଛାତ୍ର ସଂଘର ସଂପାଦକ ସଞ୍ଜୟ ବାରିକ, ଡ. ଅଶ୍ୱିନୀ କୁମାର ବାରିକ, ଶଙ୍ଖନାଦ ଦେହୁରୀ, ସାବିତ୍ରୀ ଜାଲ, ଅର୍ଜୁନ ବାଗ, ରୁଚିକା ପାଣିଗ୍ରାହୀ, ଅଙ୍କିତା ପାଟଯୋଶୀ, କିଶୋର ଓରାମ, ଚନ୍ଦ୍ରଧ୍ୱଜ୍ ରଣା, କୌଶିକ କୁମ୍ଭାର, ପିଣ୍ଟୁ ପଟେଲ ସହ ଅନେକ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ଜିଏମୟୁ ଇତିହାସ ପରିବାରର କିପରି ଆହୁରି ବିକାଶ ହେବ ଆଲୋଚନା କରିଥିଲେ। ଏହି ଦୁଇ ଦିନର କାର୍ଯ୍ୟକ୍ରମର ସଫଳତାରେ ଇତିହାସ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଓ ନିଜ ସହକର୍ମୀଙ୍କୁ ଶ୍ରେୟ ଦେଇଥିଲେ ବିଭାଗୀୟ ମୁଖ୍ୟ ଡ.ପ୍ରଧାନ। ଇତିହାସ ବିଭାଗର ଏହି ନିଆର କାର୍ଯ୍ୟକ୍ରମକୁ ଏ ଅଞ୍ଚଳର ସମସ୍ତ ବୃଦ୍ଧିଜୀବୀ ମହଲରେ ଆଲୋଚନା ହେଉଥିବା ବେଳେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ସମସ୍ତ ଅତିଥିମାନେ ଜିଏମୟୁ ଇତିହାସ ପରିବାରର ଛାତ୍ରଛାତ୍ରୀମାନଙ୍କର ଶୃଙ୍ଖଳା ଓ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଏପରି କାର୍ଯ୍ୟକ୍ରମ ଆଗକୁ ବଳବତ୍ତର ରହିବ ବୋଲି ଡ଼. ପରମ ପ୍ରତାପ ପ୍ରଧାନ କହିଥିବାବେଳେ ଗବେଷଣା କ୍ଷେତ୍ରରେ ଜିଏମୟୁ ଇତିହାସ ବିଭାଗ ସକ୍ରିୟ ବୋଲି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡ଼. ଦୁର୍ଲ୍ଲଭ ସା ମତପ୍ରକାଶ କରିଥିଲେ।

# ଗାନ୍ଧି ପବ୍ଲିକ ସ୍କୁଲରେ ପ୍ରତିଭା ଓ ସଂସ୍କୃତିର ମହା ସମାରୋହ



ଗୁଣପୁର(ଭାସ୍କର ନ୍ୟୁଜ୍ ): ରାୟଗଡା ଜିଲ୍ଲା ଗୁଣପୁର ସ୍ଥିତ ସ୍ଥାନୀୟ ଗାନ୍ଧି ପବ୍ଲିକ ସ୍କୁଲରେ ମେଗା ପ୍ରତିଭା ଓ ସଂସ୍କୃତିର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ପ୍ରଦର୍ଶନୀରେ ୨୩୨ ଛାତ୍ରଛାତ୍ରୀ ୫୦ଟି ବିଭିନ୍ନ ପ୍ରକଳ୍ପ ଉପସ୍ଥାପନା କରି ଅତିଥି ତଥା ଅଭିଭାବକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ଼ଃ ସତ୍ୟପ୍ରକାଶ ପଣ୍ଡା ଉପ ସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା ମହାନିୟନ୍ତ୍ରକ ଏନ ଭି ଜଗନ୍ନାଥ ରାଓ ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ଉକ୍ତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଭାଷା ବିଭାଗ ଦ୍ୱାରା ଇଂରାଜୀ ବିଭାଗ ପ୍ରଖ୍ୟାତ କବି ଓ ଲେଖକଙ୍କ ବେଶରେ ଆସି ସେମାନଙ୍କର କାବ୍ୟ କବିତା ବିଷୟରେ କହିଥିଲେ। ଓଡ଼ିଆ ବିଭାଗ ଦ୍ୱାରା ଓଡ଼ିଶାର ସଂସ୍କୃତି ଓ ଲୋକକଳା ପାଲା, ରାଜା ନାଚ, ଭାରତ ଲୀଳା, ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟକୁ ଅଭିନୟ ମାଧ୍ୟମରେ ପରିବେଷଣ କରି ଅନ୍ତର୍ନିହିତ ପ୍ରତିଭାର ପ୍ରଦର୍ଶନ କରିଥିଲେ। ହିନ୍ଦୀ ବିଭାଗର ଢଗଢମାଳି (ପହେଳିଆ) ଓ ସଂସ୍କୃତ ବିଭାଗ ଦ୍ୱାରା ପ୍ରସ୍ତୁତ ବୈଦିକ ଘଡି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ଶିକ୍ଷୟତ୍ରୀ ରୂପା ରମାଦେବୀଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ଦୁଇ କାଂସ୍ୟ ମୃଣ୍ମୟ ପ୍ରତିମା ଏକ ଅଭିନବ ପ୍ରୟାସ ଏବଂ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ନବମ ଶ୍ରେଣୀର ଛାତ୍ରୀ ଅମ୍ରିତା ସରକା ଓ ଶୁଭନ୍ତି ଜନକା କାର୍ଯ୍ୟକ୍ରମ ଆରମ୍ଭରୁ ଶେଷ ହେବା ପର୍ଯ୍ୟନ୍ତ ନିଜର ଏହି ପ୍ରତିଭା ପ୍ରଦର୍ଶନ କରି ସମ୍ମାନନୀୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନର୍ସରୀରୁ ଦ୍ୱାଦଶ ଶ୍ରେଣୀର ୧୫୦ ଛାତ୍ରଛାତ୍ରୀ ଓଡିଶୀ, ଦେଶଭକ୍ତି, ଲୋକନୃତ୍ୟ, ନାଟକ, ସଙ୍ଗୀତ ଓ ମିଳିତ ବାଦ୍ୟଯନ୍ତ୍ରରେ ଅଂଶଗ୍ରହଣ କରି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ସଙ୍ଗୀତ ଓ ନୃତ୍ୟ ଗୁରୁ କେଦାରନାଥ ବିଶ୍ୱାଳ ଓ ସହ ସଙ୍ଗୀତ ଶିକ୍ଷକ ରଞ୍ଜିତ ପାଲଙ୍କ ସଂଯୋଜନାରେ ପରିଚାଳନା ହୋଇଥିଲା। ଶେଷରେ କ୍ରୀଡା ଶିକ୍ଷକ ଦିଲ୍ଲୀପ ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଯୋଗାସନ ପ୍ରଦର୍ଶନ କରିଥିଲେ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଏହି ଅଭିନବ ପ୍ରୟାସ କୁ କାର୍ଯ୍ୟକ୍ରମ ସଂଯୋଜକ ତଥା ବରିଷ୍ଠ ଶିକ୍ଷକ ବିଭୂଦତ୍ତ ଦାସ ସୁଚାରୁରୂପେ ପରିଚାଳନା କରିଥିଲେ. ବହୁ ସଂଖ୍ୟାରେ ଦର୍ଶକ ଓ ଅଭିଭାବକ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ କହିଲେ , ଛାତ୍ରଛାତ୍ରୀମାନେ ବିଭିନ୍ନ ବିଭାଗରେ ପ୍ରକଳ୍ପ ପ୍ରଦର୍ଶନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ସୃଜନଶୀଳ ପ୍ରତିଭାର ଯେଉଁ ପରିଚୟ ଦେଇଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଲେ ବିଦ୍ୟାଳୟ ସର୍ବଦା ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହିତ ପ୍ରତିଭା ଅନ୍ୱେଷଣ କରି ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ ନିର୍ମାଣ ପ୍ରତି ଗୁରୁତ୍ୱାରୋପ କରିଥାଏ । ଉକ୍ତ କାର୍ଯ୍ୟକ୍ରମ ସମସ୍ତ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ପ୍ରତ୍ୟାଶା ଚୌଧୁରୀ, ଅଲିଶା ନାୟକ, ରାଜେଶ୍ୱରୀ ରାଓ ଓ ଛାତ୍ର ସ୍ୱସ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ପ୍ରାକ୍ତନ ଶିକ୍ଷକ ଶିଶିର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ହେଉଛି ସଂକ୍ରାନ୍ତିର ଶ୍ରେଷ୍ଠ ପର୍ବ ମକର । ବିଶେଷ କରି ଏହି ପର୍ବରେ ଗୁଡ଼ି ଉଡ଼ା ପରମ୍ପରାକୁ ନେଇ ପରସ୍ପର ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥାଏ । ଗୁଡ଼ି ଉଡ଼ାଇବା ସମୟରେ କିଛି ଲୋକ ବିପଜ୍ଜନକ ମାଞ୍ଜା ଅର୍ଥାତ୍ (କାଚଗୁଣ୍ଡ ଓ ମଇଦା ଅଠା ବୋଳାରେ ପ୍ରସ୍ତୁତ ନାଇଲନ୍ ସୂତା) ଓ ଚାଇନିଜ୍ ସୂତାର ବ୍ୟବହାର କରିବା ଯୋଗୁଁ ଅନେକ ପଥଚାରୀ ଏହି ମାଞ୍ଜା ସୂତା ସଂସ୍ପର୍ଶରେ ଆସି ଆହତ ଓ ପ୍ରାଣ ମଧ୍ୟ ହରାଇଥାନ୍ତି । ବିଗତ ଦିନରେ ଅନେକ ଘଟଣାର ନଜିର ବି ରହିଛି । ଖୋଲା ଆକାଶରେ ଉଡୁଥିବା ନିରୀହ ପକ୍ଷୀ ମଧ୍ୟ ଏ ସୂତା ସଂସ୍ପର୍ଶରେ ଆସି ପ୍ରାଣ ବି ହରାଇଥାନ୍ତି । ଗୁଡ଼ି କାହା ପାଇଁ କାଳ ନହେଉ । ମାଞ୍ଜା ସୂତାକୁ ବ୍ୟବହାର କରନ୍ତୁ ନାହିଁ । ଗୁଡ଼ି ଉଡ଼ାଇବା ସମୟରେ ନିଜେ ସୁରକ୍ଷିତ ରହିବା ସଙ୍ଗେ ସଙ୍ଗେ ଅନ୍ୟକୁ ସୁରକ୍ଷିତ ରଖି ନିରାପଦ ମକର ଉତ୍ସବ ପାଳନ କରିବା ନିମନ୍ତେ ପରିବେଶକର୍ମୀ ସୁଶାନ୍ତ ସାହୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।



### ସବର୍ସାଧାରଣଙ୍କ ପରିଦର୍ଶନ ପାଇଁ ଖୋଲିଲା ରାଜଭବନ ଉଦ୍ୟାନ

# ଜନସାଧାରଣଙ୍କ ସହ ମିଶିଲେ ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ରାଜଭବନ ଉଦ୍ୟାନ ସବର୍ସାଧାରଣଙ୍କ ପରିଦର୍ଶନ ପାଇଁ ଆଜିଠାରୁ ଖୋଲାଯାଇଛି । ପ୍ରଥମ ଦିନେର ଶୀତୁଆ ଅପରାହ୍ନସେଠ୍ଭ ତିନି ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ରାଜଭବନର ମେନାରମ ଉଦ୍ୟାନ ପରିଦର୍ଶନ କରିଥିଲେ । ଏହି ଅବସରେର ରାଜ୍ୟପାଳ ଡ଼ ହରି ବାବୁ କମ୍ଭମ୍ପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍ପାଟି ଜନସାଧାରଣଙ୍କ ସହ ମିଶି ବାର୍ତ୍ତାଳାପ କରିଥିଲେ । ନିଜର ପିତାମାତା / ଅଭିଭାବକଙ୍କ ସହ ଆସିଥିବା ଛୋଟ ଛୋଟ ଶିଶୁମାନଙ୍କ ସହ ମିଶିବା ସହିତ ସେମାନଙ୍କୁ ଚେକଲେଟ୍ ଏବଂ ପେନ୍ ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ ଉଦ୍ୟାନ ପରିଦର୍ଶନ କରୁଥିବା ଭିନ୍ନକ୍ଷମମାନଙ୍କ ସହ ମିଶି ବାର୍ତ୍ତାଳାପ କରିଥିଲେ । ସୂଚନାଯୋଗ୍ୟେଯ ଦର୍ଶକର୍ମାନେ ରାଜଭବନ ଉଦ୍ୟାନର ନୈସର୍ଗିକ ଶୋଭାରାଜି, ବିଭିନ୍ନ କିସମର ବୃକ୍ଷ ଲତା, ପୁଷ୍ପରାଜି, ମ୍ୟୁଜିକ୍ ଫାଉଣ୍ଟେନ୍, ହରିଣ ଉଦ୍ୟାନ, ମୟୁର ତଥା ଅନ୍ୟାନ୍ୟ ପକ୍ଷୀ, ମୁକ୍ତ ଆକ୍ୱାରିୟମ୍ ପରିଦର୍ଶନ କରି ସୌନ୍ଦର୍ଯ୍ୟ ଉପେଭାଗ କରିଥିଲେ । ସୂଚନାଯୋଗ୍ୟ ଯେ, ଚଳିତ ଜାନୁଆରୀ ମାସ ୨୨ ତାରିଖ ପର୍ଯ୍ୟନ୍ତ ସବର୍ସାଧାରଣଙ୍କ ପରିଦର୍ଶନ ପାଇଁ ରାଜ ଭବନ ଉଦ୍ୟାନ ଖୋଲା ରହିବ ବୋଲି ନିଷ୍ପତି ନିଆଯାଇଛି । କେବଳ ମୋବାଇଲ୍ ଆପ୍ ପଞ୍ଜିକରଣ ମାଧ୍ୟମେର ସବର୍ସାଧାରଣଙ୍କ ପ୍ରେବଶ ପାଇଁ ଅନୁମତି ଦିଆଯିବ ଏବଂ ରାଜଭବନ ଉଦ୍ୟାନ ପରିଦର୍ଶନ ପାଇଁ କୌଣସି ପ୍ରେବଶ ଶୁଳ୍କ ଦେବାକୁ ପଡ଼ିବ ନାହିଁ । ଏଥିନିମେନ୍ତ ପ୍ଲେ ଷ୍ଟୋର କିମ୍ବା ଆପ୍ପ ଷ୍ଟୋରରୁ ଉଦ୍ୟାନ ପରିଦର୍ଶନ, ରାଜଭବନ, ଓଡ଼ିଶାର ମୋବାଇଲ୍ ଆପ୍ ଡାଉନ୍‌ଲୋଡ଼୍ କରିବାକୁ ପଡ଼ିବ । ଓଡ଼ିଶାର ରାଜଭବନ ୱେବ୍‌ସାଇଟେର ଉପଲବ୍ଧ ଥିବା କ୍ୟୁ-ଆର୍ କୋଡ଼୍ ମାଧ୍ୟମେର ମୋବାଇଲ୍ ଆପ୍ ମଧ୍ୟ ଡାଉନ୍‌ଲୋଡ କରାଯାଇପାରିବ । ଉପେରାକ୍ତ ଧାର୍ଯ୍ୟ ତାରିଖ ଅବଧି ମଧ୍ୟେର ଅପରାହ୍ନ ଘ ୨.୩୦ମି.ରୁ ୫ ଘଟିକା ପର୍ଯ୍ୟନ୍ତ ସବର୍ସାଧାରଣଙ୍କ ପାଇଁ ରାଜଭବନ ଉଦ୍ୟାନ ପରିଦର୍ଶନ ସମୟ ଧାର୍ଯ୍ୟ କରାଯାଇଛି । ସେହିପରି ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଉଦ୍ୟାନ ପରିଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି । ଏସଂପକରେ ଏ.ଡ଼ି.ସି / ଚିଫ୍ ସିକ୍ୟୁରିଟି ଅଫିସରଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କ ଉଦ୍ୟାନ ପରିଦର୍ଶନ ନିମେନ୍ତ ଅନୁେରାଧ ପତ୍ର ପଠାଇବା ଆବଶ୍ୟକ ବୋଲି ସୂଚନା ଦିଆଯାଇଛି । ସ୍କୁଲ ପିଲାମାନଙ୍କ ପାଇଁ ଉଦ୍ୟାନ ପରିଦର୍ଶନ ସମୟ ପ୍ରତିଦିନ (ରବିବାର ବ୍ୟତୀତ) ସକାଳ ଘ ୮.୩୦ମି. ରୁ ୧୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଏ ସଂପକର୍ରେ ଅଧିକ ବିବରଣୀ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ୱେବ୍‌ସାଇଟ୍ ପରିଦର୍ଶନ କରିପାରିବେ । ସ୍କୁଲ ଛାତ୍ରଛାତ୍ରୀମାନେ ସ୍କୁଲ ୟୁନିଫର୍ମ ଓ ପରିଚୟ କାର୍ଡ଼ ପରିଧାନ ପୂର୍ବକ ଶିକ୍ଷକ/ଶିକ୍ଷୟିତ୍ରୀ/ସ୍କୁଲ କମର୍ଚାରୀଙ୍କ ତତ୍ତ୍ୱାବଧାନେର ଆସିବାକୁ ସୂଚନା ଦିଆଯାଇଛି । ଉେଲ୍ଲଖେଯାଗ୍ୟେଯ ସମସ୍ତ ଉଦ୍ୟାନ ଦଶର୍ନାର୍ଥୀମାନଙ୍କ ପାଇଁ ନ୍ୟୁ ଅଭିଷେକ ହଲ୍ ନିକଟସ୍ଥ ୩ ନମ୍ବର ଗେଟ୍‌ରେ ପ୍ରେବଶ ଏବଂ ସିକ୍ୟୁରିଟି ବାରାକ ନିକଟସ୍ଥ ଗେଟ୍‌ରେ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି ।

## ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱାରକୁ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ପ୍ରଥମ ପୁରସ୍କାର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର ଆନୁକୁଲ୍ୟରେ ଭୁବନେଶ୍ୱର ଏକାମ୍ର କାନନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି ।ବାର୍ଷିକ ପୁଷ୍ପ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୭ରେ ଉଦଘାଟନ କରିଥିବା ବେଳେ ୧୨ରେ ଉଦ୍‌ଯାପିତ ହୋଇଥିଲା । ଜେଏସପିର ପୁଷ୍ପ ପ୍ରଦର୍ଶନୀ ଉଭୟ ବିଚାରକ ଏବଂ ପରିଦର୍ଶକଙ୍କୁ ଆକର୍ଷିତ କରିଥିଲା । 'ପ୍ରବାସୀ ଭାରତୀ'ର ବାର୍ତ୍ତା ଦେଇ ଏଥିରେ ବିରଳ ପ୍ରଜାତିର ଫୁଲକୁ ପ୍ରଦର୍ଶିତ କରାଯାଇଥିଲା । ଓଡ଼ିଶାର ବିକାଶରେ ଅଣ ଅବାସିକ ଭାରତୀୟ (ଏନଆରଆଇ)ଙ୍କୁ ନିମନ୍ତ୍ରଣ ଦେବା ଲକ୍ଷ୍ୟରେ ଏଭଳି ଏକ ବାର୍ତ୍ତା ଦିଆଯାଇଥିଲା । ଜେଏସପି ଅନୁଗୁଳର ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ, କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ବି.ପି ମିଶ୍ର ଏବଂ ଇଏମଡି ଉପାଧ୍ୟକ୍ଷ ଅଲୋକ ସାହୁଙ୍କ ପ୍ରେରଣାଦାୟୀ ମାର୍ଗଦର୍ଶନରେ ଜେଏସପି ଅନୁଗୁଳର ଉଦ୍ୟାନ କୃଷି ଟିମ୍ ଚମତ୍କାର ଉପସ୍ଥାପନ କରିଥିଲେ, ଯାହା ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଥିଲା । ଡ.ଏସ.ପି. ଶର୍ମା, ବାଚସ୍ପତି ମିଶ୍ର ଏବଂ ଜେଏସପି ଅନୁଗୁଳର ଉଦ୍ୟାନ କୃଷି ଟିମ୍ ପୁଷ୍ପ ପ୍ରଦର୍ଶନୀରେ କଂପାନୀର ପ୍ରତିନିଧିତ୍ୱ କରିଥିଲେ । ଏକ ଦୃଢ଼ ଉପସ୍ଥିତି ଏବଂ ପ୍ରଭାବଶାଳୀ ପ୍ରଦର୍ଶନ ଜରିଆରେ ପୁରସ୍କାର ମଧ୍ୟ ସୁନିଶ୍ଚିତ କରିଥିଲେ । ପ୍ରଦର୍ଶନୀରେ ଟାଟା ଷ୍ଟିଲ, ଓଏମସି, ଆଦାନୀ, ନାଲକୋ, ହିଣ୍ଡାଲକୋ, ଜେଏସଡବ୍ଲୁ, କିଟ୍ ବିଶ୍ୱବିଦ୍ୟାଳୟ ଭଳି ପ୍ରାୟ ୨୦ଟି କର୍ପୋରେଟ୍ ହାଉସ ଅଂଶଗ୍ରହଣ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଜଙ୍ଗଲ ଓ ପରିବେଶ ତଥା ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ ଯୋଗଦେଇ ବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ, ବିଭାଗୀୟ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରେମ କୁମାର ଝା, ଓଡ଼ିଶା ବନ ଉନ୍ନୟନ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସୁରେଶ କୁମାର ପନ୍ତ, ପ୍ଲାଣ୍ଟ ଲଭର୍ସ ଆସୋସିଏସନର ସଭାପତି ଖିରୋଦ କୁମାର ପଟ୍ଟନାୟକ ଏବଂ ଓଡ଼ିଶା ରୋଜ୍ ସୋସାଇଟିର ସଂପାଦକ ହେମନ୍ତ କୁମାର ପାଲ ପ୍ରମୁଖ ଯୋଗ ଦେଇଥିଲେ ।

## 'ମିସା ବନ୍ଦୀ'ଙ୍କୁ ପ୍ରକୃତ ସମ୍ମାନ ଜଣାଇଛନ୍ତି ରାଜ୍ୟ ସରକାର: ମନମୋହନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୧୯୭୫ ମସିହା ଜୁନ ମାସ ୨୫ ତାରିଖ, ଭାରତୀୟ ଗଣତନ୍ତ୍ର ଇତିହାସରେ ଏକ କଳାଦିନ ଥିଲା । ଏହି ଦିନରେ ଲକ୍ଷ ଲକ୍ଷ ସଂଗ୍ରାମୀମାନଙ୍କୁ ଅତ୍ୟନ୍ତ ଅମାନୁଷିକ ଭାବେ ଜରୁରୀକାଳିନ ପରିସ୍ଥିତି ଲାଗୁ କରାଇ 'ମିସା, ଡିଆଇଆର୍ ଏବଂ ଡିଆଇଏସଆଇଆର୍ ଆଇନ' ବଳରେ ଜେଲରେ ଭର୍ତ୍ତି କରିଦିଆଯାଇଥିଲା । ଦୀର୍ଘ ୨୧ମାସ ଧରି ଏହି ବନ୍ଦୀମାନଙ୍କୁ ଅକଥନୀୟ ଅତ୍ୟାଚାରର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଭାରତବର୍ଷର ବହୁ ରାଜ୍ୟରେ ଏହି ମହାନ୍ ସଂଗ୍ରାମୀମାନଙ୍କୁ ସମ୍ମାନ ଜଣାଇ ସାମାଜିକ ଓ ଆର୍ଥୀକ ଭାବେ ପେନ୍‌ସନ୍ ରାଶି ପ୍ରଦାନ କରାଯାଉଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଏହି କ୍ରମରେ 'ମିସା' ବନ୍ଦୀମାନଙ୍କୁ ସଂଗ୍ରାମୀ ଆଖ୍ୟା ଦେଇ ସମ୍ମାନିତ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ସରକାରକୁ ଅଶେଷ ଅଶେଷ ଧନ୍ୟବାଦ ଜଣାଇଛନ୍ତି ରାଜ୍ୟ ସଭାପତି ଶ୍ରୀ ସାମଲ ।

### ସାରା ରାଜ୍ୟର ସ୍ୱାସ୍ଥ୍ୟ ଡାଟା ନେଇ ପ୍ରସ୍ତୁତ ହେବ ଡ୍ୟାସବୋର୍ଡ

## ରାଜ୍ୟରେ ଏଯାଏ ଆସିନି ଏଚ୍‌ଏମ୍‌ପିଭି ମାମଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସାରା ରାଜ୍ୟର ସ୍ୱାସ୍ଥ୍ୟ ଡାଟା ନେଇ ଏକ ଡ୍ୟାସବୋର୍ଡ ହେବ । ଏନେଇ ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର । ସେ କହିଛନ୍ତି ଏ ଯାଏଁ ଏଚଏମପିଭି ନେଇ କେନ୍ଦ୍ର ସରକାର କୌଣସି ମାର୍ଗଦର୍ଶିକା ଦେଇ ନାହାନ୍ତି । ତେଣୁ ରାଜ୍ୟ ସରକାର କିଛି ମାର୍ଗଦର୍ଶିକା ଜାରି କରି ନାହାନ୍ତି । ଏହା ଥଣ୍ଡା ଜ୍ୱର କରେ । ସଂକ୍ରମଣ ସେତେ ବଡ଼ ହୁଏନି । ଯଦି ମାର୍ଗଦର୍ଶିକା ଆସେ, ସେହି ଅନୁସାରେ ସବୁ ହସ୍ପିଟାଲକୁ ନିର୍ଦ୍ଦେଶ ଦିଆଯିବ । ଭୁବନେଶ୍ୱରରେ ଷ୍ଟେଟ ଆଇଡିଏସପି ସେଲ ଓ କେନ୍ଦ୍ରରୁ ଏନସିଡିସି ଏହାକୁ ମନିଟର କରୁଛନ୍ତି । ହେଲଥ ଏମେରଜେନ୍ସି ଅପରେସନ ସେଂଟର ଖୋଲିବା ନେଇ କେନ୍ଦ୍ର ସରକାର ସହ ଏମଓୟୁ ହୋଇଛି । ଏହି ସେଂଟର ୨୪ ଘଂଟା କାମ କରିବ । ସାରା ରାଜ୍ୟର ସ୍ୱାସ୍ଥ୍ୟ ଡାଟା ନେଇ ଏକ ଡ୍ୟାସବୋର୍ଡ ହେବ । ଏହା ରାଜ୍ୟ ଅଧୀନରେ କାମ କରିବ । ଭୁବନେଶ୍ୱର ନଅ ତାଲାରେ ଏହି ସେଂଟର ହେବ । ଖୁବ ଶୀଘ୍ର ଏହା କାମ ଆରମ୍ଭ ହେବ । ମାସ୍କ ପିନ୍ଧା ନେଇ କୌଣସି ନିର୍ଦ୍ଦେଶ ଦେଇନୁ । ସମୟ ସମୟରେ ଏହାକୁ ସମୀକ୍ଷା କରାଯାଉଛି । ଡବ୍ଲୁଏଚଓ ରିପୋର୍ଟ ଅନୁସାରେ, ଚାଇନାରେ ବି କେଶ କମିଛି । ଭାରତରେ ବି କମୁଛି । ଓଡ଼ିଶାରେ ଏ ଯାଏଁ କୌଣସି କେଶ ଆସିନି । ବ୍ୟସ୍ତ ହେବାରେ କିଛି ନାହିଁ । କେଶ ବଢ଼ିଲେ, ସେ ସମୟରେ ଦେଖାଯିବ । ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି । ଥଣ୍ଡା ଜ୍ୱର କାଶ ହେଲେ ସଂଗରୋଧ ରୁହନ୍ତୁ । ଗହଳିକୁ ଯାଆନ୍ତୁ ନାହିଁ । ହାତ ଧୁଅନ୍ତୁ । ଋତୁ ପରିବର୍ତନ ଯୋଗୁଁ ଶୀତ ଦିନରେ ଥଣ୍ଡା ଜ୍ୱର ବଢ଼େ ବୋଲି ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ।

## ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତ ଶରୀର ଉଦ୍ଧାର ହୋଇଛି । ହଷ୍ଟେଲ ରୁମ ନମ୍ବର ୨୧ରେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀ ଉତ୍କଳିକା ସ୍ୱାଇଁ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ସେ ଡ୍ୟାନ୍ସ ପାଠ୍ୟକ୍ରମ ବିଷୟରେ କଲେଜରେ ପଢ଼ୁଥିଲେ । ଗତକାଲି ରାତିରେ ହଷ୍ଟେଲରେ ଏଭଳି ଆତ୍ମହତ୍ୟା କରିଥିବାର ସୂଚନା ମିଳିଛି । ରୁମରେ ୩ ଜଣ ସାଙ୍ଗ ମିଶିକି ରହୁଥିଲେ, କିନ୍ତୁ ଗତ ୨ ଦିନ ହେଲା ଆଉ ୨ ଜଣ ସାଙ୍ଗ ହଷ୍ଟେଲରେ ନଥିଲେ । ଉତ୍କଳିକାଙ୍କ ଘର କେନ୍ଦ୍ରାପଡାରେ ବୋଲି ସୂଚନା ମିଳିଛି । ସକାଳେ କବାଟ ନ ଖୋଲିବାରୁ ସାଙ୍ଗ ମାନେ ଯାଇ କବାଟ ବାଡେଇବାରୁ ଏଭଳି ପରିସ୍ଥିତି ଦେଖିବାକୁ ମିଳିଥିଲା । ୱାର୍ଡନ କହିଛନ୍ତି ଯେ ରାଗିଙ୍ଗ ଇସ୍ୟୁ କିଛି ନାହିଁ । ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି । ଲୋକାଲ ଗାର୍ଡିୟାନ ଉପସ୍ଥିତ ଅଛନ୍ତି ।

## ମାସ୍କ ପିନ୍ଧିବା ନେଇ ଆସିନି କୌଣସି ଗାଇଡ଼୍ ଲାଇନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏ ଯାଏଁ ଏଚଏମପିଭିକୁ ନେଇ କେନ୍ଦ୍ର ସରକାର କୌଣସି ମାର୍ଗଦର୍ଶିକା ଆସି ନ ଥିବା କହିଲେ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ଯେ, ଯଦି ମାର୍ଗଦର୍ଶିକା ଆସେ, ସେହି ଅନୁସାରେ ସବୁ ହସ୍ପିଟାଲକୁ ନିର୍ଦ୍ଦେଶ ଦିଆଯିବ । ଏ ଥଣ୍ଡା ଜ୍ୱର କରୁଥିବା ବେଳେ ସଂକ୍ରମଣ ସେତେ ବଡ଼ ନୁହେଁ ଯ ଭୁବନେଶ୍ୱରରେ ଷ୍ଟେଟ ଆଇଡ଼ିଏସପି ସେଲ ସେଲ ଓ କେନ୍ଦ୍ରରୁ ଏନସିଡିସି ଏହାକୁ ମନିଟର କରୁଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁସାରେ, ଚାଇନାରେ ବି କେଶ କମିଛି. ଭାରତରେ ବି କମୁଛି. ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି. ଥଣ୍ଡା ଜ୍ୱର କାଶ ହେଲେ ସଂଗରୋଧ ରୁହନ୍ତୁ ।

### ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ

## ଓଡ଼ିଶାର ସ୍ୱାସ୍ଥ୍ୟସେବା ଇତିହାସରେ ନୂଆ ଅଧ୍ୟାୟ ଯୋଡିହେଲା: ଧର୍ମେନ୍ଦ୍ର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ସ୍ୱାସ୍ଥ୍ୟସେବା ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡିହେଲା ବୋଲି ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏ ସମ୍ପର୍କୀତ ଏମଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନାର କାର୍ଯ୍ୟକାରୀ ପାଇଁ କେନ୍ଦ୍ର ସରକାରଙ୍କ ନ୍ୟାସନାଲ୍ ହେଲଥ ଅଥୋରିଟି ସହିତ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାବାସୀଙ୍କୁ ଦେଇଥିବା ଆଉ ଏକ ପ୍ରତିଶ୍ରୁତି ପୂରଣ ହୋଇଛି । ଭାରତ ସରକାରଙ୍କ ଆୟୁଷ୍ମାନ ଭାରତ ପିଏମ ଜନ ଆରୋଗ୍ୟ ଯୋଜନା ଓ ଓଡ଼ିଶା ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସମନ୍ୱିତ କ୍ରିୟାନ୍ୱୟନର ଶୁଭାରମ୍ଭ ଅବସରରେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଉଛି । ଏହି ଅବସରରେ ଶ୍ରୀ ପ୍ରଧାନ ଓଡ଼ିଶାରେ ଏକ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ନାଇପର) ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ନିଜର ଅନୁରୋଧ ଦୋହରାଇଥିଲେ ।

## ଅନିଲ ଏବଂ ହଂସିତାଙ୍କ ସମ୍ପତ୍ତି ବିକ୍ରି ଉପରେ ରୋକ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରୁ ହାଇପ୍ରୋଫାଇଲ ଠକ ଦମ୍ପତି ହଂସିତା ଅଭିଲିପ୍ସା ଏବଂ ଅନିଲ ମହାନ୍ତି ଗରିଫ ଘଟଣା । ଅନିଲ ଏବଂ ହଂସିତାଙ୍କ ସମ୍ପତି ବିକ୍ରି ଉପରେ ରୋକ ଲାଗିଛି । ଆୟକର ବିଭାଗ ଆରଟିଓ ଏବଂ ଆଇଜିଆରକୁ ଚିଠି ଲେଖିଛି । ଦାମୀ କାର ବିକ୍ରି ନହେବା ପାଇଁ ଆରଟିଓକୁ ୫ଟି ଗାଡ଼ିର ତଥ୍ୟ ଦେଇଥିଲା ଆୟକର ବିଭାଗ । ସେହିସବୁ ଦାମୀ ଗାଡ଼ିକୁ ବ୍ଲକ କରିଛି ଆରଟିଓ । ସେହିଭଳି ହଂସିତା ଏବଂ ଅନିଲଙ୍କର ମିଳିଥିବା ସମ୍ପତି ବିକ୍ରି ନହେବା ପାଇଁ ଆଇଜିଆରକୁ ଚିଠି ଲେଖିଛି ଆୟକର ବିଭାଗ । ଆୟକର ବିଭାଗ ସୂଚନା ଅନୁଯାଇ ଅନିଲ ଏବଂ ହଂସିତାଙ୍କ ସହ ସମ୍ପୃକ୍ତି ଥିବା ୧୫ରୁ ଅଧିକ ଲୋକଙ୍କୁ ଜେରା କରିଛି ଆୟକର ବିଭାଗ । ଆଗକୁ ମଧ୍ୟ ଅନେକ ଲୋକ ଜେରା ହୋଇପାରନ୍ତି । ସେମାନଙ୍କର ଲିଷ୍ଟ ତିଆରି କରିଛି ଆଇଟି ଟିମ ।

## ମନନ ନାଟ୍ୟସଂସ୍ଥାର ବାର୍ଷିକ ନାଟକ ମହୋତ୍ସବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମନନ ନାଟ୍ୟ ସଂସ୍ଥା ୪୬ ବାର୍ଷିକ ନାଟ୍ୟ ମୋହତ୍ସବ ଅସ୍ଥା ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ମନୁଷ୍ୟ ଯେତେ ଶକ୍ତିଶାଳୀ, ଧନଶାଳୀ ଆଉ ସ୍ୱାସ୍ଥ୍ୟବାନ ହେଲେବି ମନଟା ତା'ର ସବୁବେଳେ ଦୁର୍ବଳ । କୋଉ ପରିସ୍ଥିତିରେ ସେ ମନଟା ସେ ଭାଙ୍ଗି ନଯିବ କେହି କହି ପାରିବେନି । ଖାଲି ସେତିକି ନୁହେଁ ସେଇ ମନଟା ପୁଣି ଅବୁଝା ଆଉ ସଂକୀର୍ଣ୍ଣ ବାର୍ଦ୍ଧକ୍ୟ ଅଥବା ମୃତ୍ୟୁର ଅବ୍ୟବହିତ ପୂର୍ବରୁ, ଯେତେବେଳେ କି ଧନ ଦୌଲତ ଦେହର ଲାଳସା ଭୋଗବିଳାସ ଅଥବା ଜ୍ଞାତି କୁଟୁମ୍ବଙ୍କ ପ୍ରତି ମାୟା ମମତାର ଆବଶ୍ୟକତା ନଥାଏ, ସେତେବେଳେ ବି କିଛି ଛୋଟ ଛୋଟ ଘଟଣା ମଣିଷର ମାନସିକ ପ୍ରତିକ୍ରିୟାକୁ କଳୁଷିତ କରିଦିଏ କ୍ଷତ ବିକ୍ଷତ କରିଦିଏ । ମନୋଜ ପଟ୍ଟନାୟକ, ଅୟସକାନ୍ତ ସ୍ୱାଇଁ, ପି.ରାଜୁ ପାତ୍ର, ଅନୁଜ ପଟ୍ଟନାୟକ, ବିନୋଦ ବେଉରା, ହିତେଶ୍ ମହାପାତ୍ର, ମାମା ବିଶ୍ୱାଳ, ମନିଷାରଥ, ଦୀକ୍ଷା ପ୍ରଯୋଜନା ଅଧିକାରୀ ଶୁସାନ୍ତ କିଶୋର ପଟ୍ଟନାୟକ, ପରିକଳ୍ପନା ନିର୍ଦ୍ଦେଶନା ମନୋଜ ପଟ୍ଟନାୟକ ମନନ ନାଟ୍ୟ ସଂସ୍ଥା ପକ୍ଷରୁ ରତିରଞ୍ଜନ ସମ୍ମାନ ପଞ୍ଚାନନ ଦାସ, ବନବିହାରୀ ପଟ୍ଟନାୟକ ସମ୍ମାନ ଉପେନ୍ଦ୍ର ପତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅତିଥି ଭବେ ଆକାଶ ଦାସ ନାୟକ ବିଧାୟକ କୋରେଇ ଓ ଅଭିନେତା, ଅଧ୍ୟକ୍ଷ ପରିଚୋଳନା ନିର୍ଦ୍ଦେଶକ କଳିଙ୍ଗ ଟିଭି ହିମାଂଶୁ ଖଟୁଆ, ନାଶନାଲ ସ୍କୁଲ ଅଫ ଡ୍ରାମା ପି.କେ ମହାନ୍ତି, ମନନ ସଂସ୍ଥା ସମ୍ପାଦକ ନିରଞ୍ଜନ ସାହୁ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଓ ଶ୍ରୀଜନ ଅନୁଷ୍ଠାନର ଗୁରୁ ରତିକାନ୍ତ ମହାପାତ୍ର, ଉପ ସଭାପତି ବଙ୍କିମି କୁମାର ନାୟକ, ମନନ ନାଟକ ସଭାପତି ଓ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ. ପ୍ରମୁଖ ଉପସ୍ଥିତ ଥିଲେ ।

## ନିଆଁରେ ପୋଡି ହୋଇ ମହିଳା ମୃତ

କଟକ(ଭାସ୍କର ନ୍ୟୁଜ୍): ଜଗତପୁର ଥାନା ଅଞ୍ଚଳରେ ଅଭାବନୀୟ ଘଟଣା ଘଟିଛି । ଦେହରେ ନିଆଁ ଲାଗି ଜଣେ ବୟସ୍କ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଉଛନ୍ତି । ମାମନଗର ଗୋପବନ୍ଧୁ ସମବାୟ ନଗର ଗ୍ରାମ ବିଦ୍ୟାଭୂଷଣ ଦାସଙ୍କ ପତ୍ନୀ ମମତା ଦାସ(୬୭) । ମୃତ୍ୟୁର କାରଣ ଜଣା ପଡିନଥିଲେ, ହେଁ ଘଟଣାସ୍ଥଳରୁ ପୁଲିସ ଅର୍ଦ୍ଧ ଦଗ୍ଧ ପୋଡା ଦେହକୁ ଜବତ କରି କଟକ ବଡ ମେଡିକାଲରେ ଭର୍ତି କରାଯାଇଛି । ଡାକ୍ତର ସେଠାରେ ମମତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି । ସୂଚନା ମୁତାବକ ସୋମବାର ସକାଳ ୬ଟା ସମୟରେ ଉକ୍ତ ମହିଳାଙ୍କ ହଠାତ୍ ଚିତ୍କାର ଶୁଣି ଘର ଲୋକେ ଓ ପଡୋଶୀ ଦୌଡି ଆସିଥିଲେ । କେହିକିଛି ବୁଝିବା ଆଗରୁ ଜୀବନ୍ତ ମଣିଷ ଆଖି ଆଗରେ ଜଳି ଜଳିଯାଇଥିଲେ । ନିଆଁ ଲିଭାଇବା ପାଇଁ ପ୍ରାଣ ମୂର୍ଚ୍ଛା ଉଦ୍ୟମ ସତ୍ୱେ ମହିଳାଙ୍କ ଶରୀର ସମ୍ପୂର୍ଣ୍ଣ ପୋଡି ଯାଇଥିଲା । ମାତ୍ର ଏହା ଆତ୍ମହତ୍ୟା ନା ହତ୍ୟା ତାହା ଜଣାପଡିନଥିବାବେଳେ ପୋଲିସ ତଦନ୍ତ ଜାରିରଖିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ୱଷ୍ଟ ହୋଇପାରିବ ବୋଲି ପୋଲିସ କହିଛି ।

## ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୋମବାର ସକାଳେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ ଅବସରରେ ଏଜି ଛକ ଭୁବନେଶ୍ୱରସ୍ଥିତ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ । ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ, ଆଚାର୍ଯ୍ୟ ବିହାର ପରିଷଦର ସମ୍ପାଦକ, ତଥା ବିଭିନ୍ନ ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତା ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୁଲ୍ୟରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ସକାଳ ଘ. ୮.୩୦ରେ ଅତିଥିମାନଙ୍କ ସହ ବିଭାଗର ବହୁ ଅଧିକାରୀ ଏବଂ କର୍ମଚାରୀ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ ।

## କଟକରେ ମଞ୍ଜା ସୂତା ଲାଗି ଯୁବକ ଆହତ

କଟକ(ଭାସ୍କର ନ୍ୟୁଜ୍): ମଙ୍ଗଳବାର ପବିତ୍ର ମକର ସଂକ୍ରାନ୍ତି । ଏଥିଲାଗି ସବୁଠି ଗୁଡି ଉଡା ଆରମ୍ଭ ହୋଇଯାଇଛି । ଏହାରି ମଧ୍ୟରେ କଟକରେ ଏକ ବଡ ଅଘଟଣ ସାମ୍ନାକୁ ଆସିଛି । ମାଞ୍ଜା ସୂତା ଲାଗି ଜଣେ ବ୍ୟକ୍ତି ଆହତ ହୋଇଛନ୍ତି । ଆହତ ବ୍ୟକ୍ତି କଟକ ରାଜେନ୍ଦ୍ର ନଗରର ଅନିକେତ ଦାସ ବୋଲି ଜଣାପଡିଛି । ବର୍ତମାନ ସେ ଆହତ ଅବସ୍ଥାରେ ମେଡିକାଲରେ ଭର୍ତି ହୋଇଛନ୍ତି । ସୂଚନା ଅନୁଯାୟୀ, ଅନିକେତ ତ୍ରିଶୁଳିଆରୁ ନିଜ ଘର କଟକକୁ ଫେରୁଥିଲେ । ଏହି ସମୟରେ ରାଜେନ୍ଦ୍ର ନଗର ନିକଟରେ ଏକ ମା। ସୂତା ଅନିକେତଙ୍କ ଦେହରେ ଲାଗିଥିଲା । ଯାହାଦ୍ୱାରା ତାଙ୍କ ବେକ ଏବଂ ହାତ ଆଙ୍ଗୁଠିରେ କ୍ଷତ ଲାଗିଛି । ଏହାପରେ ଅନିକେତଙ୍କୁ ତୁରନ୍ତ ନିକଟସ୍ଥ ମେଡିକାଲରେ ଭର୍ତି କରାଯାଇଛି । ଗତ କିଛି ଦିନ ହେବ କଟକରେ ଅଧିକ ପରିମାଣରେ ଗୁଡି ଉଡୁଛି । ତେଣୁ ଏସବୁକୁ ତୁରନ୍ତ ବନ୍ଦ କରିବାକୁ ଅନିକେତ ଦାବି କରିଛନ୍ତି । ଅନ୍ୟପେଟ ମଙ୍ଗଳବାର ଦିନ ପବିତ୍ର ମକର ସଂକ୍ରାନ୍ତି । କଟକ ଆକାଶରେ ଅନେକ ଗୁଡି ଉଡିବାର ଆଶଙ୍କା ରହିଛି । ଏହାପୂର୍ବରୁ ଆହ୍ୱାନକୁ ଆସିଛି ପ୍ରଶାସନ । ପୋଲିସ ପକ୍ଷରୁ କଟକର ବିଭିନ୍ନ ସ୍ଥାନରେ କେବଳ ନାମକୁ ମାତ୍ର ଚଢାଉ କରାଯାଉଛି । ଗତ ୪ ଦିନ ମଧ୍ୟରେ ଏଭଳି ୫ ଟି ଅଘଟଣ ଘଟିଛି । ଗତକାଲି ଅପରାହ୍ନରେ ତ୍ରିଶୁଳିଆ ବ୍ରିଜ୍ ନିକଟରେ ୩ ଜଣ ଯୁବକ ଗୁଳି ସୂତା ଲାଗି ଆହତ ହୋଇଛନ୍ତି । ଜଣଙ୍କର ବେକରେ ଆଘାତ ଲାଗିଥିବାବେଳେ ଅନ୍ୟ ଜଣେ ଯୁବକଙ୍କର ଆଙ୍ଗୁଠି କଟି ଯାଇଛି । ସେହିପରି ୯ ତାରିଖରେ କଟକ ବୟାଳିଶି ମୌଜା ଅଞ୍ଚଳରେ ଜଣେ ବ୍ୟକ୍ତି ଗୁଡି ସୂତାରେ ଆହତ ହୋଇଥିଲେ ।

## ଲୋକସେବା ଭବନ ସମ୍ମୁଖରୁ ଦଲାଲ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନ ଆଗରୁ ଦଲାଲ ଗିରଫ । ଦଲାଲ ବ୍ୟାସଦେବ ରଣାଙ୍କୁ ଗିରଫ କଲା କ୍ୟାପିଟାଲ ଥାନା ପୋଲିସ । ପଞ୍ଚାୟତିରାଜ ବିଭାଗରେ ଅଧିକାରୀ ଥିବା କହି ଲୋକଙ୍କୁ ଠକୁଥିଲେ । ଲୋକସେବା ଭ୍ୱନରେ ଚାକିରୀ କରାଇ ଦେବାକୁ କହି ୧୨ଲକ୍ଷ ଟଙ୍କା ନେଇଥିଲେ । ପରେ ଧରା ଛୁଆଁ ଦେଇନଥିଲେ, କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ଦଲାଲକୁ ଗିରଫ କରିଛି ପୋଲିସ ।

## ବିଜୁ ପଟ୍ଟନାୟକ ପାର୍କ ପରିଦର୍ଶନ କଲେ ବିଧାୟିକା ସୋଫିଆ



କଟକ(ଭାସ୍କର ନ୍ୟୁଜ୍): ସୋମବାର ଅପରାହ୍ନରେ ବିଧାୟିକା ସୋଫିଆ ଫିର୍ଦୋଷ ସିଡିଏ ସେକ୍ଟର-୧୧ ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ପରିଦର୍ଶନ କରି ପୁନଃରୁଦ୍ଧାର କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ । ପାର୍କ ବୁଲି ବିଭିନ୍ନ ନୂତନ ନିର୍ମାଣ କାର୍ଯ୍ୟ ଦେଖିଥିଲେ । ପାଖାପାଖି ସମସ୍ତ କାର୍ଯ୍ୟ ଶେଷ ହୋଇଗଲାଣି । ଆଉ ଯେଉଁ ଛୋଟ କାର୍ଯ୍ୟ ଅଛି ଯେପରି ଇଲେକ୍ଟ୍ରିକ ଚାର୍ଜ, ସଫା କାର୍ଯ୍ୟ ତୁରନ୍ତ ଏହାକୁ ସାରି ନେତାଜୀ ଜୟନ୍ତୀ ଅବସରରେ ଜନସାଧାରଣଙ୍କ ନିମନ୍ତେ ଖୋଲିବା ପାଇଁ ବିଧାୟିକା ସିଡିଏର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ପୂର୍ବତନ ଗିରିବାଳା ବେହେରା, ନିତ୍ୟାନନ୍ଦ ରାଉତରାୟ, ଗୌତମ ପଣ୍ଡା, ପ୍ରଦୋଷ ଦାସ, ସତ୍ୟଶ୍ରୀ ବେହେରା, ଶୟଦ ରମଯାନ ଅଲ୍ଲୀ, ସେକ ବାବଜାଣି, ଗୁଲଜାର ଅହମ୍ମଦ, ଦେବେନ୍ଦ୍ର ପ୍ରସାଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

# 'ଉତ୍କଳ ପ୍ରଦେଶ ଗଠନରେ ମର୍ଦ୍ଦରାଜଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା'




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ସୋମବାର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପ୍ରାକ୍ତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟ ଶାସନ, ରାଜନୈତିକ ଜୀବନ ଓ ଜନସଂପର୍କ ଉପରେ ଆଲୋକପାତ କରିଥିଲେ । ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ସର୍ବଦା ଓଡ଼ିଆ ଜାତି ପାଇଁ ଶ୍ରଦ୍ଧାଶୀଳ ଥିଲେ । ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଓଡ଼ିଶାର ସୀମା ନିର୍ଦ୍ଧାରଣ ପାଇଁ ଓଡୋନେଲ କମିଟି ସମ୍ମୁଖରେ ସାକ୍ଷୀ ହେବା ସହ ଲଣ୍ଡନଠାରେ ଗୋଲଟେବୁଲ ବୈଠକରେ ଯୋଗଦେଇ ତଥ୍ୟପୂର୍ଣ୍ଣ ଅଭିଭାଷଣ ରଖିଥିଲେ । ପାଇକ ବିଦ୍ରୋହଠୁ ଆରମ୍ଭ କରି ଭାଷା ଆନ୍ଦୋଳନ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପର୍ଯ୍ୟନ୍ତ ଗଞ୍ଜାମ ଓ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଭୂମିକାକୁ ଏଜାତି କେବେବି ଭୁଲିପାରିବ ନାହିଁ ବୋଲି ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପ୍ରାକ୍ତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମତବ୍ୟକ୍ତ କରିଥିଲେ । ଆସ୍କା ଲୋକ ସଭା ସାଂସଦ ଅନିତା ଶୁଭଦର୍ଶିନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କୁ ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ବୋଲି ଅଭିହିତ କରିଥିଲେ । ଯଥାର୍ଥରେ ଓଡ଼ିଆ ଜାତି ପାଇଁ ତାଙ୍କର ଅବଦାନ ଅତୁଳନୀୟ ବୋଲି ଶ୍ରୀମତୀ ଶୁଭଦର୍ଶିନୀ କହିଥିଲେ । ଖଲ୍ଲିକୋଟ ବିଧାୟକ ପୂର୍ଣଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୀବନୀ ଓ ଆଦର୍ଶ ନେଇ ବକ୍ତବ୍ୟ ରଖିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି ରାଜା ମର୍ଦ୍ଦରାଜ ଦେଓଙ୍କୁ ଭାଷାଭିତ୍ତିକ ଓଡିଶା ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣୀ, ସମଗ୍ର ଓଡ଼ିଆ ଜାତି ପାଇଁ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସଭାପରେ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର ଆନୁକୂଲ୍ୟରେ ଗଞ୍ଜାମର ପ୍ରସିଦ୍ଧ ପାରମ୍ପରିକ ଲୋକ ନୃତ୍ୟ ଓ ସଂଗୀତ ପରିବେଷିତ ହୋଇଥିଲା । ପୂଜ୍ୟପୂଜା ସାହିତ୍ୟ ସଂସଦର ସଂପାଦକ ମହେଶ୍ୱର ବରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଜୟଦେବ ଭବନର ଉପ ନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର, ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ସାଗର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



" ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। "

-ସ୍ୱାମୀ ବିବେକାନନ୍ଦ



" ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ। "

-ମଧୁସୂଦନ ରାଓ



## ଆର୍ଥିକ ଅସମାନତାର ଊର୍ଦ୍ଧ୍ୱମୁଖୀ ଧାରା

# ଭବିଷ୍ୟତ ପାଇଁ ସଙ୍କଟର ସଂକେତ

ସମଗ୍ର ବିଶ୍ୱରେ ଏବେ ଅର୍ଥନୈତିକ ବୈଷମ୍ୟ ଦ୍ରୁତଗତିରେ ବଢ଼ି ଚାଲିଥିବାର ଲକ୍ଷ୍ୟ କରାଯାଉଛି। କେତୋଟି ଧନଶାଳୀ ବ୍ୟକ୍ତି ଦିନକୁ ଦିନ ଅଧିକ ଧନୀ ହୋଇ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିବା ବେଳେ ଅନ୍ୟ କେତୋଟି ଗରିବ ଲୋକଙ୍କୁ ଅଧିକ ଗରିବ ହୋଇ ଭୋକ ଉପାସରେ ଦିନ କାଟୁଛି। ବୈଷମ୍ୟର ଏହି ମେଘନାଦ ପାଚେରି ବିଭିନ୍ନ ଦେଶରେ ଜନ ଅସନ୍ତୋଷର ମୂଳକାରଣ ହୋଇଛି। ଦାରିଦ୍ର୍ୟ କବଳରୁ ମୁକ୍ତିଲାଭ କରି ଦୁଇଓଳି ଆହାର ମୁଠିଏ ପାଇବାକୁ ମଣିଷର ସଂଗ୍ରାମ ଜାରି ରହିଥିବା ବେଳେ ଯେଉଁଠି ଏଥିରୁ ବଞ୍ଚିତ ହେଉଛି, ସେଠାରେ ହିଂସାର ଆଶ୍ରୟ ନେବାକୁ ପଛାଉନାହିଁ। ବର୍ତ୍ତମାନ ବିଶ୍ୱର ଜନସଂଖ୍ୟା ୮୦୦ କୋଟି ଟପି ସାରିଛି, ଯାହା ଆଗାମୀ ଦିନରେ ଖାଦ୍ୟାଭାବ ଓ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିର ମୁଖ୍ୟ କାରଣ ହେବ। ମିଳିତ ଜାତିସଂଘ ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଏ କ୍ଷେତ୍ରରେ ଚିନ୍ତାର କାରଣ ପାଲଟିଛି। ଏଥିରେ ଉଲ୍ଲେଖ ରହିଛି ଯେ, ବର୍ତ୍ତମାନ ସାରା ବିଶ୍ୱରେ ପ୍ରାୟ ୮୨ କୋଟି ଲୋକ ପ୍ରତିଦିନ ରାତିରେ ଖାଇବାକୁ ନପାଇ ଉପାସ ରୁହନ୍ତି। ଗତ ୨୦୧୯ ମସିହା ଠାରୁ ଖାଦ୍ୟାଭାବର ସମ୍ମୁଖୀନ ହେଉଥିବା ଲୋକଙ୍କ ସଂଖ୍ୟା ୧୩ କୋଟି ୫୦ ଲକ୍ଷରୁ ୩୪ କୋଟି ୫୦ ଲକ୍ଷକୁ ବୃଦ୍ଧି ପାଇଛି। ସେହିପରି ଅକ୍ସଫାମ୍ ତଥ୍ୟ ଦର୍ଶାଉଛି ଯେ, ବିଗତ ୧୦ ବର୍ଷରେ ବିଶ୍ୱର ମାତ୍ର ଏକ ପ୍ରତିଶତ ଧନଶାଳୀ ଲୋକଙ୍କ ସମ୍ପତ୍ତିରେ ୪୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି, ଯାହା ବିଶ୍ୱର ଅର୍ଦ୍ଧେକ ଲୋକଙ୍କ ମୋଟ ସମ୍ପତ୍ତିର ୩୬ ଗୁଣ। ଦୁଇବର୍ଷ ପୂର୍ବେ ଇଣ୍ଡୋନେସିଆ ବାଲିଠାରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ମଧ୍ୟ ଏହି ପ୍ରସଙ୍ଗ ଉଠାଯାଇଥିଲା। ସେଠାରେ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍ ବିଶ୍ୱନେତାମାନଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ସେ ଉପସ୍ଥାପନ କରିଥିବା ତଥ୍ୟ ଅନୁଯାୟୀ ବିଶ୍ୱର ପାଞ୍ଚଟି ଭିନ୍ନ ଭିନ୍ନ ସ୍ଥାନରେ ଏବେ ଲୋକମାନେ ଦୁର୍ଭିକ୍ଷର ସମ୍ମୁଖୀନ ହେଉଛନ୍ତି। ଏହାର କାରଣ ଜି-୨୦ ରାଷ୍ଟ୍ରଗୁଡ଼ିକରେ ଦୁନିଆର ସର୍ବାଧିକ ଧନଶାଳୀ ବ୍ୟକ୍ତି ବସବାସ କରୁଥିବାର ଆକଳନ କରାଯାଉଛି। ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ଦର୍ଶାଉଛି ଯେ, ସମଗ୍ର ବିଶ୍ୱରେ ପ୍ରତିବର୍ଷ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଉତ୍ପାଦିତ ହେଉଛି। ଏହାର ପରିମାଣ ପ୍ରାୟ ୪ ବିଲିୟନ ଟନ୍ ହୋଇଥିବା ବେଳେ ଏହି ଉତ୍ପାଦିତ ଖାଦ୍ୟର ଏକ ତୃତୀୟାଂଶ ନଷ୍ଟ ହୋଇଯାଉଛି। ନଷ୍ଟ ହେଉଥିବା ଖାଦ୍ୟ ଭିତରେ ମୁଖ୍ୟତଃ ଫଳ, ପନିପରିବା, ଦୁଗ୍ଧ ଓ ମାଂସ ଅନ୍ତର୍ଭୁକ୍ତ, ଯାହାର ପରିମାଣ ୧.୩ ବିଲିୟନ ଟନ୍ ହେବ ବୋଲି ଆକଳନ କରାଯାଉଛି। ଯେତିକି ଖାଦ୍ୟ ନଷ୍ଟ ହେଉଛି, ତାହା ପୁଷ୍ଟିକର ଖାଦ୍ୟ ପାଉନଥିବା ଲୋକଙ୍କୁ ଯୋଗାଇବା ପାଇଁ ଯଥେଷ୍ଟ ହୁଅନ୍ତା। ଅଥଚ ଏତେ ପରିମାଣର ଉନ୍ନତ ଖାଦ୍ୟ ନଷ୍ଟ ହେଲେ ମଧ୍ୟ ମଣିଷ ତାହା ପାଉପାରୁ ନାହିଁ। ବିଶେଷଜ୍ଞଙ୍କ ମତରେ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ବାଧକ ସାଜିଥିବା ଅନ୍ୟ କାରଣଟି ହେଉଛି, ବିଭିନ୍ନ ଖାଦ୍ୟ ସାମଗ୍ରୀର ଅତ୍ୟଧିକ ମୂଲ୍ୟବୃଦ୍ଧି। ଗରିବ ଲୋକ ଅଧିକ ଅର୍ଥ ଖର୍ଚ୍ଚ କରି ତାହା କିଣିବାକୁ ସକ୍ଷମ ହେଉନାହାନ୍ତି ଏବଂ ଭୋକ ଉପାସରେ ରହିବାକୁ ବାଧ୍ୟ ହେଉଛନ୍ତି। ଶସ୍ତା ଦରରେ ନିମ୍ନମାନର ଖାଦ୍ୟ ଖାଇବା ଫଳରେ ପୁଷ୍ଟିହୀନତା ବୃଦ୍ଧି ପାଉଛି। ମହିଳା ଓ ଶିଶୁମାନଙ୍କ ପାଇଁ ପୁଷ୍ଟିହୀନତା ଏକ ବଡ଼ ସମସ୍ୟା ରୂପେ ଦେଖାଦେଇଥିବାର ରିପୋର୍ଟରେ ଦର୍ଶାଯାଇଛି। ବିଶେଷକରି ଶିଶୁମାନଙ୍କ ପାଇଁ ଏହା ଅଧିକ କ୍ଷତିକାରକ ହେବାର ସମ୍ଭାବନା ରହିଛି। ପ୍ରାୟ ଅଢେଇ ବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ୍ ଯୁଦ୍ଧ ଫଳରେ ବିଶ୍ୱର ସମସ୍ତ ଦେଶରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ଅତିମାତ୍ରାରେ ବୃଦ୍ଧି ପାଇଛି। ଏହି ଦୁଇ ଦେଶ ସାରା ଦୁନିଆକୁ ଗହମ, ବାର୍ଲି, ମକା ଓ ସୂର୍ଯ୍ୟମୁଖୀ ତେଲ ଯୋଗାଇବାରେ ଅଗ୍ରଣୀ ଭୂମିକା ନେଇଥାନ୍ତି। ଉଭୟ ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଓ ଭୟଙ୍କର ଖାଦ୍ୟ ସଙ୍କଟ ଭବିଷ୍ୟତରେ ହିଂସା ଓ ଅରାଜକତାକୁ ଆମନ୍ତ୍ରଣ କରିଆଣିବା କିଛି ଅସମ୍ଭବ ନୁହେଁ। ତେଣୁ ନେଡ଼ି ଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ବିଭିନ୍ନ ଦେଶ ଏହାର ପ୍ରତିକାର ନିମନ୍ତେ ସୁଚିନ୍ତିତ ରଣନୀତି ଆପଣାଇବାକୁ ପଡ଼ିବ। ଏ କ୍ଷେତ୍ରରେ ଜାତିସଂଘ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାର ଯେ ଆବଶ୍ୟକତା ରହିଛି, ଏଥିରେ ସନ୍ଦେହ ନାହିଁ।

# ବଢୁଛି ଧନକୁବେରଙ୍କ ସଂଖ୍ୟା ଓ ସମ୍ପତ୍ତି



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ସାରା ବିଶ୍ୱରେ ଅରବପତି ବା ଧନକୁବେର ମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଧନକୁବେରମାନଙ୍କ ବୃଦ୍ଧି ହାରକୁ ଦେଖିଲେ ସ୍ପଷ୍ଟ ଯେ ଭାରତୀୟମାନେ ସବୁଠାରୁ ଆଗରେ ଅଛନ୍ତି। କିନ୍ତୁ ତଥାପି ଭାରତର କୋଟି କୋଟି ଲୋକଙ୍କୁ ସରକାର ଦେଉଥିବା ମାଗଣା ରାସନ (ଚାଉଳ, ଗହମ)ରେ ନିଜର ଭୋକ ମେଣ୍ଟାଇବାକୁ ପଡୁଛି। ଏହାକୁ ଦୁର୍ଭାଗ୍ୟ ବୋଲି କୁହାଯିବ ନା ଏହାକୁ ଆମ ନୀତି ନିର୍ମାତାମାନଙ୍କର ତ୍ରୁଟିର ଫଳ ବୋଲି କୁହାଯିବ? ଜାତିସଂଘ ପକ୍ଷରୁ ୨୦୨୪ର ରିପୋର୍ଟରେ କୁହାଯାଇଛି ଯେ ଭାରତର ୨୩.୪ କୋଟି ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। କୌଣସି ବ୍ୟକ୍ତିର ଆୟ ରାଷ୍ଟ୍ରୀୟ ଆୟ ତୁଳନାରେ ଯଦି ୬୦ ପ୍ରତିଶତ କମ୍ ତେବେ ସେହି ବ୍ୟକ୍ତି ଦାରିଦ୍ର୍ୟ ସୀମାରେଖା ତଳେ ରହିଛି ବୋଲି କୁହାଯାଏ। ଭାରତ ସରକାର ଦେଶର ଗରୀବଙ୍କ ପ୍ରସଙ୍ଗରେ କହୁଛନ୍ତି ଯେ ଦେଶରୁ ଗରୀବଙ୍କ ସଂଖ୍ୟା ୮୫ ପ୍ରତିଶତ କମିଯାଇଛି। ଏବେ ଦେଶରେ ମାତ୍ର ୫ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହୁଛନ୍ତି। ସରକାରଙ୍କ ପକ୍ଷରୁ ଦିଆଯାଉଥିବା ତଥ୍ୟ ଯଦି ଠିକ୍ ଓ ଯଦି ଦେଶରୁ ଗରୀବଙ୍କ ସଂଖ୍ୟା ୮୫ ପ୍ରତିଶତ କମିଯାଇଛି ତେବେ ଯେଉଁ ୮୧ କୋଟି ଲୋକଙ୍କ ସରକାର ମାଗଣାରେ ରାସନ ସାମଗ୍ରୀ ଯୋଗାଉଛନ୍ତି ସେମାନେ କିଏ? ସରକାର ଏତେ ଲୋକଙ୍କୁ ମାଗଣାରେ ରାସନ ସାମଗ୍ରୀ ଯୋଗାଉଛନ୍ତି କାହିଁକି? ଏଥିରୁ ସ୍ପଷ୍ଟ ଯେ ସରକାର ୮୫ ପ୍ରତିଶତ ଗରୀବଙ୍କ ସଂଖ୍ୟା କମିଯାଇଛି ବୋଲି ଯାହା କହୁଛନ୍ତି ତାହା ଠିକ୍ ନୁହେଁ। ଯଦି ସରକାର କହୁଥିବା କଥା ଠିକ୍ ତେବେ ଏତେ ଲୋକଙ୍କୁ ମାଗଣାରେ ରାସନ ସାମଗ୍ରୀ ଦେବାର ଯଥାର୍ଥତା କ'ଣ ରହିଛି?

ସାରା ବିଶ୍ୱରେ ଯେଉଁଭଳି ଧନକୁବେରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ସେଇ ଅନୁପାତରେ ଭାରତର ସ୍ଥାନ ଶୀର୍ଷରେ ରହିଛି। ୟୁବିଏସ୍‌ର ଏକ ରିପୋର୍ଟ ଏଇ କିଛିଦିନ ତଳେ ପ୍ରକାଶ ପାଇଛି। ୟୁବିଏସ୍‌ର ଏହି ରିପୋର୍ଟ ଅନୁସାରେ ଚୀନରେ ଧନକୁବେରମାନଙ୍କ ସମ୍ପତ୍ତି ବାର୍ଷିକ ୨୦ପ୍ରତିଶତ ହାରରେ ବୃଦ୍ଧି ପାଉଥିଲା। ବିଗତ ୫ବର୍ଷରେ ଏହା ୫ ପ୍ରତିଶତ କମିଛି। ୨୦୨୦ରୁ ୨୦୨୪ ମଧ୍ୟରେ ଆମେରିକାର ଧନକୁବେରମାନଙ୍କ ସମ୍ପତ୍ତି ୫୮.୫ ପ୍ରତିଶତ ହାରରେ ବୃଦ୍ଧି ପାଇଛି। କିନ୍ତୁ ଭାରତରେ ଧନକୁବେରଙ୍କ ସଂଖ୍ୟା ଯେଉଁ ହାରରେ ବଢ଼ିଛି ତାହାକୁ ଦେଖି ସାରା ବିଶ୍ୱରେ ଦେଶମାନେ ଆଶ୍ଚର୍ଯ୍ୟ ହେଉଛନ୍ତି। ବିଗତ ୧୦ ବର୍ଷ ମଧ୍ୟରେ ଭାରତର ଧନ କୁବେରମାନଙ୍କ ସମ୍ପତ୍ତି ୩ଗୁଣ ବଢ଼ି ୭୭ଲକ୍ଷ କୋଟିରୁ ୨୦୩ ଲକ୍ଷ କୋଟିରେ ପହଞ୍ଚିଛି। ୧୦ ବର୍ଷ ମଧ୍ୟରେ ଭାରତର ଧନକୁବେରଙ୍କ ସଂଖ୍ୟା ୮୩ରୁ ବଢ଼ି ୧୮୫ରେ ପହଞ୍ଚିଛି। ଏହା ଏକ ରେକର୍ଡ ନିଶ୍ଚୟ। ଭାରତର ଶେୟାର ବଜାରର ଭୂମିକା ଏ ଦିଗରେ ଅଧିକ ରହିଛି। ୨୦୧୭ରେ କ୍ରେଡିଟ ସୁଇସ ପକ୍ଷରୁ ଯେଉଁ ତଥ୍ୟ ପ୍ରକାଶ ପାଇଥିଲା ତଦନୁସାରେ ଭାରତରେ ବିଜିନେସଷ୍ଟକ ଏକ୍ସଚେଞ୍ଜରେ ଯେଉଁ ୫୦୦ ଶୀର୍ଷ ପଞ୍ଜିକୃତ କମ୍ପାନୀ ଥିଲେ ସେମାନଙ୍କ ସମ୍ପତ୍ତି ତ୍ୱରିତ ଗତିରେ ବୃଦ୍ଧି ପାଇଥିଲା। ଭାରତୀୟ ଶେୟାର ବଜାର ବିଗତ ବର୍ଷ ମାନଙ୍କରେ ରେକର୍ଡ ସୃଷ୍ଟି କରିଥିଲା। ଏହା ସାରା ବିଶ୍ୱକୁ ହତଚକିତ କରି ଦେଇଥିଲା।

ଚୀନରେ ବିଗତ ୫ବର୍ଷ ମଧ୍ୟରେ ଧନକୁବେରଙ୍କ ସଂଖ୍ୟା ୧୬ ପ୍ରତିଶତ କମିଛି। ଚୀନ ସରକାର ତାଙ୍କ ଦେଶର ଗରିବ ଓ ମଧ୍ୟବର୍ଗଙ୍କ ସ୍ଥିତିକୁ ସୁଧାରିବାପାଇଁ କେତେକ ନିୟମରେ ପରିବର୍ତ୍ତନ କରିଛନ୍ତି, ଏହାର ପରିଣାମ ମଧ୍ୟ ଚୀନରେ ଦେଖିବାକୁ ମିଳୁଛି। ଆମେରିକାର ଧନକୁବେରମାନେ ମଧ୍ୟ ଭାରତର ଧନକୁବେରମାନଙ୍କ ମୁକାବିଲା କରିପାରୁ ନାହାନ୍ତି। ବିଗତ ୫ବର୍ଷ ମଧ୍ୟରେ ଆମେରିକାର ଧନକୁବେରମାନଙ୍କ ସମ୍ପତ୍ତି ୫୮.୫ ପ୍ରତିଶତ ବଢ଼ିଥିବା ବେଳେ ୟୁରୋପରେ କେତେକ ଦେଶରେ ଧନକୁବେରଙ୍କ ସଂଖ୍ୟାର ବୃଦ୍ଧିହାର କମ୍ ରହିଛି। କିନ୍ତୁ ଭାରତରେ ସଂଖ୍ୟା ଓ ସମ୍ପତ୍ତି ଉଭୟର ବୃଦ୍ଧି ହାର ବଢ଼ିଚାଲିଛି। ସାରା ବିଶ୍ୱର ଧନକୁବେରମାନଙ୍କ ମୋଟ ସମ୍ପତ୍ତି ୨୦୧୫ରେ ୫୩୩.୫ ଲକ୍ଷ କୋଟି ଥିଲା। ୨୦୨୪ ବେଳକୁ ଏହା ବୃଦ୍ଧି ପାଇ ୧୧୮୫ଲକ୍ଷ କୋଟିରେ ପହଞ୍ଚି ଯାଇଛି। ବିଶ୍ୱର ୧୮୫ ଧନକୁବେରଙ୍କର ସମ୍ପତ୍ତି ଯେତିକି ଭାରତର ୧୦୨ ଧନକୁବେର ଶିଳ୍ପ ପତିଙ୍କ ସମ୍ପତ୍ତି ମଧ୍ୟ ସେତିକି ବୋଲି ଜଣାପଡ଼ିଛି। ପୁଞ୍ଜିବାଦର ଏହି ଯୁଗରେ ଭାରତରେ ଧନକୁବେରମାନଙ୍କର ସମ୍ପତ୍ତି ଏବଂ ଆୟ ଅଧିକ ଭାବେ ବଢ଼ିଛି।

ଭାରତରେ ଧନକୁବେରମାନଙ୍କ ସଂଖ୍ୟା ଓ ସମ୍ପତ୍ତି ବଢ଼ିଛି କିନ୍ତୁ ଏମାନେ ସବୁଠାରୁ କମ୍ ଟିକସ୍ ସରକାରଙ୍କୁ ଦେଇଥାନ୍ତି। ବିଗତ ୧୦ ବର୍ଷ ମଧ୍ୟରେ ମଧ୍ୟମ ବର୍ଗ ଓ ଗରୀବଙ୍କ ଉପରେ ଟିକସ ଓ ଅନ୍ୟ ଶୁଳ୍କ ବଢ଼ାଇ ଦିଆଯାଇଛି। ଭାରତର ମଧ୍ୟମବର୍ଗ ଏବଂ ଗରୀବ ବର୍ଗଙ୍କ ଆୟ କମିବାରେ ଲାଗିଛି। ଏହି କାରଣରୁ ଅସମାନତା, ସାମାଜିକ ଅବ୍ୟବସ୍ଥା ବଢ଼ିବାରେ ଲାଗିଛି। ବିଗତ ୧୦ ବର୍ଷ ମଧ୍ୟରେ ଭାରତରେ ଧନୀ ଓ ଗରୀବଙ୍କ ମଧ୍ୟରେ ଖାଇ ବଢ଼ିବାରେ ଲାଗିଛି। ଭାରତର ପରିଚୟ ଏକ ସମାଜବାଦୀ ଦେଶ ଭାବରେ ଥିଲା କିନ୍ତୁ ପୁଞ୍ଜିବାଦ ଏବଂ ସାମ୍ୟବାଦରର ମିଶ୍ରଣ ଥିଲା। କିନ୍ତୁ ବିଗତ ୧୦ବର୍ଷ ମଧ୍ୟରେ ଭାରତବର୍ଷ ପୁଞ୍ଜିବାଦ ବ୍ୟବସ୍ଥା ବଢ଼ିଛି। ଭାରତୀୟ ଅର୍ଥବ୍ୟବସ୍ଥା ପୁଞ୍ଜିବାଦକୁ ଅସମାନ ପ୍ରକ୍ରିୟାରେ ବଢ଼ିବାର ସୁଯୋଗ ଦେଉଛି। ଧନକୁବେରଙ୍କ ସମ୍ପତ୍ତି ଓ ଆୟ ବଢ଼ିବା, ମଧ୍ୟମବର୍ଗ ଓ ଗରୀବଙ୍କ ଆୟ ବ୍ୟୟ ତୁଳନାରେ କମିବା ଭାରତ ପାଇଁ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି।

ଭାରତରେ ବେରୋଜଗାରୀ ହାର ବଢ଼ିଛି ଏବଂ ଦରଦାମ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ମଧ୍ୟମବର୍ଗ ଏବଂ ନିମ୍ନବର୍ଗଙ୍କ ଉପରେ ଋଣର ବୋଝ ବଢ଼ିବାରେ ଲାଗିଛି ଏବଂ ଏମାନଙ୍କର ସଞ୍ଚୟ ହାର କମିଛି। ଏହାର ବିପରୀତ ସବୁ ବ୍ୟବସାୟ ସରକାରୀ ନୀତି କାରଣରୁ କର୍ପୋରେଟ କମ୍ପାନୀମାନଙ୍କ ହାତକୁ ଚାଲିଯାଉଛି।

ଭାରତରେ ସମ୍ପତ୍ତି କରଶୂନ୍ୟ ଅଟେ ଏବଂ ପୁଞ୍ଜିଗତ ଲାଭକର ଆମେରିକା ତୁଳନାରେ କମ୍ ଅଟେ। ଭାରତର ଟିକସ ବା କର ପ୍ରଣାଳୀ ଧନକୁବେରଙ୍କୁ ଅଧିକ ସୁହାଉଛି। ଉଦାହରଣ ହେଉଛି କୋରେନା ମହାମାରୀ ସମୟରେ ମୋଦୀ ସରକାର କର୍ପୋରେଟ ଟିକସ ହାର କମାଇ ଦେଇଥିଲେ। ଏହି କାରଣରୁ ସରକାରଙ୍କର ୧୮.୪ ଖରବ ଟଙ୍କା କ୍ଷତି ହୋଇଥିଲା। ଭାରତର ଧନକୁବେରମାନଙ୍କ ଉପରେ ସ୍ୱତନ୍ତ୍ର ଟିକସ ଲଗାଯିବା ପାଇଁ ଥିବା ପ୍ରସ୍ତାବ ଲମ୍ବିତ ହୋଇ ପଡିରହିଛି। ଅକ୍ସଫୋମ ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରେ ଏଥିପାଇଁ ଚିନ୍ତା ପ୍ରକାଶ କରାଯାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ କର୍ପୋରେଟ ଏବଂ ଏକାଧିକାର ଶକ୍ତି ଏକ ନିରନ୍ତର ଅସମାନତା ସୃଷ୍ଟି କରୁଥିବା ମେସିନ। ଭାରତର ଅସଲ ସମସ୍ୟା ହେଉଛି ଆର୍ଥିକ ଅସମାନତା ଏବଂ ବେରୋଜଗାରୀ। ମୋଦୀ ସରକାର ବେରୋଜଗାରୀ ସୃଷ୍ଟି କରୁଥିବା ବିକାଶ ମଡ଼େଲକୁ ଆପଣେଇ ନେଇଛି। ମୋଦୀ ସରକାର ଯଦି ଧନକୁବେର ମାନଙ୍କ ଉପରେ ଟିକସ ବସାଇ ଅଧିକ ସଂସାଧନ ଜୁଟାଇ ସେହି ଅର୍ଥ ରୋଜଗାର ସୃଜନ ଏବଂ ବଞ୍ଚିତଙ୍କ ଆୟ ବୃଦ୍ଧି ପାଇଁ ଯୋଜନା ବାବଦରେ ବ୍ୟୟ କରିପାରନ୍ତେ ତେବେ ଭାରତର ମୂଳ ସମସ୍ୟା ଅନେକାଂଶରେ ସମାଧାନ ହୋଇ ପାରନ୍ତା।

## ନୀତିବାଣୀ



କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଭାଷା ଆନ୍ଦୋଳନର ଅନ୍ୟତମ ବିନ୍ଧାଣୀ : ଫକୀରମୋହନ ସେନାପତି



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

୧୮୪୩ ମସିହା ପବିତ୍ର ମକର ସଂକ୍ରାନ୍ତି ଅବସରରେ ଜନ୍ମଗ୍ରହଣ କରିଥିଲେ ଓଡ଼ିଶା ମାଟିର ଅନ୍ୟତମ ବରପୁତ୍ର ଫକୀର ମୋହନ ସେନାପତି। ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ଗାଁର ଲକ୍ଷଣ ଚରଣ ସେନାପତି ଓ ତୁଳସୀ ଦେବୀଙ୍କ ଔରସରୁ ଜନ୍ମିତ ଫକୀର ମୋହନ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଦେଇ ଯାଇଥିବା ଅବଦାନ ଚିରସ୍ମରଣୀୟ। ଓଡ଼ିଆ ଭାଷା ଅସ୍ତିତ୍ୱ ରକ୍ଷା କରିବା ଲାଗି ସଂଘର୍ଷ କରୁଥିବାବେଳେ ନିଜର ଅମର ଲେଖନୀ ଚାଳନା କରି ଫକୀର ମୋହନ ଭାଷା ଓ ଜାତିର ଉଦ୍ଧାର କରିଥିଲେ। ମଧୁବାବୁ, ଗୋପବନ୍ଧୁ ଓ କବିବରଙ୍କ ସହ ମିଶି ସେ ଓଡ଼ିଆ ଭାଷା ଆନ୍ଦୋଳନକୁ ସଫଳ କରାଇପାରିଥିଲେ। ଫକୀର ମୋହନ ଥିଲେ ପ୍ରଥମ ଓଡ଼ିଆ କ୍ଷୁଦ୍ର ଗଳ୍ପ 'ରେବତୀ'ର ଲେଖକ। ଖୁବ୍ ପିଲାବେଳୁ ପିତାମାତାଙ୍କୁ ହରାଇଥିବା ଫକୀରମୋହନ ଅର୍ଥାଭାବରୁ ଅଧାରୁ ପାଠପଢ଼ା ଛାଡ଼ିଥିଲେ। ତାଙ୍କ ଶରୀର ସବୁବେଳେ ଅସୁସ୍ଥ ରହୁଥିଲା।



ଜେଜେମା'ଙ୍କ ଲାଳନପାଳନରେ ତାଙ୍କର ପିଲାଦିନ କଟିଥିଲା। ମାଇନର ପାସ୍ କରି ବାଲେଶ୍ୱରର ବାରବାଟୀ ସ୍କୁଲରେ ପାଠପଢ଼ା ଜାରି ରଖିଥିବାବେଳେ ତାଙ୍କୁ ଅଧାରୁ ପାଠପଢ଼ା ଛାଡ଼ିବାକୁ ପଡ଼ିଥିଲା। ତେବେ ନିଜର ଅସାଧାରଣ ପ୍ରତିଭା ଯୋଗୁଁ ଫକୀରମୋହନଙ୍କୁ ସେହି ସ୍କୁଲରେ ମାସିକ ୨ଟଙ୍କା ୫୦ ପଇସା ଦରମାରେ ଚାକିରି କରିବାର ସୁଯୋଗ ମିଳିଲା। ଓଡ଼ିଆ, ବଙ୍ଗଳା, ଇଂରାଜୀ ଭାଷାରେ ଅସାଧାରଣ ଦକ୍ଷତା ଥିବା ଫକୀର ମୋହନ 'ଛମାଣ ଆଠ ଗୁଣ୍ଠ', 'ମାମୁଁ', 'ଲଛମା' ଭଳି କାଳଜୟୀ ଉପନ୍ୟାସ ରଚନା କରି ଯାଇଛନ୍ତି। 'ପେଟେଣ୍ଟ ମେଡ଼ିସିନ୍', 'ଡାକ୍ ମୁନସୀ', 'ରାଣ୍ଡି ପୁଅ ଅନନ୍ତା' ଭଳି କ୍ଷୁଦ୍ର ଗଳ୍ପ ତାଙ୍କ ଅମର କୀର୍ତ୍ତିର ଗାଥା ବହନ କରିଥାଏ। ବାଲେଶ୍ୱର ସ୍ଥିତ ବାରବାଟୀ ସ୍କୁଲରେ ତାଙ୍କ ଅଧ୍ୟୟନ ଆରମ୍ଭ ହୋଇଥିଲା। କିନ୍ତୁ ଆର୍ଥିକ ଦୂରାବସ୍ଥା ଯୋଗୁଁ ପଢ଼ା ଛାଡ଼ି ସେହି ସ୍କୁଲରେ ମାସିକ ୨ଟଙ୍କା ୫୦ ପଇସା ଦରମାରେ ଶିକ୍ଷକତା କରିଥିଲେ। ପରେ ବାଲେଶ୍ୱର ମିଶନ୍ ସ୍କୁଲରେ ଶିକ୍ଷକତା କରିଥିଲେ। ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ବଙ୍ଗଳା ଭାଷାରେ ଦକ୍ଷତା ଯୋଗୁଁ ବୁଦ୍ଧିଜୀବୀ ମହଲରେ ସେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ। ୧୮୯୬ରୁ ୧୯୦୫ ପର୍ଯ୍ୟନ୍ତ କଟକର ବିଭିନ୍ନ ସାହିତ୍ୟିକ ଅନୁଷ୍ଠାନରେ ଫକୀରମୋହନ ଅଂଶଗ୍ରହଣ କରିଥିଲେ। ତାଙ୍କ ପାରିବାରିକ ଜୀବନ ଅତ୍ୟନ୍ତ କଷ୍ଟଦାୟକ ଥିଲା। ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ସେ ପୁନର୍ବାର ବିବାହ କରିଥିଲେ। ତାଙ୍କୁ ଓଡ଼ିଆ ଉପନ୍ୟାସ ସାହିତ୍ୟର ସ୍ରଷ୍ଟା କୁହାଯାଏ। ୧୯୧୮ ଜୁନ୍ ୧୪ରେ ଏହି ସାରସ୍ୱତ ସ୍ରଷ୍ଟାଙ୍କ ପରଲୋକ ହୋଇଥିଲା। ୧୮୬୮ରେ ସେ ନିଜସ୍ୱ ଚେଷ୍ଟା ବଳରେ ଉତ୍କଳ ପ୍ରେସ୍ ନାମକ ଛାପାଖାନା ବାଲେଶ୍ୱରରେ ପ୍ରତିଷ୍ଠା କରିଥିଲେ। 'ବୋଧଦାୟିନୀ. 'ନବସମ୍ବାଦ', 'ସମ୍ବାଦବାହିକା' ଭଳି ପତ୍ରିକା ପ୍ରକାଶିତ କରି ସେ ଜାତୀୟତା ଏବଂ ଭାଷା ଆନ୍ଦୋଳନକୁ ଉଜ୍ଜିବୀତ କରି ରଖିଥିଲେ। ୧୮୬୮ରେ ବାଲେଶ୍ୱର ଠାରେ ଉତ୍କଳ ପ୍ରେସ୍ ନାମରେ ଏକ ଛାପାଖାନା ପ୍ରତିଷ୍ଠା କରିଥିଲେ। ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁରସ୍ଥିତ ଏକ ଖଣ୍ଡାୟତ ପରିବାରରେ ୧୮୪୩ ପବିତ୍ର ମକର ସଂକ୍ରାନ୍ତି ତିଥିରେ ଜନ୍ମ ଗ୍ରହଣ କରିଥିଲେ ଫକୀରମୋହନ ସେନାପତି। ସେଥିପାଇଁ ତାଙ୍କୁ ସଂକ୍ରାନ୍ତି ପୁରୁଷ କୁହାଯାଏ।

# ମକର ସଂକ୍ରାନ୍ତି : ଆରମ୍ଭ ହେଲା ଦେବତାଙ୍କ ଦିନ



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ସହ-ପ୍ରତିରକ୍ଷିକ ଓ ବିଭାଗୀୟ ମୁଖ୍ୟ
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ସଂସାରର ସବୁ ସଂସ୍କୃତିରେ ସୂର୍ଯ୍ୟଙ୍କୁ ଆଲୋକ ଓ ଶକ୍ତିର ଦେବତା ଭାବରେ ଗ୍ରହଣ କରାଯାଏ। ଧର୍ମ ଓ ବିଜ୍ଞାନ ଉଭୟ ସୂର୍ଯ୍ୟଙ୍କ ମହତ୍ତ୍ୱକୁ ସ୍ୱୀକାର କରନ୍ତି। ମକର ସଂକ୍ରାନ୍ତିରେ ପ୍ରୟାଗର ତ୍ରିବେଣୀ ସଙ୍ଗମ ଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ସ୍ନାନ କରି ଅନୁଚିତ ଚିନ୍ତା ଛାଡ଼ି ସତ୍‌ମାର୍ଗରେ ଚାଲିବାର ସଂକଳ୍ପ ନିଅନ୍ତି। ବିଶ୍ୱାସ କରାଯାଏ, ଏହି ଦିନ ଠାରୁ ପୃଥିବୀର ସବୁ ତୀର୍ଥ ପ୍ରୟାଗ ଆସନ୍ତି। ଉତ୍ତରାୟଣ ସୂର୍ଯ୍ୟ ଆମକୁ ଦୃଢ଼ ସଂକଳ୍ପବାନ ଓ କର୍ମଯୋଗୀ ହେବାର ପ୍ରେରଣା ଦିଅନ୍ତି। ଧର୍ମଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟ ଦକ୍ଷିଣାୟନ ହେଲେ ସବୁ ଶୁଭ କାର୍ଯ୍ୟ ବର୍ଜିତ ହୁଏ। ଉତ୍ତରାୟଣ ଠାରୁ ସବୁ ଶୁଭ କାର୍ଯ୍ୟ ଆରମ୍ଭ ହେବ। ଏ ବର୍ଷ ସୂର୍ଯ୍ୟ ଉତ୍ତରାୟଣ ହେବା ପରେ ଦେଶ ଦୁନିଆ ଉପରେ ସୂର୍ଯ୍ୟଙ୍କର ଶୁଭ ପ୍ରଭାବ ପଡ଼ିବ। ସୂର୍ଯ୍ୟଙ୍କର ଶୁଭ ପ୍ରଭାବରେ ଦେଶର ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ଦେଶର ଅଗ୍ରଗତି ହେବ। ମୂଲ୍ୟବାନ ଧାତୁର ଚାହିଦା ବଢ଼ିବ। ବ୍ୟବସାୟ ବାଣିଜ୍ୟ ବଢ଼ିବ, କେତେକ ଦେଶରେ କ୍ଷମତା ପରିବର୍ତ୍ତନ ହୋଇପାରେ। ଅଧିକାଂଶ ଶୁଭଫଳ ପ୍ରଦାନ କରିବ। ତେବେ ସରକାର, ପ୍ରଶାସନ ଏବଂ ଜନତା ମଧ୍ୟରେ ବିରୋଧ ବଢ଼ିବାରେ ସମ୍ଭାବନା ରହିଛି। ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ। ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ଯୋଗୁଁ ମନୁଷ୍ୟ ମନରେ ମଧ୍ୟ ପରିବର୍ତ୍ତନ ଆସେ। ସମସ୍ତେ ମିଳିମିଶି ରୁହନ୍ତୁ, ସମସ୍ତଙ୍କ ଜୀବିକା ନିର୍ବିଘ୍ନରେ ଚାଲୁ, ସମସ୍ତେ ଶକ୍ତିମାନ ହୁଅନ୍ତୁ, ସତ୍‌କର୍ମରୁ ଆମକୁ ଶକ୍ତି ମିଳୁ - ଏହା ମକର ସଂକ୍ରାନ୍ତିର ସନ୍ଦେଶ।

ମକର ସଂକ୍ରାନ୍ତିର ଗୋଟିଏ ଦିନ ପୂର୍ବରୁ ବସନ୍ତ ପୂର୍ବର ଉତ୍ସବ ଲୋହଡି ଉତ୍ତର-ଭାରତ ବିଶେଷକରି ପଞ୍ଜାବରେ ପାଳନ କରାଯାଏ। ମକର ସଂକ୍ରାନ୍ତି ଦିନ ତାମିଲ ହିନ୍ଦୁମାନେ ପୋଙ୍ଗଲ ପର୍ବ ମନାନ୍ତି। ସମଗ୍ର ଦକ୍ଷିଣ ଭାରତୀୟଙ୍କ ପାଇଁ ଏହା ସବୁଠାରୁ ବଡ଼ ପର୍ବ। ଆସାମରେ ବିହୁ ଭାବରେ ପାଳନ କରାଯାଏ ମକର ସଂକ୍ରାନ୍ତି। ଭାରତର ବିଭିନ୍ନ ପ୍ରଦେଶରେ ମକର ସଂକ୍ରାନ୍ତି, ଏହାର ପର୍ବ ଓ ପରଦିନରେ ନାନା ପର୍ବ ପାଳନ କରାଯାଏ। ସୂର୍ଯ୍ୟଙ୍କ ଗତି ସହ ସମ୍ପର୍କ ଥିବା ଯୋଗୁଁ ଏହି ପର୍ବ ଋତୁଚକ୍ର ଓ ଫସଲ ସହ ଜଡ଼ିତ। ସାରା ଭାରତରେ ଏହା ବିଭିନ୍ନ ରୂପରେ ମନାଯାଏ। ଦକ୍ଷିଣାୟନକୁ ଦେବତାମାନଙ୍କ ରାତି ଅର୍ଥାତ୍ ନକାରାତ୍ମକତା ଓ ଉତ୍ତରାୟଣକୁ ଦେବତାମାନଙ୍କ ଦିନ ଅର୍ଥାତ୍ ସକାରାତ୍ମକତାର ପ୍ରତୀକ ଭାବରେ ଗ୍ରହଣ କରାଯାଏ। ଅନ୍ୟ ଅର୍ଥରେ କୁହାଯାଇପାରେ ଦକ୍ଷିଣାୟନରେ ରାତି ସୁଖଦ ହୁଏ, ଉତ୍ତରାୟଣରେ ଦିନ ଭଲ ହୁଏ। ବୈଦିକ ଯୁଗରେ ଉତ୍ତରାୟଣକୁ ଦେବାୟନ ଓ ଦକ୍ଷିଣାୟନକୁ ପିତୃୟାନ କୁହାଯାଉଥିଲା। ବିଶ୍ୱାସ କରାଯାଏ ପୁଣ୍ୟବାନ ଆତ୍ମାମାନେ ସ୍ୱର୍ଗରେ ମଧ୍ୟ ଏହି ଦିନରେ ପ୍ରବେଶ କରନ୍ତି। ତେଣୁ ଏହା ଆଲୋକର ପର୍ବ। ମକର ସଂକ୍ରାନ୍ତି ଦିନ ସାରା ଦେଶରେ ଗୁଡ଼ିଉଡା ଆରମ୍ଭ କରାଯାଏ। ଭାରତୀୟ ସଂସ୍କୃତି ପଞ୍ଚଦେବତାଙ୍କ ପୂଜାକୁ ଗୁରୁତ୍ୱ ଦିଆଯାଏ। ଶିବ, ବିଷ୍ଣୁ, ଗଣପତି, ଆଦ୍ୟାଶକ୍ତି ଓ ସୂର୍ଯ୍ୟ ଏହି ପଞ୍ଚଦେବତା। ପଞ୍ଚଦେବତାଙ୍କ ପୂଜା, ଉପାସନା, ଆରାଧନା ଓ ଜପ ଦ୍ୱାରା ସାଧକଙ୍କୁ ଲୌକିକ - ପରଲୌକିକ, ନୈତିକ - ଆଧ୍ୟାତ୍ମିକ ସମସ୍ତ ପ୍ରକାର ଲାଭ ମିଳେ। ମକର ସଂକ୍ରାନ୍ତିରେ ନୂତନ ସଂକଳ୍ପ ମଧ୍ୟ ନିଆଯାଏ। ମହାଭାରତ ଯୁଦ୍ଧ ପରେ ପିତାମହ ଭୀଷ୍ମ ଶରଶଯ୍ୟାରେ ରହି ୫୮ଦିନ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ ଉତ୍ତରାୟଣକୁ ଅପେକ୍ଷା କରିଥିଲେ। ସୂର୍ଯ୍ୟ ଆତ୍ମଦେବର ପ୍ରତୀକ ଅର୍ଥାତ୍ ଆମ ଆତ୍ମାର ଯେଉଁ ଦେବତ୍ୱ ନିହିତ ଅଛି ତାହାର ପ୍ରତୀକ। ସୂର୍ଯ୍ୟ ଜ୍ଞାନଶକ୍ତି ଓ ତେଜର ପ୍ରତୀକ। ସେ ସାରା ସଂସାରକୁ ପ୍ରକାଶିତ କରନ୍ତି। ମକର ସଂକ୍ରାନ୍ତି ନିଜ ଭିତରେ ଏହି ଚେତନାକୁ ବିକଶିତ କରିବାର ପର୍ବ। ଆମ ଭିତରେ, ଆମ ଆତ୍ମାରେ ଯେଉଁ ସୂର୍ଯ୍ୟ ଅଛନ୍ତି, ତାଙ୍କ ତେଜ ପ୍ରଖର କରିବାର ଏହା ପର୍ବ। ସୂର୍ଯ୍ୟ ଯେମିତି ବାଦଲରେ ଢ଼ାଙ୍କି ହୋଇଯାଆନ୍ତି, ସେମିତି ଆମର ଆତ୍ମା ମଧ୍ୟ କାମ, କ୍ରୋଧ ଓ ଅହଂକାରରୂପୀ ବାଦଲରେ ଆଚ୍ଛାଦିତ ହୋଇ ରୁହେ। ସୂର୍ଯ୍ୟ ବାଦଲ ମଧ୍ୟରୁ ପୁନଃ ପ୍ରକାଶିତ ହେବା ପରି ଆମେ ନିଜ ଆତ୍ମାର ତେଜ ବିକାଶ କରିବା ଉଚିତ୍। ଯେମିତିକି ନିରାଶଜନକଙ୍କ ମନରେ ମଧ୍ୟ ଉତ୍ସାହ ଓ ଆନନ୍ଦ ଭରିଯିବ। ତେଣୁ ମନକୁ ବିକାରମୁକ୍ତ କରିବା ପାଇଁ ଆମେ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରିବା ଉଚିତ। ମକର ସଂକ୍ରାନ୍ତି ବେଳକୁ ଓଡ଼ିଶାରେ ଧାନ, ଆଖୁ ଆଦି ନୂଆ ଫସଲ ଅମଳ ହୋଇଥାଏ। ଆଜିର ଦିନରେ ଓଡ଼ିଶାର ଲୋକମାନେ 'ମକର ଚାଉଳ' କରିଥାନ୍ତି। ଏହାର ବୈଶିଷ୍ଟ ହେଲା ଅରୁଆ ଚାଉଳ, ନୂଆ ଗୁଡ଼, ଛେନା, କଦଳୀ, ଘିଅ, କ୍ଷୀର ଆଦି ଦେବାଦେବୀଙ୍କ ନିକଟରେ ଭୋଗ ଲାଗି କରାଯାଏ। ଏହି ଭୋଗକୁ ଆନନ୍ଦରରେ ସାଙ୍ଗସାଥୀ ଏବଂ ପଡ଼ୋଶୀଙ୍କୁ ବଣ୍ଟାଯାଇଥାଏ।

ଭାରତୀୟ ପରମ୍ପରା ମହାନ ପର୍ବ ହେଉଛି ମକର ସଂକ୍ରାନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ଏହି ପର୍ବକୁ ଭିନ୍ନ ଭିନ୍ନ ଢ଼ଙ୍ଗରେ ପାଳନ କରାଯାଇଥାଏ। ପୌଷ ମାସର ଏହି ସଂକ୍ରାନ୍ତି ତିଥିରେ ସୂର୍ଯ୍ୟ ଉତ୍ତରାୟଣ ହୋଇ ମକର ରାଶିରେ ପ୍ରବେଶ କରିଥାନ୍ତି। ଏଥିସହିତ ଦେବତାମାନଙ୍କ ଦିନ ଏବଂ ପିତୃପୁରୁଷଙ୍କ ରାତ୍ରି ଆରମ୍ଭ ହୋଇଥାଏ। ମକର ସଂକ୍ରାନ୍ତି ପରଠାରୁ ସମସ୍ତ ପ୍ରକାରର ମାଙ୍ଗଳିକ କାର୍ଯ୍ୟ, ଯଜ୍ଞୋପବୀତ, ବିବାହବ୍ରତ, ଗୃହପ୍ରବେଶ ଆଦି ଅନୁଷ୍ଠିତ ହୋଇଥାଏ। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ପୃଥିବୀବାସୀଙ୍କ ପାଇଁ ବରଦାନ ସଦୃଶ। ସମସ୍ତ ଦେବୀ ଦେବତା, ଯକ୍ଷ, ଗନ୍ଧର୍ବ, ନାଗ, କିନ୍ନର ଆଦି ଏହି ଅବଧିରେ ତୀର୍ଥରାଜ ପ୍ରୟାଗରେ ଏକତ୍ରିତ ହେବା ସହ ସଂଗମ ତଟରେ ସ୍ନାନ କରିଥାନ୍ତି। ଏହି ସମୟରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ସେମାନଙ୍କୁ ମୁକ୍ତି ମିଳିଥାଏ। ପ୍ରାତଃ କାଳରୁ ଉଠି ସ୍ନାନ କରିବା ସହ ସୂର୍ଯ୍ୟ ଦେବଙ୍କ ପୂଜା କଲେ ମନୁଷ୍ୟର ସମସ୍ତ ଗ୍ରହ ଦୋଷ ଖଣ୍ଡିତ ହୋଇଥାଏ। ମକର ସଂକ୍ରାନ୍ତିର ପର୍ବକୁ ଭାରତର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ଢ଼ଙ୍ଗରେ ପାଳନ କରାଯାଉଥିଲେ ମଧ୍ୟ ସବୁଆଡ଼େ ଗୋଟିଏ ଉଦ୍ଦେଶ୍ୟ ନେଇ ଏହି ପର୍ବ ପାଳିତ ହୁଏ। ଆସାମରେ ଲୋକମାନେ ଏହି ଦିନକୁ ମାଘ ବିହୁ କୁହନ୍ତି। ପଞ୍ଜାବ, ହରିଆନା, ହିମାଚଳ ପ୍ରଦେଶରେ ମାଘି ନାମରେ ଏହି ପର୍ବ ପାଳିତ ହୁଏ। ସାରା ଦେଶରେ ଏହା ମକର ସଂକ୍ରାନ୍ତି ନାମରେ ପାଳିତ ହେଉଥିବାବେଳେ ଉତ୍ତରାଖଣ୍ଡ, ଗୁଜୁରାଟ ଓ ରାଜସ୍ଥାନ ଏହାକୁ ଉତ୍ତରାୟଣ ନାମରେ ପାଳନ କରାଯାଇଥାଏ। ଦକ୍ଷିଣ ଭାରତରେ ଏହି ପୋଙ୍ଗଲ ନାମରେ ପ୍ରସିଦ୍ଧ। ତାମିଲ ନୂଆ ବର୍ଷ ପୋଙ୍ଗଲ ଠାରୁ ଆରମ୍ଭ ହୋଇଥାଏ। ଦେଶବ୍ୟାପୀ ଗୁଡ଼ି ଉଡା ଉତ୍ସବ ମଧ୍ୟ ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇଥାଏ। ସେହି ଅନୁଯାୟୀ ଆମ ଦେଶରେ ମକର ସଂକ୍ରାନ୍ତି ଅବସରରେ ପିତା ମାତା ଏବଂ ଗୁରୁଜନଙ୍କ ପୂଜା କରାଯାଇଥାଏ। ମକର ସଂକ୍ରାନ୍ତିରେ ଧାର୍ମିକ ଏବଂ ସାମାଜିକ କର୍ମର ବିଶେଷ ମହତ୍ତ୍ୱ ରହିଛି। ସ୍ନାନ, ଦାନ ଆଦି କାର୍ଯ୍ୟ ପାଇଁ ଏହି ତିଥି ପରମ ଲାଭକାରୀ।

# ଗୁଡ଼ି ଉଡ଼ା ପରମ୍ପରା ଓ ପ୍ରଭୁ ଶ୍ରୀରାମଚନ୍ଦ୍ର



ଡା. ଦିଲ୍ଲୀପ କୁମାର ମହାରଣା
ଶିଖରପୁର ଉପରସାହି, କଟକ
ମୋ: ୮୨୮୦୯୬୩୨୮୩

ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ସୂର୍ଯ୍ୟ ନାରାୟଣଙ୍କ ସ୍ତୁତି କରି ଅନ୍ଧକାରରୁ ଆଲୋକ ଆଡ଼କୁ ଯିବା ଲାଗି ଏହି ପର୍ବ ପ୍ରେରଣା ପ୍ରଦାନ କରିଥାଏ। ଏହି ପର୍ବ ଜୀବନରେ ଶୁଷ୍କତାକୁ ସମାପ୍ତ କରି ନୂତନ ଶକ୍ତି ଭରିଥାଏ। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବାକୁ ମକର ସଂକ୍ରାନ୍ତି କୁହାଯାଏ। ଭାରତ ଭୂଖଣ୍ଡ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ। ମକର ସଂକ୍ରାନ୍ତି ପୂର୍ବରୁ ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧରେ ଥାଆନ୍ତି। ମକର ସଂକ୍ରାନ୍ତି ପର ଠାରୁ ସେ ଉତ୍ତର ଗୋଲାର୍ଦ୍ଧକୁ ପ୍ରବେଶ କରିଥାନ୍ତି। ଏହାର ଅର୍ଥ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧରେ ଥାଆନ୍ତି। ସୂର୍ଯ୍ୟ ନିକଟକୁ ଆସୁଥିବାରୁ ମକର ସଂକ୍ରାନ୍ତିରେ ତାଙ୍କର ପୂଜା କରାଯାଇଥାଏ। ମକର ସଂକ୍ରାନ୍ତିର ଅନେକ ପୌରାଣିକ ମହତ୍ୱ ରହିଛି। ସୂର୍ଯ୍ୟଙ୍କ ଉତ୍ତରାୟଣ ଠାରୁ ସମସ୍ତ ଧାର୍ମିକ କାର୍ଯ୍ୟ ଆରମ୍ଭ ହୋଇଥାଏ। ମହାଭାରତ ଯୁଦ୍ଧ ସମୟରେ ଶର ଶଯ୍ୟାରେ ଶୋଇଥିବା ପିତାମହ ଭୀଷ୍ମ ସୂର୍ଯ୍ୟଙ୍କ ଉତ୍ତରାୟଣ ହେବାକୁ ଅପେକ୍ଷା କରିଥିଲେ। ସୂର୍ଯ୍ୟ ଉତ୍ତରାୟଣ ହେବା ମାତ୍ରେ ସେ ପ୍ରାଣତ୍ୟାଗ କରିଥିଲେ। ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଦିନ ଭଗବାନ ସୂର୍ଯ୍ୟ ନିଜ ପୁତ୍ର ଶନିଙ୍କୁ ଦେଖା କରିବା ଲାଗି ତାଙ୍କ ଘରକୁ ଯାଇଥିଲେ। ଶନିଦେବ ମକର ରାଶିର ସ୍ୱାମୀ ହୋଇଥିବାରୁ ଏହି ଦିବସର ନାମ ମକର ସଂକ୍ରାନ୍ତି ହୋଇଥିଲା। ମକର ସଂକ୍ରାନ୍ତି ଦିନ ଦେବୀ ଗଙ୍ଗା ଭଗୀରଥଙ୍କ ପଛେ ପଛେ ଆସି କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚିଥିଲେ। ଏହାପରେ ଭଗୀରଥଙ୍କ ବଂଶର ଉଦ୍ଧାର ହୋଇଥିଲା। ଶେଷରେ ଦେବୀ ଗଙ୍ଗା ସାଗରରେ ମିଶିଥିଲେ। ସେଥିପାଇଁ ମକର ସଂକ୍ରାନ୍ତି ଦିନ ଗଙ୍ଗାସାଗର ସ୍ନାନର ବିଶେଷ ମହତ୍ତ୍ୱ ରହିଛି।

ମକର ସଂକ୍ରାନ୍ତି ଦିନ ଗୁଡ଼ି ଉଡାଇବାର ପରମ୍ପରା ଦେଶର ବିଭିନ୍ନ ପ୍ରାନ୍ତରେ ଦେଖିବାକୁ ମିଳିଥାଏ। ତେବେ ଗୁଡ଼ି ଉଡାଇବା ପରମ୍ପରା ପୌରାଣିକ କାଳରୁ ଚାଲିଆସୁଛି। ଭଗବାନ ଶ୍ରୀରାମଚନ୍ଦ୍ର ବାଲ୍ୟକାଳରେ ଗୁଡ଼ି ଉଡାଉଥିଲେ ବୋଲି ତୁଳସୀ ଦାସଙ୍କ ଶ୍ରୀରାମଚରିତ ମାନସରେ ଉଲ୍ଲେଖ ରହିଛି। ଏଥିରେ ଲେଖାଅଛି - 'ରାମ ଇକ୍ ଦିନ ଚଙ୍ଗ ଉଡାଇ। ଇନ୍ଦ୍ରଲୋକ ମେଁ ପହୁଞ୍ଚି ଜାଇ', ଅର୍ଥାତ୍ ରାମଚନ୍ଦ୍ର ଥରେ ଗୁଡ଼ି ଉଡାଇବା ସମୟରେ ତାହା ଚନ୍ଦ୍ରଲୋକରେ ଯାଇ ପହଞ୍ଚିଥିଲା। ତାମିଲ୍ ଭାଷାରେ ରଚିତ ନନ୍ଦନାରାମାୟଣରେ ଉଲ୍ଲେଖ ରହିଛି ଯେ ମକର ସଂକ୍ରାନ୍ତିର ପବିତ୍ର ଅବସରରେ ଭଗବାନ ରାମଚନ୍ଦ୍ର ଏବଂ ହନୁମାନଙ୍କ ମଧ୍ୟରେ ମିତ୍ରତା ହୋଇଥିଲା। ମକର ସଂକ୍ରାନ୍ତିରେ ଶ୍ରୀରାମ ଉଡାଇଥିବା ଗୁଡ଼ି ଇନ୍ଦ୍ରଲୋକରେ ଯାଇ ପହଞ୍ଚିଥିଲା। ଉକ୍ତ ଗୁଡ଼ିକୁ ଦେଖି ଇନ୍ଦ୍ରଙ୍କ ପୁତ୍ର ଜୟନ୍ତଙ୍କ ପତ୍ନୀ ଭାବିଲେ, ଯାହାର ଗୁଡ଼ି ଏତେ ସୁନ୍ଦର ହୋଇପାରେ ସେ କେତେ ସୁନ୍ଦର ହୋଇଥିବେ। ଏହାପରେ ସେ ଗୁଡିଟିକୁ କାଟି ରଖିଦେଇଥିଲେ। ଭଗବାନ ଶ୍ରୀରାମ ଗୁଡ଼ିକୁ ଦେଖି ପାରିନଥିଲେ। ସେ ଗୁଡ଼ି ଖୋଜି ଆଣିବା ଲାଗି ହନୁମାନଙ୍କୁ ପଠାଇଲେ। ହନୁମାନ ଇନ୍ଦ୍ରଲୋକରେ ପହଞ୍ଚିଗଲେ। ମାତ୍ର ଜୟନ୍ତଙ୍କ ପତ୍ନୀ କହିଲେ, ଯେ ପର୍ଯ୍ୟନ୍ତ ସେ ଶ୍ରୀରାମଙ୍କୁ ନଦେଖିଛନ୍ତି, ସେ ପର୍ଯ୍ୟନ୍ତ ଗୁଡ଼ି ଫେରାଇବେ ନାହିଁ। ହନୁମାନ ପ୍ରଭୁ ଶ୍ରୀରାମଙ୍କ ନିକଟକୁ ଏହି ବାର୍ତ୍ତା ନେଇ ଗଲେ। ଭଗବାନ ରାମଚନ୍ଦ୍ର କହିଲେ ବନବାସ ସମୟରେ ଜୟନ୍ତଙ୍କ ପତ୍ନୀଙ୍କୁ ସେ ଦର୍ଶନ ଦେବେ। ହନୁମାନ ଶ୍ରୀରାମଙ୍କ ସନ୍ଦେଶ ନେଇ ଜୟନ୍ତଙ୍କ ପତ୍ନୀଙ୍କୁ ଜଣାଇଲେ। ଶ୍ରୀରାମଙ୍କ ଆଶ୍ୱାସନା ପାଇଁ ଜୟନ୍ତଙ୍କ ପତ୍ନୀ ଗୁଡ଼ି ଫେରାଇ ଦେଇଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଅଧିନସ୍ଥ ମନ୍ଦାରପୁର ଠାରେ ସୋମବାର ପବିତ୍ର ପୌଷ ପୂର୍ଣ୍ଣିମା ଉପଲକ୍ଷେ ମା ବିଲ୍ୱ ମଙ୍ଗଳାଙ୍କ ପୀଠରେ ପ୍ରତିବର୍ଷ ଭଳି ପାରମ୍ପରିକ ହରିହାଟ ଉତ୍ସବ ମହାମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ୭ଘଟିକା ସମୟରେ ମା'ଙ୍କ ଘଟସ୍ଥାପନ, ପ୍ରାତଃ ୯ଘଟିକାରେ ମହାସ୍ନାନ, ପ୍ରାତଃ ୯.୩୦ ମିନିଟରେ ହରିହାଟ ଆରମ୍ଭ ହୋଇଥିଲା । ଏହି ପବିତ୍ର ପୀଠରେ ୫ଟି ପଞ୍ଚାୟତର ପାଖାପାଖି ୨ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗଦେଇ ମାତୃ କୃପା ଲାଭ କରିବା ସହ ପ୍ରସାଦ ସେବନ ମଧ୍ୟ କରିଥିଲେ। ଉତ୍ସବରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଜିଲ୍ଲାପରିଷଦ ସଦସ୍ୟା ରୀନରାଣୀ ମଲ୍ଲିକ, ତାରାପୁର ସରପଞ୍ଚ ସୁଷମା ମଲ୍ଲିକ, ପୁରଣ ଓଡ଼ପଡ଼ା ସରପଞ୍ଚ ଶିବରାମ ସାହୁ, ଗୁଆଳୀପୁର ସରପଞ୍ଚ ମନୋଜିନୀ ସାହୁ, ସମିତିସଭ୍ୟ କମଳାକାନ୍ତ ପରିଡ଼ା, ଧରାଧରପୁର ସରପଞ୍ଚ ନଳିନୀ ପ୍ରଭା ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବକୁ ନିକଟସ୍ଥ ଗ୍ରାମବାସୀଙ୍କ ସମେତ ବରିଷ୍ଠ ସମାଜସେବୀ ଜ୍ଞାନରଞ୍ଜନ ପଟ୍ଟନାୟକ, ଅଶୋକ କୁମାର ମୁଦୁଲି, ବିଦ୍ୟାଧର ମହାନ୍ତି, କେଦାର ନାଥ ସାହୁ, ସର୍ବେଶ୍ୱର ଜେନା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା। ପ୍ରସିଦ୍ଧ ପୀଠର ବିକାଶ ନିମନ୍ତେ ଏକ ପାନୀୟ ଜଳ ପ୍ରକଳ୍ପ, ଆଲୋକିକରଣ ନିମନ୍ତେ ଏକ ଷ୍ଟ୍ରିଟ ଲାଇଟ୍‌ର ବ୍ୟବସ୍ଥା, ମା'ଙ୍କ ଉନ୍ନତିକରଣ ପାଇଁ ବିଧାୟକଙ୍କ ନିକଟରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମାଜସେବୀ ଶ୍ରୀ ପଟ୍ଟନାୟକ ଓ ଶ୍ରୀ ମୁଦୁଲି ଦାବି କରିଥିଲେ ।

# ତିନିଦିନିଆ କେନ୍ଦୁଝର ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର(ଭାସ୍କର ନ୍ୟୁଜ): ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିବେ ବୋଲି ଜଣାପଡିଛି । ମଙ୍ଗଳବାର ସକାଳ ୮ଟା ୩୫ ମିନିଟ୍ରେ ଭୁବନେଶ୍ୱର ୟୁନିଟ୍-୨ସ୍ଥିତ ମୁଖ୍ୟମନ୍ତ୍ରୀ ବାସଭବନରୁ ବାହାରି ୮ଟା ୪୫ ମିନିଟ୍ରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ । ସେଠାରୁ ସକାଳ ୮ଟା ୫୫ ମିନିଟରେ ସୁପରକିଙ୍ଗ ଏୟାର ସି ୯୦ ଭିଟି-ଇଜେଜେଡ୍ ଏୟାର କ୍ରାଫ୍ଟ ଯୋଗେ କେନ୍ଦୁଝର ଅଭିମୁଖେ ବାହାରିବେ । ସକାଳ ୯ଟା ୩୦ ରେ କେନ୍ଦୁଝର ରାଇସୁଆଁ ଏୟାରଷ୍ଟ୍ରିପରେ ପହଞ୍ଚିବେ । ୯ଟା ୪୦ରେ ସେଠାରୁ ସଡକ ପଥରେ ବାହାରି ୧୦ଟା ୪୦ରେ ପାଟଣା ଠାରେ ପହଞ୍ଚି ମକର ବୁଡ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ । ୧୧ଟା ୩୦ରେ ପାଟଣା ସ୍ଥିତ ହରି ମହାନ୍ତଙ୍କ ଘରକୁ ଯିବେ । ସେଠାରୁ ୧୨ଟା ୫ ମିନିଟ୍ରେ ବାହାରି ସଡକ ପଥରେ ଅପରାହ୍ନ ୧ଟାରେ କେନ୍ଦୁଝର ସର୍କିଟ ହାଉସରେ ପହଞ୍ଚିବେ । ସେଠାରୁ ୩ଟା ୩୦ରେ ବାହାରି ଅପରାହ୍ନ ୪ଟାରେ ଝୁମ୍ପୁରାରେ ପହଞ୍ଚି ସେଠାରେ ଏକ ପୋଲର ଉଦ୍‌ଘାଟନ କରିବେ । ୪ଟା ୧୫ ମିନିଟରେ ସେଠାରୁ ବାହାରି ୪ଟା ୨୫ରେ ରାଇକଳାସ୍ଥିତ ନିଜ ଘରେ ପହଞ୍ଚିବେ । ସନ୍ଧ୍ୟା ୬ଟାରେ ସେଠାରୁ ବାହାରି କେନ୍ଦୁଝର ସର୍କିଟ ହାଉସରେ ୬ଟା ୪୦ ମିନିଟରେ ପହଞ୍ଚି ରାତ୍ରିରହଣୀ କରିବେ । ୧୫ ତାରିଖ ବୁଧବାର ପୂର୍ବାହ୍ନ ୧୦ଟା ୪୫ ମିନିଟରେ ସର୍କିଟ ହାଉସରୁ ବାହାରି ୧୧ଟାରେ ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆରେ ଆୟୋଜିତ ସାମାଜିକ ସୁରକ୍ଷା ପେନସନ ଯୋଜନାର ଶୁଭାରମ୍ଭ କରିବେ । ଅପରାହ୍ନ ୧ଟାରେ ବାହାରି ୧ଟା ୧୫ରେ ସର୍କିଟ ହାଉସରେ ପହଞ୍ଚିବେ । ଅପରାହ୍ନ ୪ଟା ୧୫ରେ ସର୍କିଟ ହାଉସରୁ ବାହାରି ସଡକ ପଥରେ ୫ଟା ୨୦ରେ ବଡବିଲସ୍ଥିତ ଓଏମଡିସି ଗେଷ୍ଟ ହାଉସରେ ପହଞ୍ଚିବେ । ସେଠାରୁ ୫ଟା ୩୦ରେ ବାହାରି ୫ଟା ୪୦ରେ ବଡବିଲସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପହଞ୍ଚି ସାରଦା ମଣ୍ଡପ(ପ୍ରାର୍ଥନା ଗୃହ)ର ଉଦ୍‌ଘାଟନ କରିବେ । ୫ଟା ୫୫ ମିନିଟରେ ବାହାରି ସନ୍ଧ୍ୟା ୬ଟା ୫ ମିନିଟରେ ବଡବିଲ ମହୋତ୍ସବର ରୌପ୍ୟଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବେ । ୮ଟା ୪୫ ମିନିଟରେ ବାହାରି ରାତି ୯ଟାରେ ଓଏମଡିସି ଗେଷ୍ଟ ହାଉସରେ ପହଞ୍ଚିବେ । ସେଠାରେ ଏକ ଘଣ୍ଟା ରହିବା ପରେ ରାତି ୧୦ଟାରେ ସଡକ ପଥରେ କେନ୍ଦୁଝର ଅଭିମୁଖେ ବାହାରି ୧୧ଟା ୧୦ରେ କେନ୍ଦୁଝର ସର୍କିଟ ହାଉସରେ ପହଞ୍ଚି ରାତ୍ରିରହଣୀ କରିବେ । ୧୬ ତାରିଖ ଗୁରୁବାର ସକାଳ ୯ଟାରେ ସର୍କିଟ ହାଉସରୁ ବାହାରି ୯ଟା ୪୦ରେ ଝୁମ୍ପୁରା ବାଲିବନ୍ଧସ୍ଥିତ ମହେନ୍ଦ୍ର ପଟ୍ଟନାୟକଙ୍କ ମାଆଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଯୋଗଦେବେ । ୧୦ଟା ୧୫ରେ ସେଠାରୁ ବାହାରି ୧୦ଟା ୪୫ ମିନିଟରେ ରାଇସୁଆଁସ୍ଥିତ ଏୟାରଷ୍ଟ୍ରିପରେ ପହଞ୍ଚିବେ । ୧୦ଟା ୫୫ ମିନିଟରେ ରାଇସୁଆଁ ଏୟାରଷ୍ଟ୍ରିପରୁ ସୁପରକିଙ୍ଗ ଏୟାର ସି ୯୦ ଭିଟି-ଇଜେଜେଡ୍ ଏୟାର କ୍ରାଫ୍ଟ ଯୋଗେ ଭୁବନେଶ୍ୱର ଅଭିମୁଖେ ବାହାରି ୧୧ଟା ୩୦ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ । ୧୧ଟା ୪୦ରେ ବାହାରି ୧୧ଟା ୫୦ରେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପହଞ୍ଚିବେ ।

# ଘର ଯୋଗାଣ ଦାବିନେଇ ପୌର କାର୍ଯ୍ୟାଳୟରେ ବ୍ୟବସାୟୀଙ୍କ ବିକ୍ଷୋଭ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଶତାଧିକ ବ୍ୟବସାୟୀ ପୌର କାର୍ଯ୍ୟାଳୟକୁ ଧସେଇ ପଶିବା ସହ ବିକ୍ଷୋଭ କରିଛନ୍ତି । ବ୍ୟବସାୟୀମାନେ ଦାବି ରଖିଛନ୍ତି ସେମାନଙ୍କୁ ତୁରନ୍ତ ଭେଣ୍ଡିଂ ଜୋନ୍ ଘର ଯୋଗାଇ ଦେବା ପାଇଁ । ଏହି ବ୍ୟବସାୟୀଙ୍କ ସହିତ କେତେକ ଦଳୀୟ ନେତା ସାମିଲ ହୋଇ ବିକ୍ଷୋଭ କରିଥିବା ଦେଖିବାକୁ ମିଳିଛି । ରାଜ୍ୟ ସରକାର ବ୍ୟବସାୟୀଙ୍କୁ ଥଇଥାନ ପାଇଁ ଚିନ୍ତା କରୁଥିବା ବେଳେ କେତେଜଣ ବ୍ୟକ୍ତି ଏହାକୁ ଅତିରିକ୍ତ କରୁଥିବା ଘଟଣାକୁ ନେଇ ଅସନ୍ତୋଷ ଦେଖାଦେଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ପରିଷଦ ଅଞ୍ଚଳ ଦୋଳବେଦୀ ଛକରୁ ତଳଅଣ୍ଟିଆ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ହୋଇଥିବା ବେଳେ ବ୍ୟବସାୟୀ ରାସ୍ତା ଧାରରେ ବସି ବ୍ୟବସାୟ କରିବା କାରଣରୁ ରାସ୍ତା ଜାମ୍ ହୋଇ ଦୁର୍ଘଟଣା ବଢ଼ିବାରେ ଲାଗିଥିଲା। ଏହାକୁ ଦୃଷ୍ଟିରେ ରଖି ଦଖଲ ଉଚ୍ଛେଦ କରାଯାଇଥିବା ବେଳେ ଅନେକ ବ୍ୟବସାୟୀ ବ୍ୟବସାୟରୁ ବଞ୍ଚିତ ହୋଇ ଚଳିବା କଷ୍ଟକର ହୋଇପଡୁଛି। ଏ ସଂପର୍କରେ ରାଜ୍ୟ ସରକାର ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ଯୋଜନା ଚଳାଇଛି । ସୋମବାର ପୂର୍ବାହ୍ନରେ ଶତାଧିକ ବ୍ୟବସାୟୀ ଦୋଳବେଦୀ ଛକରୁ ଏକ ଶୋଭାଯାତ୍ରାରେ ବାହାରି ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ବିକ୍ଷୋଭ ସହ ଦାବି ଥିଲା ଥଇଥାନ ପାଇଁ । ଏ ସଂପର୍କରେ ଦାବିପତ୍ର ପୌରାଧକ୍ଷା ସସ୍ମିତା ସାହୁଙ୍କୁ ପ୍ରଦାନ କରିଥିବା ବେଳେ ତୁରନ୍ତ ବ୍ୟବସାୟୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଇ ପଦକ୍ଷେପ ନିଆଯିବ ବୋଲି ଅଧକ୍ଷା କହିଛନ୍ତି। ଦୀର୍ଘଦିନ ହେବ ପଡ଼ି ରହିଥିବା ଭେଣ୍ଡିଂ ଜୋନ୍ ଗୃହ ବଣ୍ଟନ ହୋଇପାରୁ ନାହିଁ । କେତେଜଣ କୁଜି ନେତା ବଣ୍ଟନରେ ବାଧକ ସାଜିଥିବା ଶୁଣିବାକୁ ମିଳୁଛି। ଏହି ଘଟଣା ପ୍ରତି ପୌର ପରିଷଦ ଦୃଷ୍ଟି ଦେଇ ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ଦାବି ହୋଇଛି।

## ଅଁଳ ଓ ପହଙ୍ଗା ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଅଁଳ ପଞ୍ଚାୟତ ସେବା ସମବାୟ ସମିତିରେ ସଭାପତି ସୁଶାନ୍ତ କୁମାର ନାୟକଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ସେକ୍ରେଟ୍ରି ପୁଷ୍ପିତା ଜେନା, ଜ୍ୟୋତି ରଂଜନ ନାୟକ, ଅତୁଲ୍ୟ ଜେନା, ବିଶ୍ୱନାଥ ସାହୁ ଉପସ୍ଥିତ ରହିଥିଲେ। ୧୫ ଜଣ ଚାଷୀଙ୍କ ଠାରୁ ୬ ଶହ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଚାଷୀମାନେ ହେଲେ ମନୋଜ କୁମାର ମଲିକ, ଜୟରାମ ପ୍ରଧାନ, ମନୋଜ କୁମାର ଶଡଙ୍ଗୀ, ବିପିନ କୁମାର ବେହେରା, ବିଜୟ ମହାରଣା, ବିଶ୍ୱନାଥ ମଲିକ, ନରି ବେହେରା, ଶିଶିର ମହାରଣା, କଲ୍ୟାଣୀ ଦାଶ, ତପନ ପ୍ରଧାନ, ନୃସିଂହ ଚରଣ ମିଶ୍ର, ବଳରାମ ବେହେରା  ସେହିଭଳି ପହଙ୍ଗା ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସଭାପତି ପର୍ଶୁରାମ ଦାଶ ଉଦ୍‌ଘାଟନ କରିଥିବା ବେଳେ ସମ୍ପାଦକ ବିଶ୍ୱରଂଜନ ବିଶ୍ୱାଳ, ଧାନ କ୍ରୟ କମିଟି ବିପିନ ବିହାରୀ ବାରିକ, ଶରତ ଚନ୍ଦ୍ର ପ୍ରଧାନ, ବିପ୍ର ଚରଣ ମହାନ୍ତି ୫ ଜଣ ଚାଷୀଙ୍କ ଠାରୁ ୨୦୮ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଚାଷୀମାନେ ହେଲେ ନୃସିଂହ ଚରଣ ଓଝା, ରାଜେନ୍ଦ୍ର ବାରିକ, କବି ସୂର୍ଯ୍ୟ ରାଉତ, ସଂଜୟ ବାରିକ, ସ୍ୱର୍ଣ୍ଣଲତା ପ୍ରଧାନ।

## ମନ୍ତ୍ରୀଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଲେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ଟ୍ରଷ୍ଟ



ପାରାଦୀପ(ଭାସ୍କର ନ୍ୟୁଜ): ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଜନ୍ମଦିନ ଅବସରରେ ପାରାଦୀପ ନିର୍ବାଚନ ମଣ୍ଡଳୀ ସମେତ ବନ୍ଦର ସହରରେ ବିଭିନ୍ନ ଅନୁଷ୍ଠାନ, ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମନ୍ତ୍ରୀଙ୍କୁ ଜିରୋ ପଏଣ୍ଟ ସ୍ଥିତ ବିଜେପି କାର୍ଯ୍ୟାଳୟରେ ସୋମବାର ଦିନ ଶୁଭେଚ୍ଛା ଜଣାଇଥିଲେ । ଏହି ପରିପ୍ରେକ୍ଷୀରେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ସହକାରୀ ସାମାଜିକ କଲ୍ୟାଣ ଟ୍ରଷ୍ଟ ଏବଂ ଏହାର ସହଯୋଗୀ ଅନୁଷ୍ଠାନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ କର୍ମକର୍ତ୍ତା ଶଶାଙ୍କ ଆଚାର୍ଯ୍ୟ, ରବିନ୍ଦ୍ର ଜେନା, ରାକେଶ ପଟ୍ଟନାୟକ, ସୁଧାଂଶୁ ନାୟକଙ୍କ ସମେତ ବହୁ ସଦସ୍ୟ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଜନ୍ମ ଦିନର ଶୁଭେଚ୍ଛା ଜଣାଯାଇଥିଲେ । ସେହିପରି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, ପାରାଦୀପ ପୋର୍ଟ ବଣିକ ସଂଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ ଓ ଉପସଭାପତି ପ୍ରୀତିରଞ୍ଜନ ମହାପାତ୍ରଙ୍କ ସହ ବିଭିନ୍ନ ସଂଗଠନ ପକ୍ଷରୁ ମନ୍ତ୍ରୀଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା । ସୂଚନାଥାଉ କି ମନ୍ତ୍ରୀଙ୍କ ଲୋକସମ୍ପର୍କ ଓ ବ୍ୟକ୍ତିତ୍ୱ ପାଇଁ ନିର୍ବାଚନ ମଣ୍ଡଳୀ ସମେତ ରାଜ୍ୟରେ ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି ।

## ଭୋଜିକୁ ନେଇ ହାତକୁ ହାଣିଲା ସାଙ୍ଗ



ବାରଙ୍ଗ(ଭାସ୍କର ନ୍ୟୁଜ): ଭୋଜି କଥାକୁ ନେଇ ସାଙ୍ଗକୁ ହାଣିଲା ସାଙ୍ଗ । ବାରଙ୍ଗ ଥାନା ଅନ୍ତର୍ଗତ ବଙ୍ଗାଳି ସାହିରେ ରବିବାର ସନ୍ଧ୍ୟାରେ ଘଟିଛି ଏଭଳି କାଣ୍ଡ । ଲିପୁ ନାୟକ ବୋଲି ଜଣେ ଯୁବକ ଆହତ ହୋଇଛନ୍ତି । ସୂଚନାଯୋଗ୍ୟ ରବିବାର ଅଟୋ ଚାଳକ ବରଙ୍ଗରେ ଭୋଜି କରୁଥଲେ। ସନ୍ଧ୍ୟା ସାଢ଼େ ୬ଟାରେ ଲିପୁ ନାୟକ ଓ ଲିପୁ ଦାସ ଦୁଇସାଙ୍ଗ ବାରଙ୍ଗ ସୀତାରାମ ବଜାରରେ କଥା ହେଉଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ଏହା ଭୟଙ୍କର ରୂପ ନେଇଥିଲା। ଲିପୁ ରାଗିଯାଇ ଏକ ମାଂସକଟା ଛୁରୀରେ ଲିପୁକୁ ଆକ୍ରମଣ କରିଥିଲା। ଲିପୁ ହାତ ଦେଖାଇ ଦେବାରୁ ଚୋଟଟି ହାତରେ ବାଜି ଥିଲା। ଲିପୁ ବିକଳରେ ସେଠାରୁ ଦୌଡ଼ି ପଳାଇ ଯାଇଥିଲେ। ପରେ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲା। ଅଭିଯୋଗ ପାଇବା ପରେ ବାରଙ୍ଗ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଲିପୁ ହାଣିବା ପରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ପୋଲିସ ଲିପୁର ଅଟୋକୁ ଥାନାକୁ ଆଣିବା ସହ ତାକୁ ଧରିବା ପାଇଁ ଛାନଭିନ୍ ଜାରି ରଖିଛି ।

## ପାଟପୁର ରାଜସ୍ୱ ସର୍କଲ୍‌ରେ ଆବେଦନରୁ ବଞ୍ଚିତ ଚାଷୀ

ନିମାପଡ଼ା(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଫସଲ କ୍ଷୟକ୍ଷତି ଆକଳନ କରିବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ତହସିଲଦାର ସମସ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ ତୁରନ୍ତ ତଦନ୍ତ କରି ଚାଷୀମାନଙ୍କ ଆବେଦନ ପ୍ରକ୍ରିୟାକୁ ଜୋର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏପରିକି ଦୁଇଦିନ ଛୁଟି ମଧ୍ୟ ବାତିଲ କରାଯାଇଥିଲା। ଚାଷୀମାନେ କିପରି ଶୀଘ୍ର ଫସଲ କ୍ଷୟକ୍ଷତି ପାଇପାରିବେ ସେ ସଂପର୍କରେ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଶେଷ ଗୁରୁତ୍ୱ ଦେଇଥିବା ଜଣାପଡ଼ିଛି । ମାତ୍ର ପାଟପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟରେ ବ୍ୟତିକ୍ରମ କରିବା ସହ ଅନେକ ଚାଷୀ ଦରଖାସ୍ତ ଦେଇନପାରି ଫସଲ କ୍ଷୟକ୍ଷତିରୁ ବଞ୍ଚିତ ହୋଇଛନ୍ତି । ଏପରିକି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅନେକ ସମୟ ବନ୍ଦ ରହୁଥିବାରୁ ସେଠାରୁ ନିରାଶ ହୋଇ ଫେରିଛନ୍ତି । ଏଠାରେ ପ୍ରିୟାପ୍ରିତି ପୋଷଣ କରାଯାଇଥିବା ବାରି ହୋଇପଡୁଛି। ଅନେକ ଚାଷୀ କ୍ଷୟକ୍ଷତିରୁ ବଞ୍ଚିତ ହୋଇଥିବା ବେଳେ ସେମାନେ କିପରି ଅନୁଦାନ ପାଇବେ ଚିନ୍ତା ପ୍ରକଟ କରିଥିବା ବେଳେ କ'ଣ ପାଇଁ ପାଟପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ତାଲା ଝୁଲୁଛି ସେନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ସୂଚନା ଅନୁଯାୟୀ, ପାଟପୁର ରାଜସ୍ୱ ସର୍କଲ ଅଧିକାରୀ କାର୍ଯ୍ୟରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି । ଅଧିକାରୀ ମନୋମୁଖୀ କାର୍ଯ୍ୟ ଦ୍ୱାରା ଅନେକ ଚାଷୀ ଆବେଦନରୁ ବଞ୍ଚିତ ହୋଇଛନ୍ତି । ରାଜସ୍ୱ ନିରୀକ୍ଷକ ମେରିରାୟ ଭାବେ କାର୍ଯ୍ୟ କରିଥିବା ଚାଷୀ ଅଭିଯୋଗ କରିଛନ୍ତି । କାର୍ଯ୍ୟାଳୟକୁ ଦୌଡ଼ି ଅନେକ ଚାଷୀ ନିରାଶ ହୋଇଥିବା ବେଳେ କିପରି କ୍ଷୟକ୍ଷତି ପାଇବେ ସେ ସଂପର୍କରେ ଅଭିଯୋଗ କଲେ ମଧ୍ୟ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ । ଦୀର୍ଘ ସମୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ତାଲା ପଡ଼ିଥିଲେ ମଧ୍ୟ ରାଜସ୍ୱ ନିରୀକ୍ଷକ ଓ ତାଙ୍କ କର୍ମଚାରୀ ତହସିଲ କାର୍ଯ୍ୟାଳୟରେ ରହିଥିବା ଶୁଣିବାକୁ ମିଳିଛି । ତୁରନ୍ତ ଏ ଦିଗରେ ସରକାର ଦୃଷ୍ଟି ଦେଇ ବଞ୍ଚିତ ହୋଇଥିବା ଚାଷୀଙ୍କୁ ପୁନଃ ଆବେଦନ ପାଇଁ ଆଦେଶ ପ୍ରଦାନ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି ।

## ନିମାପଡ଼ାରେ ଗାଡ଼ ଭାଲୁ: ବଂଶ ବିସ୍ତାର ନେଇ ଲୋକେ ଆତଙ୍କିତ



ନିମାପଡ଼ା, ୧୩।୧ (ଭାସ୍କର ନ୍ୟୁଜ): ନିମାପଡ଼ା ପୌର ପରିଷଦ ଅଞ୍ଚଳରେ ବଣୁଆ ଘୁଷୁରୀ ଆତଙ୍କ ଦେଖା ଦେଇଥିବା ବେଳେ ଘୁଷୁରୀମାନେ ଜନ ବସତି ଭିତରକୁ ପଶି ଆସି ଲୋକମାନଙ୍କୁ କାମୁଡ଼ିବାକୁ ଗୋଡ଼ାଇବା ସହ ଫସଲ ନଷ୍ଟ କରୁଛନ୍ତି । ଅଇଁଠା ବାସନ ନେଇ ଯାଉଛନ୍ତି । ଏହି ଆତଙ୍କ ଦୀର୍ଘଦିନ ହେବ ଲାଗି ଥିବା ବେଳେ ପୁଣି ଏକ ଗାଡ଼ ଭାଲୁ ଆତଙ୍କ ଦେଖାଦେଇଛି। ନୁହାରକିରି ଗ୍ରାମର ଜଣେ ବୟସ୍କ ବ୍ୟକ୍ତି ରାତ୍ର ୩ଟାରେ ଶୌଚ ହେବା ପାଇଁ ରାସ୍ତା କଡ଼କୁ ଯାଇଥିବା ବେଳେ ହଠାତ୍ ଗାଡ଼ ଭାଲୁଟି କାମୁଡ଼ି ଗୋଡ଼ାଇଥିଲା । ବ୍ୟକ୍ତି ଜଣକ ଜୀବନ ବିକଳରେ ଜଣେ ଲୋକର ବାରଣ୍ଡାକୁ ଉଠି ଯାଇଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ଗାଡ଼ ଭାଲୁକୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଗାଡ଼ ଭାଲୁ ମରି ଯାଇଥିବା ଜଣାପଡ଼ିଛି । ବନ ବିଭାଗ ପକ୍ଷରୁ ଶବ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଥିବା ଜଣାପଡ଼ିଛି । ଏହା ଏକ ବିରଳ ଜନ୍ତୁ ବୋଲି କୁହାଯାଉଥିବା ବେଳେ ନିମାପଡ଼ାରେ ଗାଡ ଭାଲୁ ବଂଶ ବିସ୍ତାର କରିଥିବା କାରଣରୁ ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ାରେ ଗାଡ଼ ଭାଲୁ ଆତଙ୍କ ବେଳକୁ ବେଳ ବଢ଼ିବାରେ ଲାଗିଛି ।  ଜନ୍ତୁ ମାଟି ତଳେ ରହୁଥିବା ବେଳେ ରାତ୍ରରେ ଗାଡ଼ରୁ ବାହାରି ଶୀକାର କରନ୍ତି । ମଣିଷ ହାବୁଡ଼ରେ ପଡ଼ିଲେ ମଧ୍ୟ ମଣିଷର କ୍ଷତି କରିବାକୁ ପଛାନ୍ତି ନାହିଁ । ରବିବାର ରାତ୍ର ୩ଟାରେ ନୁହାରକିରି ଗ୍ରାମର ଜଣେ ବ୍ୟକ୍ତି ଶୌଚ ହେବାକୁ ଯାଇଥିବା ବେଳେ ହଠାତ୍ ଗାଡ଼ ଭାଲୁଟି କାମୁଡ଼ି ଗୋଡ଼ାଇଥିଲା । ବ୍ୟକ୍ତି ଜଣକ ଅଳ୍ପକେ ରକ୍ଷା ପାଇଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ଧକ୍କା ଦେବାରୁ ଗାଡ଼ ଭାଲୁ ରାସ୍ତା କଡ଼କୁ ଛିଟ୍‌କି ପଡ଼ିଥିଲା । ସକାଳୁ ବନ ବିଭାଗ ଗାଡ଼ ଭାଲୁକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ କରାଇ ପୋତିଥିବା ଜଣାପଡ଼ିଛି ।

## ଗଞ୍ଜେଇ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ, ଡ୍ରାଇଭର ଗିରଫ



ଟାଙ୍ଗୀ(ଭାସ୍କର ନ୍ୟୁଜ): ବ୍ରହ୍ମପୁର, ଗଞ୍ଜାମ ଶେରଗଡ଼ ଅଞ୍ଚଳରୁ ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳକୁ ହେଉଥିଲା ଗଞ୍ଜେଇ ଚୋରାଚାଲଣ । ତାହା ପୁଣି ଏକ ପିକ୍-ଅପ୍ ଭ୍ୟାନରେ ଓ ଜାତୀୟ ରାଜପଥରେ ହେଉଥିଲା ଏହି ଗଞ୍ଜେଇ ଚାଲାଣ । ଅଧାବାଟରେ ତାହା ପୁଣି ଖୋର୍ଦ୍ଧା ଜିଲ୍ଲା ନୂଆ ଜଗନ୍ନାଥ ସଡ଼କ ନିରାକାରପୁରସ୍ଥିତ ରେଳଫାଟକ ରାସ୍ତାରେ ଜଗି ବସିଥିଲା ଟାଙ୍ଗୀ ଅବକାରୀ ବିଭାଗ । ସେହିଠାରେ ହିଁ ଧରାପଡିଲା ଗଞ୍ଜେଇ ବୋଝେଇ ପିକ୍-ଅପ୍ ଭ୍ୟାନ । ଗାଡ଼ି ଚାଳକ ଧରାପଡିଛି । ଗାଡ଼ି ଚାଳକ ହେଉଛନ୍ତି ବ୍ରହ୍ମଗିରି ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଦେ । ପିକ୍‌ଅପରୁ ଜବତ ହୋଇଛି ୧୬ ବସ୍ତା ଗଞ୍ଜେଇ, ଯାହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ ବୋଲି ଟାଙ୍ଗୀ ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏତେ ପରିମାଣର ଗଞ୍ଜେଇ କିଏ ଦେଇଥିଲା ଓ କିଏ ନେଉଥିଲା, ଏଥିରେ ଆଉ କେଉଁ କେଉଁମାନେ ସଂପୃକ୍ତ ଅଛନ୍ତି ତାହାର ଖୋଳତାଡ଼ କରିବ ଟାଙ୍ଗୀ ଅବକାରୀ ବିଭାଗ ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ବେତନଟୀ(ଭାସ୍କର ନ୍ୟୁଜ): ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ବେତନଟୀ ପୋଲିସ, ବ୍ଲକ ପ୍ରଶାସନ ଓ ଭାରତୀୟ ଜନତା ଦଳ ବେତନଟୀ ମଣ୍ଡଳର ମିଳିତ ସହଯୋଗରେ ସୋମବାର ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବେତନଟୀ ଆଇଆଇସି ସସ୍ମିତା ମହାନ୍ତ ଓ ୩୫ ନମ୍ବର ମଣ୍ଡଳ ସଭାପତିଙ୍କ ସଂଯୋଜନାରେ ବେତନଟୀ ଥାନା ଛକରୁ ରାଲି ବାହାରି ବେତନଟୀ ଚଣ୍ଡିଛକ ରାସ୍ତାରେ ଚାଳକଙ୍କୁ ସଡ଼କ ସୁରକ୍ଷା ନିୟମବଳୀ ଉପରେ ସଚେତନତା କରିଥିଲେ। ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ରୀମାନଙ୍କ ଦ୍ୱାରା ଯମରାଜ ଏବଂ ଚିତ୍ର ଗୁପ୍ତ ବେଶ ଧରି ରାସ୍ତାରେ ଯାଉଥିବା ଗାଡ଼ି ଚାଳକମାନେ ହେଲେମେଟ ନ ପିନ୍ଧି ଗାଡ଼ି ଚଳାଉଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଗନ ବିହାରୀ ବେହେରା, ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ, ରେଞ୍ଜର ମନୱର ଖାଁ, ଏମଭିଆଇ ଚିନ୍ମୟୀ ମହାନ୍ତ, ପଦ୍ମମାଳୀ ମହିଳା ସଂଗଠନର ସମ୍ପାଦିକା ପ୍ରଭାତି ମହାନ୍ତି, ଗୀତାଞ୍ଜଳି ଭୂୟାଁ, ରଞ୍ଜିତା କର, ମନିଲତା ବଳ, ମିନତୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଭାରତୀୟ ଜନତା ପାର୍ଟିର ତରଫରୁ ଯୁବ ସଂଗଠକ ଚନ୍ଦ୍ରଶେଖର ବୋରା, ବିକାଶ କୁମାର ଦାସ, ରାକେଶ ମହାନ୍ତ, ସଞ୍ଜୀବ ଜେନା, ଅରୂପ ଲେଙ୍କା, ବୀରକିଶୋର ବିଶ୍ୱାଳ, ସୁମନ୍ତ ପରିଡ଼ା, ରବୀନ୍ଦ୍ର ମହାନ୍ତି, ତପସ୍ୱୀ ରାଉତ, ବ୍ରହ୍ମାନନ୍ଦ ପରିଡ଼ା, ଜଗା ଦାସ, ଆଗ୍ରିଆ ପଞ୍ଚାୟତ ସରପଞ୍ଚ ମିନତୀ ସିଂ, ମହିଳା ମଣ୍ଡଳ ମହିଳା ମୋର୍ଚ୍ଚାର ସଭାପତି ମିନା ମହାନ୍ତି, ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଅମ୍ବିକା ବାରିକ, ଅନିନ୍ଦିତା ସାହୁ, ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସଡ଼କ ସୁରକ୍ଷା ବାବଦରେ ଲୋକଙ୍କୁ ସଚେତନ କରାଇଥିଲେ ।

### ମଦ୍ୟପ ଆର୍‌ଆଇଙ୍କ ଉନ୍ମତ୍ତକାଣ୍ଡ

## ରାସ୍ତାରେ ଗଡିଲେ, ହିତାଧିକାରୀଙ୍କୁ ଅଶ୍ଳୀଳ ଆଚରଣ କଲେ



ଗୋପ(ଭାସ୍କର ନ୍ୟୁଜ): ଗୋପ ତହସିଲ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟରତ ଜଣେ ମଦ୍ୟପ ରାଜସ୍ୱ ନିରୀକ୍ଷକ ସୋମବାର କାର୍ଯ୍ୟାଳୟ ପରିସରରେ ଉନ୍ମତ୍ତକାଣ୍ଡ କରିଛନ୍ତି । ମଦ ପିଇ ରାସ୍ତାରେ ଗଡିବା ସହିତ ଅଦିନିଆ ବର୍ଷାରେ ହୋଇଥିବା ଫସଲ କ୍ଷୟକ୍ଷତି ଫର୍ମ ପକାଇବାକୁ ଯାଇଥିବା ଶତାଧିକ ମହିଳା ଓ ପୁରୁଷ ହିତାଧିକାରୀଙ୍କୁ ଅଶ୍ଲିଳ ଆଚରଣ କରିବା ସହ ମୁଁ ପ୍ରଧାନମନ୍ତ୍ରୀ ହେବି, ପ୍ରଧାନମନ୍ତ୍ରୀ ମୋ ସାଙ୍ଗ ଆଦି ବିଭିନ୍ନ କଥା କହିବା ଭଳି ଅଭାବନୀୟ ଦୃଶ୍ୟ ଏବେ ଭାଇରାଲ ହୋଇ ଏ ମୋବାଇଲରୁ ସେ ମୋବାଇଲ ଘୁରି ବୁଲୁଛି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେବା ସହ ସଂପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ବଉଲାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ କମଳାକାନ୍ତ କଅଁରଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି । ଅଭିଯୋଗ ମୁତାବକ ଗତ ମାସରେ ଅଦିନିଆ ଲଘୁଚାପ ବର୍ଷାରେ ହୋଇଥିବା ଫସଲ କ୍ଷୟକ୍ଷତିର କ୍ଷତିପୂରଣ ରାଶି ପାଇଁ ଫର୍ମ ପକାଇବାର ସୋମବାର ଶେଷ ତାରିଖ ଭାବେ ସରକାର ଘୋଷଣା କରିଥିବା ବେଳେ ଏହି ଫର୍ମ ପକାଇବା ସହ ପାଉତି କାଟିବା ପାଇଁ ଶତାଧିକ ହିତାଧିକାରୀ ଗୋପ ତହସିଲ ଅଧିନ ବଉଲାଙ୍ଗ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ମାତ୍ର ଉକ୍ତ କାର୍ଯ୍ୟାଳୟର ରାଜସ୍ୱ ନୀରିକ୍ଷକ ମାର୍ଶଲ ପ୍ରଧାନ କାର୍ଯ୍ୟାଳୟ ଖୋଲାକରି ଅପରାହ୍ନ ପ୍ରାୟ ୧୧ଟାରୁ ଯାଇ ପୂର୍ବାହ୍ନ ୧ଟା ବେଳକୁ ମଦ୍ୟପାନ କରି ନିଶାରେ ଅଫିସକୁ ଫେରିଥିଲେ । ଏପରିକି ଅଫିସକୁ ଆସିବା ପୂର୍ବରୁ ନିଶାରେ ରାସ୍ତାରେ ପଡିଥିବା ବେଳେ କେତକ ବ୍ୟକ୍ତି ତାଙ୍କ ମୁଣ୍ଡରେ ପାଣି ବାଡାଇ ତାଙ୍କୁ ଏକ ବାଇକ ସାହାଯ୍ୟରେ କାର୍ଯ୍ୟାଳୟକୁ ଆଣିଥିଲେ । ସେତେବେଳକୁ ଫର୍ମ ପକାଇବାକୁ ଆସିଥିବା ଶତାଧିକ ହିତାଧିକାରୀ ତାଙ୍କୁ ଏତେବେଳ ଯାଏଁ କୁଆଡେ ଯାଇଥିଲେ ବୋଲି ପ୍ରଶ୍ନ କରିବାରେ ଆରଆଇ ମାର୍ଶାଲ ପ୍ରଧାନ ସେମାନଙ୍କୁ ଅଶ୍ଲିଳ ଆଚରଣ କରିବା ସହ ମୋତେ ଜିଲ୍ଲାପାଳ ଚାକିରି ଦେଇଛନ୍ତି, ସରକାର ମୋତେ ଚାକିରି ଦେଇନାହାଁନ୍ତି, ମୁଁ ପ୍ରଧାନମନ୍ତ୍ରୀ ହେବି, ମୋଦି ମୋ ସାଙ୍ଗ ଆଦି ବିଭିନ୍ନ କଥା କହିଥିଲେ । ଏପରିକି ଲୋକମାନଙ୍କ ଠାରୁ ଆବଶ୍ୟକ ଠାରୁ ଅଧିକ ଟଙ୍କା ଖଜଣା ନେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏପରିକି ଆରଆଇ ନିଶାରେ ଥିବାରୁ ଅନେକ ଚାଷୀ କ୍ଷୟକ୍ଷତି ଫର୍ମ ପକାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି । ତେଣୁ ସେମାନେ ଯଦି କ୍ଷୟକ୍ଷତି ପାଇବାରୁ ବଞ୍ଚିତ ହେବେ ତେବେ ଆଗାମୀ ଦିନରେ ଗୋପ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିବା ବେଳେ ସଂପୃକ୍ତ ଆରଆଇଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏ ସଂପର୍କରେ ତହସିଲଦାର ଅନିଲ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି ମୋ ନିକଟରେ ଅଭିଯୋଗ ପହଞ୍ଚିବା ସହ ଉକ୍ତ ଭିଡିଓଟି ମଧ୍ୟ ପହଞ୍ଚିଛି । ଏହା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏଥିପ୍ରତି ଜିଲ୍ଲାପାଳ, ବିଭାଗୀୟ ସଚିବ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## କୋଷାଗୁମୁଡା ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା



କୋଷାଗୁମୁଡା(ଭାସ୍କର ନ୍ୟୁଜ): ଚଳିତବର୍ଷ ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷାରେ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକରୁ ୧୬୧ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ବିଭିନ୍ନ ବର୍ଗରୁ ୧୦ ଜଣ ମେଧାବୃତ୍ତି ପାଇବାକୁ ମନୋନୀତ ହୋଇଛନ୍ତି । ତନ୍ମଧ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ, କୋଷାଗୁମୁଡାର ୫ ଛାତ୍ରଛାତ୍ରୀ ସ୍ଥାନ ପାଇଛନ୍ତି । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ରୁଦ୍ର ପ୍ରସାଦ କାଳିଆ, ସାଇ ଅମ୍ରିତା ପ୍ରିୟଦର୍ଶିନୀ ଏବଂ ଜ୍ୟୋତିର୍ମୟୀ ନାୟକ ସ୍ଥାନ ପାଇଛନ୍ତି । ଏଥିସହ କିରଣ ମିର୍ଗାନ ଏବଂ ଓଁକାର ସରାବୁ ଯଥାକ୍ରମେ ଷଷ୍ଠ ଏବଂ ଦଶମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ବିଦ୍ୟାଳୟର ଏହି ଅଭୁତପୂର୍ବ ସଫଳତା ହେତୁ ପ୍ରଧାନ ଶିକ୍ଷକ ପବିତ୍ର ହାଲଦାର, ନଳିନୀ କାନ୍ତ ପାତ୍ର, ବିଶ୍ୱେଶ୍ୱର ସାହୁ, ଅଭୟ କୁମାର ସାମଲ, ଶୁଭଶ୍ରୀ ମହାପାତ୍ର, ଗୀତାଞ୍ଜଳି ଚାଲାଣ, ପ୍ରଣତି ପଟ୍ଟନାୟକ, ନୀଳାମ୍ବର ତ୍ରିପାଠୀ, ସୁଜାତା ପାତ୍ର, ନୂତନ କୁମାର ନାୟକ ଏବଂ ବିଦ୍ୟାଳୟର ଅନ୍ୟାନ କର୍ମଚାରୀଙ୍କୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ସର୍ବଭାରତୀୟ ଶୋଭନୀୟ ଯୁବ ସମାବେଶ



ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ସର୍ବଭାରତୀୟ ଯୁବ ସମାବେଶ-୨୦୨୫ ପ୍ରଖ୍ୟାତ ଐତିହାସିକ ବୌଦ୍ଧପୀଠ ଉଦୟଗିରି ଠାରେ ପୂଜ୍ୟଶ୍ରୀ କୁମାର ଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ଶୋଭନୀୟ ପରିସରରେ ଆନ୍ଦୋଳନର ନିର୍ଦ୍ଦେଶିକା ଡ଼ଃ.ଅରୁନ୍ଧତୀ ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାଂସଦ ଡ଼ଃ.ରବି ନାରାୟଣ ବେହେରା ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗ ଦେଇଥିଲେ। ଏହି ସମାବେଶକୁ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କୁ ଉତ୍ସର୍ଗ କରାଯାଇଅଛି। ଅତିଥିମାନଙ୍କ ଦ୍ୱାରା ପୁଷ୍ପଗିରି ବିଶ୍ୱ ବିଦ୍ୟାଳୟ, ହୀରକ ତ୍ରିଭୁଜ ଓ ଗୁରୁ ପଦ୍ମସମ୍ଭବଙ୍କ ଉପରେ ବିଶେଷ ଆଲେଖ୍ୟ 'ଯୁବସୂର୍ଯ୍ୟ' ଉନ୍ମୋଚିତ ହୋଇଯାଇଛି। ଉତ୍ତରାଖଣ୍ଡରୁ ଡ଼ଃ.ଅଜୟ ଶର୍ମାଙ୍କୁ 'ଆନ୍ତର୍ଜାତିକ କୁମାର ଭାଇ ଯୁବ ସମ୍ମାନ' ଓ ସଞ୍ଜୟ ସାମଲଙ୍କୁ 'ଶୋଭନୀୟ ସେବା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ 'ସମ୍ଭବ'ର ସହ ପ୍ରତିଷ୍ଠାତା ପଦ୍ମଶ୍ରୀ ସାବରମତୀ, ବୌଦ୍ଧ ଗବେଷକ ପ୍ରବିର କୁମାର ପଟ୍ଟନାୟକ, ପ୍ରଫେସର ଡ଼ଃ.ହରିଶ୍ ଚନ୍ଦ୍ର ପୃଷ୍ଟି, ଲଣ୍ଡନରୁ ଯୁବ ପ୍ରତିନିଧି ଭାଗ୍ୟଶ୍ରୀ ସିଂହ, ପ୍ରଫେସର ଡ଼ଃ. ବାଳକୃଷ୍ଣ ମହାପାତ୍ର, ଡ଼ଃ.ତ୍ରିଲୋଚନ ନାୟକ, ଡ଼ଃ.ଅନିତା ସାବତ, ଭିଏତନାମରୁ ନାଗୁୟେନ୍ ଥାଇଥାନ୍‌ଗା, ରମାଦେବୀ ୟୁନିଭରସିଟିରୁ ଡ଼ଃ.ପରମଜିତ୍ ସିଂହ, ବାଙ୍ଗାଲୋରରୁ ଭିକ୍ଷୁ ବୁଦ୍ଧଦତ୍ତ ଥେରୋଙ୍କ ସହ ତାଞ୍ଜାନିଆ, ନାଇଜେରିଆ ଆଦି ଦେଶମାନଙ୍କରୁ ବିଦ୍ୟାନମାନେ ତଥା ବିଭିନ୍ନ ଦେଶରୁ ସ୍କଲାର ମାନେ ଯୋଗଦେଇ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଆମେରିକାର ଆନ୍ତର୍ଜାତିକ ବୁଦ୍ଧ ଧର୍ମ ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼ଃ.ୱାଙ୍ଗମୋ ଡ଼ିକସି ମାନବିକତାର ପତାକାକୁ ଉଦୟଗିରି ଆଶ୍ରମୀ ପାହାଡ଼ ତଳେ ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାଇଲାଣ୍ଡରୁ ଧୁତଙ୍ଗମଙ୍କ ଭେନେରେଲ୍ ଫ୍ରେପାଲାଡ଼୍ ଆମ୍‌ପୋଲ୍ ପୋଲମ୍ୟାନ୍ ଏବଂ ଭିଏତନାମ ସଂଘର ମୁଖ୍ୟ ଭେନେରେବଲ୍ଲୁ ହୁ ୟାନ ମିନ୍ ଥୁଆନ୍, ବିଶିଷ୍ଟ ଅତିଥି ଭାବରେ ଓ ଲଣ୍ଡନର ପ୍ରବାସି ଭାରତୀୟ ସୁକାନ୍ତ ସାହୁ ଯୋଗ ଦେଇଥିଲେ। ଏହି ଆଦର୍ଶ ଆବାସିକ ଶିକ୍ଷାପୀଠରେ ଓଡ଼ିଶାର ସମସ୍ତ ଜିଲ୍ଲାରୁ ରହି ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ପୂଜ୍ୟଶ୍ରୀ କୁମାର ଭାଇଙ୍କ ରଚନାରୁ ଶିକ୍ଷାପ୍ରଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ



ପାରାଦୀପ(ଭାସ୍କର ନ୍ୟୁଜ): ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ଆନୁକୂଲ୍ୟରେ ଦୁଇଦିନ ଧରି ପାଳିତ ହୋଇଆସୁଥିବା ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମ ଗତ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ସଭାରେ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାରାଦ୍ୱୀପର ଯୁବକମାନଙ୍କୁ ବିପଥଗାମୀ ନହୋଇ ନିଶାମୁକ୍ତ ହୋଇ ନିଜର ଓ ପାରାଦ୍ୱୀପର ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ସରକାରଙ୍କ ତରଫରୁ ପାରାଦ୍ୱୀପରେ ହେବାକୁ ଥିବା ଏୟାରପୋର୍ଟର କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ କରାଯିବ। ରାଜ୍ୟ ସରକାର ଓ ସିଙ୍ଗାପୁର ସରକାରଙ୍କ ମଧ୍ୟରେ ଓଡିଶାର ବିକାଶ ପାଇଁ ବିଭିନ୍ନ ପ୍ରକାର ପ୍ରକଳ୍ପର ଏମ୍.ୟୁ ସ୍ୱାକ୍ଷରିତ ହୋଇସାରିଛି। ଯାହାଫଳରେ ପାରାଦ୍ୱୀପ ଓ ଓଡ଼ିଶାର ଯୁବକମାନଙ୍କୁ ବହୁଳମାତ୍ରାରେ ନିଯୁକ୍ତି ସୃଷ୍ଟିକରିବ। ପାରାଦ୍ୱୀପ ବିକାଶରେ ହିଁ ଓଡ଼ିଶାର ବିକାଶ ସମ୍ଭବପର ହୋଇପାରିବ । ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ତରଫରୁ ପ୍ରସ୍ତାବିତ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ପାରାଦ୍ୱୀପ ଯେ କୌଣସି ଏକ ଯାଗାରେ ସ୍ଥାପନ କରିବାପାଇଁ ମନ୍ତ୍ରୀ ସ୍ୱୀକାରୋକ୍ତି ପ୍ରଦାନ କରିଥିଲେ। ଉକ୍ତ ସଭାରେ ଜଗତସିଂହପୁରର ସାଂସଦ ବିଭୁପ୍ରସାଦ ତରାଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ଯୁବକମାନଙ୍କ ପ୍ରତି ସ୍ୱାମୀଜୀଙ୍କ ଆହ୍ୱାନ ସଂପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ପାରାଦ୍ୱୀପ ରେ ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ଏଭଳି ଏକ ନିରାଡ଼ମ୍ବର କାର୍ଯ୍ୟକ୍ରମ ପାଇଁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଟ୍ରଷ୍ଟର ଉପଦେଷ୍ଟା ତଥା ପାରାଦୀପ ବନ୍ଦରର ପୂର୍ବତନ ଟ୍ରଷ୍ଟି ଭୁବନ ମୋହନ ଜେନା ଓ ପ୍ରତାପ ମିଶ୍ର ଯୋଗଦେଇ ପାରାଦ୍ୱୀପର ଯୁବକମାନଙ୍କୁ ବିବେକାନନ୍ଦଙ୍କ ଆହ୍ୱାନ ପ୍ରତି ଅନୁପ୍ରାଣିତ ହୋଇ ସୁସ୍ଥ ଓ ସମୃଦ୍ଧି ପାରାଦ୍ୱୀପ ଗଠନ ଦିଗରେ କାର୍ଯ୍ୟରତ ହେବାପାଇଁ ପ୍ରେରଣା ଦେଇଥିଲେ । ଟ୍ରଷ୍ଟ ତରଫରୁ ଆୟୋଜିତ ବକ୍ତୃତା, ଚିତ୍ରାଙ୍କନ, ଛଦ୍ମବେଶ, ଓ ନୃତ୍ୟ ପ୍ରତିଯୋଗିତାର ବିଜେତାମାନଙ୍କୁ ମୁଖ୍ୟଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ବିଭିନ୍ନ ସାମାଜିକ ଅନୁଷ୍ଠାନଗୁଡ଼ିକୁ ମାନପତ୍ର ପ୍ରଦାନ କରାଯାଇଥିଲା । କିଛି ବୃଦ୍ଧବୃଦ୍ଧାମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସଭାରେ ଟ୍ରଷ୍ଟର ସଭାପତି ବିଭୁପ୍ରସାଦ ନାୟକ, ସାଧାରଣ ସଂପାଦକ ତଥା ପୌର ପାରିଷଦ ପ୍ରତାପ ଚନ୍ଦ୍ର ନାୟକ, ଉପସଭାପତି ଦେବବ୍ରତ ସାହୁ, ସଂପାଦକ ବିଧାନ ଚନ୍ଦ୍ର ପରିଡ଼ା, କୋଷାଧକ୍ଷ ଶଶିକାନ୍ତ ନାୟକ, ସଦସ୍ୟ ଏନ.ଜେ.ରାଓ, ସାରଦା ପ୍ରସନ୍ନ ବେହେରା, ରଶ୍ମିରଞ୍ଜନ ହରିଚନ୍ଦନ, ବୈଦନାଥ ବେହେରା, ସମୀର ବର୍ମନ, ପବିତ୍ର ରାଉତ, ଜିତେନ୍ଦ୍ର ସାମଲ, ସଞ୍ଜୟ ମହାନ୍ତି, ରାକେଶ ଜୟପ୍ରକାଶ, ପ୍ରମୁଖ ସହଯୋଗ କରି ସଭା ଓ କାର୍ଯ୍ୟକ୍ରମକୁ କରିଥିଲେ।




କଣାସ, (ଭାସ୍କର ନ୍ୟୁଜ୍ ) : କଣାସ ବ୍ଲକ୍‌ର କଣାସ ଠାରେ ପ୍ରତିଷ୍ଠିତ କଣାସ ଉଚ୍ଚତର ବିଦ୍ୟାଳୟରେ ଆଜି ଜାତୀୟ ଯୁବ ଦିବସ ଓ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଯୁବ ରେଡ଼କ୍ରସ ତଥା ରେଡ଼ରିବନ୍ କ୍ଲବ୍ ତରଫରୁ ବରିଷ୍ଠ ଉପଦେଷ୍ଟା ଇଂରାଜୀ ଅଧ୍ୟାପକ ନିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି ବାଲିଘାଇ ଛକ, କଣାସ ବ୍ଲକ୍ ବଜାର ପର୍ଯ୍ୟନ୍ତ ଯାଇଥିଲା। ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଶତବାର୍ଷିକ ଅବସରରେ ସେହି ମହାନ ବ୍ୟକ୍ତିତ୍ୱଙ୍କୁ ମନେ ପକାଇବା ପାଇଁ ଅଧ୍ୟକ୍ଷ ଡମ୍ବରୁଧର ଛୁଆଳସିଂହ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇ ମହାପୁରୁଷଙ୍କ ସମ୍ବନ୍ଧରେ ସ୍ମୃତିଚାରଣ କରାଯାଇଥିଲା। ଯୁବକମାନଙ୍କ ପାଇଁ ଏକ ଆର୍ଦଶ ପଥ ପ୍ରଦର୍ଶକ ହିସାବରେ ବିବେକାନନ୍ଦଙ୍କ ଜୀବନ ଉତ୍ସର୍ଗୀକୃତ ବୋଲି ବ୍ୟକ୍ତିମାନେ ଅଭିଭାଷଣ ରଖିଥିଲେ। ବରିଷ୍ଠ ଅଧ୍ୟାପକ ବୃନ୍ଦାବନ ପାତ୍ର, ପ୍ରମୋଦ କୁମାର ହୋତା, ପ୍ରଫୁଲ କୁମାର ଜେନା, ମହେନ୍ଦ୍ର ବିଶ୍ୱାଳ ଯୋଗଦେଇ ମହାପୁରୁଷଙ୍କ ମହିମା ମଣ୍ଡନ କରିଥିଲେ। ଅଧ୍ୟାପକ ପ୍ରଭାସ ମଙ୍ଗରାଜ ସଭା ପରିଚାଳନା କରିଥିଲେ।

# ‘ଯୁବ ସମାଜ ସଚେତନ ହେଲେ ନିଶାମୁକ୍ତ ଭାରତ ଗଠନ ସମ୍ଭବ’




ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ୧୬୨ ତମ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଯଥା ଜାତୀୟ ଯୁବ ଦିବସ ଅବସରରେ ‘ଯୁବ ସମାଜ ସଚେତନ ହେଲେ ନିଶାମୁକ୍ତ ଭାରତ ଗଠନ ସମ୍ଭବ’, ଏହି ବାର୍ତ୍ତା ଯୁବ ସମାଜକୁ ସଂକଳ୍ପ ନେବା ପାଇଁ ବ୍ରହ୍ମନଗର ସ୍ଥିତ ଅଗ୍ରଣୀ ସାମାଜିକ ଅନୁଷ୍ଠାନ କ୍ରାନ୍ତି ଉଦ୍ୟମରେ ଏମ.କେ.ସି.ଜି. ମେଡ଼ିକାଲ କଲେଜ ସମ୍ମୁଖ ଠାରୁ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ, ବ୍ରହ୍ମପୁର ପର୍ଯ୍ୟନ୍ତ ରାଷ୍ଟ୍ରୀୟ ନିର୍ମାଣ ସକାଶେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଯୁବକଯୁବତୀମାନଙ୍କୁ ନେଇ ଏକ ସୁସଜ୍ଜିତ ସ୍ୱାମୀଜୀଙ୍କ ରଥ ବ୍ରହ୍ମପୁର ସହର ପରିକ୍ରମା କରିବା ସହ ସ୍ୱାମୀଜୀଙ୍କ ବାଣୀ ଯୁବ ସମାଜକୁ ଆହ୍ୱାନ କରିବା ସହ ପ୍ରେରଣା ଯୋଗାଇଥିଲା। ପ୍ରାରମ୍ଭରେ ସମସ୍ତ ଅତିଥିମାନଙ୍କ ଦ୍ୱାରା ଏମ.କେ.ସି.ଜି. ମେଡ଼ିକାଲ କଲେଜ ପରିସରରେ ଥିବା ସ୍ୱାମୀଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ ଅର୍ପଣ କରିଥିଲେ। ଏହି ଅବସରରେ ବି.ଏମ.ସି ପୂର୍ବତନ ମେୟର ଶିବଶଙ୍କର ଦାସ, ମହାନ୍ ସଂଘ ସଭାପତି ସୁଶାନ୍ତ କୁମାର ସାବତ, ହୋଲି ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜିର ଚେୟାରମ୍ୟାନ ରାଜେନ୍ଦ୍ର କୁମାର ପଣ୍ଡା ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ସମାଜରେ ଯୁବକମାନେ ସଚେତନ ହେବା ସହ ରାଷ୍ଟ୍ର ନିର୍ମାଣରେ ଭାଗିଦାରୀ ହୋଇ ଉତ୍ତମ ରାଷ୍ଟ୍ର ଗଠନ କରିବା ପାଇଁ ଆହ୍ୱାନ ଦେଇ ସ୍ୱାମୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କର୍ତ୍ତବ୍ୟ ନିଷ୍ଠା ଓ ଦୃଢ଼ ବିଶ୍ୱାସ ଦ୍ୱାରା ଦେଶର ପରିବର୍ତ୍ତନ ସମ୍ଭବ ବୋଲି ମତ ପ୍ରକାଶ କରିଥିଲେ। କ୍ରାନ୍ତିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ଦେବାନନ୍ଦ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୟନ୍ତୀ ଓ ପଦଯାତ୍ରା କାର୍ଯ୍ୟକ୍ରମରେ ସମାଜରେ ସଚେତନ ଅଭାବରୁ ଯୁବକମାନେ କିପରି ନିଶାଗ୍ରସ୍ତ ହୋଇ, ତମାଖୁ ଜାତୀୟ ଦ୍ରବ୍ୟ ଖାଇ କୁପରିଣାମ ଭୋଗୁଅଛନ୍ତି, ଏହାକୁ ଯଥାଶିଘ୍ର ବନ୍ଦ କରି ଯୁବସମାଜର ସୁରକ୍ଷା ପାଇଁ ଆହ୍ୱାନ କରିଥିଲେ। ଏହି ପଦଯାତ୍ରାରେ ବିଭିନ୍ନ ସମାଜସେବୀ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନଙ୍କ ସହ, ସାମନ୍ତରାୟ ଏକାଡ଼େମୀ, ହୋଲି ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜି, ଆର୍ଯ୍ୟାନ ଗୁରୁକୂଳ, କେ.ସି. ପବ୍ଲିକ ସ୍କୁଲ, ବେଦବ୍ୟାସ କଲେଜ, ଜ୍ଞାନ ବିକାଶ ଇଂଲିଶ ମିଡ଼ିଅମ୍ ସ୍କୁଲ ଏବଂ ରାଜୀବ ମେମୋରିଆଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜିର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ପ୍ରାୟ ୯୦୦ ଯୁବକଯୁବତୀ ଯୋଗଦେଇ ଶୋଭାଯାତ୍ରାରେ ସ୍ୱାମୀଜୀଙ୍କ ଉଦ୍ଦେଶ୍ୟରେ ସ୍ଲୋଗାନ ଦେଇଥିଲେ। ପରିଶେଷରେ ହିଲିପାଟଣା ସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ସମ୍ମୁଖରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ସମାରୋହରେ କ୍ରାନ୍ତି ଅନୁଷ୍ଠାନର ଡ.ଦେବାନନ୍ଦ ଦାଶ ଅଧ୍ୟକ୍ଷତାରେ ଏକ ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ରୂପେ ବ୍ରହ୍ମପୁର ପ୍ରେସ କ୍ଲବ୍‌ର ସମ୍ପାଦକ ପ୍ରହ୍ଲାଦ ସାହୁ, ସହ ସମ୍ପାଦକ ଗୋପାଳ ରେଡ୍ଡି ଓ ସାମନ୍ତରାୟ ଏକାଡ଼େମୀର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ପ୍ରମୁଖ ଯୋଗଦେଇ ସ୍ୱାମୀଜୀଙ୍କ ଯୁବ ସମାଜ ପ୍ରତି ଗୁରୁତ୍ୱକୁ ସରଳ ଭାଷାରେ ବୁଝାଇଥିଲେ। କ୍ରାନ୍ତି ଅନୁଷ୍ଠାନର ଡ.ଦାଶ ଉପସ୍ଥିତ ଯୁବକଯୁବତୀ ମାନଙ୍କୁ ସଚେତନ ମାଧ୍ୟମରେ ‘ନିଶାକୁ ନା, ନିଶା ସେବନ କ୍ୟାନସର କାରଣ... ନିଶା ଛାଡ଼ନ୍ତୁ, ଜୀବନ ବାଚ୍ଛନ୍ତୁ’ ସହ ନିଶା ମୁକ୍ତ ଭାରତ ଗଠନ ପାଇଁ ସଂକଳ୍ପ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କ୍ରାନ୍ତି ଅନୁଷ୍ଠାନର ନିର୍ମଳା ଦାଶ, ଦେବରାଜ ରାଉତ, ସରୋଜ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ବି.ସଞ୍ଜୟ ପାତ୍ର, ଅନିଲ କୁମାର ସେଠୀ ଓ ଚିନ୍ମୟାନନ୍ଦ ଦାଶ ସମେତ ଆଇ.ଏସ.ଆର.ଡି ପ୍ରଭାତ କୁମାର ପାଢ଼ୀ ସହ ଅନ୍ୟାନ୍ୟ କର୍ମକର୍ତ୍ତା, ସଖୀ (ୱାନ ଗ୍ରୁପ ସେଣ୍ଟର) ଓ କ୍ରାନ୍ତି ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ହାତୀ ନଷ୍ଟ କରିଦେଲେ କୋବି ଫସଲ



ଚମ୍ପୁଆ, (ଭାସ୍କର ନ୍ୟୁଜ୍ ) : ରାତି ପାହିଲେ ମକର। ଛୁଆପିଲାମାନେ ମକରରେ ନୂଆ ପୋଷାକ ପାଇଁ ହେଉଥିଲେ ଅଝଟ। ଛୁଆଙ୍କୁ କହିଥିଲେ କାଲି ସକାଳେ ହାଟକୁ କୋବି ବିକ୍ରି କରିବାକୁ ଯିବି। କୋବି ବିକ୍ରି କରି ସେଇ ଟଙ୍କାରୁ ତୁମକୁ ନୂଆ ପୋଷାକ କିଣି ଆଣି ଦେବି। କିନ୍ତୁ ବଣୁଆ ହାତୀ ପଲ ତାଙ୍କ ସ୍ୱପ୍ନକୁ କରିଦେଲେ ଚୂର୍ ମାର। ବଣୁଆ ହାତୀ ରାତିରେ ଚାଷୀଙ୍କ କୋବି କିଆରିରେ ପଶି ମାଡ଼ିମକଚି ନଷ୍ଟ କରିଦେଲେ ସମ୍ପୂର୍ଣ୍ଣ କୋବି ଫସଲ। ସୂଚନା ଅନୁସାରେ ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ସିଲିପୁଞ୍ଜି ଗ୍ରାମର କୁଳମଣି ମହାନ୍ତ ଏବର୍ଷ ବର୍ଷା ଅଭାବରୁ ଧାନ ଫସଲ ଭଲ ନହେବାରୁ ତାଙ୍କ ଜମିରେ ୪୦୦୦ ବନ୍ଧା କୋବି ଫସଲ ଚାଷ କରିଥିଲେ। ଚାଷ ଜମି ଠାରୁ ୨୦୦ ମିଟର ଦୂରରେ ଥିବା ପୋଖରୀରୁ କାନ୍ଧରେ ପାଣି ବୋହି ସେ କୋବି କିଆରିରେ ପାଣି ମଡ଼ାଇଥିଲେ। କୋବି ଫସଲର ଉପଯୁକ୍ତ ଯତ୍ନ ନିଆଯାଇଥିବାରୁ କୋବି ଫସଲ ବେଶ ସୁନ୍ଦର ହୋଇଥିଲା। ଏହା ଦେଖି କୁଳମଣିଙ୍କ ମନ କୁଣ୍ଢେମୋଟ ହୋଇଯାଉଥିଲା। ଭାବିଥିଲେ ମକର ପୂର୍ବରୁ କୋବି ବିକ୍ରି କରି ନିଜ ଛୁଆପିଲାଙ୍କ ପାଇଁ ମକରରେ ନୂଆ ପୋଷାକ କିଣି ଦେବେ କିନ୍ତୁ ହାତୀମାନେ ତାଙ୍କ କୋବି ଫସଲକୁ ମାଡ଼ି ଦଳି ନଷ୍ଟ କରିଦେବାରୁ କୁଳମଣିଙ୍କ ଦୁଃଖରେ ଭାଙ୍ଗି ପଡିଛନ୍ତି। ତାଙ୍କ ଛୁଆପିଲାଙ୍କୁ ନୂଆ ପୋଷାକ ଦେବା ତ ଦୂରର କଥା ସେ କିପରି ତାଙ୍କ ପରିବାରର ପ୍ରତି ପୋଷଣ କରିବେ ସେ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ହାତୀ ନଷ୍ଟ କରିଦେଇ ଥିବା କୋବି ଫସଲର ବଜାର ମୂଲ୍ୟ ୮୦୦୦୦ ଟଙ୍କା ହେବ ବୋଲି ସେ କହିବା ସହିତ ଚମ୍ପୁଆ ବନ ବିଭାଗ କାର୍ଯ୍ୟାଳୟକୁ ଆସି ନିଜର ଦୁଃଖ ଜଣାଇ ତାଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ ତାଙ୍କ ଅଭିଯୋଗ ଶୁଣିବା ପରେ ସରକାରୀ ନିୟମ ଅନୁସାରେ ତାଙ୍କୁ କ୍ଷତିପୂରଣ ଦିଆଯିବା ନେଇ ଆଶ୍ୱସନା ଦେଇଛନ୍ତି।

# ଭାଲୁ ଭୟରେ ଓଲଟିଲା ଟ୍ରାକ୍ଟର



କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ବିଳମ୍ବିତ ରାତିରେ ଏକ ଜଙ୍ଗଲୀ ଭାଲୁକୁ ଟ୍ରାକ୍ଟର ଚାଳକ ସାମ୍ନା ପଟରେ ଦେଖି ଟ୍ରାକ୍ଟର ର ଭାରସ୍ୟମ ହରାଇ ଓଲଟି ଯିବାରୁ ତୁରନ୍ତ ଟ୍ରାକ୍ଟରର ଇଞ୍ଜିନରେ ନିଆଁ ଲାଗି ଜଳିଯାଇଛି। ଏପରି ଘଟଣା ଘଟିଛି କୋଷାଗୁମୁଡ଼ା ବ୍ଲକ୍‌ର ବି.ଏମ୍ ସେମଳା ପଞ୍ଚାୟତର ବାକଟିଗୁଡ଼ା ଗାଁ’ର ଖେଳପଡ଼ିଆ ନିକଟରେ। ଏ ସମ୍ବନ୍ଧରେ ତୁରନ୍ତ ଖବର ପାଇ କୋଷାଗୁମୁଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ରାତି ପ୍ରାୟ ୧୦:୩୦ ସମୟରେ ଅଗ୍ନିଶମ ଅଧିକାରୀ ପ୍ରସାଦ ବେହେରା ଓ ଷ୍ଟାଫ ସୁଶାନ୍ତ, ପ୍ରବୀଣ, ଧରଣୀଧର ଘଟଣା ଉପରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ବୋଲି ସୂଚନା ଦେଇଛନ୍ତି। ଏହି ଟ୍ରାକ୍ଟର ଟି ଉକ୍ତ ବାକଟିଗୁଡା ଗାଁ ର ଲିମନ ବିଶୋଇଙ୍କ ବୋଲି ଜଣାପଡ଼ିଛି। ଏହି ଦୁର୍ଘଟଣାରେ ଟ୍ରାକ୍ଟର ଚାଳକ ଏବଂ ସହଯୋଗୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।

# ପୋଙ୍ଗଲ ପାଳିଲେ ତେଲୁଗୁ ସମ୍ପ୍ରଦାୟ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ): କୋରାପୁଟ ଜିଲ୍ଲାର ନାରାୟଣପାଟଣା ଠାରେ ତେଲୁଗୁ ସମ୍ପ୍ରଦାୟଙ୍କ ପୋଙ୍ଗଲ ପର୍ବ ଧୁମଧାମରେ ପାଳିତ ହୋଇଯାଇଛି। ଏନେଇ ଚାରିଦିନ ଧରି ପାଳନ ହେବାକୁ ଥିବା ଏହି ପୋଙ୍ଗଲ ପର୍ବର ପ୍ରଥମ ଦିନ ଭୋଗୀ ଉତ୍ସବ ସ୍ଥାନୀୟ ରାମ ମନ୍ଦିର ପରିସରରେ କଳିଙ୍ଗ ବୈଶ୍ୟ ସଂଘ ଦ୍ୱାରା ଆୟୋଜିତ ହୋଇଥିଲା ଓ ସଂଘ ସଭାପତି ଏସ.ପୁରୁଷୋତ୍ତମଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପବିତ୍ର ସାଉନ୍ତା, ପୂର୍ବତନ ସାଂସଦ ତଥା ବିଜେଡ଼ି ଜିଲ୍ଲା ସଭାପତି ଝିନ ହିକକା, ବିଜେଡ଼ି ନାରୀନେତ୍ରୀ କୌଶଲ୍ୟା ହିକକା, ପୂର୍ବତନ ବିଧାୟକ କୈଳାଶ କୁଲେସିକା, ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ବିଡ଼ିଓ ପିୟୁଷ ଲୁହାର, ଥାନାଧିକାରୀ ପ୍ରମୋଦ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଉପସ୍ଥିତ ସମସ୍ତ ଅତିଥି ବୃନ୍ଦ ଏହି ପୋଙ୍ଗଲ ପର୍ବର ବିଶେଷତ୍ୱକୁ ନେଇ ନିଜନିଜ ମତ ପରିବେଷଣ କରିବା ସହ ଖୁସି ବ୍ୟକ୍ତ କରିଥିଲେ। ଏନେଇ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଲୋକେ ବେଶ ଉପଭୋଗ କରି ମଜା ନେଇଥିଲେ। ସଂଘର ମହିଳାମାନେ ପାରମ୍ପରିକ କୋଲାଟାମ ନୃତ୍ୟ ପରିବେଷଣ କରି ସବୁରି ମନ ମୋହିଥିଲେ। ପ୍ରଥମ ଥର ପାଇଁ ନାରାୟଣପାଟଣା କଳିଙ୍ଗ ବୈଶ୍ୟ ସଂଘ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ସଦସ୍ୟମାନେ ଖୁସି ଜାହିର କରିଥିଲେ। ଏହି ଉତ୍ସବ ସନ୍ଧ୍ୟା ସାତଟାରେ ଆରମ୍ଭ ହୋଇ ରାତ୍ର ଗୋଟାଏରେ ସରିଥିଲା। ପରେ ମଧ୍ୟରାତ୍ରରେ ନିୟମ ମୁତାବକ ଭୋଗୀ ଉତ୍ସବ ଆରମ୍ଭ ହୋଇଥିଲା। ଜି.ନିରଷା ମଞ୍ଚ ପରିଚାଳନା କରିଥିବା ବେଳେ ସଂଘର ଯୁବକମାନେ ସବୁ କ୍ଷେତ୍ରରେ ସହଯୋଗ କରିଥିଲେ।

# ସେଣ୍ଟ୍ ଜାଭିଅର ହାଇସ୍କୁଲର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ): କେନ୍ଦ୍ରାପଡ଼ା ସହରର ଗୋପସ୍ଥିତ ସେଣ୍ଟ ଜାଭିଅର ହାଇସ୍କୁଲର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ହାଇସ୍କୁଲର ଅଧ୍ୟକ୍ଷ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ଅବକାରୀ ଆୟୁକ୍ତ ନରସିଂହ ଭୋଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ପିଲାମାନେ ଆକାଶ ଛୁଇଁବାକୁ ଉଦ୍ୟମ



କରନ୍ତୁ। ଛୋଟମୋଟ ଲକ୍ଷ୍ୟ ନରଖି ବଡ଼ ଲକ୍ଷ୍ୟ ରଖି ଜୀବନର ଚଲାପଥରେ ଆଗେଇ ଯିବା ପାଇଁ କମିଶନର ଭୋଳ ମତବ୍ୟକ୍ତ କରିଥିଲେ। ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ମହାପୁରୁଷମାନଙ୍କ ଜୀବନୀ ସମ୍ପର୍କରେ ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ପିଲାମାନଙ୍କୁ କାହାଣୀ ମାଧ୍ୟମରେ ଅବଗତ କରାଇବା ଜରୁରୀ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଜଗତସିଂହପୁର ଜିଲ୍ଲାର ଉପଆରକ୍ଷୀ ଅଧୀକ୍ଷକ ଜ୍ୟୋତିରଞ୍ଜନ ସାମନ୍ତରାୟ, ବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ପ୍ରାଧାପିକା ପ୍ରତିଜ୍ଞା ସାମଲ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଦେଇଥିଲା। ଉତ୍ସବ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିବା ବେଳେ ଶିକ୍ଷକ ଧୃତିରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସହିରା ପବ୍ଲିକ ସ୍କୁଲରେ ସ୍ୱାମୀ ବେବେକାନନ୍ଦ ଜୟନ୍ତୀ ପାଳିତ



ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡ଼ା ଜିଲ୍ଲା ଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସହିରା ସ୍ୱାମି ବିବେକାନନ୍ଦ ପବ୍ଲିକ ସ୍କୁଲରେ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଦିବସ ପାଳିତ ହେଇଯାଇଛି। ଅନୁଷ୍ଠାନର ପରିଚାଳକ ଦେବାଶିଷ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ବିବେକାନନ୍ଦ ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷ୍ୟୟିତ୍ରି ପ୍ରଣତି ଶୁଭଦର୍ଶନୀ ଖିଲାର ମୁଖ୍ୟ ବକ୍ତା ଓ ମୁଖ୍ୟ ଅତିଥି ଭାବେ ସମାଜସେବୀ ବିଜୟ କୁମାର ବିଶ୍ୱାଳ, ଅନ୍ୟତମ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଏସୟୁଜେ ସାମ୍ବାଦିକ ସଂଘର ଉପସଭାପତି ସଞ୍ଜୟ ପଣ୍ଡା ଓ ସାଥି ଅଜିତ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ସମାଜ ପ୍ରତି ତ୍ୟାଗ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ନିଜର ବକ୍ତବ୍ୟ ମାଧ୍ୟମରେ ଆଲୋକପାତ କରିଥିଲେ। ସମାଜ ସେବୀ ବିଜୟ ବିଶ୍ୱାଳ, ଯୁବ ସାମ୍ବାଦିକ ସଞ୍ଜୟ ପଣ୍ଡା, ସାମ୍ବାଦିକ ହିଂମାଂଶୁ ମହାନ୍ତି, ସାମ୍ବାଦିକ ଅଶୋକ ସାହୁ, ଧ୍ରୁବ ଅନ୍ନପୂର୍ଣ୍ଣା ସେବା ଓ କଳା ପରିଷଦର ସଭାପତି ତଥା ଯୁବ ସମାଜସେବୀ ନଳିନୀକାନ୍ତ ସ୍ୱାଇଁ ବିଦ୍ୟାଳୟର ସମସ୍ତ ଗୁରୁଜି ଗୁରୁମା ଗାୟତ୍ରୀ ପଣ୍ଡା, ମିଲି ରାଉତ, କୁସୁମପ୍ରଭା ବାରିକ, ଶ୍ରଦ୍ଧାଞ୍ଜଳୀ ସାହୁ, ସନ୍ତୋଷିନୀ ଦାଶ, ରଞ୍ଜିତା ପଣ୍ଡା, ରଶ୍ମିତା ପରିଡ଼ା, ରୋଶନ ପ୍ରଧାନ, ସୁନିତା ମଲ୍ଲିକ, ପ୍ରଜ୍ଞାରେଖା ପରିଡ଼ା ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ହୋଇ ବିବେକାନନ୍ଦଙ୍କ ସମାଜ ପାଇଁ ଥିବା ତ୍ୟାଗ ଓ ସମାଜ ସଂସ୍କାର ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ସମାଜ ସେବୀ ବିଜୟ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ୨୦୦ରୁ ଅଧିକ ଗରିବ ପରିବାରକୁ କମ୍ବଳ ବଣ୍ଟନ କରାଯାଇଥିଲା।

# ରବି ଚାଷ ପାଇଁ ଜମିକୁ ପହଞ୍ଚିପାରୁନି ପାଣି



ଖଡ଼ିଆଳ, (ଭାସ୍କର ନ୍ୟୁଜ୍) : ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ନେହେନା ପଞ୍ଚାୟତର ବିଛନାପାଲି ଗ୍ରାମର ଚାଷୀଙ୍କ ଜମିକୁ ତିଖାଲି ଲୋୟର ଇନ୍ଦ୍ର ଜଳସେଚନ ଯୋଗେ ଚାଷୀଙ୍କୁ ଚାଷ ପାଇଁ ଯୋଗାଉଥିବା କେନାଲ ପାଣି ପହଞ୍ଚି ନଥିବାରୁ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଠାରେ ତୁରନ୍ତ ପାଣି ଯୋଗାଇ ଦେବାକୁ ଚାଷୀମାନେ ଲିଖିତ ଅଭିଯୋଗ କରିଛନ୍ତି। ଗତ ଜାନୁଆରୀ ୨ ତାରିଖରେ ଚାଷୀଙ୍କୁ କେନାଲ ମାଧ୍ୟମରେ ପାଣି ଛାଡ଼ିଥିବା ବେଳେ ବର୍ତ୍ତମାନ ସୁଦ୍ଧା ପାଣି ପହଞ୍ଚି ନାହିଁ। ଗତ ଦିନରେ ବିଭାଗ ପକ୍ଷରୁ ରବି ଋତୁରେ ଡାଲିଜାତୀୟ ଫସଲ ନକରିବାକୁ ଗ୍ରାମବାସୀଙ୍କୁ ସୂଚନା ଦିଆଯାଇଥିଲା। ଫଳରେ ଚାଷୀମାନେ ଡାଲିଜାତୀୟ ଫସଲ ନକରି ଧାନଚାଷ ପାଇଁ ଜମିକୁ ଖୋଲା ରଖିଥିବା ବେଳେ ଜଳସେଚନ ବିଭାଗ ପକ୍ଷରୁ ପାଣି ଯୋଗାଣ ହେଉ ନାହିଁ। ଫଳରେ ଚାଷୀମାନେ ଜମିରେ ପାଣି ନଥିବାରୁ ନିରୁପାୟ ହୋଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ବିଗତ ଦିନରେ ଫିଲ୍ଡରେ କାମ କରୁଥିବା ଅଧିକାରୀମାନଙ୍କୁ ବାରମ୍ବାର ପାଣି ଯୋଗାଇ ଦେବାକୁ ନେଇ ଅଭିଯୋଗ କଲେ ମଧ କେହି କର୍ଣ୍ଣପାତ କରୁ ନଥିଲେ। ତେଣୁ ବାଧ ହୋଇ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିଥିବା ନେହେନା ପୂର୍ବତନ ସରପଞ୍ଚ କାର୍ତ୍ତିକେଶ୍ୱର ମଲ୍ଲିକ ଓ ଅବନିଷ ସିଂ ନିନା, ଚାଷି ଦୟା ସଗାର ଝଙ୍କାର, ତୁଳସିରାମ ମଲ୍ଲିକ, କେଶବ ମଲ୍ଲିକ, ଲଳିତ ମୋହନ ଦର୍ଜ୍ଜ, ହୀରଣ୍ୟ ମଲ୍ଲିକ, ଗୌରୀ ଶଙ୍କର ମଲ୍ଲିକ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ଅଭିଯୋଗ ପରେ ତୁରନ୍ତ କ’ଣ ସମସ୍ୟା ଅଛି ବର୍ତ୍ତମାନ ଯାଇ ସମାଧାନ କରାଯିବ ବୋଲି ମୁଖ୍ୟ ନିର୍ମାଣଯନ୍ତ୍ରୀ ସଞ୍ଜୀବ ଜ୍ଞାନ ଭତ୍ରା ଚାଷୀଙ୍କୁ କହିଥିଲେ।

# ଜିଲ୍ଲା ସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଶିଖପାଲ୍ଲି ପଞ୍ଚାୟତ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଉଚ୍ଚବିଦ୍ୟାଳୟ ଠାରେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ରେଡ଼କ୍ରସ ସୋସାଇଟି ତରଫରୁ ଜିଲ୍ଲା ସ୍ତରୀୟ ତିନିଦିନିଆ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ତିନିଦିନିଆ ଜିଲ୍ଲା ସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ସଭାକୁ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ ସଭାପତିତ୍ୱ କରିଥିଲାବେଳେ, ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପୂର୍ବତନ ସଭାପତି ମୁକା ମାଡ଼କାମୀ ଯୋଗ ଦେଇଥିଲେ। ଅନ୍ୟତମ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ ଡଃ ରଞ୍ଜନ କୁମାର ସ୍ୱାଇଁ। ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭ୍ୟା ଯମୁନା ରାୟ ଥିଲେ, ତତ୍‌ସହିତ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ଏକ୍ସ ଜୁନିୟର ରେଡ଼କ୍ରସ ଅଧିକାରୀ ରଶ୍ମି ରଞ୍ଜନ ଜେନା, ପ୍ରଧାନ ଶିକ୍ଷକ ରମେଶ ମହାରଣା, ଜୁନିୟର ରେଡ଼କ୍ରସ ଅଧିକାରୀ ନିରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଜୁନିୟର ରେଡ଼କ୍ରସ ଶିବିର ସଂଯୋଜକ ଦୀନବନ୍ଧୁ ବେଜ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଜୁନିୟର ରେଡ଼କ୍ରସ ଖଇରିପୁଟ ବ୍ଲକ୍ ସଂଯୋଜକ ଦେବରାଜ ସେଠୀ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କାଉନସିଲର, ଡିଆରପି, ଭୋଲେଣ୍ଟିୟର, ସାତଟି ବ୍ଲକ୍‌ର ଡିଷ୍ଟିକ କୋଅର୍ଡ଼ିନେଟର, କନିଷ୍ଠ ରେଡ଼କ୍ରସ ଶିକ୍ଷାର୍ଥୀ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କ ସହିତ ଅଞ୍ଚଳର ଶିକ୍ଷାପ୍ରେମୀ ବୁଦ୍ଧିଜୀବୀ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ସଂଯୋଜକ ନିରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ। ସମସ୍ତେ ସମାଜରେ ଅନ୍ୟର ସେବାର ନିଜକୁ ନିୟୋଜିତ କରିବା ପାଇଁ ପରାମର୍ଶ ଦେଇଥିଲେ। ସାତଟି ବ୍ଲକ୍‌ରୁ ମୋଟ ୧୪୧ ବିଦ୍ୟାଳୟରୁ ଜୁନିୟର ଓ କାଉନସିଲର ମିଶି ୩୫୩ଜଣ ଶିକ୍ଷାର୍ଥୀ ଯୋଗଦାନ କରିଥିଲେ। ଏହି ତିନିଦିନିଆ ଶିବିରରେ ପ୍ରାଥମିକ ଚିକିତ୍ସା ରକ୍ତଦାନ, ଏଡ୍ସ ନିୟନ୍ତ୍ରଣ, ଜଳବାୟୁ ପରିବର୍ତ୍ତନ, ଅଗ୍ନି ନିର୍ବାପନ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଭାଗୀଙ୍କୁ ଶିକ୍ଷା ଅଧିକାରୀ ପ୍ରଶଂସା ପତ୍ର ପ୍ରଦାନ କରିଥିଲା ବେଳେ କାଉନସିଲ ଏବଂ ଭୋଲେଣ୍ଟିୟରମାନଙ୍କୁ ଆୟୋଜିତ କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ।

# ବ୍ରେନ୍‌ଷ୍ଟ୍ରୋକ୍‌ରେ ଚାଷୀଙ୍କ ମୃତ୍ୟୁ

ଖପ୍ରାଖୋଲ, (ଭାସ୍କର ନ୍ୟୁଜ) : ଖପ୍ରାଖୋଲ ବ୍ଲକ୍ ଓଡ଼ିଆପାଲି ପଞ୍ଚାୟତ ବୁଢ଼ିବାହାଲ ଗାଁ’ର ଆଗୁଆ ଚାଷି ଚତୁର୍ଭୁଜ ସାହୁ (୭୪)ଙ୍କ ବଲାଙ୍ଗିରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ମସ୍ତିଷ୍କ ଆଘାତରେ ଗୁରୁତର ହୋଇ ଚିକିତ୍ସିତ ହେଉଥିଲେ। ରବିବାର ସକାଳେ ମୃତ ଦେହ ଗାଁ’ରେ ପହଞ୍ଚିଲା ପରେ ଶୋକାକୁଳ ପରିବେଶ ଦେଖାଯାଇଥିଲା। ଯାହାଫଳରେ ଗାଁ’ରେ ପୁଷପୁନି ପର୍ବ ଫିକା ପଡ଼ିଯାଇଛି। ସାହୁ ଗାଁ’ର ନେତୃତ୍ୱ ନେଉଥିବା ବେଳେ ଗାଁ’ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ, ଜଗନ୍ନାଥ ମନ୍ଦିର ନିର୍ମାଣରେ ପ୍ରମୁଖ ଭୂମିକା ନେଇଥିଲେ। ସେହିପରି ବିଦ୍ୟାଳୟ କମିଟି ସହିତ ବିଭିନ୍ନ କମିଟି, ସଙ୍ଗଠନର ସଦସ୍ୟ ରହିଥିଲେ। ରବିବାର ସକାଳେ ନିଜ ପରିବାରର ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏହି ଅବସରରେ ବଡ଼ପୁଅ ପ୍ରଦ୍ୟୁମ୍ନ ସାହୁ ସମେତ ଅନ୍ୟ ଚାରି ପୁଅ, ଝିଅ ଜ୍ୱାଇଁ, ବହୁ ବନ୍ଧୁ, ପରିଜନ ଉପସ୍ଥିତ ଥିଲେ।

# ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜିଲ୍ଲାସ୍ତରୀୟ ରାଜ୍ୟ ପୁରସ୍କାର ପରୀକ୍ଷା କ୍ୟାମ୍ପ



ବାରିପଦା, (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବାରିପଦାସ୍ଥିତ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଦ୍ୱାରା ରାଜ୍ୟ ପୁରସ୍କାର ପରୀକ୍ଷା କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସ୍କାଉଟ୍ସ ଓ ଗାଇଡ୍ସ ଜିଲ୍ଲା ମୁଖ୍ୟ କମିଶନର ପୂର୍ଣ୍ଣଚନ୍ଦ୍ର ସେଠୀ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କମଳାନେହୁରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିଦେବୀ ସାୟନ ଯୋଗ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ସ୍କାଉଟ୍ସ ଓ ଗାଇଡ୍ସ ଜିଲ୍ଲା ସମ୍ପାଦକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଜାନୁୟାରୀ ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିଥିବା ଏହି କ୍ୟାମ୍ପର ପରୀକ୍ଷଣ କରିବା ପାଇଁ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ଶାଖାରୁ ପରୀକ୍ଷକ ଅନୀଲ କୁମାର ମହାନ୍ତି ଓ ଫକୀର ମୋହନ ଜେନା ଯୋଗ ଦେଇଥିଲେ। ପରୀକ୍ଷା ପରିଚାଳନା ପାଇଁ ଜିଲ୍ଲା ଡିଓସି ସ୍କାଉଟ ବିଜୟ କୁମାର ପାଣିଗ୍ରାହୀ, ଡିଓସି ଗାଇଡ଼ ସୁଲୋଚନା ମଙ୍ଗରାଜ, ଡିଟିସି ସ୍କାଉଟ ରମେଶ ଚନ୍ଦ୍ର ବିଶୋଇ, ଗାଇଡ଼ କ୍ୟାପଟେନ ବାସନ୍ତୀ ମହାନ୍ତ, ସ୍କାଉଟ ମାଷ୍ଟର ଦୀପକ ରାମ, ଅଭିନନ୍ଦନ ମହୁରୀ, ପ୍ରଦୀପ ଚୌଧୁରୀ, ରୋଭର ଗଣେଶ ବେହେରା ଓ ସୁଜିତ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସେଣ୍ଟ୍ରାଲ ଅଫିସିଆଲ ଭାବେ ହରିଶ୍ଚନ୍ଦ୍ର ରାଉତ, ପଙ୍କଜ ବେହେରା, ମନୋରଞ୍ଜନ ମହାନ୍ତ, ଅଭିଷେକ ବେହେରା, ରମେଶଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି କ୍ୟାମ୍ପରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ୧୪୭ ଜଣ ସ୍କାଉଟ୍ସ ଓ ୧୩୮ ଜଣ ଗାଇଡ୍ସ ଯୋଗ ଦେଇଥିଲେ। ଏହି ପରୀକ୍ଷାରେ ସ୍କାଉଟ୍ସ ଓ ଗାଇଡ୍ସମାନେ ବିଭିନ୍ନପ୍ରକାର ନଟିଙ୍ଗ, ଫାଷ୍ଟଏଡ଼, ଲ୍ୟାସିଂ, ଟେଣ୍ଟ, ପ୍ୟାରେଡ, ଲ, ମୋଟୋ, ସାଇନ ଆଦି ପରୀକ୍ଷା ଦେଇଥିଲେ। ଏହା ସହିତ ବିଭିନ୍ନପ୍ରକାର ଗେଜେଟ ତିଆରି କରିବା ସହିତ ଲାଇଫ ସେଭିଙ୍ଗ ନଟ, ଇମ୍ପ୍ରାଭାଇଜିଙ୍ଗ ଟେଣ୍ଟ, ଷ୍ଟ୍ରେଚର, ହେଡ଼ ବ୍ୟାଣ୍ଡେଜ, ସେଣ୍ଟଜୋନ ସ୍ଲିଙ୍ଗ, କଫ ଆଣ୍ଡ କୋଲର ବ୍ୟାଣ୍ଡେଜ ଆଦି କରିଥିଲେ। ରାଜ୍ୟ ପୁରସ୍କାର ପରୀକ୍ଷାରେ କୃତି ହୋଇଥିବା ସ୍କାଉଟ୍ସ ଓ ଗାଇଡ୍ସମାନେ ରାଜ୍ୟପାଳଙ୍କ ନିକଟରୁ ସାର୍ଟିଫିକେଟ ପାଇପାରିବେ ଯାହାକି ଭବିଷ୍ୟତରେ କାର୍ଯ୍ୟରେ ଲାଗିବ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ ଓ ସମ୍ମାନିତ ଅତିଥିଭାବେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରି ଭବିଷ୍ୟତରେ ନିଜକୁ ସୁନାଗରିକ ରୂପେ ଗଢ଼ିତୋଳିବା ପାଇଁ କହିଥିଲେ। ତିନିଦିନ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କମଳାନେହୁରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।



ତିହିଡ଼ି (ଭାସ୍କର ନ୍ୟୁଜ) : କଳା ହେଉଛି ସଂସ୍କୃତିର ଆଧାର। କଳାର ବିକାଶରେ ସାଂସ୍କୃତିକ ବିକାଶ ସମ୍ଭବ ହୁଏ। ଏଣୁ ନୂଆପିଢ଼ିଙ୍କ ରମ୍ୟ ନିର୍ମାଣରେ ଭବିଷ୍ୟତ ସମାଜ ଓ ସଂସ୍କୃତିର ମହନୀୟତା ପ୍ରକାଶ ପାଇଥାଏ ବୋଲି ସ୍ଥାନୀୟ ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜ୍ଜୁନ କଲେଜ ନାଟ୍ୟ ସଂସଦ ପକ୍ଷରୁ ଆୟୋଜିତ ଦୁଇଦିନିଆ ପ୍ରତିଯୋଗିତା ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଂସଦର ଉପସଭାପତି ଅଧ୍ୟାପକ ଗୋବିନ୍ଦଚନ୍ଦ୍ର ବାଗଙ୍କ ସଭାପତିତ୍ୱରେ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଅନୁଷ୍ଠିତ ଉତ୍ସବକୁ ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡ଼ା ଉଦ୍‌ଘାଟନ କରି ଛାତ୍ରଛାତ୍ରୀମାନଙ୍କ କଳା ପ୍ରତିଭାର ଅଭ୍ୟୁଦୟ ପାଇଁ ଏଭଳି ପ୍ରତିଯୋଗିତା ଉତ୍ସବର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅତିଥି ଓ ବିଚାରକ ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ରୁଦ୍ରମାଧବ ବାରିକ୍ ଓ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଗାୟତ୍ରୀ ପ୍ରଧାନ ଯୋଗଦେଇ ପ୍ରତିଯୋଗିତା ପରିଚାଳନା କରିବା ସହିତ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଉପସଭାପତି ଡକ୍ଟର ରାଜେନ୍ଦ୍ର କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଦସ୍ୟା ଅଧ୍ୟାପିକା ସୁସ୍ମିତା ପଣ୍ଡା ଓ ଅଧ୍ୟାପିକା ଆଲଫାରାଣୀ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଦୁଇଦିନିଆ କାର୍ଯ୍ୟକ୍ରମରେ ଉଭୟ ଯୁକ୍ତଦୁଇ ଓ ଯୁକ୍ତତିନି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକକ ଅଭିନୟ, ହାସ୍ୟାଭିନୟ, ର୍‍ୟାମ୍ପ ଶୋ', ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଅଧ୍ୟକ୍ଷ ସୂଚନା ଦେଇଥିଲେ। ବୈଷ୍ଣବ ଚରଣ ମହାନ୍ତିଙ୍କ ସଂଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହାୟତା କରିଥିଲେ।

# ମୁରିବାହାଲ ସଦର ମହକୁମାରେ ହାତୀ ଆତଙ୍କ, ବନ ବିଭାଗ ଚୁପ୍

ମୁରିବାହାଲ ( ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସଦର ମହକୁମାରେ ବଣୁଆ ହାତୀଙ୍କ ଆତଙ୍କ ଦେଖିବାକୁ ମିଳିଛି। ମୁରିବାହାଲ ସଦର ମହାକୁମାରେ ଥିବା ପ୍ରଫୁଲ୍ଲ ବଘାର ତାଙ୍କ ଧାନ ଚାଷ ଅମଳ କରି ଧାନ ଖଳାରେ ୭୦ ପକେଟ ଧାନ ରଖିଥିବାବେଳେ ହାତୀପଲ ଖାଇ ଚୁରମାର କରିଥିବା ଦେଖିବାକୁ ମିଳିଛି ଏବଂ ଚାଷ କିଆରୀମାନଙ୍କରେ ପଶି ଚାଷ ନଷ୍ଟ



କରୁଥିବା ଦେଖିବାକୁ ମିଳୁଛି। ହାତୀପଲ ମୁରିବାହାଲ ଅଞ୍ଚଳର ଅନେକ ଗ୍ରାମରେ ଧାନ, ପନି ପରିବା, କଦଳୀ କିଆରୀକୁ ପଶି ଚାଷ ନଷ୍ଟ କରିବାରେ ଲାଗିଛନ୍ତି। ମୁରିବାହାଲ ଅଞ୍ଚଳକୁ ହାତୀପଲ ବାରମ୍ବାର ଆସି ଚାଷୀମାନଙ୍କ ଚାଷ ନଷ୍ଟ କରୁଥିବା ବେଳେ ବନ ବିଭାଗ କିଛି ପଦକ୍ଷେପ ନେଉନଥିବା ଅନେକ ଲୋକ ଦାବି କରୁଛନ୍ତି । କେତେ ଲୋକ ବନ ବିଭାଗ ଖାଲି ହାତୀମାନଙ୍କ ମଳମୂତ୍ରକୁ ଟ୍ରାକ୍ କରୁଥିବା ମଧ୍ୟ କହୁଛନ୍ତି। ହାତୀ ପଲମାନଙ୍କୁ ଶୀଘ୍ର ଘଉଡ଼ାଇବା ପାଇଁ ସାଧାରଣରେ ଦାବି ହେଉଛି।

# ଧାନମଣ୍ଡି ଖୋଲିବାରେ ବିଳମ୍ବ

## ଶାଗମାଛ ଦରରେ ଧାନ ବିକୁଛନ୍ତି ଚାଷୀ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଦୁଃସ୍ଥିତିରେ ଚାଷୀ। ଗାଁ ଗାଁରେ ଦଲାଲ ଧାନ ବ୍ୟବସାୟୀ ସକ୍ରିୟ। ପଦାରେ ପଡିଛି ରାଜ୍ୟ ସରକାରଙ୍କ କୃଷି ମାରଣ ନୀତି। କେବେ ଖୋଲିବ ସରକାରୀ ଧାନମଣ୍ଡି। ମଣ୍ଡି ପାଇଁ ବଢ଼ିଲା ମୁଣ୍ଡ ବିନ୍ଧା। ବେଡି ଉପରେ କୋରଡ଼ା ମାଡ଼। ଗୋଟିଏ ପଟେ ମଣ୍ଡି ଖୋଲୁନି ଅନ୍ୟପଟେ ଅମଳ ଧାନକୁ ଶାଗମାଛ ଦରରେ କିଣି ନେଉଛନ୍ତି ଦଲାଲ। ୨୦୨୫ ଜାନୁଆରୀ ୭ତାରିଖରେ ପୁରୀ ଜିଲ୍ଲାରେ ମଣ୍ଡି ଖୋଲିବା ନେଇ ଜିଲ୍ଲାସ୍ତରୀୟ ପୋକ୍ୟମେଣ୍ଟ କମିଟି ନିଷ୍ପତି ନେଇଥିଲା। ଏହାକୁ ନେଇ ଚାଷୀମାନେ ବେଶ ଉତ୍ସାହିତ ହୋଇଯାଇଥିଲେ। ହେଲେ ଏହା ମଧ୍ୟରେ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ମଣ୍ଡି ଖୋଲି ନାହିଁ। ଅସ୍ତରଙ୍ଗ ବ୍ଲକ କିଛି ଚାଷୀଙ୍କୁ ଟୋକନ ମେସେଜ ଆସିଥିବା ବେଳେ ଅନେକ ଚାଷୀଙ୍କୁ ଟୋକନ ମେସେଜ ଆସିନାହିଁ। ଧାନ ଅମଳ କରି



ଅପେକ୍ଷାରେ ଚାଷୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଚାଷୀ ଅଞ୍ଚଳ ହୋଇଥିବାବେଳେ ଚାଷରୁ ଯେଉଁ ରୋଜଗାର ହୁଏ ପରିବାର ପେଟକୁ ଆହାର ଯାଏ। ହେଲେ ଏଥର ଖରିଫ ଫସଲ ଅମଳ ସମୟରେ ସତେ ଯେମିତି ଚାଷୀଙ୍କ ପିଛା ଛାଡୁନି ସମସ୍ୟା। ରାଜ୍ୟ ସରକାରଙ୍କ ମଣ୍ଡି ଅବ୍ୟବସ୍ଥା ସୁଯୋଗ ନେଇ ଚାଷୀଙ୍କୁ ଲୁଟୁଛନ୍ତି ସକ୍ରିୟ ଦଲାଲ ଧାନ ବ୍ୟବସାୟୀ। ଅସ୍ତରଙ୍ଗ ବ୍ଲକ ବିଭିନ୍ନ ଗ୍ରାମରୁ ପ୍ରତିଦିନ ଟ୍ରକ ଓ ମିନିଟ୍ରକରେ ଚାଲାଣ ହେଉଛି ଧାନ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୧୦ଟି ସେବା ସମବାୟ ସମିତିରେ ୨୩-୨୪ରେ ୨୭୨୨ଜଣ ପଞ୍ଜିକରଣ କରିଥିବା ବେଳେ ଚଳିତ ବର୍ଷ ୨୭୧୩ଜଣ ପଞ୍ଜିକରଣ କରିଛନ୍ତି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଶତ ପ୍ରତିଶତ ଧାନ ଉଠାଯିବାକୁ ବିଭାଗୀୟ ଅଧିକାରୀ ଆଶା କରିଛନ୍ତି। ଯେଉଁ ଚାଷୀଙ୍କ ପାଖକୁ ଟୋକନ ଆସିଛି ତା'ର ସମୟ ସୀମା ଏକମାସ ରହିଥିବା ବେଳେ ଆଦ୍ୟାବିଧି ୭ଦିନ ଅତିକ୍ରମ କରିଗଲାଣି। ମଣ୍ଡି ଖୋଲିବାରେ ବିଳମ୍ବ ହେଲେ ଟୋକନର ସମୟ ସୀମା ଅତିକ୍ରାନ୍ତ କରିଯିବ। ଯାହାକୁ ନେଇ ଚାଷୀ ଆଶଙ୍କାରେ ରହୁଛନ୍ତି। ଅଦିନିଆଁ ବର୍ଷାରେ ଚାଷୀର ସୁନାର ଫସଲ ନଷ୍ଟ ହୋଇଯାଇଥିବା ବେଳେ ସେଥିରୁ ଯାହା କିଛି ବଞ୍ଚିଛି ତାକୁ ଅମଳ କରି ସରକାରଙ୍କୁ ମଣ୍ଡି ମାଧ୍ୟମରେ ବିକ୍ରୟ କରି ଗାଁ ସାହୁକାର, ବ୍ୟାଙ୍କ, ସେବା ସମବାୟ ସମିତିରୁ ଆଣିଥିବା ଋଣ ଶୁଝିବା ପାଇଁ ଚାଷୀମାନେ ଚିନ୍ତା କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ। ଋଣ ଶୁଝିବା ପାଇଁ ଚାଷୀମାନେ ବାଧ୍ୟ ହୋଇ ଶାଗ ମାଛ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହାର ଫାଇଦା ଉଠାଉଛନ୍ତି କିଛି ଅସାଧୁ ବ୍ୟବସାୟୀ। ବାହାର ବ୍ୟବସାୟୀ ଚାଷୀଙ୍କ ଠାରୁ ୧୮ଶହ ଓ ୧୯ଶହ ଟଙ୍କାରେ କିଣି ନେଉଛନ୍ତି। ଯାହା ସୂଚନା ମିଳିଛି ଖୁବ୍‌ଶୀଘ୍ର ଅସ୍ତରଙ୍ଗରେ ଖୋଲିବ ଧାନମଣ୍ଡି। ଚାଷୀଙ୍କୁ ବିକାଶର ଗୋଲାପୀ ଛବି ଦେଖାଉଥିବା ନୂତନ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ପଦାରେ ପଡିଛି। ତେବେ ଅପେକ୍ଷାରେ ରହିଛନ୍ତି ଚାଷୀ କେବେ ଖୋଲିବ ମଣ୍ଡି।

# ଚିକିଟି ବ୍ଲକରେ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ



ଚିକିଟି (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାର ଚିକିଟି ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଅତରିକ୍ତ ଜିଲ୍ଲାପାଳ ଦେନା ଦସ୍ତାନିଙ୍ଗ ମୁଖ୍ୟ ରୂପେ ଯୋଗଦାନ କରିଥିବା ବେଳେ ବ୍ରହ୍ମପୁର ଅରକ୍ଷୀ ଅଧିକ୍ଷକ ଡ଼ା. ସର୍ବଣ ବିବେକ ଏମ, ଏଡିମ ସୁଧାଂଶୁ ଶେଖର ଭୋଇ, ଚିକିଟି ବିଡ଼ିଓ ଲକ୍ଷ୍ମଣ ଚରଣ ସୋରେନ ମଧ୍ୟ ଯୋଗଦାନ କରିଥିଲେ। ଏଠାରେ ବିଭିନ୍ନ ବର୍ଗର ଅଭିଯୋଗ ପ୍ରକାରେ ମୋଟ ୬୭ଟି ଅଭିଯୋଗର ଶୁଣାଣି ହୋଇଥଲା। ଏଥିରୁ ୧୩ଜଣ ସାମାଜିକ କଲ୍ୟାଣ ଭତ୍ତା, ସୁଭଦ୍ରା ଯୋଜନା ପାଇଁ ତିନି ଜଣ, ରାସନ କାର୍ଡ କୋଡିଏ, ଗ୍ରାମୀଣ ଗୃହ ନିର୍ମାଣର ୮, କୃଷି ସମ୍ବନ୍ଧୀୟ ୮ଟି ସହ ଅନ୍ୟାନ୍ୟ ପନ୍ଦରଟି ଅଭିଯୋଗ ଆସିଥିଲା। ଏହି ଅଭିଯୋଗ ଆସିବା ପରେ ଅଭିଯୋଗ ସମ୍ବନ୍ଧୀୟ ଅଧିକାରୀମାନଙ୍କ ପାଖକୁ ପଠାଇ ଦିଆଯାଇଥିବା ବେଳେ କେତେକ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ହିଁ ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ, ସ୍ଥାନୀୟ ତହସିଲଦାର, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରାସ୍ତା ଓ କୋଠାବାଡି ନିର୍ମାଣ ବିଭାଗ ଯନ୍ତ୍ରୀ, ଗ୍ରାମୀଣ ରାସ୍ତା ନିର୍ମାଣ ଯନ୍ତ୍ରୀ, ଅବକାରୀ ଉପ ଆରକ୍ଷୀ ସ୍ଥାନୀୟ ଥାନା ଅଧିକାରୀ ଉପ ଆରକ୍ଷୀ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ବ୍ଲକ କୃଷି ଅଧିକାରୀ, ସମ୍ମନିତ ଶିଶୁ ବିକାଶ ଅଧିକାରୀଙ୍କ ସହ ସମସ୍ତ ଉନ୍ନୟନ ଅଧିକାରୀ ଯୋଗ ଦାନ କରିଥିଲେ।

# ଅବାଧରେ ଚାଲିଛି ଚୋରା ତେଲ ବେପାର

**ଟ୍ୟାଙ୍କରରୁ କାଟି ବିକ୍ରି ହେଉଛି ତେଲ**

ଡେରାବିଶ (ଭାସ୍କର ନ୍ୟୁଜ୍) : ଚଣ୍ଡିଖୋଲ-ପାରାଦ୍ୱୀପ ରାସ୍ତାର ଡେରାବିଶ ବ୍ଲକ ଅନ୍ତର୍ଗତ ଅଁଳାବାଙ୍କ ଠାରୁ ପଞ୍ଚୁପାଣ୍ଡବ ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବିଭିନ୍ନ ସ୍ଥାନରେ ଦୈନିକ ହଜାର ହଜାର ଲିଟର ଚୋରା ଡିଜେଲ ଓ ପେଟ୍ରୋଲ ବିକ୍ରୟ ଚାଲିଛି। ଏହାର ମୁଖ୍ୟ ମାଧ୍ୟମ ସାଜିଛି ପାରାଦ୍ୱୀପରୁ ଆସୁଥିବା ତେଲ ଟ୍ୟାଙ୍କରକୁ ଖୋଲି କିଛି ବ୍ୟବସାୟୀ ଏହି ବେପାର କରୁଛନ୍ତି। ଅତି ସତର୍କତାର ସହିତ ପାରାଦ୍ୱୀପରୁ ଆସୁଥିବା ତେଲ ଟ୍ୟାଙ୍କର ଗୁଡ଼ିକ ଜାତୀୟ ରାଜପଥର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ରହୁଛି। ଆଗରୁ ସେଠାରେ ଅପେକ୍ଷା କରିଥିବା ଦୁଇରୁ ତିନିଜଣ ବ୍ୟକ୍ତି ପ୍ଲାଷ୍ଟିକ ଜାର୍ ଦ୍ୱାରା ଟ୍ୟାଙ୍କରର ଇର୍ମଜେନ୍ସି ବାଟ ଦେଇ ତେଲ ବାହାର କରୁଛନ୍ତି । କାଳେ ଟ୍ୟାଙ୍କର ଅଟକିବା ଘଟଣା ଜଣାପଡ଼ିବ ତେଣୁ ପୂର୍ବରୁ ଜିପିଏସ୍ ସିଷ୍ଟମକୁ ବନ୍ଦ କରିଦିଆଯାଉଛି। ଏହାପରେ ଗୋଟିଏ ଟ୍ୟାଙ୍କରରୁ ସ୍ଥଳ ବିଶେଷରେ ୫୦ରୁ ୧୫୦ ଲିଟର ପର୍ଯ୍ୟନ୍ତ ତେଲ କଢ଼ା ଯାଉଛି। ଏହାପରେ ଟ୍ୟାଙ୍କର ଗୁଡ଼ିକ ନିଜ ଗନ୍ତବ୍ୟ ସ୍ଥଳକୁ ଚାଲି ଯାଉଛନ୍ତି। ତେଲ ଗଚ୍ଛିତ ହେବା ପରେ ବ୍ଲକର ଚୋରା ତେଲ ବେପାରୀମାନଙ୍କୁ ଏ ସମ୍ପର୍କରେ ଖବର ଦିଆଯିବା ପରେ ସେମାନେ ଟାଟା ଏସି କିମ୍ବା ୪୦୭ ଗାଡ଼ି ନେଇ ତେଲ ଜାର୍‌କୁ ଭର୍ତ୍ତି କରୁଛନ୍ତି । ଏହାପରେ କାଳେ ଜଣାପଡ଼ିବ ଗାଡ଼ି ଉପରେ ପାଲ ବନ୍ଧା ଯାଉଛି ସତେଯେମିତି କେହି ଜାଣି ନପାରିବେ। ଦୂରରୁ ଯିଏ ଭାବିବ ଏହି ଗାଡ଼ିରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯାଉଛି। ଦିନକୁ ପ୍ରାୟ ୨୦୦୦ ଲିଟର ତେଲ ଡେରାବିଶ ବ୍ଲକକୁ ଅବାଧରେ ପ୍ରବେଶ କରୁଛି। ପରେ ବ୍ଲକ ଅଧୀନରେ ଥିବା ବିଭିନ୍ନ ବେପାରୀମାନେ ଏହି ତେଲ ନେଇ ଗାଁ ଗହଳିରେ ବେପାର କରୁଛନ୍ତି। ଏହି ଚୋରା ତେଲ ବିକ୍ରୟର ମୁଖ୍ୟ କାର୍ଯଟଦାର ହେଉଛନ୍ତି ଜାତୀୟ ରାଜପଥ କଡ଼ରେ ଥିବା ଚୋରା ତେଲ ସଂଗ୍ରହ କରୁଥିବା ଲୋକମାନେ। ଏହି ପ୍ରକାରର ବ୍ୟବସାୟ କିଛିମାସେ ପୂର୍ବେ ବନ୍ଦ ଥିଲା କିନ୍ତୁ କିଛିଦିନ ହେବ ଏହି ଚୋରା ତେଲ ବେପାରୀମାନେ ସକ୍ରିୟ ହୋଇ ଉଠିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଏସବୁ କାର୍ଯ୍ୟ କରାଯିବା ବେଳେ ପୋଲିସ ପାଟ୍ରୋଲିଂ ଟିମ୍‌ର ହାବୁଡ଼ରେ ପଡୁନାହାଁନ୍ତି କେମିତି ? ଏହି ଅସାଧୁ ବେପାରୀ ଓ ଗାଡ଼ି ଚାଳକଙ୍କ ଉପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ନିହାତି ଜରୁରି ହୋଇପଡ଼ିଛି।

# ସେବା ସମବାୟ ସମିତି ପକ୍ଷରୁ ଖୋଲିଲା ଧାନମଣ୍ଡି



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ବଡ଼ଚଣା ବ୍ଲକ ଅନ୍ତର୍ଗତ ନିଶିମଳସ୍ଥିତ ପଲ୍ଲୀ ମଙ୍ଗଳ ସେବା ସମବାୟ ସମିତି ପକ୍ଷରୁ ଆଜି ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହି ସମ୍ପର୍କରେ ଆୟୋଜିତ ଆଲୋଚନାଚକ୍ରରେ ସମିତିର ସମ୍ପାଦକ ନରେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ସମିତିର ସଭାପତି ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇ କୃଷକମାନେ ଉତ୍ପାଦିତ କରିଥିବା ଧାନକୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ସହଜ ସୁବିଧାଜନକ ଭାବରେ ବିକିବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୋଡାଲ ଅଧିକାରୀ ଲିପ୍ସା ରାଣୀ ବେହେରା, ମହାବୀର ରାଇସ ମିଲ୍ ପରିଚାଳକ ତାପସ କୁମାର ପ୍ରଧାନ, ଡିଇଓ ସ୍ମୃତି ସାଗର ସାହୁ, ମାନ ନିରୀକ୍ଷକ ସୌରବ୍ କୁମାର ସାମଲ, ସମିତି ସହ ସମ୍ପାଦକ ଅବିନାଶ ଜେନା, ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ଜେନା, ରବୀନ୍ଦ୍ର ଜେନା, ନଟବର ସାହୁ, ବିଜୟାନନ୍ଦ ବିଶ୍ୱାଳ, ଶ୍ରୀକାନ୍ତ ମଲ୍ଲିକ, ଚାଷୀ ସତ୍ୟାନନ୍ଦ ପଲେଇ, ସଞ୍ଜୀବ ବଳ, କିଶୋର ଜେନା, ରାଜ କିଶୋର ଦାସ, ଯୁଧିଷ୍ଠିର ସାହୁ, ନଗେଶ ଜେନା, ବୈକୁଣ୍ଠ ସାମନ୍ତରାୟ, ହେମେଶ ଜେନା, ଶୁକଦେବ ରାଉତ, ପ୍ରକାଶ ରାଉତ, ଜନ୍ମଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଭାପତିଙ୍କ ଦ୍ୱାରା କଣ୍ଟାପୂଜା କରାଯାଇ ଧାନ ବିକ୍ରୟ ଶୁଭାରମ୍ଭ କରାଯାଇଥିଲା ଶେଷରେ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମୋ ମାଟି ପକ୍ଷରୁ କବି ସମ୍ମିଳନୀ ଓ କବିତା ପାଠୋତ୍ସବ



ଭାପୁର : ମୋ ମାଟି ଭାପୁର ଆନୁକୁଲ୍ୟରେ ଆଜି ଭାପୁର ମହୋତ୍ସବ ପଡିଆରେ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳ ୯ ଘଟିକା ସମୟରେ ଏହାର ପଞ୍ଜୀକୃତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀର ଆବାହକ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ଆଚାର୍ଯ୍ୟ ଏବଂ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିରୀକ୍ଷକ ନାରାୟଣ ଶୁକ୍ଳ ଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନରେ ବେଦ ପାଠ କରିଥିଲେ କବୟିତ୍ରୀ ସବିତା ଶୁକ୍ଳ। ମୋ ମାଟି ଭାପୁରର ତଥା ମହୋତ୍ସବ କମିଟିର ସଭାପତି ବେଣୁଧର ପ୍ରଧାନ ଏବଂ ସମ୍ପାଦକ ଭରତ କୁମାର ବେହେରାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ପବିତ୍ର କୁମାର ସୁବୁଦ୍ଧି, ରବି ନାରାୟଣ ମଙ୍ଗରାଜ, ଶେଖ ଅବଦୁଲ ଖାଲିକ, ବିଜୟ କୁମାର ତ୍ରିପାଠୀ, ଯୁଗଳ କିଶୋର ସାହୁ ଏବଂ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ମନୋଜ କୁମାର ଶତପଥୀ ଏବଂ ଗୋପୀନାଥ ସେଠି। ସମୁଦାୟ ୮୫ଜଣ କବି ଏବଂ କବୟିତ୍ରୀ ଏଥିରେ ଭାଗ ନେଇଥିଲେ। ପରିଶେଷରେ ସୁରେଶ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଡି ରାସ୍ତାକାମ ନିମ୍ନମାନର, ଭିଜିଲାନ୍ସ ତଦନ୍ତ ଦାବି

ଗରଦପୁର (ଭାସ୍କର ନ୍ୟୁଜ୍) : କୋଟି କୋଟି ଟଙ୍କା ବ୍ୟୟରେ ଆର୍‌ଡି ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ଗରଦପୁର ଠାରୁ ତଳକୁସୁମା, ଭାୟା ଅନ୍ଧବଟ ପିଚୁରାସ୍ତା କାମ ଅତି ନିମ୍ନମାନର ହେଉଥିବାର ଅଭିଯୋଗ ଉଠୁଛି। ପ୍ରକାଶ ଆଉକି ଉକ୍ତ ରାସ୍ତାକାମ ନେଇଥିବା ଠିକାଦାର ଗତବର୍ଷ ଅଧାକାମ କରି ଛାଡି ଚାଲିଯାଇଥିବା ବେଳେ ଏବେ ବାକି ଥିବା କାମ କରୁଥିବା ଦେଖିବାକୁ ମିଳୁଛି। ପୂର୍ବବର୍ଷ ନୂତନ ଭାବେ ନିର୍ମାଣ ହୋଇଥିବା ଏହି ପିଚୁ ରାସ୍ତାଟି ଏବେ ଠାଏ ଠାଏ ଦବିଯାଇଥିବା ଦେଖିବାକୁ ମିଳୁଥିବା ବେଳେ ବର୍ତ୍ତମାନ ହେଉଥିବା ବାକି ରାସ୍ତାକାମର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠୁଛି। ପିଚୁ ରାସ୍ତା ନିର୍ମାଣ ବେଳେ ବିଭାଗୀୟ ଯନ୍ତ୍ରୀ କିମ୍ବା କୌଣସି ସରକାରୀ କର୍ମଚାରୀଙ୍କ ଦର୍ଶନ



ମିଳୁନଥିବାବେଳେ ଠିକାଦାରଙ୍କ ମୁନାଫାଖୋର ଓ ମନମୁଖି କାର୍ଯ୍ୟଯୋଗୁଁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ପୂର୍ବ ବର୍ଷ ବିଛାଯାଇଥିବା ଡବ୍ଲ୍ୟୁଏମ୍‌ଏମ୍ ଉପରେ ଡଷ୍ଟ୍ ଓ ପାଣି ନପକାଇ, ରୋଲିଂ ନକରି ତାହାରି ଉପରେ ନାମକୁ ମାତ୍ର ପ୍ରାଇମୋର ପକାଇ ଅତି ପତଳା ଭାବରେ ପିଚୁ କରାଯାଉଥିବା ସାଧାରଣଲୋକେ ଅଭିଯୋଗ କରିଛନ୍ତି। ଏପରିକି ନିର୍ମାଣାଧୀନ ପିଚୁ ରାସ୍ତାର ଉଭୟ ପାର୍ଶ୍ୱରେ ଯେତିକି ମାଟି ପଡିବା କଥା ଠିକାଦାର ସେତିକି ମାଟି ନପକାଇ କାମ କରିଥିବାରୁ ଅଧିକାଂଶ ସ୍ଥାନରେ ପିଚୁ ରାସ୍ତାଟି ଧସିଯିବା ଅବସ୍ଥାକୁ ଆସିଗଲାଣି ବୋଲି ସ୍ଥାନୀୟ ବୁଦ୍ଧିଜୀବି ଉଦ୍‌ବେଗ ପ୍ରକାଶ କରିବା ସହିତ ଉକ୍ତ ରାସ୍ତାକାମର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

# ଡି.ଏମ୍. ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ




କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡି.ଏମ୍. ପବ୍ଲିକ ସ୍କୁଲର ୨୪ତମ ବାର୍ଷିକ ଉତ୍ସବ କୁଡୁମାସ୍ଥିତ ବିଦ୍ୟାଳୟର ହଷ୍ଟେଲ ପରିସରରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ତରଫରୁ ସାଧାରଣ ସଭା, ପୁରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଅରୁଣ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ତରୁଲତା ନାୟକ, ସମ୍ମାନିତ ଅତିଥି ଭାବେ କରଞ୍ଜିଆ ଥାନାର ଆଇ.ଆଇ.ସି ନିରୋଦ କୁମାର ମଲ୍ଲିକ, ଅନ୍ୟତମ ଅତିଥି ଭାବେ ଏବିଓ ସୁଭଦ୍ରା ମହାନ୍ତ ଯୋଗ ଦେଇଥିଲେ। ଡି.ଏମ୍ ପବ୍ଲିକ ସ୍କୁଲର ଉପାଧକ୍ଷା ମାଳତୀ ମହାନ୍ତ ବାର୍ଷିକ ବିବରଣୀ ପାଠ କରିବା ସହିତ ସ୍ୱାଗତ ଅଭିଭାଷଣ ପରିବେଷଣ କରିଥିଲେ। ଅଧ୍ୟକ୍ଷ ଅରୁଣ କୁମାର ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମସ୍ତ ଅତିଥି ଛାତ୍ରଛାତ୍ରୀମାନଙ୍କୁ ଚରିତ୍ର ଗଠନ ନିଶା ନିବାରଣ ଓ ମୋବାଇଲ ବ୍ୟବହାର ଉପରେ ଗୁରୁତ୍ୱ ଦେଇ ନିଶା ସେବନ ଠୁ ଦୂରରେ ରହିବା, ମୋବାଇଲର ଅପବ୍ୟବହାର ନକରିବା ସହିତ ପାଠପଢ଼ାରେ ମନ ଦେଇ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପରାମର୍ଶ ଦେଇଥିଲେ। ପରେ ପରେ ପୁରସ୍କାର ବିତରଣ ଉତ୍ସବରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଭିମନ୍ୟୁ ପାତ୍ର ସଂଚାଳନ କରିଥିବା ବେଳେ ଉପାଧକ୍ଷା ମାଳତୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ କୁନି କୁନି କଳାକାର ଠୁ ଆରମ୍ଭ କରି ଦଶମ ଶ୍ରେଣୀର ଛାତ୍ରମାନେ ରଙ୍ଗାରଙ୍ଗ ବିଚିତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ମୁରିବାହାଲ (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଗୁଡ଼ିଘାଟ ଗ୍ରାମପଞ୍ଚାୟତରେ




ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଠି, ତହସିଲଦାର ଜଗଧୀଶ କର୍ତ୍ତାମୀ, ସରପଞ୍ଚ ରଶ୍ମିତା ବାଗ, ଇଓ ପ୍ରକାଶ କୁମାର ପନିକା, ଯୋଗାଣ ପ୍ରମୋଦ ହରପାଳ, ଜି.ଆର୍.ଏସ୍ ସୁନିତା ବାରିକ, ଜିଓଟେକ୍ ହେମନ୍ତ ବାଗ ଏବଂ ସମସ୍ତ ୱାର୍ଡମେମ୍ବର ଏହି ଜନଶୁଣାଣି ଶିବିରରେ ଉପସ୍ଥିତ ଥାଇ ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୨୧ ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ୯ଟି ରାସ୍ତା ନିର୍ମାଣ ଓ ୧୨ଟି ଅନ୍ୟାନ୍ୟ ଅଭିଯୋଗ ଅଭିଯୋଗ ଆସିଥିଲା।

# ପଟ୍ଟାମୁଣ୍ଡାଇକୁ ସବ୍ ଡିଭିଜନ ମାନ୍ୟତା ପାଇଁ ଏସ୍‌ୟୁଜେର ଦାବି

ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ୍) : ପଟ୍ଟାମୁଣ୍ଡାଇ ଏସ୍‌ୟୁଜେ ସଙ୍ଘ ପକ୍ଷରୁ ଆଜି ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ଜରିଆରେ ପଟ୍ଟାମୁଣ୍ଡାଇକୁ ସବ୍ ଡିଭିଜନ ମାନ୍ୟତା ନିର୍ବାଚନ ମଣ୍ଡଳୀ ଦାବି ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ୧୯୯୪ ଠାରୁ ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀ ଗଣସଂଗଠନ, ଛାତ୍ର ସଂଗଠନ, ରାଜନୈତିକ ଦଳମାନେ ଚଳାଇ ଆସିଥିବା ନିରବଚ୍ଛିନ୍ନ ଆନ୍ଦୋଳନକୁ ଉଦ୍‌ଜୀବିତ କରିବା ସହିତ ସବ୍ ଡିଭିଜନ ଘୋଷଣା ଦାବି ପୂରଣ ପାଇଁ ଏସ୍‌ୟୁଜେ ସାମ୍ବାଦିକ ସଙ୍ଘ ପଟ୍ଟାମୁଣ୍ଡାଇ ଶାଖା ଏହି



ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦାବି ପୂରଣ ପାଇଁ ଆଜି ସାମ୍ବାଦିକ ସଂଘ ପଟ୍ଟାମୁଣ୍ଡାଇ ଶାଖା ତରଫରୁ ଉପଦେଷ୍ଟା ଅକ୍ଷୟ କୁମାର ବିଶ୍ୱାଳ, ବ୍ରଜବନ୍ଧୁ ଦାଶ. ପ୍ରମୋଦ କୁମାର ଦାଶ, ଶାଖା ସଭାପତି ଉପେନ୍ଦ୍ର ନାୟକ, ଜିଲ୍ଲା ଉପ ସଭାପତି ସଞ୍ଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ବିଶାଳ ଶୋଭାଯାତ୍ରା ବଜାର ପରିକ୍ରମା କରି ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାନ୍ୟବର ତହସିଲଦାର ପଟ୍ଟାମୁଣ୍ଡାଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇର ସମାଜସେବୀ ବିଜୟ କୁମାର ବିଶ୍ୱାଳ, କିଷାନ କଲ୍ୟାଣ ସଂଘର ସଭାପତି ରାଜକିଶୋର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଜୁବେଶ ନାୟକ, ସମ୍ପାଦକ ସନ୍ତୋଷ କୁମାର ପତି, ସହ ସମ୍ପାଦକ ହିମାଂଶୁ ମହାନ୍ତି, କୋଷାଧ୍ୟକ୍ଷ ଶିଶିର କୁମାର ସେଣ, ମିର୍ଜା ସଜନ ବେଗ, ଅଶୋକ କୁମାର ସାହୁ, ସୁଶାନ୍ତ କୁମାର କର, ସଂଗୀତା ବେହେରା, ରଞ୍ଜନ କୁମାର ସାହୁ ଓ ଲକ୍ଷ୍ମୀଧର ବାରିକ ପ୍ରମୁଖ ଯୋଗଦେଇ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମତପ୍ରକାଶ କରିଥିଲେ।

# ରାଶିଫଳ

**ମଙ୍ଗଳବାର, ୧୪ ଜାନୁଆରୀ ୨୦୨୫**



**ମେଷ:** ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ । ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ। ଅଫିସରେ କାର୍ଯ୍ୟଭାର ହେତୁ ଆପଣ ଅଧିକ ଥକ୍କା ଅନୁଭବ କରିବେ।



**ବୃଷ:** ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ । ଶରୀରରେ ଥକ୍କାପଣ ଏବଂ ଅଳସୁଆପଣ ଯୋଗୁଁ ବ୍ୟାକୁଳତା ଅନୁଭବ ହେବ । ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ । ଧାର୍ମିକ ଯାତ୍ରା ଆୟୋଜିତ ହେବ ।



**ମିଥୁନ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ । ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ । ସ୍ୱାସ୍ଥ୍ୟ ଭଲ ହେବ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ ।



**କର୍କଟ:** ଦିନଟି ଆନନ୍ଦରେ ଅତିବାହିତ ହେବ । ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ । ନୂତନ ପୋଷାକ କିଣି ପାରନ୍ତି। ସ୍ୱାସ୍ଥ୍ୟ ଭଲ ହେବ, ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ । ଗଣେଶଙ୍କ କୃପା ଦିନସାରା ଆପଣଙ୍କ ଉପରେ ରହିବ।



**ସିଂହ:** ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନର କାର୍ଯ୍ୟକ୍ରମ ହେବ । ଧନ ଲାଭର ସମ୍ଭାବନା । ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ । ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏହା ଏକ ଶୁଭ ଦିନ ।



**କନ୍ୟା:** ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ପାଇବେ। ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ । ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ । ସାଙ୍ଗମାନଙ୍କ ସହିତ ମିଳନ ହେବ, ମହିଳା ବନ୍ଧୁମାନେ ଉପକୃତ ହେବେ ।



**ତୁଳା:** ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ । ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ । ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ । ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ। ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ । ମହିଳା ଏବଂ ଜଳରୁ କ୍ଷତି ହେବାର ଭୟ ରହିବ ।



**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ । ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ । ଅନୈତିକ ପ୍ରବୃତ୍ତିଠାରୁ ଦୂରରେ ରୁହନ୍ତୁ । ଛାତ୍ରମାନଙ୍କ ଶିକ୍ଷଣରେ ବାଧା ଉପୁଜିବ ।



**ଧନୁ:** ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ । ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ । କଠିନ ପରିଶ୍ରମ କରିବା ପରେ ହିଁ ସଫଳତା ପାଇବେ । ଦୁର୍ଘଟଣା ପାଇଁ ସାବଧାନ ରୁହନ୍ତୁ।



**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆର୍ଥିକ ଲାଭ ହାସଲ ହେବ । ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ । କୌତୁହଳପୂର୍ଣ୍ଣ ଖାଦ୍ୟ ମିଳିପାରିବ ।



**କୁମ୍ଭ:** ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ । ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି। ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପ୍ରାଙ୍ଗଣ ରେ ଜିଲ୍ଲା ସଭାପତି ତାରକ ମଣ୍ଡଳ ଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ମନୋରଞ୍ଜନ ସେଠି ଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ମହାସମାରୋହରେ ପାଳନ କରାଯାଇଛି। ଉକ୍ତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଏବିଇଓ ଗୌରାଙ୍ଗ ସଜ୍ଜନ, ମୁଖ୍ୟ ବକ୍ତା ରଞ୍ଜିତ ନାୟକ, ସଂଘର ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଜିଲ୍ଲା ସାଧାରଣ ସଂପାଦକ ଦାମୋଦର ସାହୁ, ବ୍ଲକ ସଂଘ ସଭପତି ରାମ ପ୍ରସାଦ ପାଢ଼ି, ସଂପାଦକ ଗୁରୁପଦ ସରକାର, ଗଣେଶ ଜେନା, ଜିଲ୍ଲା ସଂଗଠନ ସଂପାଦକ ସଚିନ ସାନା କବିରାଜ ପ୍ରଧାନ ମଞ୍ଚାସୀନ ଥିଲେ। ଉପସ୍ଥିତ ସମସ୍ତ ଅତିଥି ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀ ସେଠୀଙ୍କ ଶିକ୍ଷକ କର୍ମମୟ ଜୀବନ ଏବଂ ସଂଘ ପ୍ରତି ନିଷ୍ଠାବାନ କାର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଅନୁରୂପ ଶ୍ରୀ ସେଠୀ ମଧ୍ୟ ବିଭିନ୍ନ ବିଦ୍ୟାଳୟରେ କିପରି ଶିକ୍ଷକ ଜୀବନ ବିତାଇଥିଲେ ତାଙ୍କ ଭାଷଣରେ ଅଭିହିତ କରିଥିଲେ। ଏହାପରେ ଅତିଥିମାନେ ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀ ସେଠୀଙ୍କୁ ସ୍ୱର୍ଣ୍ଣ ମୁଦ୍ରିକା, ଉପଢୌକନ, ଡାଏରୀ, କଲମ ଇତ୍ୟାଦି ପ୍ରଦାନ କରି ସମ୍ବର୍ଦ୍ଧନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଚିତ୍ତରଞ୍ଜନ ସରକାର, ମନୋରଞ୍ଜନ ବେହେରା, ପ୍ରଦୀପ କୁମାର ଦଳେଇ, ସୁରେନ୍ଦ୍ର ନାଥ ମହାରଣା, ପଦ୍ମ ଚରଣ ବେହେରା, ସମୀର କାନ୍ତ ରଥ, ଶ୍ରୀଧର ସାହୁ, ବିକାଶ ସେଠୀ, ଜିତେନ୍ଦ୍ର ତ୍ରିପାଠୀ ପ୍ରମୁଖ ପ୍ରାୟ ପଚାଶ ଜଣ ସଂଘ ପ୍ରେମୀ ଉପସ୍ଥିତ ଥିଲେ।

# କଲେଗାଁ-ବୁଟିସର୍ଗି ରାସ୍ତା କାମ ନିମ୍ନମାନର ଅଭିଯୋଗ

ଝରିଗାଁ, (ଭାସ୍କର ନ୍ୟୁଜ୍): ପାଞ୍ଚ ଖଣ୍ଡ ଗାଁର ଲୋକଙ୍କ ଯାତାୟାତ ସୁଗମ ପାଇଁ କଲେଗାଁ ଠାରୁ ବୁଟିସର୍ଗୀ ପର୍ଯ୍ୟନ୍ତ ଆର୍ ଡି ବିଭାଗ ପକ୍ଷରୁ ପକ୍କା ରାସ୍ତା ନିର୍ମାଣ ଏବଂ ଦୁଇଟି ପୋଲ ନିର୍ମାଣ ଚାଲିଥିବା ବେଳେ ନିମ୍ନମାନର ପିଚୁ ରାସ୍ତା ନିର୍ମାଣ ନେଇ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଦଶନ୍ଧି ଦଶନ୍ଧି ଧରି ମାଟି ରାସ୍ତାରେ ଗମନାଗମନ କରି ଆସୁଥିଲେ ଅଞ୍ଚଳବାସୀ। ବର୍ଷା ଋତୁରେ ଖାଲ ଢିପ ରାସ୍ତାରେ ସଂକୀର୍ଣ୍ଣ ପୋଲ ଦେଇ ଯିବା ଆସିବା ବେଳେ ଯମଯନ୍ତ୍ରଣା ଭୋଗୁଥିଲେ ଲୋକେ। ଦୀର୍ଘଦିନର ପ୍ରତୀକ୍ଷା ପରେ ଗତ ସରକାର ଅମଳରେ ପକ୍କା ରାସ୍ତାର ଆବଶ୍ୟକତା ନେଇ ମଞ୍ଜୁର ହୋଇଥିଲା ନୂତନ ପୋଲ ଓ ରାସ୍ତା ନିର୍ମାଣ ପାଇଁ। ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ରହିଥିବା ବେଳେ ନିମ୍ନମାନର ରାସ୍ତା କାର୍ଯ୍ୟ ହେଉଥିବାରୁ ଶତାଧିକ ଅଞ୍ଚଳବାସୀ ଏହାର ବିରୋଧ କରିବାକୁ ଯାଇ ସିନ୍ଦି ଗୁଡ଼ା ଓ ବୁଟି ସର୍ଗି ଛକ ଠାରେ ପୁରୁଷ ମହିଳା ଯୁବକ ଯୁବତୀ ଏକାଠି ହୋଇ ନିମ୍ନମାନର କାର୍ଯ୍ୟକୁ ନେଇ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଥିଲା। ପତଳା ପିଚୁ ଚାଦର



ଢାଙ୍କିଲା ଭଳି ରାସ୍ତା ଉପରେ ପିଚୁ ମିଶ୍ରିତ ବଜ୍ରି ପକା ଯାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ରାସ୍ତା ଉପରେ ପଡ଼ି ରହିଥିବା ଡ଼ଷ୍ଟ ବା ଧୂଳି ଗୁଣ୍ଡକୁ ଏୟାର ପ୍ରେସର ଦେଇ ପରିଷ୍କାର କରିବା ପରେ ତାରି ଉପରେ ଲିକିୟୁଡ ପିଚୁ ଛିଞ୍ଚିବା ପରେ ପିଚୁ ବୋଳା ବଜ୍ରି ପଡ଼ିବା କଥା। କିନ୍ତୁ ଡ଼ଷ୍ଟ ବା ଧୂଳି ମାଟି ଗୁଣ୍ଡ ଉପରେ ବଜ୍ରି ପଡ଼ିବା ଯୋଗୁଁ ପିଠା ଭଳି ଚେକା ଚେକା ଖଣ୍ଡ ହୋଇ ବାହାରି ପଡୁଥିବା ଦେଖିବାକୁ ମିଳୁଛି। ଦିବସରେ ନିର୍ମାଣ କାର୍ଯ୍ୟ ନକରି ରାତ୍ରି ସମୟରେ ପିଚୁ ଢ଼ଳାଯାଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ଅଞ୍ଚଳବାସୀ। ବାଇକ୍ ଟ୍ରାକ୍ଟର ବାଇକ୍ ଅଟୋ ରାସ୍ତା ଉପରେ ବ୍ରେକ ମାରିଲେ ପିଚୁ ଉଠି ଯାଉଛି। ମାଲବାହୀ ଯାନବାହାନ ଚଳାଚଳ କଲେ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହେବ ବୋଲି ଗ୍ରାମବାସୀ କହିଛନ୍ତି। କଲେଗାଁ,ବାଣୁଆ ଗୁଡ଼ା, ଶିନ୍ଦି ଗୁଡ଼ା, ବୁଟିସର୍ଗୀ ଓ ନୂଆଁଗୁଡ଼ାକୁ ସଂଯୋଗ କରୁଥିବା ଏହି ରାସ୍ତା ଏତେ ନିମ୍ନମାନର କାର୍ଯ୍ୟ ପାଇଁ ବିରୋଧ କରୁଛନ୍ତି ଅଞ୍ଚଳବାସୀ। ଇଲେଭେନ୍ କେଭି ବିଦ୍ୟୁତ୍ ତାର ପୋଲ ଉପର ଦେଇ ଯାଇଥିବାରୁ ଏହା ଏବେ ପର୍ଯ୍ୟନ୍ତ ସ୍ଥାନାନ୍ତର ହୋଇନଥିବା ଯୋଗୁଁ ପୋଲ କାମ ସମ୍ପୂର୍ଣ୍ଣ ହୋଇପାରୁନଥିବା ସୂଚନା ଦେଇଛି ଆର୍ ଡି ବିଭାଗ। ଅନ୍ୟପକ୍ଷେ ବିଦ୍ୟୁତ୍ ତାର ସ୍ଥାନାନ୍ତର ନେଇ ବିଦ୍ୟୁତ୍ ଯନ୍ତ୍ରୀ ସୁଜିତ୍ କୁମାର ପୁଷ୍ଟି ଏଷ୍ଟିମେଟ ପ୍ରୋସେସ୍ ସରିଥିବା ସୂଚନା ଦେଇଛନ୍ତି। ସରକାରଙ୍କ ଉନ୍ନୟନ ପାଣ୍ଠି ଅର୍ଥକୁ ପ୍ରକୃତ କାମରେ ବିନିଯୋଗ ହେଉନଥିବା କହିଛନ୍ତି ଅଞ୍ଚଳବାସୀ। ଉଚ୍ଚମାନର କାର୍ଯ୍ୟ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରୁଥିବା ବେଳେ ଏହା ପ୍ରତି ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ ନକରାଗଲେ ଆଗାମୀ ଦିନରେ ନିର୍ମାଣ କାର୍ଯ୍ୟକୁ ନେଇ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ପ୍ରମୁଖ ବ୍ୟକ୍ତି ମଧ୍ୟରେ ଜାନକୀ ପନକା, ସୁନାମଣି ପନକା, ଜୟନ୍ତୀ ମାଳୀ, ଦମୟନ୍ତୀ କମାର, ବୁଟୁକି ମାଳୀ, ସୁକାନ୍ତି ମାଝୀ, ରାଧିକା ପନକା, ଡ଼ମନି ମାଳୀ, ଚୟନ ମାଳୀ, ଗୀତାଞ୍ଜଳି ଗଣ୍ଡ, ସୁକ ବତୀ ମାଳୀ, ହସାଏଁ ଗଣ୍ଡ, ନିରଞ୍ଜନ ଦାସ ପନକା, ମନ୍ଦ ପନକା, କପିଳ ଗୌଡ଼, ହରିଶ୍ଚନ୍ଦ୍ର ମାଳୀ, ମନୋହର ମାଳୀ, ବିକ୍ରମ ମାଳୀ, ସୁରେନ୍ଦ୍ର ମାଳୀ, ଉମାକାନ୍ତ ପନକା, ରାଜ କୁମାର ମାଳୀ, ଲକ୍ଷ୍ମୀଧର ଗଣ୍ଡ, ଜାଗା ପନକା, ବାଲିଚନ୍ଦ ଗଣ୍ଡ ଆଦି ପ୍ରମୁଖ ବ୍ୟକ୍ତି ଚେତାବନୀ ଦେଇଛନ୍ତି।

## ଟ୍ରାକ୍ଟରକୁ ପିଟିଲା ବାଇକ୍, ଚାଳକ ମୃତ

ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ଭବାନୀପାଟଣା ରାଜ୍ୟ ରାଜପଥ ୧୬ ଗୋସାଲା ଠାରେ ରାତି ସାଢ଼େ ସାତ ଘଣ୍ଟା ସମୟରେ ଅଚଳ ହୋଇ ଠିଆ ହୋଇଥିବା ଟ୍ରାକ୍ଟର ପଛ ପଟ ଟ୍ରଲିରେ ପିଟିହୋଇ ବାଇକ ଚାଳକର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକ ଜଣକ ଖଡ଼ିଆଳ ବିଜ୍ଞାପିତ ପରିଷଦ ଅଞ୍ଚଳ ରାଜାପଡ଼ାର ଡିଙ୍ଗର ହଂସ (୬୮)। ସେ ଜଣେ ଅବସର ପ୍ରାପ୍ତ ବନ କର୍ମଚାରୀ ଥିଲେ। ଦୁର୍ଘଟଣା ପରେ ପୋଲିସ ଶବ ଜବତ କରି ଖଡ଼ିଆଳ ଉପଖଣ୍ଡରେ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି। ଏନେଇ ୧୯/୨୫ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ତଦନ୍ତ ଅଧିକାରୀ ଏସ ଆଇ ଅଶୋକ ବିହାରୀ ପ୍ରକାଶ କରିଛନ୍ତି।

# ବରଗଡ଼ ଧନୁଯାତ୍ରା ଉଦ୍‌ଯାପିତ

ବରଗଡ଼,(ଭାସ୍କର ନ୍ୟୁଜ୍): ଦୀର୍ଘ ଏଗାର ଦିନ ଚାଲୁଥିବା ବିଶ୍ୱ ପ୍ରସିଦ୍ଧ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ ଧନୁଯାତ୍ରା କଂସ ବଧ ସହିତ ଉଦ୍‌ଯାପିତ ହୋଇଯାଇଛି। ଏହା ପୂର୍ବରୁ ମଥୁରା ନଗରୀରେ କୃଷ୍ଣ ବଳରାମଙ୍କୁ ଭକ୍ତମାନେ ଭବ୍ୟ ସ୍ୱାଗତ କରି ପଦ ଧୌତ କରି ପୂଜାର୍ଚ୍ଚନା କରିଥିଲେ। ଉପଜିଲ୍ଲାପାଳଙ୍କ ବାସ ଭବନ, ସିଙ୍ଗର ମେସିନ ଦୋକାନ, ହାଟପଦାର ବିଶି ପରିବାର, କଲେଜ ରୋଡ ଓ ଗୋବିନ୍ଦପାଲି ବିବେକାନନ୍ଦ ଛକ ଠାରେ ବିଶାଳ ଆୟୋଜନ ସହ ଶହ ଶହ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଆଜି କୃଷ୍ଣ ବଳରାମଙ୍କ ଦ୍ୱାରା କୁବଳୟା ବଧ, ଅଷ୍ଟମଲ୍ଲ ବଧ କରିବା ପରେ ମଞ୍ଚରେ ମାମୁଁ କଂସଙ୍କ ବଧ କରିଥିଲେ। ଅସତ୍ୟ ଉପରେ ସତ୍ୟର ବିଜୟ ହୋଇଥିଲା। ପୃଥିବୀରେ ଅସତ୍ୟ ଅତ୍ୟାଚାର ବଢିଲେ ଭଗବାନ ଅବତାର ନେଇ ସଂହାର କରି ଧର୍ମର ରକ୍ଷା କରିଥାନ୍ତି। ଏହି କ୍ରମରେ ବରଗଡ଼ ଦ୍ୱାପର ଯୁଗର ମଥୁରା ନଗରୀ ପାଲଟି ଥିଲା। ଏଠାରେ କୃଷ୍ଣ ବଳରାମ କଂସ ବଧ କରି ଧର୍ମର ସଂସ୍ଥାପନ କରିଥିବା ଅଭିନୟ ଜୀବନ୍ତ ହୋଇଥିଲା। ଲକ୍ଷାଧିକ ଦର୍ଶକଙ୍କ ସମାଗମରେ ବରଗଡ଼ ଜନ ସମୁଦ୍ରରେ ପରିଣତ ହୋଇଥିଲା। ଉଦଯାପନୀ ଉତ୍ସବରେ ବରଗଡ଼ ଜିଲ୍ଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତିର ଅଧ୍ୟକ୍ଷ ଆଦିତ୍ୟ ଗୋୟଲ, ସଂପାଦକ ସୁରେଶ୍ୱର ଶତପଥୀ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଆରକ୍ଷୀ ଅଧିକ୍ଷକ, ହାଟପଦା କନଭେନର ଗୁଣ ସିଂ, ରଙ୍ଗମହଲ କନଭେନର ଅକ୍ରୁର ମଲ୍ଲିକ, ଉପ ଜିଲ୍ଲାପାଳ ଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ



ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧନୁଯାତ୍ରାର ବିକାଶ ପାଇଁ ଅନେକ ଘୋଷଣା ତଥା କଳାକାର ମାନଙ୍କୁ ଅନୁଦାନ ପ୍ରଦାନ ସହ ବିଭିନ୍ନ ଦିବସରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀଙ୍କ ସହ ବିଧାୟକ ଗଣଙ୍କ ଉପସ୍ଥିତି ଧନୁଯାତ୍ରା ମହୋତ୍ସବ କମିଟିକୁ ଉତ୍ସାହିତ କରାଯାଇଥିଲା। ଲକ୍ଷାଧିକ ଜନସମାଗମ ହୋଇଥଲଶ। ଆଗାମୀ ଦିନରେ ଆହୁରି ଆକର୍ଷଣୀୟ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବିଳମ୍ବିତ ରାତ୍ରିରେ କଂସ ଅଭିନୟ କରୁଥିବା କଳାକାର ଭୁବନେଶ୍ୱର ପ୍ରଧାନ ପୁରୀ ଗ୍ରସ୍ତ କରି ମହୋଦଧିରେ ପାପ ପ୍ରକ୍ଷାଳନ କରି ଜଗନ୍ନାଥଙ୍କ ଦର୍ଶନ ପାଇଁ ବାହାରିଥିଲେ।

## ଖପ୍ରାଖୋଲରେ ଧନୁଯାତ୍ରା ମହୋତ୍ସବ

# ସଡ଼କ ସୁରକ୍ଷା ଉପରେ କଂସ ମହାରାଜଙ୍କ ଅଭିନବ ସଚେତନତା

ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଯାତ୍ରା ପଡ଼ିଆରେ ଆୟୋଜିତ ଧନୁଯାତ୍ରା ମହୋତ୍ସବ ୬ଦିନରେ ପହଞ୍ଚି ଥିବା ବେଳେ ସଡ଼କ ସୁରକ୍ଷା ଉପରେ ସଚେତନା କରୁଥିବା ଦେଖିବାକୁ ମିଳିଛି। ଖପ୍ରାଖୋଲ ପୋଲିସ ଓ ଆୟୋଜକ କମିଟିର ମିଳିତ ଉଦ୍ୟମ ଥାନା ଛକ ଠାରେ କଂସ ମହାରାଜ ସଦଳେବଳେ ସଡ଼କ ସୁରକ୍ଷା ଉପରେ ଅଭିନବ ସଚେତନତା କରିଥିଲେ। ଏହି ଅବସରରେ ଯେଉଁ ମାନେ ମୋଟର ସାଇକେଲ ଆରୋହୀ ହେଲମେଟ ପିନ୍ଧି ନଥିଲେ କି ଚାରିଚକିଆ ଗାଡ଼ି ଚାଳକ ସିଟ ବେଲ୍ଟ ଲଗାଇ ନ ଥିଲେ ତାଙ୍କୁ ଦଣ୍ଡ ବିଧାନ କରିବା ସହିତ ସଚେତନ କରିଥିଲେ। ସେହିପରି ଯେଉଁମାନେ ହେଲମେଟ ପିନ୍ଧି ଥିଲେ ଓ ଯେଉଁ ଚାଳକ ସିଟ ବ୍ଲେଟ୍ ବ୍ୟବହାର କରିଥିଲେ ତାଙ୍କୁ ଗୋଲପ ଫୁଲ ଦେଇ ସମ୍ବର୍ଦ୍ଧିତ



କରାଯାଇଥିଲା। ଏହି ଅବସରରେ ଥାନା ଅଧିକାରୀ ନରେନ୍ଦ୍ର ଛତର, ଏସ ଆଇ ଲିଙ୍ଗରାଜ କିଶାନ, ସିପାହୀ ସଂଜୀବ କୁମାର ସାହୁ, ଧନୁଯାତ୍ରା କମିଟି ସଭାପତି ବୁଲୁ ପଣ୍ଡା, ପୁରନ ସାହୁ, ସୁରୁକୁନୁ ସାହୁ, ବାଦଲ ଦଣ୍ଡସେନା ସମେତ କମିଟି କର୍ମକର୍ତ୍ତା, ପୋଲିସ କର୍ମଚାରୀ, ଅଭିନୟ ରେ ସାମିଲ ଅଭିନେତା ଉପସ୍ଥିତ ହୋଇଥିଲେ। ଏହି ସଚେତନତାକୁ ବିଭିନ୍ନ ମହଲ ରେ ପ୍ରଶଂସା କରାଯାଇଛି।

## ସାପ୍ତାହିକ ହାଟରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଝରିଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ବଡ଼ଟେମେରା ପଞ୍ଚାୟତ ଅନ୍ତର୍ଗତ ପଡାଲଗୁଡ଼ା ଗ୍ରାମର ସାପ୍ତାହିକ ହାଟପଦା ଠାରୁ ଜଣେ ବୃଦ୍ଧଙ୍କ ମୃତ ଶରୀର ଝରିଗାଁ ପୋଲିସ ଉଦ୍ଧାର କରିଛି। ମୃତ ବୃଦ୍ଧ ଜଣକ ଡ଼ାବୁଗାଁ ବ୍ଲକ ଚଚରାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ବାଇଗାଁ ଗ୍ରାମର ରାମ ଚନ୍ଦ୍ର ହରିଜନ(୬୦) ବୋଲି ଜଣାପଡିଛି। ସୂଚନା ପ୍ରକାରେ ଟେମେରା ପଞ୍ଚାୟତ ଅନ୍ତର୍ଗତ ରାମପୁରିଆଗୁଡ଼ା ଗ୍ରାମର ଗବରୁ ଭତ୍ରା ରାମ ଚନ୍ଦ୍ର ହରିଜନଙ୍କୁ ପଡାଲଗୁଡ଼ା ଗ୍ରାମରେ ଯାତ୍ରା ଦେଖିବା ପାଇଁ ଡାକିଥିଲେ। ରାମଚନ୍ଦ୍ର ଗତ ୧୦ ତାରିଖ ଦିନ ଯାତ୍ରା ଦେଖିବା ପାଇଁ ରାମ ଚନ୍ଦ୍ର ଆସିଥିଲେ। ରାମ ଚନ୍ଦ୍ର ବୁଲାବୁଲି କରୁଥିବା କିଛି ଲୋକ ଦେଖିଥିଲେ। ତେବେ ସୋମବାର ସକାଳୁ ପଡାଲଗୁଡ଼ା ଗ୍ରାମର ସାପ୍ତାହିକ ହାଟପଦା ରାମ ଚନ୍ଦ୍ରଙ୍କ ମୃତ ଦେହ କିଛି ଲୋକ ଦେଖିଥିଲେ। ପରେ ଝରିଗାଁ ଥାନାକୁ ଖବର ଦେବା ପରେ ଏଏସଆଇ କେଦାର ନାଥ ରାଉତଙ୍କ ନେତୃତ୍ୱରେ ଏକ ଟିମ ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିବା ସହ ଶବ ବ୍ୟବଚ୍ଛେଦ ପାଇଁ ଝରିଗାଁ ପଠାଇ ଥିବା ସୂଚନା ମିଳିଛି।

## ଦଶ ଦିନ ହେଲାଣି ଏଟିଏମ୍ କାଉଣ୍ଟର ବନ୍ଦ, ଗ୍ରାହକ ଅସନ୍ତୋଷ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍):ଦଶ ଦିନ ହେଲାଣି ବନ୍ଦ ଅଛି ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ପରିସରରେ ଥିବା ଏଟିଏମ୍ କାଉଣ୍ଟର। ବହୁ ବର୍ଷ ଧରି ପୁରୁଣା ମେସିନରୁ ଲୋକେ ଟଙ୍କା କାଢୁଥିଲେ। ମେସିନ ପୁରା ସ୍ଲୋ ଚାଲୁ ଥିବା କାରଣରୁ ଟଙ୍କା କାଢ଼ିବାରେ ଲୋକଙ୍କୁ ସମସ୍ୟା ହେଉଥିଲା। ଏହା ଦେଖି ପୁରୁଣାକୁ କାଢି ନୂତନ ଏଟିଏମ୍ ମେସିନ ବସା ଗଲା। କିନ୍ତୁ ଦଶ ଦିନ ହେଲାଣି କାଉଣ୍ଟର ଆଗରେ ଅଣ୍ଡର ମେଣ୍ଟେନାନ୍ସ ଲେଖାଯିବା ସହ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଷ୍ଟେଟ ବ୍ୟାଙ୍କ ର ଗ୍ରାହକ




ମାନେ ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲକ୍ଷ୍ମୀପୁର ସ୍ଥିତ ଷ୍ଟେଟ ବ୍ୟାଙ୍କ ରେ ୪୦ ହଜାରରୁ ଉର୍ଦ୍ଧ ଗ୍ରାହକ ଙ୍କ ଖାତା ଥିବା ବେଳେ ଦୈନିକ ଲକ୍ଷ ଲକ୍ଷ ଟଙ୍କାର ଟ୍ରାନଜେକ୍ସନ ହେଉଛି। ବ୍ୟାଙ୍କରେ ପ୍ରତ୍ୟେକ ଦିନ ଗହଳି ହେଉ ଥିବାରୁ ଏଟିଏମ୍ କାଉଣ୍ଟର ଭିତରେ ଖାତା ଉପଡେଟ ପାଇଁ ଏକ ସ୍ୱତନ୍ତ୍ର ମେସିନ ଲଗାଯାଇଛି। ବର୍ତ୍ତମାନ ଏଟିଏମ୍ କାଉଣ୍ଟର ବନ୍ଦ ଥିବାରୁ ଲୋକେ ଖାତା ଅପଡେଟ କରିବାକୁ ବ୍ୟାଙ୍କ ଭିତରେ ଲାଇନ ହୋଇ ଛିଡା ହେବାକୁ ବାଧ ହେଉଛନ୍ତି। ଏଥି ସହ ଏଟିଏମ୍ କାର୍ଡଧାରି ମାନେ ବାହାର ଏଟିମ ଉପରେ ନିର୍ଭର ହେବାକୁ ବାଧ ହୋଇ ପଡିଛି। ତୁରନ୍ତ କାଉଣ୍ଟର ଖୋଲିବାକୁ ସବୁ ମହଲରେ ଦାବି।

## ମାଲକାନଗିରି ଏସ୍‌ପିଙ୍କ ଆଓମା ଗୁରୁକୁଳ ପରିଦର୍ଶନ

ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ର ନୂତନ ଏସପି ବିବେକାନନ୍ଦ ଶର୍ମା ଆଓମା ଗୁରୁକୁଳ ପରିଦର୍ଶନ କରି ଅନ୍ତେବାସୀଙ୍କ ସହିତ ତଳେ ବସି ଆତ୍ମରକ୍ଷା କୌଶଳ ପ୍ରଦର୍ଶନ ଦେଖି ଖୁସି ପ୍ରକଟ କରିଛନ୍ତି। ଏହା ବ୍ୟତିତ ପୁରୁଣା ବର୍ଷ ର କିଛି ସ୍ମୃତି ଅନୁଭୁତି ସହିତ ନୂଆବର୍ଷର ନୂଆ ଆଶା ବିଶ୍ୱାସ ଏଂ ଆକାଂକ୍ଷାର ଖୁସିକୁ ପିଲାଙ୍କୁ ବାଣ୍ଟିଛନ୍ତି। ଆଓମା ଗୁରୁକୂଳ ଆଶ୍ରମରେ ଆଓମା ଗୁରୁକୁଳ ସଭାପତି ରତ୍ନାକର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏସପି ବିବେକାନନ୍ଦ ଶର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଜେ ପିଲାଙ୍କୁ ଖାଦ୍ୟ ପ୍ରଦାନ କରି ପିଲାଙ୍କ ସହିତ ମିଶି ଖାଇବା ସହିତ ଗୁରୁକୁଳ ଅନ୍ତେବାସୀଙ୍କ ସହ ତଳେ ବସି ଆତ୍ମରକ୍ଷା କୌଶଳ ପ୍ରଦର୍ଶନ ଦେଖି ଖୁସି ପ୍ରକଟ କରି ପିଲାଙ୍କୁ ନୂଆ ଭବିଷ୍ୟତ ପାଇଁ ପ୍ରେରଣା ଦେଇଥିଲେ, ଗୁରୁକୁଳର ସର୍ବ କନିଷ୍ଠ ଅନାଥ ଛାତ୍ରକୁ ଏସପି କାଖେଇ ଧରି ଅନ୍ୟ ଅନ୍ତେ ବାସୀଙ୍କ ସହିତ ସେମାନଙ୍କ ସୁବିଧା ଅସୁବିଧା କଥା ପଚାରି ବୁଝିଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଏରିଏଲ୍ ଆକ୍ଟ, ମାର୍ଶାଲ ଆର୍ଟ, ପୋଲ୍ ମଲଖମ୍ବ ଏଂ ଯୁଡୋ ଆଦି ମନୋରଂଜନ କାର୍ଯ୍ୟକ୍ରମକୁ ଭାବ ବିଭୋର୍ ହୋଇ ଉପଭୋଗ କରିବା ସହିତ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶିର୍ବାଦ ପ୍ରଦାନ କରିଛନ୍ତି। ଏହିକାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରିର୍ଜ୍ଜ ଇନ୍ସପେକ୍ଟର ସତ୍ୟପ୍ରିୟ ବିଶ୍ୱାଳ ଯୋଗ ଦେଇଥିଲେ। ଆଓମା ଗୁରୁକୁଳ ର ମୂଖ୍ୟ ପ୍ରତିଷ୍ଠାତା ବିନାଶ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରଦୀପ ଗୌଡ଼ (ହାବିଲଦାର), ଚନ୍ଦ୍ର ଶେଖର ପୂଜାରୀ, ରାମ ମାଡକମି, ନକୁଳ କିର୍ସନୀ, ଲକ୍ଷ୍ମୀ ସୋଡ଼ି, ସରିତା ହରିଜନ ଆଦି ସହଜୋଗ କରିଥିଲେ।

## କୃଷି ସଚେତନତା ତାଲିମ ଶିବିର

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ମେକ୍କା ଗ୍ରାମପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ପୂଜାରୀ ସଭାପତି ତ୍ୱରେ ଭାରତ ସରକାରଙ୍କ ପ୍ରତିଷ୍ଠାନର ଜ୍ଞାନ କୌଶଳ ଆଧାରରେ ସ୍ୱେଚ୍ଛାସେବୀ ସଂଗଠନ ପରାମର୍ଶ ଟ୍ୟୁଟର ସ୍ୱେଚ୍ଛାସେବୀ ସଂଗଠନ ଏବଂ ଉମା ଶଙ୍କର ସବୁଜ ଦୁନିଆ ଲିମିଟେଡ଼ଙ୍କର ମିଳିତ ଆନୁକୂଲ୍ୟରେ ଜୈବ ଜୈବିକ ପ୍ରାଣାଳୀରେ କୃଷି କାର୍ଯ୍ୟ ନିମନ୍ତେ ମାର୍ଗ ଦର୍ଶକ ଚାଷୀ ଭାଇ ଭଉଣୀମାନଙ୍କ ପାଇଁ ସଚେତନତ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ, ସରପଞ୍ଚ ରଞ୍ଜିତା ପୂଜାରୀ, ଏବଂ ମୁଖ୍ୟ ବକ୍ତା ରୂପେ ମୁଖ୍ୟ ସଚେତକ ସମାଜସେବୀ, ସଦାଶିବ ପୂଜାରୀ ଉପସ୍ଥିତ ଥିଲେ ଅନ୍ୟାମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲାର ଡମ୍ବ ସମାଜର ସଭାପତି ବଳରାମ ଅନୁଗୁଳିଆ, ସମସ୍ତ ଗାଁ ମୁଖିଆ, ନାୟକ, ଚାଲାଣ, ଶତାଧିକ ଚାଷୀ ଭାଇ ଭଉଣୀ ମାନେ ଏହି କାର୍ଯ୍ୟକ୍ରମ ଅଂଶ ଗ୍ରହଣ କରିଥିଲେ। ସମସ୍ତେ କେମିତି ଜୈବ ଜୈବିକ ପ୍ରାଣାଳୀରେ ଚାଷ ଜମିରେ ଚାଷ ହେବ ସେ ଦିଗରେ ଚାଷୀମାନଙ୍କୁ ମାର୍ଗ ଦର୍ଶକ ଦେଇଥିଲେ।

## ମାଲକାନଗିରି ନିଖିଳ ଉତ୍କଳ ଖଡୁରା ସମାଜର ନୂତନ କର୍ମକର୍ତ୍ତା ଚୟନ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ନିଖିଳ ଉତ୍କଳ ଖଡୁରା ସମାଜର ଜିଲ୍ଲାସ୍ତରୀୟ ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସ୍ଥାନୀୟ ମଲିକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଚିତ୍ରସେନ ସୁବୁଦ୍ଧି ସଭାପତିତ୍ୱ କରିଥିଲେ। ନବରଙ୍ଗପୁର ଜିଲ୍ଲା ସଂଯୋଜକ ଅଜୟ ନାୟକ, ଜିଲ୍ଲା ସଭାପତି ପ୍ରମୋଦ ସାହୁ, ଉମରକୋଟ ବ୍ଲକ ସଭାପତି ସୁରେନ୍ଦ୍ର ନାୟକ, ସିମିଳିଗୁଡା ସଭାପତି ସୁବ୍ରତ କୁମାର ନାୟକ ଯୋଗଦେଇ ଖରୁଡ଼ା ସମାଜର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଶେଷକରି ପୂର୍ବକାଳରୁ ଏହି ସମାଜ କଂସା, ପିତ୍ତଳ, ବିଭିନ୍ନ ଧାତୁର ଗୃହ ଉପକରଣ ସାମଗ୍ରୀ, ଖାଦ୍ୟ, ପାନୀୟ ବ୍ୟବହାରର ପାତ୍ର ତିଆରି କରି ସେମାନଙ୍କ ଗୁଜୁରାଣ ମେଣ୍ଟାଉଥିଲେ। ହେଲେ ଆଧୁନିକ ଯୁଗରେ ଷ୍ଟିଲ୍ ଏବଂ ପ୍ଲାଷ୍ଟିକ ସାମଗ୍ରୀ




ବହୁଳ ପରିମାଣରେ ବ୍ୟବହାର ଯୋଗୁଁ ଖରୁଡ଼ା ସମାଜର କୌଳିକ ବୃତ୍ତି ଲୋପ ପାଇବାରେ ଲାଗିଛି। ଏହି ସମାଜର ଭବିଷ୍ୟତ ପାଇଁ ରାଜ୍ୟ ସରକାର ଦୃଷ୍ଟି ଦେଇ ବିଭିନ୍ନ ଦେବାଦେବୀଙ୍କ ଦେବାଳୟରେ ବ୍ୟବହୃତ କଂସା, ପିତ୍ତଳ ଇତ୍ୟାଦି ସମାଗ୍ରୀ ନିର୍ମାଣ କରିବା ପାଇଁ ଆର୍ଥିକ ସାହାଯ୍ୟ ସହ ଖଡୁରାଙ୍କ କୌଳିକ ବୃତ୍ତି ପୂର୍ବ ପରି କିପରି ଜୀବିତ ରହିବ ସେଥିପାଇଁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଦାବି କରାଯାଇଥିଲା। ଏଥିସହ ସମାଜର ବିଭିନ୍ନ ନିୟମ କାନୁନ ସମ୍ବନ୍ଧରେ ଅତଥିମାନେ ଉପସ୍ଥିତ ସଦସ୍ୟଙ୍କୁ ଅବଗତ କରାଇଥିଲେ। ପରେ ମାଲକାନଗିରି ଜିଲ୍ଲା ଖରୁଡ଼ା ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସୁରେନ୍ଦ୍ର ନାୟକ ସଭାପତି, ସୁଶାନ୍ତ ନାୟକ ଉପସଭାପତି, ସିଦ୍ଧେଶ୍ୱର ନାୟକ ସମ୍ପାଦକ, କୁନା ନାୟକ ସହ ସମ୍ପାଦକ, ସତ୍ୟନାରୟ ନାରୟଣ ସେନାପତି କୋଷାଧ୍ୟକ୍ଷ, ରବୀନ୍ଦ୍ର ନାୟକ ମିଡିଆ ସମ୍ପାଦକ, ୧୪ ଜଣ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ଶେଷରେ ଖରୁଡ଼ା ସମାଜର ନବନିର୍ମିତ କର୍ମକର୍ତ୍ତାଙ୍କୁ ମଲ୍ଲିକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶପଥପାଠ କରାଯାଇଥିଲା।

## ବାଇକ୍ ଦୁର୍ଘଟଣାରେ ୨ ଆହତ

ଉମରକୋଟ, (ଭାସ୍କର ନ୍ୟୁଜ୍): ବାଇକ ଦୁର୍ଘଟଣା ଘଟି ଦୁଇଜଣ ଆହତ ହୋଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ନିରୁଣ୍ଡି ଗ୍ରାମ ନିକଟରେ। ଆହତମାନେ ହେଲେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଟେମରା ଗ୍ରାମର ଲୋକନାଥ ମାଝୀ (୫୦) ଓ ଝରିଗାଁ ବ୍ଲକ କାନାକୋଟ ପଞ୍ଚାୟତ ବାଉଲି ବେଡା ଗ୍ରାମର ପଦୁରାମ ମାଝୀ (୭୫)। ମିଳିଥିବା ସୂଚନା ଅନୁସାରେ ଲୋକନାଥ ଓ ପଦୁରାମ ବାଇକ୍ ଯୋଗେ ଝରିଗାଁ ବ୍ଲକ ନିରୁଣ୍ଡି ଗ୍ରାମ ର ସମ୍ପର୍କୀୟ ଘରକୁ ଆସିଥିଲେ। ଫେରୁଥିବା ସମୟରେ ନିରୁଣ୍ଡି ନିକଟରେ ବାଇକଟି ଭାରସାମ୍ୟ ହରାଇ ରାସ୍ତାରେ ଦୁର୍ଘଟଣା ଘଟିଥିଲା। ଫଳରେ ଦୁହେଁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଖବର ପାଇ ସମ୍ପର୍କୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଲୋକନାଥ ଓ ପଦୁରାମଙ୍କ ମୁହଁରେ ଆଘାତ ଲାଗିଛି। ବର୍ତ୍ତମାନ ଦୁହେଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି।

## ଗ୍ରାମାଞ୍ଚଳ ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରୁଛି ଦେଶୀ ମଦଭାଟି

# ବନ୍ଦ ନହେଲେ ଆନ୍ଦୋଳନ ଚେତାବନୀ

ମୁନିଗୁଡା, (ଭାସ୍କର ନ୍ୟୁଜ୍): ବେଆଇନ ଦେଶୀ ମଦ କାରବାର ବୃଦ୍ଧି ପାଉଥିବାରୁ ଗ୍ରାମାଞ୍ଚଳର ଯୁବପିଢ଼ି, ଛାତ୍ରସମାଜ ପଥଭ୍ରଷ୍ଟ ହେଉଛନ୍ତି। ଏପରିକି ଘରରର ପୁରୁଷ ଲୋକମାନେ ଏହି ଦେଶୀମଦ ହାତ ପାଖରେ ପାଇ ହାତଛଡା ନକରି ମଦ ପିଇ ପରିବାରରେ ଅଶାନ୍ତି ସୃଷ୍ଟିରେ ଧନ ଜୀବନ ନଷ୍ଟ ମଧ ହେଉଛି। ଏପରି ଘଟଣାକୁ ଅବକାରୀ ବିଭାଗ ଜାଣି ନଜାଣିଲା ପରି ନିଘୋଡ ନିଦରେ ଶୋଇପଡିଥିବା ବେଳେ ପୋଲିସ୍ ଦେଖି ନଦେଖିଲା ଅଭିନୟ କରୁଛି। ଏପରି ଘଟଣା ଦେଖିବାକୁ ମିଳିଛି ମୁନିଗୁଡା ବ୍ଲକ ତେଲେଙ୍ଗାପଦର ପଞ୍ଚାୟତ ଆଙ୍କୁରବାଲି ମୌଜାରେ ଥିବା ଦେଶୀ ମଦଭାଟି ପ୍ରସଙ୍ଗ। ମୁନିଗୁଡା ବ୍ଲକରେ ମୁନିଖୋଲ ଓ ଆମ୍ବାଦଳାରେ ଦେଶି ମଦଭାଟି ନିୟମ ଅନୁଯାୟୀ ସଠିକ ସ୍ଥାନରେ ଚଳାଇ ଆସୁଥିବା ବେଳେ ମୁନିଗୁଡା ବ୍ଲକ୍‌ଅଞ୍ଚଳ ଆଙ୍କୁରବାଲି ଠାରେ ଚନ୍ଦ୍ରପୁରୁ ବ୍ଲକ ପାଇଁ କ୍ଷମତା ପ୍ରାପ୍ତ ମଦଭାଟି ଲାଇସେନ୍ସ ଥିବା



ବେଳେ ବେନିୟମ ଭାବେ ମୁନିଗୁଡା ବ୍ଲକ ଆଙ୍କୁର ବାଲିରେ ଭାଟି ଚାଲୁଥିଲେ ମଧ ଅବକାରୀ ବିଭାଗ ଓ ପୋଲିସ ବିଭାଗ ଆଖିବୁଜି ଦେଇଛନ୍ତି। ମୁଖ୍ୟ ରାସ୍ତାକଡରେ ଏହି ଭାଟି ହୋଇଥିଲେ ମଧ ସେହି ରାସ୍ତା ଦେଇ ଜିଲ୍ଲାପାଳ ଓ ଏସ୍ ପି ଚନ୍ଦ୍ରପୁରୁ ଯାଉଥିଲେ ବି ଏଥିପ୍ରତି ତଳକର୍ମଚାରୀ ତାଙ୍କୁ ସୂଚନା ଦେଉନଥିବା କ୍ଷୋଭର ବିଷୟ ପାଲଟିଛି। ପୂର୍ବରୁ ଏହି ଭାଟି ଚନ୍ଦ୍ରପୁରୁ ବ୍ଲକର ଡାଙ୍ଗସୋରଡାରେ ହେଉଥିଲା। ଡାଙ୍ଗସୋରଡାରେ ବନ୍ଦ କରି ଆଙ୍କୁରବାଲିରେ ହୋଇଛି। ଏଠାରେ ଭାଟିକୁ ଲାଗି ନାଳ ଥିବାରୁ ୩ ହଜାର ଲିଟର ବଦଳରେ ୩୦ହଜାର ଲିଟର ପ୍ରସ୍ତୁତ ହେଉଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ମଦ ପ୍ରସ୍ତୁତିର ଆବର୍ଜନା ଓ କାଚଡା ପାଣି ଏହି ନାଳରେ ନିର୍ଗତ ହେଉଥିବାରୁ ଅସ୍ୱାସ୍ଥ୍ୟ କର ପରିବେଶ ସୃଷ୍ଟି ହୋଇ ତଳ ଅଞ୍ଚଳର ଲୋକମାନେ ବହିଯାଉଥିବା ନାଳ ପାଣିରେ ଗାଧୋଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଲୋକମାନଙ୍କ ଠାରୁ ଶୁଣିବାକୁ ମିଳୁଛି। ଚୋରା ଦେଶୀ ମଦ ପସରାରର କାରବାରରେ ଅତିଷ୍ଠ ହେଲେଣି ଅଞ୍ଚଳବାସୀ। ଏହାକୁ ନିଷେଧ କରାଯିବା ପାଇଁ ପ୍ରଶାସନ ନିକଟରେ ଦାବି ହୋଇ ଆସୁଥିଲେ ମଧ କେହି କର୍ଣ୍ଣପାତ କରୁନଥିବା ବେଳେ ଭାଟି ମାଲିକ ଅବକାରୀ ବିଭାଗ ଓ ପୋଲିସକୁ ହାତରେ ରଖିଥିବା ଚର୍ଚ୍ଚା ଚାଲୁଛି। ପ୍ରକାଶ ଥାଉକି ମୁନିଗୁଡା ବ୍ଲକର ଆଙ୍କୁରବାଲି ଠାରେ ହୋଇଥିବା ଏହି ଦେଶି ମଦ ଭାଟି ଚନ୍ଦ୍ରପୁର ବ୍ଲକ ସଦର ମହକୁମାରୁ ମାତ୍ର ୨କିଲୋମିଟର ଦୂର ଚିଟୁପଙ୍ଗା ଗ୍ରାମ ଠାରେ ଭାଟି କରି ବିକ୍ରୟ ପାଇଁ ଲାଇସେନ୍ସ ମିଳିଥିଲା। କିନ୍ତୁ ଭାଟି ମାଲିକ ରାଜେଶ କୁମାର ସାହୁ ସବୁ ନିୟମକୁ ଫାଙ୍କି ଦୈନିକ ହଜାର ହଜାର ଲିଟର ମଦ ଭାଟିରେ ପ୍ରସ୍ତୁତ କରି ଚନ୍ଦ୍ରପୁର ବ୍ଲକର ଡ଼ାଙ୍ଗସରଡ଼ା, ହନୁମନ୍ତପୁର, ହେଂବୁରୁ, ଟୁରିଗୁଡା ଏହିପରି ବ୍ଲକର ପ୍ରାୟ ପ୍ରତିଟି ଗାଁକୁ କୋଠି ସଜାଇ ଦେଇଛି। ଗାଁ ଗାଁରେ ମଦ ପିଇ ମାତାଲ ହୋଇ ଅନିୟମିତ କାର୍ଯ୍ୟ କରିବା ସହ ଘରେ ଘରେ ପାରିବାରିକ ଅଶାନ୍ତି ଦେଖା ଦେଉଛି। ଚୋରି ହିଂସା, ନାରୀନିର୍ଯ୍ୟାତନା ବୃଦ୍ଧି ପାଉଛି। ଏନେଇ ବିଷମ କଟକ ଭାରପ୍ରାପ୍ତ ଏକ୍ସସାଇଜ ଏସ ଆଇ ପଙ୍କଜ କୁମାର ନାୟକଙ୍କୁ ଫୋନରେ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇପାରିନଥିଲା। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି। ଯଦି ମଦଭାଟି ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ବାଟରେ ଯାଉଥିବା ମଦ ଜାର୍କୀନକୁ ଅଟକାଇ ରାସ୍ତାରେ ଢାଳି ଦିଆଯିବସହ ଅଞ୍ଚଳବାସୀ ଓ ମହିଳା ଗୋଷ୍ଠି ରାଜରାସ୍ତାକୁ ଓହ୍ଲାଇବେ ବୋଲି ସୁଭାଷିନୀ ରାଉତ, ବୃନ୍ଦାବତୀ ପୁଜାରୀ, କମା ଦଣ୍ଡସେନା ଅହଲ୍ୟା, ବିଶୁ ଦାସ, ଅଖନ ନାୟକ, ବାବୁନୀ ପାତ୍ର, ଭାନୁ ପାଲକା, ପ୍ରତିଙ୍ଗା ପ୍ରମୁଖ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଅବଗତ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଡୁଲୁଘାଟିକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି କଲା କଂଗ୍ରେସ

ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ପାତ୍ରପୁଟ ପଞ୍ଚାୟତ ଓ ପଡ଼ୋଶୀ କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକର ଧନସୁଲି ପଞ୍ଚାୟତ ସୀମାନ୍ତ ଡୁଲୁଘାଟି ଅଞ୍ଚଳ ପ୍ରାକୃତିକ ପରିବେଶ ମଧ୍ୟରେ ଭରି ରହିଛି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରି ରହିଥିବା ଏହି ଅଞ୍ଚଳରେ ବହୁ ପର୍ଯ୍ୟଟକ ଆସି ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ସହ ଭୋଜିଭାତ କରି ଥାଆନ୍ତି। ତେବେ ତେନ୍ତୁଳିଖୁଣ୍ଟି ସୀମାନ୍ତ ଡୁଲୁଘାଟି ଦେଇ କଳାହାଣ୍ଡିକୁ ରାସ୍ତା ସଂଯୋଗୀକରଣ ରହି ଥିଲେ ମଧ୍ୟ ସରକାର ସ୍ତରରେ ଏହି ଅଞ୍ଚଳର ଉନ୍ନତି ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହି ଅଞ୍ଚଳକୁ ବିକାଶ କରି ପର୍ଯ୍ୟଟନସ୍ଥଳୀ ମାନ୍ୟତା ଘୋଷଣା ହେଲେ ଯାତାୟାତ କରୁ ଥିବା ଯାତ୍ରୀଙ୍କ ସମେତ ବହୁ ପର୍ଯ୍ୟଟକଙ୍କ ସୁଅ ଛୁଟି ଥାଆନ୍ତା। ଉଭୟ କଳାହାଣ୍ଡି ଜିଲ୍ଲା ଓ ନବରଙ୍ଗପୁର ଜିଲ୍ଲାର ସମ୍ପର୍କ ସୁଦୃଢ଼ ହୋଇପାରିବ ବୋଲି ଡୁଲୁଘାଟି ପରିସରରେ ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ଆଦିବାସୀ ସେଲ୍ ସଭାପତି ତଥା କଂଗ୍ରେସ



ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀ ପ୍ରକାଶ କରିଛନ୍ତି। ଏହି ଡୁଲୁଘାଟି ଅଞ୍ଚଳର ବିକାଶ କଲେ ଭବାନୀପାଟଣା ସହରରୁ ଭାୟା ଜୟପାଟଣା ଏବଂ ଡୁଲୁଘାଟି ରାସ୍ତା ଦେଇ ଇନ୍ଦ୍ରାବତୀ ପର୍ଯ୍ୟନ୍ତ ବସ୍ ସେବା ଯୋଗାଇବା ପାଇଁ ଶ୍ରୀ ପ୍ରଧାନୀ ଦାବି କରିଛନ୍ତି। ଏଥି ସହ କଳାହାଣ୍ଡି ଜିଲ୍ଲା ର ବହୁ ଛାତ୍ର ଛାତ୍ରୀ କୋରାପୁଟ ଜିଲ୍ଲା ଜୟପୁର ସହର ଓ ରାଜଧାନୀ ରେ ମଧ୍ୟ ପାଠ ପଢୁ ଛନ୍ତି ତେଣୁ ଭବାନୀ ପାଟଣା ଠାରୁ ଏହି ଡୁଲୁ ଘାଟି ଦେଇ ଭବାନୀ ପାଟଣା ଠାରୁ ଭାୟା ଜୟପୁର ଦେଇ ରାଜଧାନୀ କୁ ବସ ସେବା କରିବା ପାଇଁ ଦାବି ହୋଇଛି। ଏହି ବିଷୟକୁ ନେଇ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ସାଂସଦ କୁମାରୀ ପ୍ରତ୍ୟୁଷା ସିଂଦେଓ ତଥା କଳାହାଣ୍ଡି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ବିଷୟରେ ଲାଞ୍ଜିଗଡ଼ବିଧାୟକ ପ୍ରଦୀପ ଦିଶାରୀଙ୍କ ସହିତ ଶ୍ରୀ ପ୍ରଧାନୀ ଆଲୋଚନା କରିଥିବା କହିଛନ୍ତି। ଡୁଲୁଘାଟି ଦେଇ ବସ୍ ସେବା ଆରମ୍ଭ ହେଲେ ଅନେକ ଗ୍ରାମର ଲୋକେ ଉପକୃତ ହେବା ସହ ଉଭୟ କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ସମନ୍ୱୟ ଠିକ୍ ରହି ପାରିବ। ସାମ୍ବାଦିକ ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ, ଜିଲ୍ଲା ସାଧାରଣ ସମ୍ପାଦକ ଭୀମସେନ ପାଣଗ୍ରାହୀ, ପାତ୍ର ପୁଟ ପଞ୍ଚାୟତ ନାଏବ ସରପଞ୍ଚ କମଳ ଲୋଚନ ପ୍ରଧାନୀ, ବରିଷ୍ଠ ନେତା ଚିତା ନନ୍ଦ ସାହୁ, ପିନ୍ଟୁ ବିଷୋୟୀ, ମୁନା ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ତେନ୍ତୁଳି ଖୁଣ୍ଟି ବ୍ଲକ ର ସାମ୍ବାଦିକ ମାନଙ୍କୁ କଂଗ୍ରେସ ତରଫରୁ ନୂତନ ବର୍ଷ ର ଅଭିନନ୍ଦନ ଜଣାଇବା ସହ ସମ୍ମାନୀତ କରାଯାଇ ଥିଲା।




ନାସିକ : ରବିବାର ବିଳମ୍ବିତ ରାତିରେ ମହାରାଷ୍ଟ୍ରର ନାସିକ ସହରରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଦ୍ୱାରକା ଫ୍ଲାଏଓଭର ନିକଟରେ ଏକ ଯାତ୍ରୀବାହୀ ଅଟୋକୁ ଟ୍ରକ୍ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ୮ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟ ୪ଜଣ ଗୁରୁତରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ରବିବାର ବିଳମ୍ବିତ ରାତିରେ ଏକ ଅଟୋରେ ୧୨ରୁ ଅଧିକ ଯାତ୍ରୀ ଯାଉଥିବାବେଳେ ଦ୍ୱାରିକା ବ୍ରିଜ୍ ଉପରେ ଲୁହାରଡ୍ ବୋଝେଇ କରି ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପିଟିବା ଫଳରେ ୮ଜଣଙ୍କର ମୃତ୍ୟୁ ଘଟିଥିଲା । ଅଟୋରେ ଥିବା ଯାତ୍ରୀମାନେ ଆୟାପ୍ପା ମନ୍ଦିରରୁ ଏକ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ଫେରୁଥିବାବେଳେ ଏହି ଅଘଟଣ ଘଟିଥିଲା । ଖବର ମିଳିବା ପରେ ପୋଲିସ ଗୁରୁତରମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା । ସମସ୍ତ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ମୃତକଙ୍କ ପରିବାର ହସ୍ପିଟାଲରେ ପହଞ୍ଚିଥିବାବେଳେ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ବିଭିନ୍ନ ମହଲରେ ମଧ୍ୟ ଦାବି ଜୋର ଧରିଛି । ଏହି ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସରକାର ପଦକ୍ଷେପ ନେବାକୁ ମଧ୍ୟ ଦାବି ହେଉଛି ।

## ଭୟଙ୍କର ରୂପରେ ମାଡୁଛି କାଲିଫର୍ଣ୍ଣିଆ ଜଙ୍ଗଲ ନିଆଁ

# ମୃତ୍ୟୁସଂଖ୍ୟା ୨୪ ଛୁଇଁଲା

### ନିଖୋଜଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି
### ଦେଢଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର
### ୧୨୦୦ରୁ ଅଧିକ ଘର ଜଳିପୋଡ଼ି ନଷ୍ଟ
### ଫାୟାର ଫାଇଟର ପଠାଇଲା କାନାଡ଼ା



ନୂଆଦିଲ୍ଲୀ : ଲସ୍ଏଞ୍ଜଲ୍ସର ଜଙ୍ଗଲରେ ଲାଗିଥିବା ନିଆଁ ଭୟଙ୍କର ରୂପ ଧାରଣ କରି ମାଡ଼ି ଚାଲିଛି । ଯେତେଯାହା ଉଦ୍ୟମ କଲେ ମଧ୍ୟ ନିଆଁ ଥମିବାର ନାଁ ନେଉନାହିଁ । ଏହା ବିକଟାଳ ରୂପ ଧାରଣ କରି ଜନବସତି ଆଡକୁ ମାଡ଼ିମାଡ଼ି ଚାଲିଥିବାରୁ ଲୋକମାନେ ଭୟଭୀତ ହୋଇ ଅନ୍ୟତ୍ର ପଳାୟନ କରୁଥିବା ଦେଖିବାକୁ ମିଳୁଛି । ବର୍ତ୍ତମାସ ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଏହି ନିଆଁରେ ୨୪ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟି ସାରିଲାଣି । ହଜାର ହଜାର ଲୋକ ନିଖୋଜ ହୋଇଥିବାବେଳେ ସେମାନଙ୍କୁ ଖୋଜିବା ପାଇଁ ସରକାରଙ୍କ ପକ୍ଷରୁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି । ୧୨୦୦ରୁ ଅଧିକ ଘର ଜଳିପୋଡ଼ି ନଷ୍ଟ ହୋଇଯାଇଛି । ପ୍ରାୟ ଦେଢଲକ୍ଷ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଆକାଶମାର୍ଗ ସହ ସ୍ଥଳଭାଗରେ ପାଣି ସିଞ୍ଚନ କରାଯାଉଥିଲେ ମଧ୍ୟ ତାହା ବିଶେଷ ଫଳପ୍ରଦ ହେଉନାହିଁ । ଅଗ୍ନିକାଣ୍ଡର ଭୟାବହତାକୁ ଉପଲବ୍ଧି କରି କାନାଡ଼ା ସରକାର ଫାୟାର ଫାଇଟର ପଠାଇଥିବା ସୂଚନା ଦିଆଯାଇଛି । ବହୁ ଲୋକ ସ୍ୱଇଚ୍ଛାରେ ଘରଦ୍ୱାର ଛାଡ଼ି ଅନ୍ୟତ୍ର ପଳାୟନ କରୁଛନ୍ତି । ତେବେ ଏହି ନିଆଁରେ ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହୋଇଛି ପ୍ୟାସିଫିକ୍ ପେଲିସେଡ୍ସ ଅଞ୍ଚଳ । ଏଠାରେ ହଜାର ହଜାର ଏକର ପର୍ଯ୍ୟନ୍ତ ନିଆଁ ବ୍ୟାପିଯାଇଛି । ଏଥିରେ ବିଶେଷଭାବେ ହଲିଉଡ୍ ଷ୍ଟାରମାନଙ୍କର ବ୍ୟାପକ କ୍ଷତି ଘଟିଛି । ନିଖୋଜମାନଙ୍କୁ ଖୋଜିବା ପାଇଁ ସନ୍ଧାନୀକୁକୁର ଟିମ୍କୁ ନିୟୋଜିତ କରାଯାଇଛି । ଗତ ୭ ତାରିଖରୁ କାଲିଫର୍ଣ୍ଣିଆ ଜଙ୍ଗଲରେ ଏହି ନିଆଁ ଲାଗିଥିଲା । ତେବେ ନିଆଁ ବ୍ୟାପୁଥିବାରୁ ସମସ୍ତେ ଭୟଭୀତ ଅବସ୍ଥାରେ ରହିଛନ୍ତି ।

# ୬୬ବର୍ଷରେ ଆଖି ବୁଜିଲା ‘ମହେନ୍ଦ୍ର’

ବାରିପଦା (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଅଭୟାରଣ୍ୟରେ ଆଖି ବୁଜିଲା ପୋଷା ଦନ୍ତାହାତୀ ‘ମହେନ୍ଦ୍ର’ । ମୃତ୍ୟୁବେଳକୁ ତାକୁ ୬୬ ବର୍ଷ ବୟସ ହୋଇଥିଲା । ଗତ କିଛିଦିନ ହେବ ସେ ଅସୁସ୍ଥ ହୋଇପଡ଼ିଥିବାବେଳେ ତା’ର ଚିକିତ୍ସା ମଧ୍ୟ ଚାଲୁ ରହିଥିଲା । ତେବେ ରବିବାର ରାତିରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲା । ମହେନ୍ଦ୍ର ଏକ ପୋଷାହାତୀ ଥିବାବେଳେ ୨୦୦୧ରେ କର୍ଣ୍ଣାଟକରୁ ତାକୁ ଶିମିଳିପାଳ ଅଭୟାରଣ୍ୟକୁ ଅଣାଯାଇଥିଲା । ସେଠାରେ ତାକୁ ପ୍ରଶିକ୍ଷଣ ଦିଆଯିବା ସହ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଥିଲା । ଶିମିଳିପାଳରେ କାଠ ମାଫିଆ ଓ ବନ୍ୟଜନ୍ତୁ ଶିକାରୀଙ୍କୁ ଧରିବାରେ ସେ ବନ ବିଭାଗକୁ ସହାୟତା କରୁଥିଲା । ଶିମିଳିପାଳର ଆଖପାଖ ଅଞ୍ଚଳକୁ ହାତୀପଲ ପଶିଆସିଲେ ସେମାନଙ୍କୁ ଘଉଡାଇବା ପାଇଁ ମହେନ୍ଦ୍ରକୁ ବ୍ୟବହାର କରାଯାଉଥିଲା । ଏହାସହ ବାଘ ଟ୍ରାକିଂ ତଥା ଘଞ୍ଚ ଜଙ୍ଗଲକୁ ବନ ବିଭାଗ କର୍ମଚାରୀ ଯିବାବେଳେ ମହେନ୍ଦ୍ରର ସହାୟତା ନିଆଯାଉଥିଲା । ମୋଟାମୋଟି କହିବାକୁ ଗଲେ ଶିମିଳିପାଳରେ ସେ ସବୁ ବନ କର୍ମଚାରୀଙ୍କ ମନକୁ କିଣି ନେଇଥିଲା । ତେବେ ମଜା କଥା ହେଉଛି, ମହେନ୍ଦ୍ରର ଶୋଭା ଓ ଭବାନୀ ନାମରେ ଦୁଇଟି ପତ୍ନୀ ରହିଥିଲେ । ସେମାନଙ୍କ ଔରସରୁ ୩ ଝିଅ ମଧ୍ୟ ଜନ୍ମ ନେଇଥିଲେ । ସେମାନେ ହେଲେ ଲକ୍ଷ୍ମୀ, ଶିବାନୀ ଓ ରାଜକୁମାର । ଶୋଭା ଓ ଭବାନୀଙ୍କର ପୂର୍ବରୁ ମୃତ୍ୟୁ ହୋଇସାରିଛି । ତେବେ ବିଶେଷକରି ଶୋଭାର ମୃତ୍ୟୁପରେ ମହେନ୍ଦ୍ର ମାନସିକ ଅବସାଦରେ ରହୁଥିବା ଦେଖାଯାଇଥିଲା । ଶିମିଳିପାଳରେ ପ୍ରବଳ ଶୀତ ହେଉଥିବାରୁ ସେ ଅସୁସ୍ଥ ହୋଇ ପଡ଼ିଥିଲା । ଏପରିକି ଦୁଇଦିନ ହେବ ସେ ଖାଇବା ପିଇବା ଛାଡ଼ି ଦେଇଥିଲା । ମହେନ୍ଦ୍ରର ସ୍ୱାସ୍ଥ୍ୟ ଭଲ ରହୁନଥିବାବେଳେ ରବିବାର ସନ୍ଧ୍ୟାରେ ବନ୍ଧିଥିବା ଝିଅ ଶିବାନୀ ଚେନ୍ ଛିଣ୍ଡାଇ ତା ପାଖକୁ ଚାଲି ଆସିଥିଲା । ବେଶ୍ କିଛି ସମୟ ବାପା ପାଖରେ ରହିବା ପରେ ଶିବାନୀକୁ ମାହୁନ୍ତ ନେଇ ଯାଇଥିଲା । ଏହାପରେ ମହେନ୍ଦ୍ରର ମୃତ୍ୟୁ ଘଟିଥିଲା । ତା ମୃତ୍ୟୁରେ ବନ ବିଭାଗ କର୍ମଚାରୀ ଭାଙ୍ଗି ପଡ଼ିଥିବାବେଳେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।

## ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷୟକ୍ଷତି ଆକଳନ ଶେଷ

# ଚାଷୀଙ୍କୁ ୨୧.୯୬ କୋଟିର କ୍ଷତିପୂରଣ ପ୍ରଦାନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଅମଳ ପରବର୍ତ୍ତୀ ଫସଲ କ୍ଷତି ଆକଳନ କାର୍ଯ୍ୟ ଶେଷ ହୋଇଛି । ସୋମବାର ସୁଦ୍ଧା ପ୍ରାୟ ୧ ଲକ୍ଷ କ୍ଷତିଗ୍ରସ୍ତ ପ୍ଲଟ ବାବଦକୁ ମୋଟ ୨୧ କୋଟି ୯୬ ଲକ୍ଷ ଟଙ୍କା କ୍ଷତିପୂରଣ ସିଧାସଳଖ ଚାଷୀମାନଙ୍କର ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି । ବୀମା କମ୍ପାନୀମାନଙ୍କ ପକ୍ଷରୁ ଏହି କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ସୂଚାରୁ ରୂପେ ଜାରି ରହିଛି । ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବର ମାସରେ ଦୁଇ ଥର ଅଦିନିଆ ବର୍ଷା ଯୋଗୁଁ ରାଜ୍ୟରେ ଖରିଫ ଫସଲ ବିଶେଷ କରି ଅମଳ ହୋଇ ସାରି ଜମିରେ ଥିବା ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ପରିଲକ୍ଷିତ ହୋଇଥିଲା । ଏଥିପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ୭୨ ଘଣ୍ଟା ମଧ୍ୟରେ ଫସଲ ବୀମା ପୋର୍ଟାଲରେ କ୍ଷୟକ୍ଷତିର ସୂଚନା ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ଅନୁମତି କ୍ରମେ ନିର୍ଦ୍ଧାରିତ ସମୟ ମଧ୍ୟରେ ସୂଚନା ପ୍ରଦାନ କରି ନଥିବା ଚାଷୀମାନଙ୍କୁ ସୂଚନା ପ୍ରଦାନ ନିମନ୍ତେ ପୁନର୍ବାର ଆଉ ତିନି ଦିନ ସୁଯୋଗ ଦିଆଯାଇଥିଲା । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ହୋଇଥିବା ପଞ୍ଜୀକୃତ ଚାଷୀ ଫସଲବୀମା ପୋର୍ଟାଲରେ ମୋଟ ୨,୦୦,୭୨୯ଟି ପ୍ଲଟରେ କ୍ଷତି ହୋଇଥିବାର ଆବେଦନ କରିଥିଲେ । ତନ୍ମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୪୭,୯୬୯ ସଂଖ୍ୟକ ଆବେଦନ ପତ୍ର ମିଳିଥିବା ବେଳେ ଗଞ୍ଜାମ ସମେତ ଗଜପତି, ପୁରୀ, କେନ୍ଦ୍ରାପଡ଼ା, ନୟାଗଡ, କଟକ, ଖୋର୍ଦ୍ଧା ଏବଂ ଜଗତସିଂହପୁର ଜିଲ୍ଲାରୁ ମୋଟ ୧,୬୨,୯୭୨ ସଂଖ୍ୟକ ଆବେଦନ ପତ୍ର ମିଳିଥିଲା । ଏହି ସମସ୍ତ ଆବେଦନକୁ ଭିତ୍ତି କରି ତୁରନ୍ତ କ୍ଷେତ୍ରୀୟ ସ୍ତରରେ ଫସଲ କ୍ଷତି ଆକଳନ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ଚାରି ଗୋଟି ବୀମା କମ୍ପାନୀ ଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା । ବୀମା କମ୍ପାନୀ ପକ୍ଷରୁ ଅମଳ ପରବର୍ତ୍ତୀ ଫସଲ କ୍ଷୟକ୍ଷତି ଆକଳନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବୀମା କମ୍ପାନୀ ପକ୍ଷରୁ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ସୁଚାରୁରୂପେ ଜାରି ରହିଛି ।


**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ ଏସ୍ଟି-ଓଟି-ଏଆରସି-ଭିଏଚ୍ଏଫ-୨୦୨୪-୨୫, ତାରିଖ: ୧୧.୦୧.୨୦୨୫, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ବରିଷ୍ଠ ମଣ୍ଡଳ ସିଗ୍ନାଲ ଏବଂ ଟେଲିକମ୍ ଇଞ୍ଜିନିୟର (ସମନ୍ୱୟ)/ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟପାଇଁ ନିମ୍ନରେ ଦିଆଯାଇଥିବା ଉଲ୍ଲିଖିତ ତାରିଖର ପୂର୍ବାହ୍ନ ୧୨ଟା ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ପୂର୍ବାହ୍ନ ୧୨.୩୦ରେ ଏହା ଖୋଲାଯିବ । କାର୍ଯ୍ୟର ବିବରଣୀ: ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ରେଳମଣ୍ଡଳରେ ଦୁଇବର୍ଷ ଅବଧି ପାଇଁ ପିଟିଟି ସହିତ ହେଡ୍ ହେଲ୍ଡ ୫ଟି ଡବ୍ଲୁ ବିଏଚଏଫ (ୱାକିଟକି ସେଟ୍), ୨୫ ୱାଟ୍ର ବେସ୍ ଷ୍ଟେସନ ଭିଏଚ୍ଏଫ ସେଟର ବାର୍ଷିକ ମରାମତି ଏବଂ କଣ୍ଡମେସନ ଚୁକ୍ତି ସହିତ । ଟେଣ୍ଡର ମୂଲ୍ୟ: ଟ.୨୨,୫୦,୬୧୯/-, ଅମାନତ ରାଶି: ଟ.୪୫,୦୦୦/- । ଟେଣ୍ଡର କାଗଜର ମୂଲ୍ୟ: ଶୂନ୍ୟ । ଖୋଲିବା ତାରିଖ: ୦୬.୦୨.୨୦୨୫, କାର୍ଯ୍ୟ ଶେଷ ଅବଧି: ୭୩୦ ଦିନ । ଜମା କରିବା ତିଥି: ୦୬.୦୨.୨୦୨୫ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ । ଇଚ୍ଛୁକ ଟେଣ୍ଡରରମାନେ ଟେଣ୍ଡରର ସଂପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ନିର୍ଦ୍ଦେଶାବଳୀ ପାଇଁ ୱେବସାଇଟ୍ www.ireps.gov.in ରେ ଦେଖିପାରିବେ ଏବଂ ଆପଣଙ୍କ ଟେଣ୍ଡର ଅନଲାଇନରେ ଜମା କରିବାକୁ ଅନୁରୋଧ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟପାଇଁ ମାନୁଆଲ ଟେଣ୍ଡର ସ୍ୱୀକାର କରାଯିବ ନାହିଁ ।

(PR-1007)


## ୟୁଜିସି ନେଟ୍ ପରୀକ୍ଷା ସ୍ଥଗିତ

ନୂଆଦିଲ୍ଲୀ: ଏନଟିଏ ପକ୍ଷରୁ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଏ ନେଇ ଏନଟିଏ ପକ୍ଷରୁ ସୂଚନା ଦିଆଯାଇଛି । ପୋଙ୍ଗଲ ଓ ମକର ସଂକ୍ରାନ୍ତି ପାଇଁ ଏହି ପରୀକ୍ଷା ସ୍ଥଗିତ ରଖାଯାଇଥିବାବେଳେ ଖୁବ୍ଶୀଘ୍ର ସାନି ପରୀକ୍ଷା ତାରିଖ ଘୋଷଣା କରାଯିବ । ତେବେ ୧୬ରେ ହେବାକୁ ଥିବା ପରୀକ୍ଷା ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।


ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ଡିଭିଜନ କୋର୍ଟ ନଂ ୪ଙ୍କ ଅଦାଲତ, ଭୁବନେଶ୍ୱର
୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲଡିଂ, ଭୁବନେଶ୍ୱର

Letter No.2291 Dt.19.10.2024

ଓ.ଏସ୍.ଏସ. କେସ୍ ନଂ ୧୩୦୬/୨୦୨୨
ରାଜେନ୍ଦ୍ରନାଥ ସାହୁ...... ବାଦୀ/ଦରଖାସ୍ତକାରୀ
ବନାମ
ସେଟେଲମେଣ୍ଟ ଅଫିସର,
କଟକ ଏବଂ ଅନ୍ୟମାନେ..... ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,
ଉହ୍ଲାସ ଦେହୁରୀ, ବୟସ ୮୦ବର୍ଷ, ପିତା- ଭାଲୁ ଦେହୁରୀ, ମୌଜା- ଗୋଠପାଟଣା, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ।

ନୋଟିସ୍

ସିପିସି ଅର୍ଡର ୫, ରୁଲ୍ ୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ କୋର୍ଟ ନଂ ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ରାଜେନ୍ଦ୍ରନାଥ ସାହୁ ଖରିଦି ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାଏର ହୋଇଅଛି । ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ ୩ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକଦ୍ୱାରା ଦିଆଯାଇଥିଲା । କିନ୍ତୁ ଉକ୍ତ ନୋଟିସ ଜାରି ହୋଇ ପ୍ରତିବାଦୀ ନଂ ୩ ମୃତ ବୋଲି ଫେରି ଆସିଥିଲା । ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ ୩ଙ୍କ ଔରସମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ରିଭିଜନ କେସ୍ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୨୭.୦୧.୨୦୨୫ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ କରାଯାଇଛି । ଉକ୍ତ କେସ୍ରେ ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ତଫସିଲ ବୃତ୍ତି

ଜିଲ୍ଲା-ଖୋର୍ଦ୍ଧା, ମୌଜା- ଗୋଠପାଟଣା, ଥାନା ନଂ ୫୩, ତହସିଲ- ଭୁବନେଶ୍ୱର, ଖାତା ନଂ ୭୪, ପ୍ଲଟ୍ ନଂ ୧୦୫୨, ଏରିଆ-୧୧୦ ଡିସିମିଲ, ଏହାର ଶାବକ ଖାତା ନଂ ୧୪, ପ୍ଲଟ୍ ନଂ ୫୧୮, ଏରିଆ-୧୧୦ ଡିସିମିଲ୍ । ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ ୩ଙ୍କ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କର ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ ।

ସ୍ୱା/- ଆଡିସନାଲ ରିଭିଜନ କୋର୍ଟ ନଂ ୪,
ଭୁବନେଶ୍ୱର
ଆଦେଶକ୍ରମେ କୋର୍ଟ ଅଫିସର


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାରେ ଲାଗୁହେବ...

ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ତେବେ ଖୁବ୍ଶୀଘ୍ର ଏହି ଯୋଜନା ରାଜ୍ୟରେ ଲାଗୁ ହେବ ବୋଲି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ କହିଛନ୍ତି, ଓଡ଼ିଶାର ପ୍ରତି ପଞ୍ଚାୟତରେ ହେବ ଆୟୁଷ୍ମାନ ଭାରତ ମନ୍ଦିର । ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯେପରି ପହଞ୍ଚିପାରିବ ସେ ନେଇ ଯୋଜନା ପ୍ରସ୍ତୁତ କରୁଛୁ । ଆୟୁଷ୍ମାନ ଭାରତ ମନ୍ଦିରରେ ଜଣେ ଲେଖାଏଁ ଯୋଗ ଶିକ୍ଷକ ନିଯୁକ୍ତି ପାଇବେ । ସ୍ୱାସ୍ଥ୍ୟକର୍ମୀଙ୍କ ସହ ଅନ୍ୟ ସୁବିଧା ସୁଯୋଗ ମଧ୍ୟ ଯୋଗାଇ ଦିଆଯିବ । ଓଡ଼ିଶାର ସାଢେ ତିନିକୋଟି ଲୋକ ଏହି ଯୋଜନାରୁ ଉପକୃତ ହେବେ । ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ପରିବାରର ପ୍ରତି ପୁରୁଷଙ୍କୁ ୫ଲକ୍ଷ ଓ ମହିଳାଙ୍କୁ ୧୦ଲକ୍ଷର ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯିବ । ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ସହ ଆୟୁଷ୍ମାନ ଭାରତ ସୁବିଧା ଗୋଟିଏ କାର୍ଡରେ ମିଳିବ । ସାରା ଦେଶରେ ଯିଏ ଯେଉଁଠି ଥିଲେ ବି ଏହାର ସୁବିଧା ପାଇପାରିବେ । ଦେଶର ୩୦ ହଜାର ହସ୍ପିଟାଲରେ ଏହି ସୁବିଧା ଉପଲବ୍ଧ ହେବ । ରାଜ୍ୟ ସରକାର ଆସନ୍ତା ଫେବୃଆରୀ ମାସରୁ ଏହା ଲାଗୁ କରିବେ ଏବଂ ଏପ୍ରିଲ ମାସ ସୁଦ୍ଧା ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ କରାଇବେ । ସେହିପରି ୭୦ବର୍ଷ ବୟସରୁ ଊର୍ଦ୍ଧ୍ୱ ଲୋକଙ୍କୁ ମଧ୍ୟ ଆୟୁଷ୍ମାନ ଯୋଜନାରେ ସାମିଲ କରିବା ପାଇଁ ପ୍ରକ୍ରିୟା ଚଳିତମାସ ଶେଷସୁଦ୍ଧା ଆରମ୍ଭ କରାଯିବ ବୋଲି ସେ କହିଥିଲେ । ଏହାଫଳରେ ବରିଷ୍ଠ ନାଗରିକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବାର ସୁବିଧା ଯୋଗାଇ ଦିଆଯିବ ।

### ଅମୃତ ସ୍ନାନ...

ଧାର୍ମିକ କାର୍ଯ୍ୟକ୍ରମ ନୁହେଁ, ବରଂ ଭାରତର ପରମ୍ପରା ଓ ଆଧ୍ୟାତ୍ମିକ ଐତିହ୍ୟର ଏକ ଦିବ୍ୟ ଉତ୍ସବ । ବିଶ୍ୱାସ ରହିଛି ଯେ ପ୍ରୟାଗରାଜରେ ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କ ତ୍ରିବେଣୀ ସଙ୍ଗମରେ ସ୍ନାନକଲେ ପୂଣ୍ୟ ପ୍ରାପ୍ତି ହୋଇଥାଏ ଓ ମୋକ୍ଷ ମିଳିଥାଏ । ତେବେ ମହାକୁମ୍ଭ କେବଳ ପାପରୁ ମୁକ୍ତି ପାଇବାର ଏକ ଅବସର ନୁହେଁ, ବରଂ ଆତ୍ମାଶୁଦ୍ଧି ଏବଂ ମୁକ୍ତି ପ୍ରାପ୍ତିର ଏକ ମାର୍ଗ ବୋଲି କୁହାଯାଏ । ଏହି ମହାକୁମ୍ଭରେ ୪୦ରୁ ୪୫ କୋଟି ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଥିବାରୁ ସନ୍ଥ ଓ ଶ୍ରଦ୍ଧାଳୁଙ୍କ ରହଣୀ ପାଇଁ ୪ହଜାର ହେକ୍ଟର ପରିମିତ ଅଞ୍ଚଳରେ ଅସ୍ଥାୟୀ ରହଣୀ ଶିବିର ସ୍ଥାପନ କରାଯାଇଛି । ଉତ୍ତରପ୍ରଦେଶ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରାଯାଇଛି । ପ୍ରୟାଗରାଜକୁ ସଂଯୋଗ କରୁଥିବା ୭ଟି ରାସ୍ତାରେ ଏବଂ ୮ଟି ଜିଲ୍ଲାକୁ ଯାତାୟତ କରୁଥିବା ଯାନବାହନ ଏବଂ ଲୋକଙ୍କ ଯାଞ୍ଚ ପାଇଁ ୧୦୨ଟି ପୋଲିସ ଷ୍ଟେସନ ସ୍ଥାପନ କରାଯାଇଛି । ପ୍ରୟାଗରାଜରେ ସୁରକ୍ଷା ବ୍ୟବସ୍ଥା ପାଇଁ ମୋଟ ୧୦୨୬ଜଣ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଜଳରେ ଯାତ୍ରା କରୁଥିବା ଏବଂ ସ୍ନାନ କରୁଥିବା ତୀର୍ଥଯାତ୍ରୀଙ୍କୁ ତୁରନ୍ତ ସହାୟତା ଯୋଗାଇବା ଏବଂ ସୁରକ୍ଷା ବୃଦ୍ଧି ପାଇଁ ସେଠାରେ ଏକ ଭାସମାନ ପୋଲିସ ଷ୍ଟେସନ ଖୋଲାଯାଇଛି । ପୋଲିସ ପକ୍ଷରୁ କୁହାଯାଇଛି ଯେ ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧା ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ।


**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ** — IDFC FIRST Bank

(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
ସିଆଇଏନ: ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨
ପଞ୍ଜୀକୃତ କାର୍ଯ୍ୟାଳୟ-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

**ସିକ୍ୟୁରାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ**

ନିମ୍ନଲିଖିତ ଋଣଗ୍ରହିତା ଓ ସହ -ଋଣ ଗ୍ରହିତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ **(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ । ନିମ୍ନ ଲିଖିତ ଋଣଗ୍ରହିତା ଓ ସହ- ଋଣ ଗ୍ରହିତାଙ୍କ ଋଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି । ଯେ ହେତୁ ସେମାନେ ଋଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ଋଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି । ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଋଣ ଗ୍ରହୀତା ଓ ସହ ଋଣଗ୍ରହୀତାଙ୍କ ନାମ | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|---|
| ୧ | ୧୦୩୦୨୩୪୭୯ | ସମ୍ପତ୍ତି ବଦଳରେ ଋଣ | ୧.ସୁଶାନ୍ତ ମାଝୀ, ୨. ରାମ ମାଝୀ ୩. କୁନି ମାଝୀ, ୪. ସ୍ୱର୍ଣ୍ଣମୟୀ ମାଝୀ | ୩୦.୧୧.୨୦୨୪ | ୫,୧୧,୩୨୯.୬୯/- |

ସମ୍ପତ୍ତି ଠିକଣା: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ- ଖାତା ନଂ ୨୮୩/୨୪୪, ପ୍ଲଟ ନଂ ୧୧୧୨/୧୪୭୬, ମୋଟ ଏରିଆ- ଏ.୦.୧୦ ଡିସିମିଲ୍, ମୋଟ ୪୩୫୬ ବର୍ଗଫୁଟ, ଅବସ୍ଥିତି ମୌଜା- ରଘୁନାଥପୁର, ତହସିଲ- ଓଡ଼ଗାଁ, ଜିଲ୍ଲା-ନୟାଗଡ଼, ଓଡ଼ିଶା-୭୫୨୦୭୦, ବାଉଣ୍ଡରୀ: ପୂର୍ବ- ରାସ୍ତା, ପଶ୍ଚିମ- ଲିଙ୍ଗରାଜ ଦାସ, ଉତ୍ତର- ନୀଳମଣି ବର୍ତ୍ତୁ, ଦକ୍ଷିଣ- ସରକାରୀ

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି । ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି ।

ସ୍ୱା/-
ଅଧିକୃତ ଅଧିକାରୀ
ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)

ତାରିଖ: ୧୪.୦୧.୨୦୨୫
ସ୍ଥାନ: ଓଡିଶା



GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNDARGARH
O-1218

E-PROCUREMENT NOTICE
BID IDENTIFICATION NO. ONLINE-SESNG-24 of 2024-25

1. Name of the Work :- Road Works
2. Total No. of works :- 2 no Road
3. Estimated cost :- From Rs. 5.04 Lakhs to Rs.36.71 Lakhs
4. Class of contractor :- 'B', 'C' & 'D'
5. Period of completion :- 01 calendar months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh. | Online-SESNG-24 of 2024-25 | 15.01.2025 10.00 A.M | 22.01.2025 5.00 P.M |

Further details can be seen from the website www.tendersorissa.gov.in

OIPR 25046/11/0033/2425
Sd/- Superintending Engineer
Rural Works Division, Sundargarh



OFFICE OF THE COLLECTOR & DISTRICT MAGISTRATE: KHORDHA
(ST & SC DEVELOPMENT SECTION)

No. 113 Date:13.01.2025 V-43

TENDER CALL NOTICE

Sealed Tenders are hereby invited in the prescribed format from reputed Registered Manpower Service Provider Agencies having registered office located within State of Odisha and possessing valid license, statutory clearance, GSTN registration, EPF Registration, ESI Registration and PAN No. for providing Manpower Service, in Post-Matric OBC & Minorities Hostels at Gothapatna, Bhubaneswar of Khordha district. The detailed terms and conditions and list of documents to be submitted is available in our website www.khordha.nic.in The tender documents can be downloaded from the website www.khordha.nic.in. Bidder must submit tender paper cost of Rs. 2, 000/- (Rupee Two Thousand Only) non-refundable in shape of Demand draft only drawn in favour of "District Welfare Officer, Khordha" Payable at Khordha. The last date of submission of Tender paper is 30.01.2025 by 5.30 PM by Register Post or Speed post. The Office is not responsible for any Postal delay. Incomplete applications and applications received beyond the dateline shall be rejected without assigning any notice.

By Order of the Collector, Khordha
OIPR 24351/11/0044/2425 Sd/-District Welfare Officer, Khordha



GOVERNMENT OF ODISHA
DEPARTMENT OF WATER RESOURCES
INVITATION FOR BIDS (IFB)
"e" Procurement Notice-2 / 2024-25
A-796

BID IDENTIFICATION NO.SAL-BDK-2-P1 OF 2024-25

1. Name of work:- Maintenance of Canal and Embankment (River & Saline) works
2. Class of Contractor:- Varies from "D" Class to "B"Class
3. No of works:- 47Nos (Details as per NIT available in website)
4. Value of Work:- Rs. 9.73 Lakhs to 88.16 lakhs
5. Time of Completion:- 3 to 4 Calendar Months
6. Type of Bid :- Percentage Bid.
7. Summary for key dates is provided below.

| Procurement Officer | Bid Identification No | Availability of tender for online bidding | | Date & time of opening Bid |
|---|---|---|---|---|
| | | From | To | |
| Superintending Engineer, Salandi Canal Division, Bhadrak | SAL-BDK-2 P1 OF 2024-25 | 16.01.2025 at 11.00AM | 31.01.2025 UPTO 5.00PM | 1.2.2025 at 11.00 A.M. |

Further details can be seen from the website http.//www.tendersodishagov.in / www.dowrodisha.gov.in
Any addendum/ Corrigendum/ Cancellation to the above notice will be published in this web site only.

Sd/- Superintending Engineer
Salandi Canal Division
Bhadrak
OIPR 32005/11/0003/2425



Government of Odisha
Office of the Executive Engineer
Rural Works Division-II, Nabarangpur, Umerkote.
e-mail: eerwukt@gmail.com & eerwukt@ymail.com
O-1226

Letter No.160 Date:10.01.2025

e-Procurement Notice

1 Name of the work :- Road Works
2 Total No of works :- 01 (One) No.
3 Approx. Estimated Cost :- Rs. 24.66 Lakhs.
4 Class of Contractor :- "B"& "C" Class of Contractor
5 Period of Completion : :- As per TCN

| Procurement officer | Bid Identification No. | Availability of tender online for bidding | | Last Date & Time Seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Nabarangpur, Umerkote. | Online Tender/11/ RWD-UKT /2024-25 | 16.01.2025 at 11.00 AM | 22.01.2025 up to 5.00 PM | 21.01.2025 at 01.00 PM | 24.01.2025 at 11:00 AM |

Further details can be seen from the Government website www.tendersodisha.gov.in

Sd/-Executive Engineer
Rural Works Division-II
Nabarangpur, Umerkote
OIPR 25103/11/0015/2425



ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ଜଳଯୋଗାଣ ଓ ପରିମଳଖଣ୍ଡ ସୋନପୁର
OFFICE OF THE SUPERINTENDING ENGINEER
RURAL WATER SUPPLY & SANITATION DIVISION, SONEPUR
Pin-767017 ☎-06654-220259 (Off)
Email: eerwssdivsnpr@gmail.com
O-1221

GOVERNMENT OF ODISHA "e" PROCUREMENT NOTICE
Bid Identification No. 03 of 2024- 25 Dt. 10.01.2025

The Superintending Engineer, RWSS Division, Sonepur on behalf of the Governor of Odisha invites Percentage Rate Bids through e-procurement in **Single Cover** system according to norm of e-procurement system in on-line mode for the work "**Drinking Water Supply to Village Metakani of Chadeipank G.P with provision of 20000 ltrs capacity 10 mtr staging Over Head Tank, Internal Electrification & installation of Pump Set under Ullunda Block in the district of Subarnapur**".

1. Nature of Work: - Drinking Water Supply to Village Metakani of Chadheipank G.P with provision of 20000 ltrs capacity 10 mtr staging Over Head Tank, Internal Electrification & installation of Pump Set under Ullunda Block in the district of Subarnapur.
2. Total no. of Work :- 01 No
3. Tender Paper Cost:- Rs. 6000/-
4. Value of Work :- Rs. 28.97 Lakhs
5. Class of Contractor:- "C" & "B"
6. Period of Completion:- **90** days (Refer DTCN available in the Website www.tendersodisha.gov.in

| Procurement Officer-Publisher | Bid Identification No. | Date and time of availability of documents in the portal | | Last Date & Time of Seeking Clarification on Tender / Bid | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, RWS&S Division, Sonepur | Notification No **03** of 2024-25 | Dt.16.01.2025 @ 11.00 AM | Dt.26.01.2025 up to 5 PM | Dt.26.01.2025 up to 5.00 PM | Dt.27.01.2025 @ 11.00 AM |

Sd/-
(Er. Tapan Kumar Padhan)
Superintending Engineer,
RWS&SDivision, Sonepur
OIPR 25037/11/0004/2425



C-1472
WATCO
OFFICE OF THE GENERAL MANAGER,
WATCO DIVISION-II, BHUBANESWAR,
Near Rajiv Bhawan, Unit-V, Bhubaneswar-751001,
Odisha, India
Telefax: - +91-674-2390322 E-mail – gmdivtwowatco@gmail.com

NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
Dtd.13.01.2025

| | | |
|---|---|---|
| 01 | Nos of works | 02 Nos (Two Nos) |
| 02 | Estimate cost | Rs.10.81 Lakhs & Rs.10.98 Lakhs |
| 03 | Period of completion | 01 (One) Months |
| 04 | Class of contractor | D & C class |
| 05 | Date & Time of availability of bid document in the portal | From 11.00 AM of Dt.17.01.25 to 5.00 PM of 28.01.2025 |
| 06 | Last date / time of receipt of bids in the portal | 5.00 PM of 28.01.2025 |
| 07 | Last date & time of seeking clarification | 5.00 PM of 22.01.2025 |
| 08 | Date & Time of opening of bids | At 12.30 PM of 29.01.2025 |
| 09 | Name and Address of the Officer Inviting Bid | General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in"

OIPR 13089/11/0016/2425
Sd/-GENERAL MANAGER,
WATCO DIVISION-II, BHUBANESWAR




ଭୋପାଳ: ୪ସନ୍ତାନ ଜନ୍ମ କଲେ ମିଳିବ ୧ଲକ୍ଷ । ଏଭଳି ଘୋଷଣା କରି ଚର୍ଚ୍ଚାରେ ମଧ୍ୟପ୍ରଦେଶ ସରକାରରେ କ୍ୟାବିନେଟ ମନ୍ତ୍ରୀ ଥିବା ପଣ୍ଡିତ ବିଷ୍ଣୁ ରଜୋରିଆ। ସେ ଯୁବ ବ୍ରାହ୍ମଣ ଦମ୍ପତିଙ୍କ ପାଇଁ ଏହି ଘୋଷଣା କରିଛନ୍ତି ।ଏବେ ପର୍ଶୁରାମ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ଏବଂ କ୍ୟାବିନେଟ ମନ୍ତ୍ରୀ ପଦବୀରେ ଅଛନ୍ତି ରଜୋରିଆ। ଇନ୍ଦୋରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରଜୋରିଆ କହିଛନ୍ତି ଯେ, ଏବେ ସମାଜରେ ବିଧର୍ମୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। କାରଣ ଆମେ ପ୍ରାୟତଃ ଆମର ପରିବାର ଉପରେ ଧ୍ୟାନ ଦେବା ବନ୍ଦ କରିଦେଇଛୁ। ମୁଁ ଯୁବପିଢ଼ିଙ୍କଠାରୁ ବହୁତ ଆଶା ରଖିଛି। ଆମେ ବୟସ୍କ ଲୋକଙ୍କଠାରୁ ଅଧିକ ଆଶା କରିପାରିବୁ ନାହିଁ। ଧ୍ୟାନ ଦେଇ ଶୁଣନ୍ତୁ, ଭବିଷ୍ୟତ ପିଢ଼ିର ସୁରକ୍ଷା ପାଇଁ ଆପଣମାନେ ଦାୟୀ। ଯୁବପିଢ଼ି ଗୋଟିଏ ପିଲା ପରେ ଆଉ ପିଲା ଜନ୍ମ କରିବାକୁ ଇଚ୍ଛା କରୁନାହାନ୍ତି। ଏଭଳି ହେଲେ ସମସ୍ୟା ହେବ। ମୁଁ ଆପଣଙ୍କୁ ଅତି କମରେ ୪ ସନ୍ତାନ ଜନ୍ମ କରିବାକୁ ଅନୁରୋଧ କରୁଛି। ଯେଉଁମାନେ ଏଭଳି କରିବେ ସେମାନଙ୍କୁ ପର୍ଶୁରାମ କଲ୍ୟାଣ ବୋର୍ଡ ପକ୍ଷରୁ ୧ଲକ୍ଷ ଟଙ୍କା ଦିଆଯିବ।

# ସୋନମାର୍ଗ ଟନେଲ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଜମ୍ମୁ ଓ କଶ୍ମୀରରେ ସୋନମାର୍ଗ ଟନେଲକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି ସେ ଶ୍ରମିକମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ, ଯେଉଁମାନେ ଜମ୍ମୁ-କଶ୍ମୀର ଓ ଭାରତର ବିକାଶ ପାଇଁ କଠିନ ପରିଶ୍ରମ କରିଛନ୍ତି ଏବଂ ନିଜ ଜୀବନକୁ ବାଜି ଲଗାଇ ଦେଇଛନ୍ତି। ଶ୍ରୀ ମୋଦୀ କହିଥିଲେ, ଆହ୍ୱାନ ସତ୍ତ୍ୱେ ଆମର ସଂକଳ୍ପ ଥମିବାର ନାଁ ଧରୁନାହିଁ। ଶ୍ରମିକମାନଙ୍କ ଦୃଢ଼ ସଂକଳ୍ପ ଓ ପ୍ରତିବଦ୍ଧତା ଏବଂ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି କାର୍ଯ୍ୟ ସମ୍ପନ୍ନ କରିଥିବାରୁ ସେ ତାଙ୍କୁ ପ୍ରଶଂସା କରିଥିଲେ। ୭ ଜଣ ଶ୍ରମିକଙ୍କ ମୃତ୍ୟୁରେ ସେ ଶୋକ ପ୍ରକାଶ କରିଥିଲେ। କଶ୍ମୀରର ବରଫଘେରା ସୁନ୍ଦର ପର୍ବତ ଏବଂ ଆନନ୍ଦଦାୟକ ପାଣିପାଗକୁ ପ୍ରଶଂସା କରି ଶ୍ରୀ ମୋଦୀ କହିଥିଲେ ଯେ ନିକଟରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ସେୟାର କରିଥିବା ଫଟୋ ଦେଖିବା ପରେ ଜମ୍ମୁ-କଶ୍ମୀର ଗସ୍ତ ପାଇଁ ତାଙ୍କର ଆଗ୍ରହ ବୃଦ୍ଧି ପାଇଛି। ଆଜିର ଦିନକୁ ସ୍ୱତନ୍ତ୍ର ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ସମଗ୍ର ଦେଶରେ ଉତ୍ସବର ବାତାବରଣ ରହିଛି। ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ଭାରତର ଅଗ୍ରଗତି ଉପରେ ଆଲୋକପାତ କରିବା ସହ କୌଣସି ଅଞ୍ଚଳ କିମ୍ବା ପରିବାର ଯେପରି ପଛରେ ନପଡ଼େ ତାଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ କହିଥିଲେ ଯେ ସରକାର 'ସବକା ସାଥ, ସବକା ବିକାଶ'ର ଭାବନା ସହିତ କାର୍ଯ୍ୟ କରୁଛନ୍ତି ଏବଂ ଗତ ୧୦ ବର୍ଷ ମଧ୍ୟରେ ଜମ୍ମୁ-କଶ୍ମୀର ସମେତ ସମଗ୍ର ଦେଶରେ ୪ କୋଟିରୁ ଅଧିକ ଗରିବ ପରିବାର ପକ୍କା ଘର ପାଇଛନ୍ତି। ଜମ୍ମୁ-କଶ୍ମୀରରୁ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ବ୍ୟାପକ ଭିତ୍ତିଭୂମିର ବିକାଶ ଉପରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜମ୍ମୁ-କଶ୍ମୀର ସୁଡ଼ଙ୍ଗ, ଉଚ୍ଚ ପୋଲ ଏବଂ ରୋପୱେର ହବ୍ ପାଲଟିଛି । ପ୍ରଧାନମନ୍ତ୍ରୀ ଜମ୍ମୁ ଓ କଶ୍ମୀରର ଯୁବକମାନଙ୍କଉଜ୍ଜ୍ୱଳ ଭବିଷ୍ୟତ ଉପରେ ଆଲୋକପାତ କରିବା ସହ କ୍ରୀଡ଼ାକ୍ଷେତ୍ରରେ ଥିବା ଅସଂଖ୍ୟ ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜମ୍ମୁ-କଶ୍ମୀର ଉପ-ରାଜ୍ୟପାଳ ଶ୍ରୀ ମନୋଜ ସିହ୍ନା, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଶ୍ରୀ ଓମାର ଅବଦୁଲ୍ଲା, କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ଶ୍ରୀ ନିତିନ ଗଡ଼କରୀ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ, ଶ୍ରୀ ଅଜୟ ଟମଟା ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

ତିରୁପତି ମନ୍ଦିରରେ ପୁଣି ଅଘଟଣ

## ମନ୍ଦିର ପରିସରରେ ଲାଗିଲା ନିଆଁ

ନୂଆଦିଲ୍ଲୀ : ତିରୁପତି ମନ୍ଦିରରେ ନିଆଁ ଲାଗିଥିବା ଖବର ସାମନାକୁ ଆସିଛି। ସୂଚନା ମୁତାବକ, ମନ୍ଦିରର ଲଡୁ କାଉଣ୍ଟର ପାଖରେ ଏହି ନିଆଁ ଲାଗିଛି। ଯାହାଦ୍ୱାରା ପ୍ରସାଦ ନେବାକୁ ଭିଡ ଜମାଇଥିବା ଲୋକେ ଭୟଭୀତ ହୋଇଛନ୍ତି। କମ୍ପ୍ୟୁଟର ୟୁପିଏସରୁ ସର୍ଟ ସର୍କିଟ କାରଣରୁ ଏପରି ହୋଇଥିବା କୁହାଯାଉଛି। ଲାଗିଥିବା ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା ଚଳାଇଛି ମନ୍ଦିର ପ୍ରଶାସନ। ଏହାସହ ଅଗ୍ନିଶମ ବାହିନୀ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ କାବୁ କରିବାକୁ ଚେଷ୍ଟା ଚଳାଇଛି।

# ଶତ୍ରୁଙ୍କୁ କଡା ଚେତାବନୀ ଦେଲେ ସ୍ଥଳ ସେନା ମୁଖ୍ୟ



ନୂଆଦିଲ୍ଲୀ: ଭାରତୀୟ ସେନା ଶକ୍ତିଶାଳୀ। ସେ ତାର ପରାକ୍ରମ ଦେଖାଉଛି ଆଉ ଦେଖାଇବ। ଆମର ସେନା ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ସକ୍ଷମ। ଶତ୍ରୁମାନଙ୍କୁ ଚରମ ଚେତାବନୀ ଦେଇ ଏହା କହିଛନ୍ତି ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ। ସୀମାରେ ଭିତ୍ତିଭୂମି ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଆଯାଉଥିବା ସେ କହିଛନ୍ତି। ପାକିସ୍ତାନ ଏବଂ ଚୀନ ସୀମାର ପରିସ୍ଥିତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ସେ ପ୍ରକାଶ କରିଛନ୍ତି ପୂର୍ବ ଲଦାଖ ଖଇଉରେ ପରି ସମ୍ବେଦନଶୀଳ ଅଞ୍ଚଳରେ ବର୍ତ୍ତମାନ ଅବସ୍ଥା ସ୍ଥିର ରହିଛି। ପୂର୍ବ ଲଦାଖର ଅଞ୍ଚଳ ଡେପସାଙ୍ଗ ଏବଂ ଡେମଚୋକରେ ଚାଷୀମାନେ ସେମାନଙ୍କ ପଶୁମାନଙ୍କ ଚରାଇବା ଆରମ୍ଭ କରିଛନ୍ତି। ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ମଧ୍ୟ ପାକିସ୍ତାନ ସହିତ ସୀମା ସମ୍ପର୍କରେ ସୂଚନା ଦେଇଛନ୍ତି। ସାମଗ୍ରିକ ଭାବରେ ଜମ୍ମୁ ଏବଂ କାଶ୍ମୀରର ପରିସ୍ଥିତି ନିୟନ୍ତ୍ରଣରେ ଅଛି। ପାକିସ୍ତାନ ସହିତ ନିୟନ୍ତ୍ରଣ ରେଖାରେ ଅସ୍ତ୍ରବିରତି ଜାରି ରହିଛି। ତଥାପି ପାକିସ୍ତାନ ପକ୍ଷରୁ ନିରନ୍ତର ଅନୁପ୍ରବେଶ ପାଇଁ ଚେଷ୍ଟା କରାଯାଉଛି। ଜମ୍ମୁ ଏବଂ କାଶ୍ମୀରରେ ସୀମାପାର ଆତଙ୍କବାଦକୁ ପାକିସ୍ତାନର ସମର୍ଥନ ବିଷୟରେ ମଧ୍ୟ କହିଥିଲେ। ସେନା ମୁଖ୍ୟ କହିଛନ୍ତି ଯେ ପାକିସ୍ତାନ ପାର୍ଶ୍ୱରେ ଆତଙ୍କବାଦୀ ଭିତ୍ତିଭୂମି ଏବେ ବି ଅକ୍ଷୁର୍ଣ୍ଣ ଅଛି। ସେନା ମୁଖ୍ୟ ଆହୁରି କହିଛନ୍ତି ଯେ ଗତ ବର୍ଷ ନିହତ ଆତଙ୍କବାଦୀଙ୍କ ମଧ୍ୟରୁ ୬୦ ପ୍ରତିଶତ ପାକିସ୍ତାନର ଥିଲେ।

# ମହତାରୀ ବନ୍ଧନ ଯୋଜନା ଆମ ମା'-ଭଉଣୀଙ୍କ ଚେହେରାରେ ପରିବର୍ତ୍ତନ ଆଣିଛି : ବିଷ୍ଣୁଦେବ




ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଛନ୍ତି ଯେ, ରାଜ୍ୟରେ କାର୍ଯ୍ୟକାରି ହେଉଥିବା ମହତାରୀ ବନ୍ଧନ ଯୋଜନା ରାଜ୍ୟର ମା' ଓ ଭଉଣୀମାନଙ୍କ ଚେହେରାରେ ପରିବର୍ତ୍ତନ ଆଣିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦିଆଯାଇଥିବା ଗ୍ୟାରେଣ୍ଟି ଅନୁଯାୟୀ ଆମେ ମହିଳାଙ୍କ ବିକାଶ ପାଇଁ ଏହି ଯୋଜନା ପ୍ରବର୍ତ୍ତନ କରୁଛୁ। ପ୍ରତି ମାସରେ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ୧ହଜାର ଟଙ୍କା ଲେଖାଏଁ ପଠାଯାଉଛି। ପ୍ରତିମାସର ୧ତାରଇକରେ ସେମାନଙ୍କ ମୋବାଇଲରେ ମଧ୍ୟ ଏନେଇ ମ୍ୟାସେଜ୍ ଦିଆଯାଉଛି। ମା' ଓ ଭଉଣୀମାନଙ୍କ ଏହି ପରିବର୍ତ୍ତନ ଆମ ସରକାରଙ୍କ ପାଇଁ ସାର୍ଥକତା ଆଣିଦେଇଛି ବୋଲି ଶ୍ରୀ ସାଏ କହିଛନ୍ତି। ସୋମବାର କୋଣ୍ଡା ଗାଁଓ ଜିଲ୍ଲାର ମୁଖ୍ୟାଳୟରେ ଆୟୋଜିତ ଲୋକାର୍ପଣ ଓ ଶିଳାନ୍ୟାସ ସମାରୋହରେ ଯୋଗଦେଇ ଶ୍ରୀ ସାଏ ଏହା କହିଛନ୍ତି। ସେ କହିଥିଲେ ଆମେ ଏହି ଯୋଜନାରେ ୭୦ଲକ୍ଷ ମହିଳାଙ୍କୁ ସହାୟତା ଯୋଗାଇ ଦେଉଛୁ। ଗତ ୧ବର୍ଷ ହେବ ଏହା ଆମ ପାଇଁ ଏକ ହତ୍ତ୍ୱପୂର୍ଣ୍ଣ ନିର୍ଣ୍ଣୟ ଆଣିପାରିଛି। ଏହି ଅବସରରେ ଶ୍ରୀ ସାଏ ୨୮୮କୋଟି ଟଙ୍କା ବ୍ୟୟରେ ୧୬୮ଟି ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ୨୦୮କୋଟି ଟଙ୍କା ବ୍ୟୟରେ ୧୩୦ଟି ପ୍ରକଳ୍ପର ଲୋକାର୍ପଣ କରାଯାଇଥିବା ବେଳେ ୮୦କୋଟି ଟଙ୍କାରେ ୩୮ଟି ପ୍ରକଳ୍ପର ଭୂମିପୂଜନ କରାଯାଇଛି। ଏଥିସହ ୫୮ଲକ୍ଷ ଟଙ୍କାର ବିଭିନ୍ନ କାର୍ଯ୍ୟର ଚେକ୍ ମଧ୍ୟ ବଣ୍ଟାଯାଇଛି। ଏହି ଜିଲ୍ଲାର ୨୮ହଜାର ମା ଓ ଭଉଣୀଙ୍କୁ ମହତାରୀ ଯୋଜନାରେ ସାମିଲ କରାଯାଇଛି। ଶ୍ରୀ ସାଏ କହିଥିଲେ ଆମ ସରକାର କୃଷକମାନଙ୍କ ହିତ ପାଇଁ କାର୍ଯ୍ୟ କରୁଛି। ରାଜ୍ୟର ୨୭ଲକ୍ଷର ଅଧିକ କୃଷକଭାଇଙ୍କୁ ଧାନ ବିକ୍ରି ପାଇଁ ରେଜିଷ୍ଟ୍ରେସନ କରାଯାଇଛି।

# ବାଂଲାଦେଶ ଡେପୁଟି ହାଇ କମିଶନରଙ୍କୁ ସମନ କଲା ଭାରତ



ନୂଆଦିଲ୍ଲୀ : ଭାରତ ଓ ବାଂଲାଦେଶ ମଧ୍ୟରେ ଲଗାତର ସମ୍ପର୍କ ତିକ୍ତ ହେବାରେ ଲାଗିଛି। ବଢ଼ିବାରେ ଲାଗିଛି ସୀମା ବିବାଦ। ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ବହିଷ୍କାର କରିବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ତିକ୍ତ ଥିବା ଜଣାପଡିଛି। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ସୁରକ୍ଷାକୁ କଡାକଡି କରିଛି। ସୀମାନ୍ତ ଅଞ୍ଚଳରେ ବିଏସଏଫ ତୀକ୍ଷ୍ଣ ନଜର ରଖିଛି, ଯେଉଁ କାରଣରୁ ବାଂଲାଦେଶର ମହମ୍ମଦ ୟୁନୁସ ସରକାର ହଡବଡେଇ ଯାଇଛନ୍ତି। ଏବେ ବାଂଲାଦେଶକୁ ତା' ଭାଷାରେ ଜବାବ ଦେଇଛି ଭାରତ। ରବିବାର ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ ଭାରତୀୟ ହାଇ କମିଶନର ପ୍ରଣୟ ବର୍ମାଙ୍କୁ ଡାକି ସୀମାରେ ବିଏସଏଫ ଦ୍ୱାରା କରାଯାଇଥିବା ତାର ବାଡକୁ ନେଇ ଆପତ୍ତି ଜଣାଇଥିଲା। ସୋମବାର ଭାରତ ନୂଆ ଦିଲ୍ଲୀରେ ଥିବା ବାଂଲାଦେଶର ଡେପୁଟି ହାଇ କମିଶନର ନୁରାଲ ଇସଲାମଙ୍କୁ ଡକାଇଛି। ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟ ସୀମାରେ ତାର ବାଡକୁ ବେଆଇନ ଉଦ୍ୟମ ବୋଲି କହିଛି। ତେବେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ଏ ବାବଦରେ କୌଣସି ବିବୃତ୍ତି ଦେଇନାହାଁନ୍ତି। ଅନୁପ୍ରବେଶକାରୀଙ୍କୁ ରୋକିବାକୁ ଭାରତ ନିଜ ସୀମାରେ ବାଡ଼ ତିଆରି କରୁଛି। ଯାହାକୁ ବାଂଲାଦେଶ ସରକାର ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଥିଲାଗି ତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଭାରତର ହାଇକମିଶନଙ୍କୁ ନୋଟିସ କରି ଆଲୋଚନା ବି କରୁଛି।

ତେଜୁଛି ବିବାଦ

## ଆପ୍ ଉପରେ ବର୍ଷିଲେ ହାଇକୋର୍ଟ

ନୂଆଦିଲ୍ଲୀ : ପାଖେଇ ଆସିଲାଣି ଦିଲ୍ଲୀ ବିଧାନସଭା ନିର୍ବାଚନ। ଫେବୃଆରୀରେ ହେବ ନିର୍ବାଚନ। ଏହି ନିର୍ବାଚନୀ ଭିତରେ ଆମ୍ ଆଦମୀ ପାର୍ଟି ସରକାର ଉପରେ ବର୍ଷିଛନ୍ତି ଦଲ୍ଲୀ ହାଇକୋର୍ଟ। ସିଏଜି ରିପୋର୍ଟକୁ ନେଇ କଡ଼ା ସମାଲୋଚନା କରିଛନ୍ତି। ଆପର ସଙ୍କୋଚତା ଉପରେ କୋର୍ଟ ସନ୍ଦେହ ପ୍ରକାଶ କରିଛନ୍ତି। ସିଏଜି ରିପୋର୍ଟକୁ ନେଇ ଆମ୍ ଆଦମୀ ପାର୍ଟି ଯେଉଁ ପ୍ରକାରେ ନିଜ ଗୋଡ ପଛକୁ ହଟାଇଛି ତାକୁ ନେଇ ତା'ର ସଙ୍କୋଚତା ଉପରେ ସନ୍ଦେହ ସୃଷ୍ଟି ହୋଇଥିବା କୋର୍ଟ କହିଛନ୍ତି। ମିଡିଆରେ ସିଏଜିର ଦୁଇଟି ରିପୋର୍ଟ ଲିକ୍ ହେବା ପରେ କୋର୍ଟଙ୍କ ଏହି ଟିପ୍ପଣୀ ସାମ୍ନାକୁ ଆସିଛି।

# ବାଣିଜ୍ୟ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ବିବାହ ଋତୁ ଆରମ୍ଭ ପୂର୍ବରୁ ଓଡ଼ିଶା ବଜାରରେ ପୁଣି ଥରେ ସୁନା ଦର ୮୦,୦୦୦ ଟପିଯାଇଛି। ଅପରପକ୍ଷରେ ରୁପା ଦର ମଧ୍ୟ ୧,୦୦,୦୦୦ ଟଙ୍କାର ନିକଟବର୍ତ୍ତୀ ହୋଇଛି। ସେହିଭଳି ପାର୍ବଣ ପରଠାରୁ ସୁନା ଓ ରୁପା ଦର କିଛି ପରିମାଣରେ କମିଥିଲାବେଳେ ଗ୍ରାହକଙ୍କ ଆବଶ୍ୟକତା ଓ ପାର୍ବଣ ଖର୍ଚ୍ଚ ଯୋଗୁ ଅଧିକାଂଶ ପରିବାର ସୁନା ଓ ରୁପା କିଣିପାରି ନ ଥିଲେ। ଏହାରି ମଧ୍ୟରେ ସୁନା ଦର ପୁଣି ଥରେ ବଢ଼ିବାରେ ଲାଗିଛି। ଆଗକୁ ବିବାହ କାର୍ଯ୍ୟ ସାଙ୍ଗକୁ ବିଭିନ୍ନ ପ୍ରକାରର ଶୁଭକାର୍ଯ୍ୟ ଅନୁଷ୍ଠିତ ହେବାକୁ ଥିଲାବେଳେ ବର୍ତ୍ତମାନ ଘରୋଇ ବଜାରରେ ସୁନା ଦର ୭୩,୦୦୦ ରୁ ୮୦,୫୦୦ ଟଙ୍କା ମଧ୍ୟରେ କାରବାର ହେଉଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ବଜାରରେ ରବିବାର ସୁନା ଦର ପ୍ରତି ୧୦ ଗ୍ରାମ୍ ୨୪ କ୍ୟାରେଟ ସୁନାର ମୂଲ୍ୟ ପ୍ରାୟ ୮୦,୫୦୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୭୩,୧୫୦ ଟଙ୍କା ରହିଛି। ଏପରିକି ରୁପା କିଲୋଗ୍ରାମ୍ ?ପିଛା ୯୭,୨୦୦ ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ନୂଆଦିଲ୍ଲୀ ବଜାରରେ ସୁନା ଦର ପ୍ରତି ୧୦ ଗ୍ରାମ୍ ୨୪କ୍ୟାରେଟ ସୁନାର ମୂଲ୍ୟ ୭୮,୮୨୩ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୭୩,୧୭୩ ଟଙ୍କା ରହିଛି।

# ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ହେଲେ ଆଲୋକ ବର୍ମା



ରାଉରକେଲା (ଭାସ୍କର ନ୍ୟୁଜ୍) : ଆଲୋକ ବର୍ମା ଜାନୁଆରୀ ୧୩ ତାରିଖରେ ସେଲ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଆଇଟି ସିନ୍ଦ୍ରି, (ରାଞ୍ଚି ବିଶ୍ୱବିଦ୍ୟାଳୟ)ରୁ ମେକାନିକାଲ୍ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ ପରେ, ଶ୍ରୀ ବର୍ମା ୧୯୯୧ ମସିହାରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡର ଅନ୍ୟତମ ୟୁନିଟ୍ ବୋକାରୋ ଇସ୍ପାତ କାରଖାନା (ବିଏସଏଲ)ରେ ମ୍ୟାନେଜମେଣ୍ଟ ଟ୍ରେନି (ଟେକ୍ନିକାଲ) ଭାବରେ ତାଙ୍କର କ୍ୟାରିଅର୍ ଆରମ୍ଭ କରିଥିଲେ। ବୋକାରୋରେ ତାଙ୍କର ୩୨ ବର୍ଷର ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ, ଶ୍ରୀ ବର୍ମା ୧୯୯୭, ୨୦୦୭, ୨୦୧୫ ଏବଂ ୨୦୨୩ ମସିହାରେ ରୋଲିଂ ମିଲ୍ସର ସମୟୋଚିତ ପ୍ରକଳ୍ପ ସମାପନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସିକ୍ସ ସିଗ୍ମା ବ୍ଲାକ୍ ବେଲ୍ଟ ଭାବରେ ସ୍ୱୀକୃତ ଶ୍ରୀ ବର୍ମା ମିଲ୍ ପରିଚାଳନା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥି ମଧ୍ୟରେ ଇଆରପି କାର୍ଯ୍ୟାନ୍ୱୟନ, ସିକ୍ସ ସିଗ୍ମା ପ୍ରମାଣପତ୍ର ହାସଲ, ହଟ୍ ରୋଲିଂ କୁଲିଂ ଅପରେସନର ଟେକ୍ନିକାଲ୍ ଡିଜାଇନର ପେଟେଣ୍ଟ ହାସଲ ଏବଂ ତିନୋଟି ନୂତନ ଉତ୍ପାଦ ଉଦ୍ଭାବନ ଅନ୍ତର୍ଭୁକ୍ତ ରହିଥିଲା। ଏହି ଅବଦାନଗୁଡ଼ିକ ରୋଲିଂ ମିଲ୍ସର ଉତ୍ପାଦ ଗୁଣବତ୍ତା, ଉତ୍ପାଦନ ପରିମାଣ ଏବଂ କାର୍ଯ୍ୟକ୍ଷମ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଥିଲା। ୨୦୨୩ ଜୁଲାଇ ମାସରେ, ଶ୍ରୀ ବର୍ମା ନିର୍ବାହୀ ନିର୍ଦ୍ଦେଶକ ଭାବରେ ପଦୋନ୍ନିତ ହୋଇଥିଲେ ଏବଂ ତାଙ୍କୁ ରାଉରକେଲା ଇସ୍ପାତ କାରଖାନାର ଖଣି ବିଭାଗର ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ୨୦୨୪ ସେପ୍ଟେମ୍ବର ୩୦ ତାରିଖରେ, ଶ୍ରୀ ବର୍ମା ଆରଏସପିର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପଦବୀର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ରୂପେ ଦାୟିତ୍ୱ ନେବା ପୂର୍ବରୁ ସେ ନଭେମ୍ବର ୧୫ ତାରିଖରୁ କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ତୁଲାଇଥିଲେ।

## ଆଇଡିବିଆଇ ଚିରୀବୀ-ସୁପର ସିନିୟର ସିଟିଜେନ୍ ଏଫ୍‌ଡିର ଶୁଭାରମ୍ଭ

ନୂଆଦିଲ୍ଲୀ : ଆଇଡିବିଆଇ ବ୍ୟାଙ୍କ ୮୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଫିକ୍ସଡ ଡିପୋଜିଟ ପ୍ରଡକ୍ଟ 'ଆଇଡିବିଆଇ ଚିରୀବୀ-ସୁପର ସିନିୟର ସିଟିଜେନ୍ ଏଫଡି'ର ଶୁଭାରମ୍ଭ କରିଛି। ଏହି ପଦକ୍ଷେପ ବ୍ୟାଙ୍କର ଷ୍ଟାଣ୍ଡାର୍ଡ ଫିକ୍ସଡ ଡିପୋଜିଟ ରେଟ ଉପରେ ଅତିରିକ୍ତ ୬୫ ବେସିସ ପଏଂଟ (ବିପିଏସ୍) ଏବଂ ବରିଷ୍ଠ ନାଗରିକ ହାର ଉପରେ ୧୫ ବେସିସ୍ ପଏଂଟ (ବିପିଏସ୍) ପ୍ରଦାନ କରୁଛି। ଅଫରର ମୁଖ୍ୟ ଆକର୍ଷଣ ଗୁଡିକ ମଧ୍ୟରେ ରହିଛି ୫୫୫ ଦିନର କାର୍ଯ୍ୟକାଳ ପାଇଁ ବାର୍ଷିକ ୮.୦୫% ର ସର୍ବୋଚ୍ଚ ସୁଧ ହାର। ଏପରିକି ବ୍ୟାଙ୍କ ୩୭୫ ଦିନ ପାଇଁ ବାର୍ଷିକ ୭.୯୦%, ୪୪୪ ଦିନ ପାଇଁ ବାର୍ଷିକ ୮.୦୦% ଏବଂ ୭୦୦ ଦିନ ପାଇଁ ବାର୍ଷିକ ୭.୮୫% ସୁଧ ହାର ପ୍ରଦାନ କରୁଛି। ଏହି ଉନ୍ମୋଚନ ଅବସରରେ ଆଇଡିବିଆଇ ବ୍ୟାଙ୍କର ଉପପରିଚାଳନା ନିର୍ଦ୍ଦେଶକ ସୁମିତ ଫକ୍କା କହିଛନ୍ତି ଯେ, 'ବରିଷ୍ଠ ନାଗରିକଙ୍କ ସ୍ୱତନ୍ତ୍ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା 'ଆଇଡିବିଆଇ ଚିରୀବୀ- ସୁପର ସିନିୟର ସିଟିଜେନ ଏଫଡି'କୁ ଉପସ୍ଥାପନ କରି ଆମେ ଆନନ୍ଦିତ। ଏହି ଅଫର ଏହି ସମ୍ମାନଜନକ ପୀଢ଼ିକୁ ଏକ ସୁରକ୍ଷିତ ଏବଂ ନିରାପଦ ନିବେଶ ବିକଳ୍ପ ପ୍ରଦାନ କରିଥାଏ, ଯାହା ସେମାନଙ୍କ ଆର୍ଥିକ ନିରାପତା ଏବଂ ମାନସିକ ଶାନ୍ତିର ଗ୍ୟାରେଂଟି ଦେଇଥାଏ।

# ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ କଲା ବିଦ୍ୟା ୱାୟର୍ସ

ନୂଆଦିଲ୍ଲୀ: ବିଭିନ୍ନ ପ୍ରକାର ଶିଳ୍ପ ଓ ପ୍ରୟୋଗ ଉଦ୍ଦେଶ୍ୟରେ ୱାଇଣ୍ଡିଂ ଓ କଣ୍ଡକ୍ଟିଭ୍ ଉତ୍ପାଦ ପ୍ରସ୍ତୁତ କରୁଥିବା ବିଦ୍ୟା ୱାୟର୍ସ ଲିମିଟେଡ୍ ପକ୍ଷରୁ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। କମ୍ପାନି ପକ୍ଷରୁ ୩୨୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର ଫର୍ ସେଲ୍‌ରେ ଅଂଶଧନକାରୀମାନେ ୧୦,୦୦୦,୦୦୦ ପର୍ଯ୍ୟନ୍ତ ଇକ୍ୱିଟି ସେୟାର ବିକ୍ରି କରିପାରିବେ। କମ୍ପାନିର ପ୍ରତିଷ୍ଠାତା ହେଉଛନ୍ତି ଶ୍ୟାମସୁନ୍ଦର ରାଠି, ଶୈଳେଶ ରାଠି ଓ ଶିକ୍ଷା ରାଠି। ଅଫର୍ ଫର୍ ସେଲ୍‌ରେ ଶ୍ୟାମ ସୁନ୍ଦର ରାଠି ୫,୦୦୦,୦୦୦ ପର୍ଯ୍ୟନ୍ତ ଇକ୍ୱିଟି ସେୟାର, ଶୈଳେଶ ରାଠି ୫,୦୦୦,୦୦୦ ପର୍ଯ୍ୟନ୍ତ ଇକ୍ୱିଟି ସେୟାର ବିକ୍ରି କରିପାରିବେ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ କମ୍ପାନି ଏଏଲ୍‌ସିୟୁ ସହାୟକ ସଂସ୍ଥାର ନୂଆ ପ୍ରକଳ୍ପ ସ୍ଥାପନରେ ପୁଁ ବ୍ୟୟ, କମ୍ପାନି ହାସଲ କରିଥିବା କିଛି ଋଣକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପରିଶୋଧ କରିବା ଓ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରିବ। ବିଦ୍ୟା ୱାୟର୍ସ ଲିମିଟେଡ୍ ହେଉଛି ଚତୁର୍ଥ ବୃହତମ ନିର୍ମାତା ଯାହା ପାଖରେ ସ୍ଥାପିତ କ୍ଷମତା ଦୃଷ୍ଟିରୁ ୫.୯ ପ୍ରତିଶତ ବଜାର ଅଂଶ ରହିଛି ବୋଲି କେୟାରଏଜ୍ ରିପୋର୍ଟରୁ ଜଣାପଡ଼ିଛି। କମ୍ପାନି ଏହାର ଉତ୍ପାଦନ କ୍ଷମତାକୁ ବଢ଼ାଇବା ଏବଂ ଉତ୍ପାଦ ବର୍ଗମାଳାକୁ ସମ୍ପ୍ରସାରଣ କରିବା ଯୋଜନା ରଖିଛି। ପ୍ରେସିସନ୍ ଇଞ୍ଜିନିୟର୍ଡ ୱାୟର, ଏନାମେଲ୍‌ଡ କପର ରେକ୍ଟାଙ୍ଗୁଲାର ଷ୍ଟ୍ରାଇପ୍‌ସ, ପେପର ଇନସୁଲେଟେଡଜ୍ ତମ୍ବା କଣ୍ଡକ୍ଟର, ତମ୍ବା ବସ୍‌ବାର, ଖୋଲା ତମ୍ବା କଣ୍ଡକ୍ଟର, ସ୍ୱତନ୍ତ୍ର ୱାଇଣ୍ଡିଂ ୱାୟାର, ପିଭି ରିବନ ଓ ଆଲୁମିନିୟମ ଷ୍ଟ୍ରାଇପ୍ ଆଦି ଉତ୍ପାଦ କମ୍ପାନି ପ୍ରସ୍ତୁତ କରୁଛି। ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଓ ସଂଚରଣ, ବିଦ୍ୟୁତ ବ୍ୟବସ୍ଥା, ବିଦ୍ୟୁତ୍ ମୋଟର, ସ୍ୱଚ୍ଛ ଶକ୍ତି, ଇଲେକ୍ଟ୍ରିକ୍ ଗମନାଗମନ, ରେଳବାଇ ଆଦି ବିଭିନ୍ନ କାର୍ଯ୍ୟରେ ସେଗୁଡ଼ିକ ବ୍ୟବହାର ହେଉଛି। ଏହି ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ପାଂଟୋମ୍ୟାଥ୍ କ୍ୟାପିଟାଲ୍ ଆଡଭାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ଆଇଡିବିଆଇ କ୍ୟାପିଟାଲ୍ ମାର୍କେଟସ୍ ଆଣ୍ଡ୍ ସିକ୍ୟୁରିଟିଜ୍ ଲିମିଟେଡ୍।

# ସିଆଚେନ୍ ଗ୍ଲାସିଅରରେ ଜିଓର ୫ଜି ନେଟୱାର୍କ



ଲଦାଖ : ରିଲାଏନ୍ସ ଜିଓ ବିଶ୍ୱର ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ରରେ ଏହାର ୫ଜି ସେବା ଆରମ୍ଭ କରିଛି। ଭାରତୀୟ ସେନାର 'ଫାୟାର ଆଣ୍ଡ ଫ୍ୟୁରି କର୍ପସ' ଏକ ଟୁଇଟ୍ ମାଧ୍ୟମରେ ଏହି ସୂଚନା ପ୍ରଦାନ କରିଛି। ସେନା ଅନୁଯାୟୀ, ଜିଓ ଏବଂ ଭାରତୀୟ ସେନା ମିଳିତ ଭାବେ ବିଶ୍ୱର ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ର ସିଆଚେନ୍ ଗ୍ଲାସିଅର୍ ଉପରେ ପ୍ରଥମ ୫ଜି ମୋବାଇଲ୍ ଟାୱାର ସ୍ଥାପନ କରିଛନ୍ତି। ସିଆଚେନ୍‌ର ଏକ ଫରୱାର୍ଡ ପୋଷ୍ଟରେ ଏହା ନିୟୋଜିତ କରାଯାଇଛି। ଜାନୁୟାରୀ ୧୫ ରେ ସେନା ଦିବସ ଅବ୍ୟବହିତ ପୂର୍ବରୁ ସିଆଚେନ୍ ଗ୍ଲାସିଅରରେ ୪ଜି ଏବଂ ୫ଜି ସେବା ଆରମ୍ଭ କରି ଜିଓ ଏକ ଅଭୂତପୂର୍ବ ସଫଳତା ହାସଲ କରିଛି। ସିଆଚେନ୍ ଗ୍ଲାସିଅରରେ ସେବା ଆରମ୍ଭ କରିବାରେ ଜିଓ ଦେଶର ପ୍ରଥମ ଅପରେଟର ହୋଇଛି। ଏହାକୁ ଏକ ଉଲ୍ଲେଖନୀୟ ସଫଳତା ଭାବେ ଅଭିହିତ କରି ସେନା ପକ୍ଷରୁ କୁହାଯାଇଛି ଯେ, 'ଏହି ଅଦମ୍ୟ ସଫଳତା ଆମର ସାହସୀ ସୈନିକମାନଙ୍କ ପାଇଁ ସମର୍ପିତ, ଯେଉଁମାନେ ଆହ୍ୱାନମୂଳକ କଠିନ ପରିସ୍ଥିତିରେ ନିୟୋଜିତ ଥାଇ ଏହି ଆହ୍ୱାନକୁ ସମ୍ପୂର୍ଣ୍ଣ କରିଥିଲେ।' ଏଭଳି ଉଚ୍ଚତାରେ ଟାୱାର ନିର୍ମାଣ କରିବା ଅତ୍ୟନ୍ତ କଷ୍ଟସାଧ ରହିଥିଲା। ସେନା ପକ୍ଷରୁ ସାମଗ୍ରୀ ସହିତ କାର୍ଯ୍ୟ କରୁଥିବା ସଦସ୍ୟମାନଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇଥିଲା। ଏଥିସହିତ ଜିଓ ଏହାର ସ୍ୱଦେଶୀ ଫୁଲ-ଷ୍ଟାକ ୫ଜି ଜ୍ଞାନକୌଶଳ ବ୍ୟବହାର କଲା। ଜିଓ ଦଳ ସହିତ ମିଳିତ ଭାବରେ ଫାୟାର ଏଣ୍ଡ ଫ୍ୟୁରି ସିଗନାଲର୍ ଏବଂ ସିଆଚେନ୍ ୱାରିୟର୍ସ ଉତ୍ତର ଗ୍ଲାସିଅରରେ ୫ଜି ଟାୱାର ସ୍ଥାପନ କରିଥିଲେ। ସୂଚନାଯୋଗ୍ୟ ଯେ ଏହି ଅଞ୍ଚଳର ତାପମାତ୍ରା ମାଇନସ ୫୦ ଡିଗ୍ରୀରୁ ତଳକୁ ଖସିଯାଏ । ଶୀତଳ ପବନ ଏବଂ ତୁଷାର ଝଡ଼ ଏଠାରେ ବାରମ୍ବାର ଘଟିଥାଏ ।

# ଡିଏସ୍‌ପି ମ୍ୟୁଚୁଆଲ୍ ଫଣ୍ଡ୍ ପକ୍ଷରୁ ନୂତନ ସ୍କିମ୍‌ର ଶୁଭାରମ୍ଭ




ମୁମ୍ବାଇ: ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ ଡିଏସ୍‌ପି ବିଏସ୍‌ଇ ସେନସେକ୍ସ ନେକ୍ସଟ ୩୦ ଇଣ୍ଡେକ୍ସ ଫଣ୍ଡ୍ ଏବଂ ଡିଏସ୍‌ପି ସେନସେକ୍ସ ନେକ୍ସଟ୍ ୩୦ ଇଟିଏଫ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏଗୁଡିକ ଓପନ-ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ଯାହା ନିବେଶକଙ୍କୁ ଅଭିବୃଦ୍ଧି ହାସଲ କରିବାକୁ ଯାଉଥିବା ଏବଂ ପରବର୍ତ୍ତୀ ନେତୃତ୍ୱ ନେବାଭଳି ହେବାକୁ ଥିବା ବିଏସ୍‌ଇ ସେନସେକ୍ସ ଊର୍ଦ୍ଧ୍ୱରେ ୩୦ ସର୍ବବୃହତ୍ କମ୍ପାନୀରେ ନିବେଶ ସୁଯୋଗ ଯୋଗାଇଦେବା ଲକ୍ଷ୍ୟ ରଖୁଛି। ବିଏସ୍‌ଇ ସେନସେକ୍ସ ନେକ୍ସଟ ୩୦ ଇଣ୍ଡେକ୍ସରେ ସେହି କମ୍ପାନୀଗୁଡିକ ରହିଛନ୍ତି ଯେଉଁଗୁଡିକ ବିଏସ୍‌ଇ ସେନ୍‌ସେକ୍ସର ଅଂଶବିଶେଷ ନୁହନ୍ତି, କିନ୍ତୁ ଉଲ୍ଲେଖନୀୟ ମାର୍କେଟ କ୍ୟାପିଟାଲାଇଜେସନର ପ୍ରତିନିଧିତ୍ୱ କରୁଛନ୍ତି ଏବଂ ଭବିଷ୍ୟତ ଅଭିବୃଦ୍ଧିର ସାମର୍ଥ୍ୟ ରଖୁଛନ୍ତି। ଏହି ଇଣ୍ଡେକ୍ସ ବିସ୍ତାରିତ ବର୍ଗର କମ୍ପାନୀସମୂହରେ ନିବେଶ ସୁଯୋଗ ଯୋଗାଇ ଦେଇ ବିବିଧକରଣ ସୁଯୋଗ ଦେଉଛି, ଯାହା ନିବେଶକଙ୍କୁ ବହୁବିଧ କ୍ଷେତ୍ରରେ ଉଦୀୟମାନ ବଜାର ନେତୃତ୍ୱକାରୀଙ୍କ ଠାରେ ସୁଯୋଗ ଯୋଗାଇ ଦେଉଛି। ଆର୍ଥିକ ସେବା କ୍ଷେତ୍ର ମାତ୍ର ୧୯% ହୋଇଛି, ଯେତେବେଳେ ବିଏସ୍‌ଇ ସେନସେକ୍ସରେ ଏହା ୩୮% ରହିଛି, ଏବଂ ସେହି ସମୟରେ କୁମର ଡିସକ୍ରେସନାରୀ ଓ କମୋଡିଟିଜ୍ ପ୍ରତ୍ୟେକ ୧୮% ରହିଛି। ଇଣ୍ଡେକ୍ସ ଶକ୍ତି (୧୦%), ସ୍ୱାସ୍ଥ୍ୟଯନ୍ତ୍ର (୧୦%), ଏଫଏମସିଜି (୮%) ଆଦି କ୍ଷେତ୍ରରେ ଅର୍ଥପୂର୍ଣ୍ଣ ନିବେଶ ବଜାୟ ରଖିଛି ଏବଂ ନିବେଶକଙ୍କୁ ଗୁଣାତ୍ମକ ଲାର୍ଜ-କ୍ୟାପ କମ୍ପାନୀସମୂହର ଉତ୍ତମ ବିବିଧକୃତ ପୋର୍ଟଫୋଲିଓରେ ନିବେଶ ସୁଯୋଗ ଯୋଗାଇ ଦେଉଛି। ୨୦୨୪ ଡିସେମ୍ବର ୩୧ ସୁଦ୍ଧା ବିଏସ୍‌ଇ ସେନ୍‌ସେକ୍ସ ନେକ୍ସଟ ୩୦ ଇଣ୍ଡେକ୍ସ ଗତ ୧୦ ବର୍ଷ ମଧ୍ୟରେ ବାର୍ଷିକ ୧୪.୪% ରିଟର୍ଣ୍ଣ ପ୍ରଦାନ କରିଛି ଏବଂ ଗତ ୧୦ଟି କ୍ୟାଲେଣ୍ଡର ବର୍ଷ ମଧ୍ୟରୁ ୬ ବର୍ଷରେ ବିଏସ୍‌ଇ ସେନସେକ୍ସକୁ ପଛରେ ପକାଇ ଦେଇଛି। ଅନ୍ୟପକ୍ଷରେ ଇଣ୍ଡେକ୍ସର ବିଏସ୍‌ଇ ସେନ୍‌ସେକ୍ସ ତୁଳନାରେ ଐତିହାସିକ ଦୃଷ୍ଟିରୁ ଉଚ୍ଚତର ହ୍ରାସ ପରିଲକ୍ଷିତ ହୋଇଛି। 'ସମ୍ପ୍ରତି ଲାର୍ଜ କ୍ୟାପ ବିଭାଗ ଆପଦ ବନାମ ରିୱାର୍ଡ ପ୍ରସଙ୍ଗରେ ଉତ୍ତମ ସ୍ଥାନରେ ଅବସ୍ଥିତ ରହିଥିବା ମନେହେଉଛି ଏବଂ ଆମର ନୂତନ ଉତ୍ପାଦ ଏହି ବର୍ଗ ମଧ୍ୟରେ ବିବିଧକୃତ ଗୁଚ୍ଛରେ ନିବେଶ ସୁଯୋଗ ଯୋଗାଇ ଦେଉଛି। ବିଏସ୍‌ଇ ସେନସେକ୍ସ ନେକ୍ସଟ ୩୦ ଇଣ୍ଡେକ୍ସର ଅଂଶବିଶେଷ ହୋଇଥିବା କମ୍ପାନୀଗୁଡିକ ଐତିହାସିକ ଦୃଷ୍ଟିକୋଣରୁ ମଜଭୁତ ସମ୍ପତ୍ତି ସୃଷ୍ଟିକାରୀ ହୋଇଛନ୍ତି, ଏବଂ ୨୦ଟି ଷ୍ଟକ୍ ଗତ ଦଶନ୍ଧିରେ ସେମାନେ ବିଏସ୍‌ଇ ସେନସେକ୍ସର ଅଂଶବିଶେଷ ହେବାକୁ ଉନ୍ନୀତ ହୋଇଛନ୍ତି। ଅନ୍ୟ ପ୍ରମୁଖ ଲାର୍ଜ କ୍ୟାପ ଇଣ୍ଡିସେସ୍ ସହିତ ଏହାର ନିମ୍ନ ଅଧିବ୍ୟାପନ (ଓଭରଲାପ୍) ସମ୍ଭାବନା ରହିଥିବା ଦୃଷ୍ଟିରୁ ଏହି ଫଣ୍ଡ୍ ଅନ୍ୟ ଲାର୍ଜକ୍ୟାପ ଇଣ୍ଡେକ୍ସ ଫଣ୍ଡ୍‌ରେ ନିବେଶ କରିଥିବା ଏବଂ ସମ୍ପ୍ରତି କିଛି ସାମାନ୍ୟ ଭିନ୍ନ ଏକ୍ସପୋଜର ଚାହୁଁଥିବା ନିବେଶକଙ୍କ ସମେତ ଦୀର୍ଘସୂତ୍ରୀ ନିବେଶ ଚାହୁଁଥିବା ନିବେଶକଙ୍କ ନିମନ୍ତେ ଏହି ଫଣ୍ଡ୍ ଉପଯୋଗୀ ହେଉଛି, ବୋଲି ଅନିଲ ଘେଲାନି, ସିଏଫ୍‌ଏ, ହେଡ ଅଫ ପାସିଭ ଇନଭେଷ୍ଟମେଣ୍ଟ ଆଣ୍ଡ ପ୍ରଡକ୍ଟସ୍, ଡିଏସ୍‌ପି ଆସେଟ ମ୍ୟାନେଜର୍ସ କହିଛନ୍ତି। ଡିଏସ୍‌ପି ବିଏସଇ ସେନ୍‌ସେକ୍ସ ନେକ୍ସଟ ୩୦ ଇଣ୍ଡେକ୍ସ ଫଣ୍ଡ୍ ଏବଂ ଡିଏସ୍‌ପି ବିଏସ୍‌ଇ ସେନ୍‌ସେକ୍ସନ ନେକ୍ସଟ ୩୦ ଇଟିଏଫ୍ ପାଇଁ ନିୟୁ ଫଣ୍ଡ ଅଫର (ଏନଏଫଓ) ୨୦୨୫ ଜାନୁଆରୀ ୧୦ରୁ ଜାନୁଆରୀ ୨୪ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ନିବେଶକମାନେ ଥରକରେ କିଛି ପରିମାଣର ନିବେଶ ଅଥବା ସିଷ୍ଟମେଟିକ ଇନଭେଷ୍ଟମେଣ୍ଟ ପ୍ଲାନ (ଏସଆଇପି) ମଧ୍ୟରୁ ସେମାନଙ୍କର ଆର୍ଥିକ ଲକ୍ଷ୍ୟକୁ ସୁହାଉଥିବା ଉତ୍ପାଦକୁ ପସନ୍ଦ କରିପାରିବେ।

ଓଡ଼ିଶା ଭାସ୍କର ODISHA BHASKAR

# ଖେଳ ଖବର





ନୂଆଦିଲ୍ଲୀ: ଦିଲ୍ଲୀ ବିମାନବନ୍ଦରରେ ଟିମ୍ ଇଣ୍ଡିଆର ଉଦୀୟମାନ ତାରକା ଅଭିଷେକ ଶର୍ମାଙ୍କ ସହ ଅସଦାଚରଣ ହୋଇଥିବା ଜଣାପଡିଛି । ଅଭିଷେକ ଶର୍ମା ଏନେଇ ସୋମବାର ଇନଷ୍ଟାଗ୍ରାମ ଷ୍ଟୋରୀ ମାଧ୍ୟମରେ ସୂଚନା ଦେଇଛନ୍ତି । କଡ଼ା ଭାବେ ନିନ୍ଦା କରିବା ସହ ସେ କହିଛନ୍ତି ଯେ ଦିଲ୍ଲୀ ବିମାନବନ୍ଦରରେ ଜଣେ କର୍ମଚାରୀଙ୍କ ଖରାପ ବ୍ୟବହାର ଯୋଗୁଁ ସେ ଫ୍ଲାଇଟ ଧରିପାରିନଥିଲେ । ଅଭିଷେକ ଗୋଟିଏ ଦିନର ଛୁଟିରେ ବୁଲିବାକୁ ଯାଉଥିଲେ । ଦିଲ୍ଲୀ ବିମାନବନ୍ଦରରେ ଇଣ୍ଡିଗୋ ସହିତ ଏହା ମୋର ସବୁଠାରୁ ଖରାପ ଅଭିଜ୍ଞତା ରହିଥିଲା । ଖାସ କରି କାଉଣ୍ଟର ପରିଚାଳିକାଙ୍କ ଆଚରଣ ଆଦୌ ଗ୍ରହଣୀୟ ନଥିଲା । ମୁଁ ଠିକ୍ ସମୟରେ ଠିକ୍ କାଉଣ୍ଟରରେ ପହଞ୍ଚିଥିଲି କିନ୍ତୁ ସେମାନେ ମୋତେ ଅନାବଶ୍ୟକ ଭାବରେ ଅନ୍ୟ ଏକ କାଉଣ୍ଟରକୁ ପଠାଇଦେଲେ । ପରବର୍ତ୍ତୀ ସମୟରେ ଜଣାପଡିଥିଲା ଚେକ୍ ଇନ୍ ବନ୍ଦ ହୋଇଯାଇଛି । ଫଳରେ ମୁଁ ଫ୍ଲାଇଟ୍ ଧରିପାରିନଥିଲି । ଏପରିକି ଇଣ୍ଡିଗୋ ପକ୍ଷରୁ କୌଣସି ସାହାଯ୍ୟ ମଧ୍ୟ କରାଗଲା ନାହିଁ । ଉଲ୍ଲେଖଯୋଗ୍ୟ, ଜାନୁଆରୀ ୨୨ରୁ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପାଇଁ ଭାରତୀୟ ଦଳରେ ଅଭିଷେକ ଶର୍ମାଙ୍କୁ ଚୟନ କରାଯାଇଛି । ଇନଷ୍ଟାଗ୍ରାମ ଷ୍ଟୋରି ଜରିଆରେ ଏହି କଥା ସେୟାର କରିବା ସହ ଆଲୋଚନା କରିଛନ୍ତି ଅଭିଷେକ । ଆଉ ଦୁର୍ବ୍ୟବହାର ପାଇଁ ଜଣେ ଷ୍ଟାଫଙ୍କ ନାଁ ନେବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

# ଚାମ୍ପିୟନ୍ସ ଟ୍ରଫି ପାଇଁ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଟିମ୍ ଘୋଷଣା




ନୂଆଦିଲ୍ଲୀ : ଚାମ୍ପିୟନ୍ସ ଟ୍ରଫି ୨୦୨୫ ପାଇଁ ଆରମ୍ଭ ହୋଇଗଲାଣି ପ୍ରତିଯୋଗିତା । ୮ ବର୍ଷ ପରେ ଫେରିଥିବା ଏହି ହାଇ ପ୍ରୋଫାଇଲ୍ ଆଇସିସି ଟୁର୍ଣ୍ଣାମେଣ୍ଟ ପାଇଁ ଗୋଟିଏ ପରେ ଗୋଟିଏ ଦେଶ ଏହାର ସ୍କ୍ୱାଡ ଘୋଷଣା କରୁଛନ୍ତି । ଏହି କ୍ରମରେ ସୋମବାର ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ଚାମ୍ପିୟନ୍ସ ଟ୍ରଫି ଲାଗି ଦଳ ଘୋଷଣା କରିଛି । କଙ୍ଗାରୁ ଦଳର କମାଣ ପ୍ୟାଟ୍ କମିନ୍ସଙ୍କ କାନ୍ଧରେ ରହିଥିବାବେଳେ ଦକ୍ଷିଣ ଆଫ୍ରିକା ପୁଣିଥରେ ଟେମ୍ବା ବାଭୁମାଙ୍କୁ ଏହାର ଅଧିନାୟକ ନିଯୁକ୍ତ କରିଛି । ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ସବୁ ରାଷ୍ଟ୍ରର କ୍ରିକେଟ ବୋର୍ଡକୁ ଜାନୁଆରୀ ୧୯ ଭିତରେ ସେମାନଙ୍କର ପ୍ରାରମ୍ଭିକ ଦଳ ଘୋଷଣା କରିବାକୁ ଆଇସିସି ନିର୍ଦ୍ଦେଶ ରହିଛି । ଏହି କ୍ରମରେ ଆଜି କ୍ରିକେଟ ଅଷ୍ଟ୍ରେଲିଆର ମୁଖ୍ୟ ଚୟନକର୍ତ୍ତା ଜର୍ଜ ୱ୍ରିଲି ସେମାନଙ୍କର ୧୫ ଜଣିଆ ସ୍କ୍ୱାଡ୍ ଘୋଷଣା କରିଛନ୍ତି । ସବୁଠାରୁ ବଡ଼ କଥା ହେଉଛି ଆହତ ସମସ୍ୟା କାରଣରୁ ଦଳରୁ ବାହାରେ ଥିବା ଦୁଇ ପ୍ରମୁଖ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ ଓ ଜୋଶ ହାଜଲେଉଡଙ୍କ ନାଁ ମଧ୍ୟ ସ୍କ୍ୱାଡରେ ରହିଛି । ଭାରତ ବିପକ୍ଷରେ ବର୍ଡର ଗାଭାସ୍କର ଟ୍ରଫିରେ ଦମଦାର ବିଜୟ ପରଠାରୁ ଅଧିନାୟକ କମିନ୍ସ ପରିବାର ସହ ଛୁଟି କାଟୁଛନ୍ତି । ଏପରିକି ସେ ଆହତ ଥିବା ମଧ୍ୟ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଘୋଷଣା କରାଯାଇଥିଲା । ସେହିଭଳି ଆହତ କାରଣରୁ ଦଳର ଅନ୍ୟତମ ପ୍ରମୁଖ ବୋଲର ହାଜଲେଉଡ ମଧ୍ୟ ଭାରତ ବିପକ୍ଷରେ ସବୁ ମ୍ୟାଚ୍ ଖେଳିପାରିନଥିଲେ । ଘରୋଇ ଟୁର୍ଣ୍ଣାମେଣ୍ଟରେ ଦମଦାର ପ୍ରଦର୍ଶନ ଦେଇଥିବା ମ୍ୟାଟ୍ ଶର୍ଟ ଓ ଆରୋନ ହାର୍ଡିଙ୍କୁ ମଧ୍ୟ ମିଳିଛି ମେଡେନ କଲ୍ । ସେହିଭଳି ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ମଧ୍ୟ ସୋମବାର ୧୫ ଜଣିଆ ପ୍ରାରମ୍ଭିକ ସ୍କ୍ୱାଡ ଘୋଷଣା କରିଛି । ଟେମ୍ବା ବାଭୁମାଙ୍କ କାନ୍ଧରେ ରହିଛି ଅଧିନାୟକ ଭାର । ହେନରିଚ କ୍ଲାସେନ, ଡେଭିଡ ମିଲର ଓ ରସି ଭାନ୍-ଡେର୍ ଡସେନଙ୍କ ଭଳି ଦକ୍ଷ ବ୍ୟାଟର ବ୍ୟାଟିଂ କ୍ରମର ନେତୃତ୍ୱ ନେବେ । ସେହିଭଳି ଦୁଇ ଅଭିଜ୍ଞ ଦ୍ରୁତ ବୋଲର କାଗିସୋ ରାବାଡା ଓ ଅନରିଚ୍ ନୋର୍କିଆ ବୋଲିଂ ବିଭାଗର ନେତୃତ୍ୱ ନେବେ । ନୋର୍କିଆ ଆହତ କାରଣରୁ ୨୦୨୩ ଦିନିକିଆ ବିଶ୍ୱକପ୍ ଖେଳିପାରିନଥିଲେ । ଏହି ବିଶ୍ୱକପରେ ଅଷ୍ଟ୍ରେଲିଆଠାରୁ ସେମିଫାଇନାଲରେ ପରାଜୟର ସାମ୍ନା କରିଥିଲା ଦକ୍ଷିଣ ଆଫ୍ରିକା । ଏହା ବ୍ୟତୀତ ଦଳରେ ଟୋନୀ ଡି ଜୋର୍ଜି, ରିଆନ ରିକେଲଟନ, ଟ୍ରିଷ୍ଟନ ଷ୍ଟବ୍ସଙ୍କ ଭଳି ଅଲରାଉଣ୍ଡର ପ୍ରଥମ ଥର ପାଇଁ ଆଇସିସି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ସୁଯୋଗ ପାଇବେ । ଦକ୍ଷିଣ ଆଫ୍ରିକା ସ୍କ୍ୱାଡ: ଟେମ୍ବା ବାଭୁମା (ଅଧିନାୟକ), ଟୋନୀ ଡି ଜୋର୍ଜି, ମାର୍କୋ ଜାନସେନ, ହେନରିଚ କ୍ଲାସେନ, କେଶବ ମହାରାଜ, ଆଡେନ ମାରକ୍ରମ, ଡେଭିଡ ମିଲର, ୱିଆନ ମଲ୍ଡର, ଲୁଙ୍ଗି ଏନଗିଡି, ଅନରିଚ ନୋର୍କିଆ, କାଗିସୋ ରାବାଡା, ରିଆନ ରିକେଲଟନ, ତବ୍ରାଏଜ ଶାମ୍ସି, ଟ୍ରିଷ୍ଟନ ଷ୍ଟବ୍ସ ଓ ରସି ଭାନ-ଡେର ଡସେନ । ଅଷ୍ଟ୍ରେଲିଆ ସ୍କ୍ୱାଡ: ପ୍ୟାଟ କମିନ୍ସ (ଅଧିନାୟକ), ଆଲେକ୍ସ କ୍ୟାରୀ, ନାଥନ ଏଲିସ, ଆରୋନ ହାର୍ଡି, ଜୋଶ ହାଜଲେଉଡ, ଟ୍ରାଭିସ ହେଡ, ଜୋଶ ଇଂଲିସ, ମାର୍ନସ ଲାବୁସେନ, ମିଚେଲ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମ୍ୟାଟ୍ ଶର୍ଟ, ଷ୍ଟିଭ ସ୍ମିଥ, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ ଓ ଆଡମ ଜାମ୍ପା ।

# ଜାତୀୟ ସିନିୟର ତୀରନ୍ଦାଜି ଚାମ୍ପିଅନଶିପ : ସ୍ୱର୍ଣ୍ଣ ଜିତିଲେ ପାୟଲ



ମୁରିବାହାଲ, (ଭାସ୍କର ନ୍ୟୁଜ) ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଯମୁନାବାହାଲ ଗ୍ରାମର ବିଜୟ ନାଗଙ୍କ ଝିଅ ପାୟଲ ନାଗ ଜାତୀୟ ତୀରନ୍ଦାଜି ପ୍ରତିଯୋଗିତାରେ ଚମକାଇଲେ । ରାଜସ୍ଥାନର ଜୟପୁରରେ ଚାଲିଥିବା ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏକଦା ପାଟିରେ ତୁଳୀ ଧରି ଚର୍ଚ୍ଚାର ପରିସରକୁ ଆସିଥିବା ପାୟଲ ନାଗ ଆଜି ସାରା ଦେଶରେ ସୁନାମ ଅର୍ଜ୍ଜନ କରିଛନ୍ତି । ଦେଶର ବିଭିନ୍ନ ରାଜ୍ୟରୁ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଓଡିଶା ପାଇଁ ଗୌରବ ଆଣିଛନ୍ତି । ସୂଚନା ଅନୁସାରେ ପାୟଲ ୫ ବର୍ଷ ବୟସରେ ତାଙ୍କ ବାପା ମା'ଙ୍କ ସହିତ ଛତିଶଗଡକୁ ଦାଦନ ଖଟିବାକୁ ଯାଇଥିଲେ । ପାୟଲ ସେଠାରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ତାଙ୍କର ଦୁଇଟି ଗୋଡ ଓ ଦୁଇଟି ହାତ ହରାଇଥିଲେ । ସେ ପଥରଚେପା ସ୍ଥିତ ପାର୍ବତୀ ଗିରି ବାଳ ନିକେତନରେ ରହି ପାଠ ପଢୁଛନ୍ତି । ସେ ପାଟିରେ ଧରି ଚିତ୍ର ଆଙ୍କୁଥିବା ଦେଖି ତାଙ୍କୁ ଧନୁ ତୀର ଶିଖିବା ପାଇଁ ଜମ୍ମୁ କାଶ୍ମୀର ପଠା ଯାଇଥିଲା । ସେଠାରେ ସେ ତୀରନ୍ଦାଜୀ ଅଭ୍ୟାସ କରିବା ସହ ବଲାଙ୍ଗୀର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଆଗାମୀ ଦିନରେ ପାୟଲ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ବଲାଙ୍ଗୀର ଜିଲ୍ଲା ପାଇଁ ସୁନାମ ଆଣିବେ ବୋଲି ବଲାଙ୍ଗୀର ବାସି ଆଶା କରୁଛନ୍ତି । ଏଥିପାଇଁ ତାଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି । ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ରାତ୍ରିକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ



ରଘୁନାଥପୁର (ଭାସ୍କର ନ୍ୟୁଜ) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ଗ୍ରାମ ପଞ୍ଚାୟତ ରେ ମାରୁତି ସ୍ପୋର୍ଟିଂ କ୍ଲବ ଆନୁକୁଲ୍ୟରେ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରଘୁନାଥପୁର ବ୍ଲକ ବିଜେଡି ସଭାପତି ତଥା ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ଓ ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତୃତ୍ୱ ବିଜନ ମହାପାତ୍ର, ରବୀନ୍ଦ୍ର ନାଥ ବିଶ୍ୱାଳ, ସମିତି ସଭ୍ୟ ବିଶ୍ୱଜିତ୍ ଦାଶ, ଯୁବ ସଂଗଠକ ପ୍ରକାଶ ମଲ୍ଲିକ, ବସନ୍ତ ବାରିକ, ବ୍ଲକ ଯୁବ ସଭାପତି ଜୋସେଫ ସ୍ୱାଇଁ, ବ୍ଲକ ଛାତ୍ର କାର୍ଯ୍ୟକାରି ସଭାପତି ରାଜେଶ ମିଶ୍ର ପ୍ରମୁଖ ଯୋଗଦେଇ ଉଦଘାଟନରେ ଅଶଂଗ୍ରହଣ କରିଥିଲେ । ସ୍ଥାନୀୟ ସମସ୍ତ ନେତୃମଣ୍ଡଳୀ ଓ ଯୁବକ ମାନେ ଏଥିରେ ସହଯୋଗ ପ୍ରଦାନ କରିଥିଲେ ।

## ଆଲେନ୍ ପକ୍ଷରୁ ଚାମ୍ପିଅନ୍ସ ଡେ' ଆୟୋଜିତ

# ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କଲେ କ୍ରିକେଟ୍‌ର କୁଲଦୀପ ଯାଦବ

ALLEN CAREER INSTITUTE KOTA (RAJASTHAN) path to success




କୋଟା: ଆଲେନ୍ କ୍ୟାରିଅର ଇନଷ୍ଟିଚ୍ୟୁଟ୍ ରବିବାର ଜବାହାର ନଗରର ସାମନ୍ନତ କ୍ୟାମ୍ପସ୍ ଅଡିଟୋରିୟମ୍‌ରେ ଚାମ୍ପିଅନ୍ସ ଡେ' ଆୟୋଜିତ ହୋଇଯାଇଛି । ଏଠାରେ ଶିକ୍ଷାଗତ ସଫଳତା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ତୃତୀୟରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ, ନଗଦ ପୁରସ୍କାର ଏବଂ ଉପହାର ଦେଇ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସାରା ଦେଶରୁ ଛାତ୍ରଛାତ୍ରୀମାନେ ସେମାନଙ୍କ ପରିବାର ସହିତ କୋଟାରେ ପହଞ୍ଚିଥିଲେ । ପ୍ରତ୍ୟେକ ଶ୍ରେଣୀର ଶ୍ରେଷ୍ଠ ୧୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଥିଲେ ଭାରତୀୟ କ୍ରିକେଟର କୁଲଦୀପ ଯାଦବ, ଯିଏ ଟି୨୦ ବିଶ୍ୱକପ୍-୨୦୨୪ ଦଳର ଅଂଶ ଥିଲେ । କୁଲଦୀପ ତାଙ୍କ ଜୀବନର ଅଭିଜ୍ଞତା ସହିତ କୋଟା ଆସିଥିବା ସାରା ଦେଶରୁ ପ୍ରତିଭାମାନଙ୍କୁ ପ୍ରେରଣା ଦେଇଥିଲେ । ସେ କ୍ରୀଡା ଏବଂ ପାଠପଢ଼ାର ଚ୍ୟାଲେଞ୍ଜ ମଧ୍ୟରେ ସମାନତା ବୁଝାଇଲେ ଏବଂ ସେଗୁଡ଼ିକୁ ଦୂର କରି ସଫଳତା ହାସଲ କରିବା ପାଇଁ ଟିପ୍ସ ମଧ୍ୟ ଦେଇଥିଲେ । ଏହି ସମୟରେ ଆଲେନର ନିର୍ଦ୍ଦେଶକ ଡକ୍ଟର ଗୋବିନ୍ଦ ମାହେଶ୍ୱରୀ, ରାଜେଶ ମାହେଶ୍ୱରୀ, ନବୀନ ମାହେଶ୍ୱରୀ ଏବଂ ଡକ୍ଟର ବ୍ରିଜେଶ ମାହେଶ୍ୱରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଭାରତୀୟ କ୍ରିକେଟର କୁଲଦୀପ ଯାଦବ କହିଛନ୍ତି ଯେ ସେ ୧୩ ବର୍ଷ ପୂର୍ବେ ରଣଜୀ ଖେଳିବା ପାଇଁ କୋଟା ଆସିଥିଲେ । ଏହା ପରେ ମୁଁ ଏବେ ଆସୁଛି କିନ୍ତୁ ମୁଁ କୋଟା ବିଷୟରେ ବହୁତ କିଛି ଶୁଣିଛି । କୋଟା କ୍ୟାରିଅର ଗଢ଼ିଥାଏ । ଏଠାରେ ପଢ଼ିଥିବା ଡାକ୍ତର ଏବଂ ଇଞ୍ଜିନିୟରମାନେ ସାରା ଦେଶ ଏବଂ ବିଶ୍ୱରେ ଅଛନ୍ତି । ଆହୁରି ମଧ୍ୟ କୁଲଦୀପ ଯାଦବ କହିଥିଲେ ଯେ ସଫଳ ହେବା ଅପେକ୍ଷା ଜଣେ ଭଲ ମଣିଷ ହେବା ଅଧିକ ଗୁରୁତ୍ୱପୂର୍ଣ୍ଣ । ତୁମର ସାମ୍ନାରେ ଥିବା ବ୍ୟକ୍ତି ପ୍ରତି ସମ୍ମାନ ରଖିବା ଉଚିତ । ମୁଁ ସମସ୍ତଙ୍କୁ ସମ୍ମାନ ଦେବାକୁ ଚେଷ୍ଟା କରେ । ଛାତ୍ରମାନଙ୍କ ପାଇଁ ମୋର ବାର୍ତ୍ତା ହେଉଛି ଯେ କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ । କଠିନ ପରିଶ୍ରମ କରିଚାଲ, ତୁମେ ନିଶ୍ଚିତ ଭାବରେ ଫଳାଫଳ ପାଇବ । ବିଫଳତାକୁ ଭୟ କର ନାହିଁ । ମୁଁ ୧୧ ବର୍ଷ ବୟସରୁ ଖେଳିବା ଆରମ୍ଭ କରିଥିଲି ଏବଂ ଅନେକ ଥର ବିଫଳ ହୋଇଥିଲି । ପୂର୍ବରୁ ମୁଁ ଫୁଟବଲ୍ ଖେଳୁଥିଲି, ଯେତେବେଳେ ମୁଁ ଆଘାତ ପାଇଲି, ମୋ କାକା ମୋତେ କ୍ରିକେଟ୍ ଖେଳିବାକୁ ପରାମର୍ଶ ଦେଇଥିଲେ । ଏହା ଏକ ବହୁତ କଷ୍ଟକର ଯାତ୍ରା ଥିଲା ଏବଂ ତା'ପରେ ହିଁ ମୁଁ ଜଣେ କ୍ରିକେଟର ହୋଇପାରିଲି ।

# ଉଦ୍‌ଘାଟନୀ ମ୍ୟାଚରେ ଶିଖପଲ୍ଲୀ ଦଳ ବିଜୟୀ

ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍ ଏମ୍‌ଭି- ୬୬ ଗାଁରେ ଜୟ ମା' କାଳୀ ଅନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଓଡ଼ିଶା ସମେତ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର ମୋଟ ୧୬ ଟି ଦଳ ଭାଗ ନେଇଛନ୍ତି । ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଯମୁନା ମୁଷାକୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗଙ୍ଗା କାରାମ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପି. ଭେଙ୍କଟେଶ୍ୱର ରାଓ, ବ୍ଲକ୍ ବିଜେଡି ସଭାପତି ଏମ୍‌ଡି ଫାରୁକ୍ ଓ ଇନ୍ଦ୍ରଜିତ ମଧୁ ପ୍ରମୁଖ ଯୋଗ ଦେଇଥିଲେ । ଶିଖପଲ୍ଲୀ ଓ ଛତିଶଗଡ଼ର ଦୁବାଟାଟା ଦଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯାଇଥିଲା । ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ଶିଖପଲ୍ଲୀ ଦଳ ୧୩୫ ରନ୍ କରିଥିଲା । ଜବାବରେ ଦୁବାଟାଟା ଦଳ ସମସ୍ତ ୱିକେଟ୍ ହରାଇ ୮୭ ରନ କରି ୪୮ ରନ୍ ରେ ପରାସ୍ତ ହୋଇଥିଲା । ଟୁର୍ଣ୍ଣାମେଣ୍ଟକୁ ଶୁଭଙ୍କର ହାଲଦାର, ଅଶୋକ ମଜୁମଦାର, ସଞ୍ଜୟ ରାୟ, ବିଟୁ ହାଜାରୀ ଙ୍କ ସମେତ ଅନ୍ୟ ଯୁବକ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

# କଳିଙ୍ଗ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଦାନପୁର ପଂଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଆଜି ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପରେ ବିଦ୍ୟାଳୟର ଚେୟାରମ୍ୟାନ ମନୋଜ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବରେ ପ୍ରମୋଦ କୁମାର ପ୍ରତାପ ଓ ସମ୍ମାନିତ ଅତିଥିଭାବରେ କ୍ରୀଡ଼ାବିତ୍ ଅଲେଖ ଚନ୍ଦ୍ର ପୃଷ୍ଟି ଯୋଗଦେଇ କ୍ରୀଡ଼ାର ଆବଶ୍ୟକତା ଓ କ୍ରୀଡ଼ାକୁ ନେଇ କ୍ୟାରିୟର ଗଢ଼ାଯାଇପାରିବ ବୋଲି ତାଙ୍କ ବକ୍ତବ୍ୟରେ କହିଥଲେ । ବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ କ୍ୟାମ୍ପସର ଅଧକ୍ଷ ନିଶିକାନ୍ତ ମହାନ୍ତି ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ସହ ମଂଚ ସଂଯୋଜନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଶଣ କରାଯାଇଥିଲା । ପରେ ଅତିଥିମାନେ ପତାକା ଦେଖାଇ କ୍ରୀଡ଼ା ପ୍ରତିଯୋଗିତାକୁ ଆରମ୍ଭ କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ହରେକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ପରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ଛାତ୍ର ଏବଂ ଛାତ୍ରୀଙ୍କୁ ପୃଥକ ଭାବରେ ବିଦ୍ୟାଳୟର ଶିକ୍ଷକ ଅଜୟ କୁମାର ନାୟକ, ପ୍ରଫୁଲ୍ଲ କୁମାର ଦାଶ, ଦୁର୍ଗା ପ୍ରସାଦ ପଣ୍ଡା, ଶୁଭଙ୍କର ସିହ୍ନା, ମନୋଜ କୁମାର ପୋଥାଳ, ସୌମେନ୍ଦ୍ର ଭୂୟାଁ, ବିଜୟ କୁମାର ମଲିକ, ବିଶ୍ୱଜିତ ସ୍ୱାଇଁ, ଚିତରଞ୍ଜନ ସାମଲ, ଅବିନାଶ ପଲାଇ, ଶିବ ପ୍ରସାଦ ସାହୁ ଓ ଶିକ୍ଷୟିତ୍ରୀ ପ୍ରିୟଙ୍କା ନାୟକ, ଲିପିକା ପ୍ରଧାନ, ସୁନିତା ପ୍ରତାପ, ସଙ୍ଗିତା ନାୟକ, ମଧୁସ୍ମିତା ପଲାଇ, ବିଜୟଲକ୍ଷ୍ମୀ ପାତ୍ର, ସ୍ୱାଗତିକା ପ୍ରଧାନ, ତପସ୍ୱିନୀ ସାହୁ, ଦମୟନ୍ତୀ ସ୍ୱାଇଁ, ଶୁଭଶ୍ରୀ ନାୟକ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତା ତିନିଦିନ ଧରି ଚାଲିବ ବୋଲି ବିଦ୍ୟାଳୟର ଚେୟାରମ୍ୟାନ୍ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ ବନ ବିହାରି ଫ୍ରେଣ୍ଡସକ୍ଲବ୍ କିକ୍ରେଟ୍ ଟୁର୍ଣ୍ଣାମେଣ୍ଟ୍

# ବ୍ଲାକ୍ ଡାଇମଣ୍ଡ ଚାମ୍ପିଅନ୍



ଗୋପ (ଭାସ୍କର ନ୍ୟୁଜ୍) : ଶୁକ୍ରବାର ଠାରୁ ନାଗପୁର ହାଟପଡିଆରେ ବନ ବିହାରୀ ଫ୍ରେଣ୍ଡସ କ୍ଲବ, ବାଲିପାଟଣା, ନାଗପୁର ପକ୍ଷରୁ ଆରମ୍ଭ ହୋଇଥିବା ୮ମ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରଂଜନ ସ୍ପୋର୍ଟିଂ ସାକ୍ଷୀଗୋପାଳକୁ ୧ ରନରେ ହରାଇ ବ୍ଲାକ ଡାଇମଣ୍ଡ ଜଗତସିଂହପୁର ବିଜୟୀ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟକୁ ଶୁକ୍ରବାର ଦିନ ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶ ଉଦଘାଟନ କରିଥିବାବେଳେ ଶନିବାର ଦିନ ଗୋପ ବ୍ଲକ ଉପାଧକ୍ଷ ବନ ରଂଜନ ପଟ୍ଟନାୟକ ଉଦଯାପନୀ ଦିବସରେ ଯୋଗଦେଇଥିଲେ । ଏହି ଅବସରରେ ଖେଳ ପଡିଆ ସମୟାନୁବର୍ତ୍ତିତା ଏବଂ ଶୃଙ୍ଖଳା ଶିକ୍ଷା ଦେଇଥାଏ ବୋଲି ପୂର୍ବତନ ମନ୍ତ୍ରୀ ସମୀର ଦାଶ କହିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଟି ଟିମ୍ ଯୋଗଦେଇଥିବା ବେଳେ ଫାଇନାଲରେ ବ୍ଲାକ୍ ଡାଇମଣ୍ଡ ଜଗତସିଂହପୁର ପ୍ରଥମେ ଟସ୍ ଜିଣି ରଂଜନ ସ୍ପୋର୍ଟିଂ ସାକ୍ଷୀଗୋପାଳକୁ ବ୍ୟାଟିଂ କରିବାକୁ ଦେଇଥିଲେ । ବ୍ୟାଟିଂ କରି ରଂଜନ ସ୍ପୋର୍ଟିଂ ସାକ୍ଷୀଗୋପାଳ ୬ ଓଭରରେ ୮ ଉଇକେଟ ହରାଇ ୪୫ ରନ୍ କରିଥିବାବେଳେ ଜବାବରେ ବ୍ଲାକ ଡାଇମଣ୍ଡ ଜଗତସିଂହପୁର ୬ ଓଭରରେ ୪ ଉଇକେଟ ହରାଇ ୪୬ ରନ କରି ବିଜୟୀ ହୋଇଥିଲେ । ଏହି ମ୍ୟାଚରେ ବ୍ଲାକ ଡାଇମଣ୍ଡ ଜଗତସିଂହପୁରର ସେକ୍ ସାକିଲ ମ୍ୟାନ ଅଫ ଦ ସିରିଜ୍ ହୋଇଥିବା ବେଳେ ରଂଜନ ସ୍ପୋର୍ଟିଂ ସାକ୍ଷୀଗୋପାଳର ମିଷ୍ଟର ଭୋଳ ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ । ସେହିପରି ବ୍ଲାକ ଡାଇମଣ୍ଡ ଜଗତସିଂହପୁରର ଆକାସ ବେଷ୍ଟ ବ୍ୟାଟସ୍‌ମ୍ୟାନ୍ ଏବଂ ମିଷ୍ଟର ପାଣ୍ଡିଆ ବେଷ୍ଟ ବୋଲର ଭାବେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ରମାକାନ୍ତ ସାହୁ, ନୃସିଂହ ପ୍ରଧାନ, ରବିନ୍ଦ୍ର ପ୍ରଧାନ, ସୁକାନ୍ତ ପୃଷ୍ଟି, ସୁବାଷ ମାଣିକ, ପୁରୁଷୋତ୍ତମ ମହାପାତ୍ର, ନିରଂଜନ ଦାସ, ପ୍ରଦୀପ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।


## झारखण्ड सरकार
## कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमंडल, साहेबगंज

विकास भवन, साहेबगंज।

ई– अल्पकालीन पुर्निविदा आमंत्रण सूचना

ई0–अल्पकालीन पुर्निविदा संख्या–08/2024–2025/EE/RWD/SAHIBGANJ दिनांकः–11.01.2025

कार्यपालक अभियंता, ग्रामीण कार्य विभाग, कार्य प्रमण्डल साहेबगंज द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टिफिकेशन संख्या | प्रखण्ड | कार्य का नाम | प्राक्कलित राशि (रू0 में) अंक में | अक्षर में | कार्य समाप्ति की अवधि | टेन्डर कॉल सं0 |
|---|---|---|---|---|---|---|---|
| 1 | RWD/SAHIBGANJ/ 20/2024-25 | साहेबगंज सदर | साहेबगंज प्रखण्ड भोलिया टोला एन0एच0 80 से मारगंज पुल तक पथ निर्माण कार्य। (लं0–1.150 कि0मी0) | 245.024 | दो करोड़ पैतालीस लाख चौबीस रूपये मात्र | 12 माह | द्वितीय |
| 2 | RWD/SAHIBGANJ/ 21/2024-25 | साहेबगंज सदर | चासाटोली आर0ई0ओ0 रोड से किशन प्रसाद पी0डब्लू0डी0 रोड तक पथ निर्माण कार्य।(लं0–2.50 कि0मी0) | 470.029 | चार करोड़ सत्तर लाख उनतीस रूपये मात्र | 15 माह | |
| 3 | RWD/SAHIBGANJ/ 22/2024-25 | साहेबगंज सदर | लालबथानी से कारगील दियारा आर0ई0ओ0 रोड तक पथ निर्माण कार्य।(लं0–4.00 कि0मी0) | 721.355 | सात करोड़ इक्कीस लाख पैतीस हजार पांच सौ रूपये मात्र | 18 माह | |
| | | | कुलः– | 1436.408 | चौदह करोड़ छतीस लाख चालीस हजार आठ सौ रू0 मात्र | | |

2. वेबसाईट में निविदा प्रकाशन की तिथि :– 17.01.2025
3. ई–निविदा प्राप्ति की अंतिम तिथि एवं समय :– 29.01.2025 अपराहन् 05.00 बजे तक।
4. निविदा शुल्क एवं अग्रधन की राशि Jharkhandtenders.gov.in के माध्यम से ऑनलाईन मोड में स्वीकार की जाएगी।
5. निविदा खोलने की तिथि एवं समय :– 30.01.2025 अपराहन् 11.00 बजे।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियन्ता, ग्रामीण कार्य विभाग, कार्यप्रमंडल, साहेबगंज, पिन–816109
7. . ई–निविदा प्रकोश्ट का मोबाइल न0– 8292371115
8. विस्तृत जानकारी के लिए वेबसाईट–https://www.jharkhandtenders.gov.in में देखा जा सकता है।

ह0/– कार्यपालक अभियंता, ग्रामीण कार्य विभाग, कार्य प्रमंडल, साहेबगंज।

PR.NO.344158 Rural Work Department(24-25):D



## Office of the District Superintendent of Education
## Notice Inviting Tender
## RFP FOR

**Selection of Agency for Rate Contract To Develop Government Upper Primary School into E-Smart Model Upper Primary School Dhanbad Under District Mineral Fund, Office of the District Superintendent of Education, Dhanbad, Govt. of Jharkhand**

**RFP No – 06** **Opening Date: 11/01/2025**
**Issue date: 11/01/2025** **Closing date: 03/02/2025**

District Superintendent of Education, Dhanbad, Govt. of Jharkhand intends for Rate Contract to Develop Government Upper Primary School into E-Smart Model Government Upper Primary School across Dhanbad. The Line department intends to select reputed agencies to participate in the biding process. The main purpose of procurement of these items is to develop government primary school into E-Smart model Government primary school and the use of which would enhance the interest as well as comfort level of the students.

The items supplied should be non-toxic, lead and arsenic free, chemical free and safe for the students for use.

The Bid document can be downloaded from the website (https://dhanbad.nic.in) and the responses for this Request for Proposal (RFP) shall be deemed to have done after careful study and examination of this document and full understanding of its modalities, process of execution and items to be delivered. The bids are to be submitted uploaded hard copy by hand or by post (Registered / Speed) or by courier on or before the closing date in the address mentioned in the document. Technical bids submitted by the bidder will be opened in the presence of the Tender committee member. Detailed information regarding important dates, address for submission of bid, Material Supply List (MSL), Total Bill of Material (BOM), Quantity, Delivery Location and other requisite is available in the information Factsheet of this Bid Document.

**District Superintendent of Education, Dhanbad**

PR 344212 School Education and Literacy(24-25).D



## कार्यपालक अभियंता का कार्यालय
## ग्रामीण कार्य विभाग, कार्य प्रमण्डल, गोड्डा

अति अल्पकालीन ई–पुनर्निविदा आमंत्रण सूचना(पंचम कॉल)

अति अल्पकालीन ई0–निविदा संख्याः– 07/2024-25/R5/RWD/EE/GODDA दिनांकः 11-01-2025

कार्य का विवरणः मुख्यमंत्री ग्राम सड़क योजना अन्तर्गत कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्रम सं0 | आईडेन्टी फिकेशन संख्या/ पैकेज संख्या | प्रखंड | कार्य का नाम | प्राक्कलित राशि (लाख में) अंक में | अक्षर में | कार्य समाप्ति की तिथि/ अवधि |
|---|---|---|---|---|---|---|
| 1 | RWD/GODDA/ 14/STPKG/02/ 2023-24 | पथरगामा | पी0डब्ल्यू0डी0 रोड से खुर्द तक पथ का सुदृढीकरण कार्य। (लं0–1.250 कि0मी0) | 1231.753 | बारह करोड़ इकतीस लाख पचहत्तर हजार तीन सौ रूपये मात्र | 15(पन्द्रह) माह |
| 2 | | बसंतराय | बाघाकोल से मोकलचक तक पथ का सुदृढीकरण कार्य।(लं0– 1.715 कि0मी0) | | | |
| 3 | | पथरगामा | द्वारीचक से चंदरपुर तक पथ का सुदृढीकरण कार्य। (लं0– 1.125 कि0मी0) | | | |
| 4 | | बसंतराय | महेशपुर से वरण तक पथ का सुदृढीकरण कार्य। (लं0–2.575 कि0मी0) | | | |
| 5 | | बसंतराय | कैथपुरा से सोहरा तक पथ का सुदृढीकरण कार्य। (लं0–3.600 कि0मी0) | | | |
| 6 | | बसंतराय | सोहरा से राहा तक पथ का सुदृढीकरण कार्य। (लं0–1.800 कि0मी0) | | | |
| 7 | | पथरगामा | कोरका मोड़ से बरहारा तक पथ का सुदृढीकरण कार्य। (लं0– 3.600 कि0मी0) | | | |
| 8 | | पथरगामा | लतौना से देवघरा जागीर तक पथ का सुदृढीकरण कार्य। (लं0–4.600 कि0मी0) | | | |
| 9 | | पथरगामा | पश्चिमी पड़वा से बंशीपुर भाया सोनवर्षा तक पथ का सुदृढीकरण कार्य। (लं0–2.700 कि0मी0) | | | |

1. वेबसाईट में निविदा प्रकाशन की तिथिः– 16.01.2025
2. ई–निविदा प्राप्ति की अंतिम तिथि एवं समयः– 27.01.2025 अपराह्न 05.00 बजे तक।
3. निविदा खोलने की तिथि एवं समयः–29.01.2025 अपराह्न 11.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा।
5. ई–निविदा प्रकोष्ठ का मोबाईल नं0– 9973573276
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जबाबदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता, ग्रामीण कार्य विभाग, कार्य प्रमण्डल, गोड्डा

PR 344146 Rural Work Department(24-25).D



## Government of Jharkhand Directorate of Tourism

MDI Building, 2nd Floor, Dhurwa, Ranchi-4
Ph.-0651-2400493, Fax-0651-2400492, E-mail:dirjharkhandtourism@gmail.com
Ref. No. Tou/ Dir/Yoj/24/2024 - 64 Dated: - 13/01/2025.

## Notice Inviting Tender

for

**Selection of Agency for organizing Eco Retreat-2025 with setup, operation & management of Tent City facilities at Netarhat, Jharkhand (Feb, 2025)**

The Directorate of Tourism (DoT), Govt. of Jharkhand intends to Selection of an Agency for setting up and installation of Lease Line Connection at Patratu Lake Resort, Patratu, Ramgarh by Directorate of Tourism, Government of Jharkhand therefore, invites interested agencies to submit their Bids.

Interested agencies may download the document from **13/01/2025, 17:00 Hours** onwards from the Department of Tourism website:–www.tourism.jharkhand.gov.in/_and submit their Applications. The Bid Due Date is on **29/01/2025 at 14:00 hours**. A Technical Bid & Financial Bid opening Conference will be held on **29/01/2025 at 14:30 Hours** at the office of Directorate of Tourism (DoT), Govt. of Jharkhand.

A pre-application conference will be held on 17/01/2025 at MDI Building, 2nd floor, HEC Campus, Dhurwa, Ranchi–04, Tel Phone: 0651-2400493, e-mail: dirjharkhandtourism@gmail.com.

All subsequent notifications, changes and amendments will be posted only on the website www.tourism.jharkhand.gov.in

*DoT reserves the right to cancel this invitation and/or invite fresh Bid with or without amendments to this invitation, without liability or any obligation for such invitation and without assigning any reason.*

Sd/- Director,Tourism.

PR 344262 Tourism (24-25)D

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣ



ଆୟୁର୍ବେଦରେ ଏମିତି ଅନେକ ପନିପରିବା ରହିଛି ଯାହା ସ୍ୱାସ୍ଥ୍ୟ ପାଇଁ କୌଣସି ବରଦାନଠାରୁ କମ୍ ନୁହେଁ । ଏହିପରି ଏକ ପରିବା ହେଉଛି ସଜନା । ସଜନା ଗଛରେ ଚେରରୁ ପତ୍ର ପର୍ଯ୍ୟନ୍ତ ଅନେକ ଔଷଧୀୟ ଗୁଣ ଭରି ରହିଛି । ଏହାର ପତ୍ର ଫଳ, ମଞ୍ଜି, ଛାଲ, ମୂଳ ଇତ୍ୟାଦି ସବୁ ବ୍ୟବହୃତ ହୁଏ। ସଜନା ଶାଗରେ ଭିଟାମିନ୍ ଏ, ଭିଟାମିନ୍ ସି, କ୍ୟାଲସିୟମ୍, ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ପରି ଭଲ ପରିମାଣର ପୋଷକ ତତ୍ତ୍ୱ ରହିଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ଏବଂ ଅନେକ ରୋଗର ମୁକାବିଲା କରିବାରେ ସାହାଯ୍ୟ କରିଥାଏ। ନିୟମିତ ସଜନା ଶାଗ ଖାଇଲେ ଏଥିରେ ଥିବା କ୍ୟାଲସିୟମ ତତ୍ତ୍ୱ ଅସ୍ଥିକୁ ମଜଭୁତ ରଖିବାରେ ଅନେକାଂଶରେ ସହାୟକ ହୋଇଥାଏ।ଏଥିରେ ଆଉ ଏକ ଉପକାରୀ ଗୁଣ ରହିଛି। ରକ୍ତଚାପକୁ ସନ୍ତୁଳିତ ରଖିବାରେ ଅନେକାଂଶରେ ସାହାଯ୍ୟ କରେ ସଜନା ଶାଗ। ଏହା ଲିଭର ସେଲ୍‌କୁ କେତେକାଂଶରେ ସୁରକ୍ଷିତ ରଖିଥାଏ। ମେଦବହୁଳତା ସମସ୍ୟା ସହ ଜଡ଼ିତ ବ୍ୟକ୍ତିମାନଙ୍କ ପାଇଁ ଏହା ମଧ୍ୟ ଉପକାରୀ।ସଜନା ଶାଗ ଶରୀରର ଚର୍ବି ଅଂଶକୁ କମାଇଥାଏ। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି, ଯାହା କେଶମୂଳକୁ ଦୃଢ଼ ରଖିଥାଏ। ଏହା ମଧ୍ୟ ହଜମ ଶକ୍ତିକୁ ଆହୁରି ଦୃଢ଼ କରିଥାଏ। ନିୟମିତ ସଜନା ଶାଗ ଖାଇଲେ ତାହା ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରେ। ଆଜ୍‌ମା ରୋଗୀଙ୍କ ପାଇଁ ଏହା ମହୌଷଧି ସଦୃଶ।





# ପୋଙ୍ଗଲ

ପୋଙ୍ଗଲ ବା ଥାଇ ପୋଙ୍ଗଲ ହେଉଛି ଦକ୍ଷିଣ ଭାରତର ଏକ କୃଷିଭିତ୍ତିକ ପର୍ବ। ବିଶେଷତଃ ତାମିଲ ଭାଷାଭାଷୀ ଲୋକମାନେ ଏହି ପର୍ବ ପାଳିଥାନ୍ତି। ଦକ୍ଷିଣ ଭାରତରେ ଏହା ଗଣପର୍ବର ମାନ୍ୟତା ପାଇଛି। ତାମିଲନାଡୁ, ପୁଡୁଚେରୀ ସମେତ ଶ୍ରୀଲଙ୍କା, ମାଲେସିଆ, ମରିସସ୍ ଆଦି ସ୍ଥାନରେ ରହୁଥିବା ତାମିଲମାନେ ବେଶ୍ ଉତ୍ସାହର ସହ ପୋଙ୍ଗଲ ପର୍ବ ପାଳିଥାନ୍ତି। ଏହି ପର୍ବର ତୁଳନା ନବାନ୍ନ ସହ କରାଯାଇଥାଏ। ଫସଲ ଅମଳ ସମୟରେ ସାଧାରଣତଃ ଏହି ପର୍ବ ପାଳିତ ହୋଇଥାଏ। ପୋଙ୍ଗଲର ଅର୍ଥ ହେଉଛି ବିପ୍ଲବ। ପାରମ୍ପରିକ ଭାବେ ଏହି ପର୍ବ ସମୃଦ୍ଧି ଆଣିବା ଉଦ୍ଦେଶ୍ୟରେ ପାଳିତ ହୁଏ। ଏହି ଦିନରେ ବର୍ଷା, ଖରା, ଭୂମି ଏବଂ କୃଷି ସହ ଜଡ଼ିତ ସମସ୍ତ ଉପକରଣର ପୂଜାର୍ଚ୍ଚନା କରାଯାଇଥାଏ। ପୋଙ୍ଗଲ ପର୍ବ ପାଳନର ପରମ୍ପରା ହଜାର ହଜାର ବର୍ଷ ପୁରୁଣା। ଏହି ପର୍ବର ମୂଳଭିତ୍ତି ହେଉଛି ପୂର୍ବପୁରୁଷଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇ ଭଲ ଜୀବନ ଓ ଏକ ଯଥାର୍ଥ ଗୃହସ୍ଥ ଜୀବନ ସହ ଜନକଲ୍ୟାଣର ବ୍ରତୀ ହେବା। ପୋଙ୍ଗଲ ଦିବସରେ ତେଲଗୁ ଓ ତାମିଲ ଭାଷାଭାଷୀମାନେ ଆନନ୍ଦ ଉଲ୍ଲାସ ଭିତରେ ଜନ ସେବାରେ ନିଜକୁ ନିୟୋଜିତ ରଖନ୍ତି। ପାରିବାରିକ ଖୁସି, ସୁଖ, ଆନନ୍ଦ ଭିତରେ ପାରମ୍ପରିକ ପୋଙ୍ଗଲ ଭାଇଚାରା ବନ୍ଧନକୁ ସୁଦୃଢ଼ କରିଥାଏ।

# ଉପକାରୀ ଲବଙ୍ଗ



*ପ୍ରତ୍ୟେକଙ୍କ ରୋଷେଇ ଘରେ ବିଭିନ୍ନ ପ୍ରକାର ମସଲା ମଧ୍ୟରେ ଲବଙ୍ଗ ନିଶ୍ଚୟ ସାମିଲ ରହିଥାଏ । କେବଳ ଖାଦ୍ୟର ସ୍ୱାଦକୁ ଏହା ଦ୍ୱିଗୁଣିତ କରେ ତାହା ନୁହେଁ ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ ଲାଭଦାୟକ । ଆୟୁର୍ବେଦରେ ଲବଙ୍ଗକୁ ଜଡିବୁଟୀ ଭାବେ ବ୍ୟବହାର କରାଯାଏ । ଲବଙ୍ଗରେ ଥିବା ପୋଷକ ତତ୍ତ୍ୱ ପେଟ ଜନିତ ଅନେକ ରୋଗକୁ ଦୂର କରିବାରେ ସହାୟକ ହୋଇଥାଏ । ମୁଖ୍ୟତଃ ଏଥିରେ ଭିଟାମିନ୍ ସି, ଭିଟାମିନ୍ କେ, ଇ, ବି୬, କ୍ୟାଲସିୟମ, ମାଗ୍ନେସିୟମ, ପୋଟାସିୟମ, ଜିଙ୍କ୍, ଆଇରନ ଆଦି ରହିଛି । ଯାହା ଶରୀର ପାଇଁ ବେଶ ଲାଭଦାୟକ । ତେବେ ଏହାକୁ ଏକ ନିର୍ଦ୍ଦିଷ୍ଟ ଉପାୟରେ ସେବନ କଲେ ଏହାର ଔଷଧୀୟ ଗୁଣ ଅଧିକ ମିଳିବା ସହ ଶରୀରକୁ ନିରୋଗ ରଖିବାରେ ସହାୟକ ହେବ । ଜାଣନ୍ତୁ..*



- ଶୀତ ଦିନରେ ଅଧିକାଂଶ ସମୟରେ ଥଣ୍ଡା, କାଶ, ଗଳାରେ ଯନ୍ତ୍ରଣା, ଜ୍ୱର ଆଦି ହୋଇଥାଏ। ଏସବୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ରାତିରେ ଭୋଜନ ପରେ ଏକ ଚାମଚ ମହୁରେ ଅଳ୍ପ କିଛି ଲବଙ୍ଗ ଗୁଣ୍ଡ ମିଶାଇ ଏହାର ସେବନ କରନ୍ତୁ ।
- ଏହା ଦ୍ୱାରା ଥଣ୍ଡା,କାଶ ଆଦି ସମସ୍ୟା ଦୂର ହୋଇଥାଏ । ବିଭିନ୍ନ ସଂକ୍ରମଣ ଜନିତ ରୋଗରୁ ଏହା ଶରୀରକୁ ରକ୍ଷା କରିଥାଏ।
- କୋଷ୍ଠକାଠିନ୍ୟ, ଡାଇରିଆ, ଏସିଡିଟି ଆଦି ସମସ୍ୟାରୁ ମୁକ୍ତି ପାଇବା ପାଇଁ ରାତିରେ ଶୋଇବା ପୂର୍ବରୁ ୨ଟି ଲବଙ୍ଗକୁ ଉଷୁମ ପାଣିରେ ପକାଇ ଏହାର ସେବନ କରନ୍ତୁ ।
- ଏହାଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିଥାଏ । ପେଟ ଜନିତ ଅନେକ ସମସ୍ୟା ଦୂର ହୋଇଥାଏ।
- ଦାନ୍ତ, ଦାନ୍ତ ମାଢି ଯନ୍ତ୍ରଣା ହେଉଥିଲେ ୨ଟି ଲବଙ୍ଗକୁ ନିୟମିତ ରାତିରେ ଶୋଇବା ପୂର୍ବରୁ ଖାଆନ୍ତୁ। ଏହାଦ୍ୱାରା ଯନ୍ତ୍ରଣା ଦୂର ହୋଇଥାଏ ।
- ଲବଙ୍ଗ ରୋଗ ପ୍ରତିରୋଧକ କ୍ଷମତାକୁ ମଜଭୁତ କରିବାରେ ସହାୟକ ହୋଇଥାଏ । ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିବା ପାଇଁ ନିୟମିତ ରାତିରେ ଶୋଇବା ସମୟରେ ଏକ ଗ୍ଲାସ ଉଷୁମ ପାଣିରେ ୨ଟି ଲବଙ୍ଗ ପକାଇ ସେବନ କରନ୍ତୁ।

# ଜିମ୍‌ରେ ରଶ୍ମିକା ଆହତ



ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଗୋଡ଼ରେ ଆଘାତ ଲାଗିଛି। ସେ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ୪ଟି ଫଟୋ ସେୟାର କରିବା ସହ ଏହି ସୂଚନା ଦେଇଛନ୍ତି। ଉକ୍ତ ଫଟୋଗୁଡ଼ିକରେ ରଶ୍ମିକାଙ୍କର ଆଘାତପ୍ରାପ୍ତ ଗୋଡ଼ ଦୃଶ୍ୟମାନ ହେଉଛି। ଏହାସହ ତାଙ୍କ ଗୋଡ଼ରେ ପ୍ଲାଷ୍ଟର କରାଯାଇଛି ଏବଂ ସେ ବିଶ୍ରାମ କରୁଥିବାର ଏହି ଫଟୋଗୁଡ଼ିକରେ ଦେଖିବାକୁ ମିଳିଛି। କ୍ୟାପ୍‌ସନରେ ରଶ୍ମିକା ଲେଖିଛନ୍ତି, ସମସ୍ତଙ୍କୁ ନୂଆବର୍ଷର ଶୁଭେଚ୍ଛା। ଜିମ୍‌ରେ ୱର୍କଆଉଟ୍ କରିବା ସମୟରେ ଗୋଡ଼ରେ ଆଘାତ ଲାଗିଛି। ବୋଧହୁଏ ଆଗାମୀ କିଛି ସପ୍ତାହ କିମ୍ବା ମାସ ଯାଏ 'ସିକନ୍ଦର' ଏବଂ 'କୁବେରା' ଫିଲ୍ମର ଶୁଟିଂରେ ଯୋଗଦେବା ସମ୍ଭବ ହେବ ନାହିଁ। ତାଙ୍କ ଯୋଗୁଁ ଫିଲ୍ମ ଶୁଟିଂରେ ନିଶ୍ଚିତ ଭାବେ ବିଳମ୍ବ ଘଟିବ। ତେଣୁ ସେ ଉଭୟ ଫିଲ୍ମର ନିର୍ଦ୍ଦେଶକଙ୍କୁ କ୍ଷମା ମାଗିଛନ୍ତି। ଶୁଟିଂଶେଟ୍‌ର ଆକ୍ସନ ପାଇଁ ଗୋଡ଼ ଫିଟ୍ ହେବା ମାତ୍ରେ ସେ କାର୍ଯ୍ୟକୁ ଫେରିବେ ବୋଲି ରଶ୍ମିକା କହିଛନ୍ତି। ତେବେ ରଶ୍ମିକା ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ ବୋଲି ତାଙ୍କର ଅନେକ ପ୍ରଶଂସକ ଏବଂ ବହୁ ତାରକା ଏହି ପୋଷ୍ଟରେ କମେଣ୍ଟ କରି ଆଶା ପ୍ରକଟ କରିଛନ୍ତି। ରଶ୍ମିକାଙ୍କ ଅଭିନୀତ 'ପୁଷ୍ପା ୨' ଫିଲ୍ମ ସୁପର ହିଟ୍ ହୋଇଥିବାବେଳେ ତାଙ୍କୁ ଖୁବ୍‌ଶୀଘ୍ର ଐତିହାସିକ କାହାଣୀ ଉପରେ ଆଧାରିତ ଫିଲ୍ମ 'ଛାବା'ରେ ଅଭିନେତା ଭିକି କୌଶଲଙ୍କ ବିପକ୍ଷରେ ଦେଖିବାକୁ ମିଳିବ। ଆସନ୍ତା ଫେବୃଆରୀ ୧୪ରେ ଏହି ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ରିଲିଜ୍ ହେବାକୁ ଥିବା ଅଭିନେତା ସଲମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଆକ୍ସନ୍ ଫିଲ୍ମ 'ସିକନ୍ଦର'ର ମୁଖ୍ୟ ନାୟିକା ଭୂମିକାରେ ରଶ୍ମିକା ନଜରକୁ ଆସିବେ।

# ଆଖି ପାଇଁ ଚର୍ଚ୍ଚାରେ ୱାମିକା

ନିଜର ଆକର୍ଷଣୀୟ ଆଖି ପାଇଁ ଏବେ ଚର୍ଚ୍ଚାରେ ବଲିଉଡ୍ ଅଭିନେତ୍ରୀ ୱାମିକା ଗବ୍ବି। ସାଧାରଣତଃ ନିଜର ଚେହେରା ପାଇଁ ଅଭିନେତ୍ରୀମାନେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟୁଥିବା ବେଳେ ୱାମିକା ନିଜ ଆଖିକୁ ନେଇ ସୋସିଆଲ୍ ମିଡିଆରେ ଆଲୋଚନାରେ ରହୁଛନ୍ତି। ସେ ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ଦୀପିକା ପାଦୁକୋନ୍ ?ଙ୍କ ମିଶ୍ରଣ ବୋଲି ଲୋକେ ଚର୍ଚ୍ଚା କରିବା ଆରମ୍ଭ କରିଛନ୍ତି। ଗତ କିଛି ବର୍ଷ ଧରି ହିନ୍ଦୀ, ପଞ୍ଜାବୀ, ତେଲୁଗୁ, ତାମିଲ୍ ଓ ମଲୟାଲୀ ଫିଲ୍ମରେ ୱାମିକା କାମ କରିଥିଲେ ବି ବର୍ତ୍ତମାନ 'ବେବି ଜନ୍' ପାଇଁ ସେ ଲାଇମ୍‌ଲାଇଟ୍‌ରେ ଅଛନ୍ତି। ଚଣ୍ଡିଗଡ଼ର ଏକ ପଞ୍ଜାବୀ ପରିବାରରେ ଜନ୍ମିତ ୱାମିକା ହେଉଛନ୍ତି ପ୍ରସିଦ୍ଧ ଲେଖକ ଗୋବର୍ଦ୍ଧନ ଗବ୍ବିଙ୍କ ଝିଅ। ୨୦୦୭ ମସିହାରେ ୱାମିକା ଗବ୍ବି ଇମ୍‌ତିଆଜ୍ ଅଲିଙ୍କ ରୋମାଣ୍ଟିକ୍ କମେଡି 'ଜବ୍ ୱି ମେଟ୍'ରୁ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ମାତ୍ର ୧୩ ବର୍ଷ ବୟସରେ ଏହି ଫିଲ୍ମରେ କରିନା କପୁରଙ୍କ ସମ୍ପର୍କୀୟ ଭଉଣୀ ଭୂମିକାରେ ଅଭିନୟ କରିଥିଲେ। ଏହାପରେ ତାଙ୍କୁ 'ଲଭ୍ ଆଜ୍ କଲ୍', 'ମୌସମ୍' ଓ 'ବିଟ୍ଟୋ ବସ୍' ଭଳି ହିନ୍ଦୀ ଫିଲ୍ମରେ ସହ-ଅଭିନେତ୍ରୀ ଭୂମିକାରେ ଦେଖିବାକୁ ପାଇଥିଲେ ଦର୍ଶକ।

କିଛି ବର୍ଷ ପରେ ୱାମିକା ଫିଲ୍ମ 'ସିକ୍ସଟିନ୍'ରେ ପ୍ରଥମ କରି ମୁଖ୍ୟନାୟିକା ଭାବେ ନଜର ଆସିଥିଲେ। ତେବେ 'ତୁ ମେରା ୨୨ ମେ ତେରା ୨୨', 'ଇସ୍କ ବ୍ରାଣ୍ଡି', 'ନିକ୍କା ଜେହଲ୍‌ଦାର' ଭଳି ପଞ୍ଜାବୀ ଫିଲ୍ମରେ ଅଭିନୟ କରି ସେ ସଫଳତାର ସ୍ୱାଦ ଚାଖିଥିଲେ। ଏହା ପରେ ତାଙ୍କୁ ଅନେକ ଦକ୍ଷିଣ ଭାରତୀୟ ଫିଲ୍ମ ସହ ହିନ୍ଦୀ ୱେବ୍ ସିରିଜ୍‌ରେ ମଧ୍ୟ ଦେଖିଥିଲେ ଦର୍ଶକ।





ଫିଲ୍ମ 'ଏମର୍ଜେନ୍ସି'କୁ ନେଇ ଭିନ୍ନଭିନ୍ନ ସମୟରେ ବିବାଦ ଲାଗି ରହିଛି। ଏହା ଜରିଆରେ କଙ୍ଗନା ରାଣାୱତ ଦ୍ୱିତୀୟ ଥର ପାଇଁ ଚଳଚ୍ଚିତ୍ର ପ୍ରଯୋଜନା-ନିର୍ଦ୍ଦେଶନାରେ ପାଦ ଦେଇଥିଲେ। ଏହା ପୂର୍ବରୁ ଅଭିନେତ୍ରୀଙ୍କ ହୋମ୍ ପ୍ରଡକ୍ସନ୍ ଫିଲ୍ମ ମଣିକର୍ଣ୍ଣିକା ଥିଲା। ଫିଲ୍ମ 'ଏମର୍ଜେନ୍ସି'କୁ କଙ୍ଗନାଙ୍କୁ ଅନେକ ବିବାଦର ସମ୍ମୁଖୀନ ହେବାକୁ ପଡିଥିଲା। ଏହାରି ମଧ୍ୟରେ ସେ ଆଉ କେବେ କୌଣସି ରାଜନୈତିକ ଚଳଚ୍ଚିତ୍ର ନିର୍ମାଣ କରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି।

## ଆଉ କେବେ ରାଜନୀତି ଭିତ୍ତିକ ଫିଲ୍ମ କରିବିନି: କଙ୍ଗନା

'ଏମର୍ଜେନ୍ସି' ଗତ ବର୍ଷ ସେପ୍ଟେମ୍ବର ୨୦୨୪ରେ ମୁକ୍ତିଲାଭ ହେବାର ଥିଲା। ଏହା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବାୟୋପିକ୍ ହୋଇଥିବାରୁ ଫିଲ୍ମର ବିଷୟବସ୍ତୁ ଉପରେ ଅନେକ ଆପତ୍ତି ଉଠିଥିଲା। ସେନ୍ସର ବୋର୍ଡରୁ ଚଳଚ୍ଚିତ୍ରକୁ ପ୍ରମାଣପତ୍ର ମିଳିବା ନେଇ ମଧ୍ୟ ବହୁ ବିବାଦ ଦେଖାଦେଇଥିଲା। ଅନେକ ବାଧାବିଘ୍ନ ପରେ ପରିଶେଷରେ ଫିଲ୍ମଟି ୧୭ ଜାନୁଆରୀ ମୁକ୍ତିଲାଭ କରିବାକୁ ଯାଉଛି।

Printed, Published & Owned by Madhu Mohanty. Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



କଣ୍ଟାପଡ଼ା (ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକରେ ଦୁଇ ଦୁଇଟି ଧାନମଣ୍ଡି ଉଦଘାଟିତ ହୋଇଯାଇଛି । କଣ୍ଟାପଡା ବ୍ଲକରେ କଣ୍ଟାପଡା ସେବାସମବାୟ ସମିତିର ସଭାପତି ଦ୍ୱାରିକା ନାଥ ଦାଶ ଉଦଘାଟନ କରିଥିଲେ। ଏସଆରସିଏସ ନେହାନିକିତା ନାୟକ, ବ୍ଲକ ଅଧକ୍ଷା ସୁଶ୍ରୀ ଜାନା ଭୋଇ, ତହସିଲଦାର ପ୍ରଶନ କୁମାର ସାମନ୍ତ ରାଏ, କଣ୍ଟାପଡା ବିଡ଼ିଓ ସ୍ୱପ୍ନିତା ନାୟକ, ସରପଞ୍ଚ ନିର୍ମଳ ସାହୁ, କଣ୍ଟାପଡା ଯୋଗାଣ ବିଭାଗ ଅଧିକାରୀ ମୋଚିରାମ ଦାଶ, ସେକ୍ରେଟେରୀ ଗଙ୍ଗାଧର ସାହୁ, ତ୍ରିଲୋଚନ ସାହୁ, ବ୍ରାହ୍ମଣ ସାଇଲୋ ସେବା ସମବାୟ ସମିତି ସଭାପତି ସୁରେନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। ୧୪ ଜଣ ଚାଷୀ, ୬୩୨ କୁଇଣ୍ଟାଲ ଧାନ ଦେଇଥିଲେ। ସେହିଭଳି ଉକ୍ତ ବ୍ଲକ ଅଧିନସ୍ତ ଅଡସପୁର ସେବା ସମବାୟ ସମିତିରେ ସରପଞ୍ଚ ସୁବ୍ରତ ଦାଶ ଉଦଘାଟନ କରିଥିଲେ। ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ସେକ୍ରେଟେରୀ ଆର୍ତ୍ତତ୍ରାଣ ବିଶ୍ୱାଳ, ତୃପ୍ତିରଂଜନ ସ୍ୱାଇଁ ଉପସ୍ଥିତ ରହିଥିଲେ।



# ସମସ୍ୟାଘେରରେ କୋରୁକୋଣ୍ଡା ଏନଏସି, ସାମ୍ବାଦିକ ସଂଘର ଦାବିପତ୍ର



କୋରୁକୋଣ୍ଡା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ଏନଏସିରେ ନୂତନ ନିର୍ବାହୀ ଅଧିକାରୀ ଭାବେ ସହକାରୀ ଜିଲ୍ଲାପାଳ ମୁନା ତୁରୁକ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ପୂର୍ବତନ ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର ଏଠାରୁ ବଦଳି ହେବା ପରେ ସେ ଆସିକା ଏନଏସିରେ ନିର୍ବାହୀ ଅଧିକାରୀ ଭାବେ ଯୋଗ ଦେଇଛନ୍ତି। ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘ କୋରୁକୋଣ୍ଡା ଶାଖା ପକ୍ଷରୁ ସଭାପତି ଶିବଦତ୍ତ ସାହୁଙ୍କ ନେତୃତ୍ୱରେ ସଂଘ କର୍ମକର୍ତ୍ତା ମାନେ ବାଲିମେଳା ସହରରେ ଦୀର୍ଘଦିନ ଧରି ଲାଗି ରହିଥିବା ବିଭିନ୍ନ ମୌଳିକ ସମସ୍ୟାର ଆଶୁ ସମାଧାନ ନିମନ୍ତେ ଏକ ୮ ଦଫା ସମ୍ବଳିତ ଦାବିପତ୍ର ବାଲିମେଳା ଏନଏସିର ନିର୍ବାହୀ ଅଧିକାରୀ ମୁନା ତୁରୁକଙ୍କୁ ପ୍ରଦାନ କରିଛନ୍ତି । ତେବେ ବାଲିମେଳା ସହରରେ ଦୀର୍ଘ ଦିନ ଧରି ଲାଗି ରହିଥିବା ବିଭିନ୍ନ ସମସ୍ୟା ଗୁଡ଼ିକ ମଧ୍ୟରେ ଅଞ୍ଚଳର ସୁରକ୍ଷାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ସ୍ଥାନରେ ସ୍ଥାନୀୟ ପୋଲିସ ଓ ପ୍ରଶାସନର ମିଳିତ ଉଦ୍ୟମରେ ସିସିଟିଭି କ୍ୟାମେରା ଲଗା ଯାଇଥିଲା ।ଯାହା ଏବେ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡିକ ସମ୍ପୂର୍ଣ୍ଣ ରୂପେ ଅଚଳ ହୋଇ ଲାଗି ରହିଛି। ବାଲିମେଳା ସହରରେ ଜନବସତି ଦିନକୁ ଦିନ ବୃଦ୍ଧି ପାଇବା, ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଯାତାୟାତ ସହ ବାଲିମେଳା ସହର ଜନଗହଳିରେ ପରିପୂର୍ଣ୍ଣ ହେଉଥିବା ହେତୁ ପ୍ରତ୍ୟେକ ମୁଖ୍ୟ ଛକରେ ଟ୍ରାଫିକ ପୋଷ୍ଟ ସହ ଲାଇଟ୍ ବ୍ୟବସ୍ଥା କରାଯାଉ। ସହରରେ ପରିମଳ ବ୍ୟବସ୍ଥାର ସୁପରିଚାଳନା କରାଯାଉ। ଭିନ୍ନ ଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ଥଣ୍ଡା ପାନୀୟଜଳ(ଆରୋ) ଗୁଡିକ ଅଚଳ ହୋଇପଡିଛି। ଲୋକଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟଜଳ ଯୋଗାଣ ସୁଚାରୁ ରୁପେ ଯୋଗାଇ ଦିଆଯାଉ। ସହରର ଆବଶ୍ୟକ ସ୍ଥାନରେ ଅଧିକ ଆଲୋକୀକରଣ କରାଯାଉ ।ରାସ୍ତା ପାର୍ଶ୍ୱରେ ବସୁଥିବା ଉଠା ଦୋକାନୀଙ୍କୁ ଭେଣ୍ଡିଙ୍ଗ ଜୋନ ଯୋଗାଇ ଦେଇ ସେମାନଙ୍କୁ ଥଇଥାନ କରାଯାଉ। ନୂତନ ବସଷ୍ଟାଣ୍ଡ ପରିସରରେ ଥିବା ଖାଲଖମାକୁ ତୁରନ୍ତ ମରାମତି କରିବା ନିତ୍ୟାନ୍ତ ଆବଶ୍ୟକ ରହିଛି। ବାଲିମେଳା ସହରର ପ୍ରତ୍ୟେକ ମୁଖ୍ୟ ରାସ୍ତାରେ ବୁଲା ଗାଈଗୋରୁ ରାସ୍ତା ଅବରୋଧ କରିବା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଥିବା ନଜିର ରହିଛି ।ଏଣୁ କାଞ୍ଜିଆହୁଦା ସହ ଏହାର ତ୍ୱରିତ ସମାଧାନ କରାଯାଉ ବୋଲି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଦାବି ଜଣାଇବା ପରେ ଆଗାମୀ ଦିନରେ ସମସ୍ତ ସମସ୍ୟା ସମ୍ପର୍କରେ ନିରୀକ୍ଷଣ କରି ସମାଧାନ କରିବା ପାଇଁ ଉଦ୍ୟମ କରାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ତୁରୁକ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଉତ୍କଳ ସାମ୍ବାଦିକ ସଂଘର ସମ୍ପାଦକ ପ୍ରଦୀପ କୁମାର ମହାରଣା, ବରିଷ୍ଠ ସାମ୍ବାଦିକ ନିରଞ୍ଜନ ମଲ୍ଲ, ଦେବାଶିଷ ପାତ୍ର ଓ ସଂଘର ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ବିଜେପି ପକ୍ଷରୁ ନୂତନ ବିଡିଓଙ୍କୁ ସମ୍ବର୍ଦ୍ଧନା



ରଘୁନାଥପୁର (ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକରେ କାର୍ଯ୍ୟରେ ଯୋଗଦେଇଥିବା ନୂତନ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ରଘୁନାଥପୁର ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ପରିପେକ୍ଷୀରେ ଜଗତସିଂହପୁର ଜିଲ୍ଲା ଓବିସି ସଭାପତି ସୁବୋଧ ବାରିକ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ଯୁବ ବିଜେପି ନେତା ଅଶୋକ କୁମାର ମହାରଣାଙ୍କ ନେତୃତ୍ୱରେ ସୋମବାର ବିଜେପି କର୍ମକର୍ତ୍ତା ଓ କର୍ମୀମାନଙ୍କ ଗହଣରେ ବିଡିଓ ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଛନ୍ତି। ଆଗାମୀ ଦିନରେ କିପରି ଲୋକମାନେଙ୍କର ସମସ୍ୟା ସମାଧାନ ହୋଇପାରିବ ଏବଂ ସାଧାରଣ ଲୋକମାନେ ଉପକୃତ ହୋଇପାରିବେ ସେ ସମ୍ପର୍କରେ ବିଡିଓ ଶ୍ରୀ ବେହେରାଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ନିର୍ମଳ ମହାପାତ୍ର, ସୁକାନ୍ତ କୁମାର ସ୍ୱାଇଁ, ଗଣେଶ୍ୱର ସାହୁ, ଦିପ୍ତି ରଞ୍ଜନ ସାହୁ, ପ୍ରଭଞ୍ଜନ ମଲ୍ଲିକ, ପ୍ରଭାତ ପଣ୍ଡା, ନବକିଶୋର ମଲ୍ଲିକ, ଲିଙ୍ଗରାଜ ବାରିକ, ଦିବାକର ସାହୁଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

# ନୂଆଗାଁରେ ବ୍ୟାପୁଛି ଝାଡାବାନ୍ତି, ୨ମୃତ

କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକ ଗଡିଶାଗୋଡା ଗ୍ରାମପଞ୍ଚାୟତ ନୂଆଗାଁ ଗ୍ରାମରେ ୧୦ଦିନ ହେଲା ଛାଡାବାନ୍ତି ଲାଗିରହିଥିବା ବେଳେ ସାରଥ ପ୍ରଧାନ (୭୫ବର୍ଷ) ଏବଂ ସଚଳା ସାହୁ (୬୦ବର୍ଷ)ଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଖବର ନେବାରେ ଜଣାପଡିଛି ନୂଆଗାଁ ଗ୍ରାମରେ ଦୀର୍ଘ ୧୦ଦିନ ହେଲା ଝାଡାବାନ୍ତି ଲାଗିରହି କରୁଣାକର ସାହୁ, ରୋହିତ ସାହୁ, ସମିର ସାହୁ, ଶାନ୍ତିଲତା ଦଳାଇ, ଭୁବନୀ ପାଇକରାୟ, ଅନ୍ୟାନ୍ୟ ଛୋଟରାୟ, ଲିପିକା ଶ୍ରୀଚନ୍ଦନ, ମେରୁ ଶ୍ରୀଚନ୍ଦନ, ଆଶୀଷ ସାହୁ, ଅମନ ରାଉତରାୟ, ରାତା ବେଓ୍ୱା, ସର ଶ୍ରୀଚନ୍ଦନ, ମମି ସାହୁ, ଦିଗଇ ବେଓ୍ୱା, ଲକ୍ଷ୍ମୀଧର ରାଉତରାୟ, ପ୍ରହଲ୍ଲାଦ ଦଳାଇ, ସାରଥ ପ୍ରଧାନ, ସଚଳା ସାହୁ, ତରୁ ରାଉତରାୟ ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ତରଳ ଝାଡାରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହୋଇ ଘରକୁ ଫେରିଥିଲେ। ସାରଥ ପ୍ରଧାନ ଝାଡାରେ ଆକ୍ରାନ୍ତ ହେବାପରେ ପ୍ରଥମେ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିବା ବେଳେ ୬ଦିନ ତଳେ ମୃତ୍ୟୁ ହୋଇଯାଇଥିଲା । ସେହିପରି ସଚଳ ସାହୁ ଝାଡାରେ ଆକ୍ରାନ୍ତ ହେବାପରେ ଗତକାଲି କଣାସ ଗୋଷ୍ଠୀ ଚିକିତ୍ସା କେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିବା ବେଳେ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ପଠାଇଦିଆଯାଇଥିଲା। ସେଠାରେ ସଚଳାଙ୍କ ଆଜି ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ୧୦ଦିନ ହେଲା ଝାଡାବାନ୍ତି ଲାଗିରହିଥିଲେ ମଧ କୌଣସି ଡାକ୍ତରୀ ଦଳ ଗ୍ରାମରେ ପହଞ୍ଚି ନାହାନ୍ତି । ଗ୍ରାମରେ ଥିବା ଆଶା ଦିଦି ରୋଗୀମାନଙ୍କୁ ଚିକିତ୍ସା କରୁଛନ୍ତି । ପାନୀୟଜଳ ସମସ୍ୟାକୁ ନେଇ ଝାଡାବାନ୍ତି ଲାଗିଥିବା ବୃଦ୍ଧ ବ୍ୟକ୍ତିମାନଙ୍କ ଠାରୁ ପ୍ରକାଶ ।

# ପୁଷ୍ପ ପ୍ରଦର୍ଶନୀରେ 'ସେଲ୍'କୁ ପୁରସ୍କାର

ରାଉରକେଲା (ଭାସ୍କର ନ୍ୟୁଜ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଉଦ୍ୟାନକୃଷି ବିଭାଗର ଟିମ, ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର (ଆରପିଆରସି) ଦ୍ୱାରା ପ୍ଲାଣ୍ଟ ଲଭର୍ସ ଆସୋସିଏସନ୍ ଏବଂ ଓଡ଼ିଶା ରୋଜ୍ ସୋସାଇଟିର ମିଳିତ ଆନୁକୂଲ୍ୟରେ ମନୋରମ ଏକାମ୍ର କାନନ ବଟନିକାଲ୍ ଗାର୍ଡେନରେ



ଅନୁଷ୍ଠିତ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ୨୦୨୫ରେ ବହୁ ପୁରସ୍କାର ଅର୍ଜନ କରିଛି । ଏହି ପ୍ରଦର୍ଶନୀରେ ଆରଏସପି, ବିଭିନ୍ନ ବର୍ଗରେ ୬ଟି ପୁରସ୍କାର ହାସଲ କରିଛି । ସୂଚନାଯୋଗ୍ୟ ଯେ, ଉକ୍ତ ବାର୍ଷିକ ମେଗା ପୁଷ୍ପ ପ୍ରଦର୍ଶନୀକୁ ଜାନୁଆରୀ ୭ ତାରିଖ ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ୭୦ଟି ଏଜେନ୍ସି, କର୍ପୋରେଟ୍ ହାଉସ୍ ଏବଂ ନର୍ସରୀର ଷ୍ଟଲ୍ ସ୍ଥାନ ପାଇଥିଲା। ଆରଏସପି ୮ଟି ବର୍ଗରେ ଅଂଶଗ୍ରହଣ କରିଥିଲା ଏବଂ ଏହି ପ୍ରତିଷ୍ଠିତ ପୁଷ୍ପ ପ୍ରଦର୍ଶନୀରେ କଟ ଫ୍ଲାୱାର ଗ୍ଲାଡିଓଲି ତଥା ବିଭିନ୍ନ ରଙ୍ଗର କଟ ରୋଜ୍ ହାଇବ୍ରିଡ୍‌ଟି ଏବଂ କଟ ରୋଜ୍ ହାଇବ୍ରିଡ୍‌ଟି ଅଫ୍ ରେଡ୍ ବର୍ଗରେ ୩ ଟି ପ୍ରଥମ ପୁରସ୍କାର, କଟ ରୋଜ୍ ହାଇବ୍ରିଡ୍ ଟି ଅଫ୍ ରେଡ୍ ବର୍ଗରେ ଗୋଟିଏ ଦ୍ୱିତୀୟ ପୁରସ୍କାର ଏବଂ ଅନ୍ୟ ଦୁଇଟି ବର୍ଗରେ ମେରିଟ ପୁରସ୍କାର ହାସଲ କରିଥିଲା।

## ଜନଶୁଣାଣି ଶିବିର

# ଜିଲ୍ଲାପାଳଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ



କଣାସ (ଭାସ୍କର ନ୍ୟୁଜ): କଣାସ ପଞ୍ଚାୟତ ସମିତି ସଭା ଗୃହରେ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶିବିରରେ ଯୋଗନଦେବା ଏବଂ ଜନସାଧାରଣଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ସଂପର୍କରେ କୌଣସି ସୂଚନା ଦିଆଯାଇନଥିବାରୁ କଣାସ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଆସନ୍ତୋଷ ଦେଖାଇଦେଇଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଉପ ଜିଲ୍ଲାପାଳ ରାଜକିଶୋର ଜିନେ, ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ରାଉତ, ବିଡିଓ ନାରାୟଣ ସାହୁ ତହସିଲଦାର ହିମାଂଶୁଶେଖର ଗିରି, ଏପିଡି ରାଜିବି କୁମାର ବେହେରା, ଅତିରିକ୍ତ ଏସ.ପି ବିଷ୍ଣୁଚରଣ ପତି, ଏବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍ ଯୋଗଦେଇଥିବା ବେଳେ ଜିଲ୍ଲାର କେତେକ ଅଧିକାରୀ ଉପସ୍ଥିତ ଥିବା ବେଳେ କେତେକ ଅଧିକାରୀ ଅନୁପସ୍ଥିତ ରହିଥିବା ଜଣାପଡିବାରୁ ଅତିରିକ୍ତ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଶିବିରରେ ୧୦୧ଟି ଅଭିଯୋଗ ହୋଇଥିବା ଜଣାପଡିଛି । ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିନଥିବା, ୮୦ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ବର୍ଦ୍ଧିତ ଭତ୍ତା ମିଳିନଥିବା, ୬୦ବର୍ହରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ ଭତ୍ତା ମିଳିନଥିବା, ସିଆରବି ଚୟନରେ ଅନିୟମିତତା ହୋଇଥିବା, ବାରଦା ବାଦଲପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରୁନଥିବା, ସମିତି ସଭ୍ୟମାନଙ୍କ ଅର୍ଥ ବର୍ଣ୍ଟନ କରାଯାଉନଥିବା, ପାନୀୟଜଳ ସମସ୍ୟା, ଅଙ୍ଗବାଡି ଠିକ୍ ଭାବେ ଋଲୁନଥିବା, ମହିଳା ମହାସଂଘ ୧୮ବର୍ଷ ଧରି ନିର୍ବାଚନ ହୋଇନଥିବା, ନୂଆ ରାସନକାର୍ଡ ଓ ନାମ ସଂଯୋଗ ହୋଇପାରୁନଥିବା ପ୍ରଭୃତି ଅଭିଯୋଗମାନ ହୋଇଥିବା ଜଣାପଡିଛି ।

# ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ମକର ସଂକ୍ରାନ୍ତି ପାଳିତ

ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଚରାମୂଳା, ତେନ୍ତୁଳିଖୁଣ୍ଟି, ପୂଜାରୀଗୁଡା, ଖାତିଗୁଡା ଅନ୍ୟାନ୍ୟ ଗ୍ରାମରେରେ ବସବାସ କରୁଥିବା ତେଲୁଗୁ ସମ୍ପ୍ରଦାୟର ଲୋକେ ମହା ଆଡମ୍ବର ସହକାରେ ପାଳନ କରିଛନ୍ତି ମକର ସଂକ୍ରାନ୍ତି । ଏହି ମକର ସଂକ୍ରାନ୍ତି ତିନି ଦିନ ଧରି ପାଳନ କରା ଜଉ ଥିବା ବେଳେ ପ୍ରଥମ ଦିନରେ ଭୋଗୀ, ଦ୍ୱିତୀୟ ଦିନରେ ସଂକ୍ରାନ୍ତି ଏବଂ ତୃତୀୟ ଦିନରେ କାନୁଗୁ ଅର୍ଥାତ ଭୋଗୀ ବୋଲି କୁହା ଯାଏ । ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳର ତେଲୁଗୁ ସମ୍ପ୍ରଦାୟ ଲୋକ ମାନେ ଏହି ମକର ସଂକ୍ରାନ୍ତିକୁ ବଡ଼ ପର୍ବ ଭାବେ ଧୁମଧାମରେ ପାଳନ କରୁଥିବା ଦେଖିବାକୁ ମିଳିଛି । ମକର ସଂକ୍ରାନ୍ତ ରେ ବାହାରେ ରହୁ ଥିବା ବ୍ୟକ୍ତି ମାନେ ନିଜ ଗ୍ରାମକୁ ଫେରି ପରିବାର ସହ ମକର ସଂକ୍ରାନ୍ତି ପାଳିଥାନ୍ତି ।

# ସାହିତ୍ୟ ସାଧକଙ୍କ ପରଲୋକ

କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମିଳନୀ ସାହିତ୍ୟ ସଂସଦର ଅନେକ ବର୍ଷ ସଭାପତି ରହି ସାହିତ୍ୟ ଚର୍ଚ୍ଚା କରି ଅନେକ ସାହିତ୍ୟିକ କବି ଗବେଷକ ବାହାର କରିଥିବା ସାହିତ୍ୟ କବି ପ୍ରାଣ ଦିବାକର ସାହୁଙ୍କ ଆଜି ଦେହାନ୍ତ ହୋଇଯାଇଛି। ଓଡ଼ିଆ ସାହିତ୍ୟ ସଂସ୍କୃତିର ବିକାଶ ଲାଗି ସେ ଜିଲ୍ଲା,ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ଓଡ଼ିଆ ଭାଷା ଅସ୍ମିତା ପ୍ରଚାର ଲାଗି ପ୍ରଖର ଭାଷଣ ଦେଇ ସଚେତନ କରୁଥିଲେ। ନିଜେ ସଂଗଠନ କାମ ଲାଗି ଅନ୍ୟକୁ ପ୍ରେରଣା ଦେଇ ନିଜସ୍ୱ ବହି ଛପାଇ ପାରି ନଥିଲେ। କିଛି ବର୍ଷ ହେବ ସେ ମସ୍ତିଷ୍କଘାତ ଶିକାର ହୋଇ ଘରେ ଚିକିତ୍ସିତ ହେଉଥିଲେ। ତେବେ ଆଜି ସକାଳେ ପୁଣି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହୃଦଘାତର ଶିକାର ହୋଇ ଆଖି ବୁଜିଛନ୍ତି। ବଡ଼ ପୁଅ ତନ୍ମୟ ସାହୁ ମୁଖାଗ୍ନି ଦେଇଥିଲେ।

# ବନ୍ଧୁ ମିଳନ ଉତ୍ସବ

କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକ ଅର୍ନ୍ତଗତ ଗଡସାନପୁଟ ପଞ୍ଚାୟତ କଣ୍ଠାବଣିଆ ଗ୍ରାମର ପ୍ରତ୍ୟେକ୍ଷ ଦେବୀ ନାରାୟଣୀଙ୍କ ପୀଠରେ ଆଜି ଗଡସାନପୁଟ ଉଚ୍ଚ ବିଦ୍ୟାଳୟ ୧୯୯୩ ବ୍ୟାଚର ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନରେ ପରସ୍ପର ମଧ୍ୟରେ ମୌଜମଜିଲିସ୍ କରିବା ସହିତ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଅଦିନିଆ ବର୍ଷା, ହାତୀ ଉତ୍ପାତ ଯୋଗୁଁ ଏହି ଅଂଚଳର ଋଷୀମାନେ ବହୁ କ୍ଷତିଗ୍ରସ୍ତର ସମ୍ମୁଖୀନ ହୋଇଥିବାରୁ ସମସ୍ତ ଛାତ୍ରଛାତ୍ରୀ ଦୁଃଖ ପ୍ରକାଶକରିଥିଲେ। ତତ୍ ସହିତ ସାମାଜିକ ବନିକରଣ ଓ ଜଙ୍ଗଲ ସୁରକ୍ଷା ପାଇଁ ଆଲୋଚନା କରିବା ସହିତ ସମସ୍ତେ ଉଦ୍ୟମ କରିବାକୁ ପ୍ରତିସୃତି ଦେଇଥିଲେ।

# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ସଂପୁର ସ୍ଥିତ ଚର୍ତୁଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ୪୫ତମ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିସରରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପଦ୍ମନାଭ ଓ ସମ୍ମାନିତ ଅତିଥିଭାବେ ବୋଲଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ପୂର୍ବତନ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମ ଚରଣ ବେହେରା, ଜିଲ୍ଲା କନିଷ୍ଠ ରେଡ଼କ୍ରସ ଅଧିକାରୀ ମିଥୁନ ପାଇକରାୟ, ସରପଞ୍ଚ ଜଳଧର ବେହେରା, ସମିତି ସଭ୍ୟା ବିନୋଦିନୀ ଦତ୍ତ, ଗୋପବନ୍ଧୁ ପଞ୍ଚ ଶଖା ସେତୁ ସମ୍ବିତ କୁମାର ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ରବୀନ୍ଦ୍ର କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ । ଉତ୍ସବର ପ୍ରାରମ୍ଭରେ ଶିକ୍ଷକ ବିଭୂପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ବାର୍ଷିକ ବିବରଣୀ ପଠନ କରିଥିଲେ । ବିଦ୍ୟାଳୟର ବିଭିନ୍ନ ସମସ୍ୟା ଯଥା -ଖେଳପଡ଼ିଆ, ୩ଟି ଶ୍ରେଣୀ କକ୍ଷ, ନୂତନ ପାଠାଗାରସ୍ଥାପନ କମ୍ପୁଟର ପ୍ରଭୃତି ସମସ୍ୟାର ସମାଧାନ କରିବେ ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ଷଡ଼ଙ୍ଗୀ ପ୍ରତିଶୃତି ଦେଇଛନ୍ତି । କୃତି ପ୍ରତିଯୋଗୀମାନଙ୍କୁ ସମସ୍ତ ନିମନ୍ତ୍ରିତ ଅତିଥିମାନେ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ ।

# ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନରଣପୁର ପଞ୍ଚାୟତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିବେକାନନ୍ଦ ଜୟନ୍ତୀ ଓ ବନବିହାରୀ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଏବଂ ଗୋନାସିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରାମର୍ଶଦାତା ବାଙ୍କବିହାରୀ ମହାନ୍ତ, ବକ୍ତା ପାଟଣା ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପାର୍ଥସାରଥି ବେଜ, ପରିଚାଳନା ସମିତିର ନିର୍ଦ୍ଦେଶିକା ରାଜଶ୍ରୀ ଖାଟୋଇ, ସଂମ୍ପାଦକ ସୁରେଶ ବାରିକ, ସଭାପତି ନିର୍ମଳଚନ୍ଦ୍ର କବି ପ୍ରମୁଖ ଯୋଗଦେଇ ବିବେକାନନ୍ଦ ଙ୍କର ବାଣୀ ଓ ତଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ଶମ୍ଭୁନାଥ ମହାନ୍ତ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ।

# ବାଳିକା ଆତ୍ମ ସୁରକ୍ଷା ତାଲିମ ଶିବିର

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ନିକିରାଇସ୍ଥିତ ବୀର ହନୁମାନଜୀଉ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଓଡିଶା ସରକାରଙ୍କ ଗଣ ଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ବାଳିକା ଆମର ସୁରକ୍ଷା ତାଲିମ ଶିବିର ଅନୁଷ୍ଠାନର ବରିଷ୍ଠ ପ୍ରାଧାପକ ଭକ୍ତବନ୍ଧୁ ଓଝାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଳିକା




ଆତ୍ମ ସୁରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ର ସଂଯୋଜିକା ଅଧ୍ୟାପିକା ପ୍ରୀତଲକ୍ଷ୍ମୀ ଜେନା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦେଶ୍ୟ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଲିମଦାତ୍ରୀ ସୁଶ୍ରୀ ଝରଣା ଲେଙ୍କା, ଡ. ପ୍ରମୋଦ ରାଉତ, ପ୍ରଫେସର ଅମ୍ଳାନ କିରଣ ରାଉତ, ଅଧ୍ୟାପକ ଦିଲ୍ଲିପ ସ୍ୱାଇଁ, ରାକେଶ ସାହୁ, ଅଧ୍ୟାପିକା ଅର୍ଚ୍ଚନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟତମ ସହ ସଂଯୋଜିକା ଅଧ୍ୟାପିକା ଶୁଭଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ୧୦୨ଜଣ ଛାତ୍ରୀ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରିଥିଲେ। ଡ. ହିମାଂଶୁ ଭୂଷଣ ପରିଡା ସଭା ପରିଚାଳନା କରିଥିଲେ।

# ଡିକି ଭାଙ୍ଗି ଟଙ୍କା ଲୁଟ୍ ଅଭିଯୋଗ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବଜାର ଗଣେଷ ମାର୍କେଟରେ ଥିବା ବିମ୍ବାଧର ସାହୁଙ୍କ ମିଠା ଦୋକାନ ସମ୍ମୁଖରୁ ସୋମବାର ପୂର୍ବାହ୍ନ ୧୧ଟା ସମୟରେ ବାଇକ ଡିକି ଭାଙ୍ଗି ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ମିଠା ଦୋକାନୀ ବିମ୍ବାଧର ଧାନକଟା ପାଇଁ ସ୍ଥାନୀୟ ୟୁକୋ ବ୍ୟାଙ୍କୁ ୫୦ ହଜାର ଟଙ୍କା ଉଠାଇ ବାଇକ ଡିକିରେ ରଖି ଦୋକାନକୁ ଆସିଥିଲେ। ଧାନକଟା ପାଇଁ ତୁରନ୍ତ ଘରକୁ ଫେରିବାରୁ ଥିବାରୁ ବାଇକ ଡିକିରୁ ଅର୍ଥ ବାହାର କରିନଥିଲେ। ତରବରରେ ଦୋକାନ କଥା ବୁଝାବୁଝି କରି ଘରକୁ ଯିବାକୁ ବ୍ୟସ୍ତ ଥିବା ବେଳେ ଫଛରୁ ଫଲୋ କରିଆସୁଥିବା ଲୁଟେରା ବାଇକ ଡିକି ଭାଙ୍ଗି ଅର୍ଥ ଲୁଟି ନେଇଥିଲେ। ବିମ୍ବାଧର ମାତ୍ର ୧୦ ମିନିଟ ମଧ୍ୟରେ ଦୋକାନରୁ ବାହାରି ଆସି ଡିକି ଭଙ୍ଗାଯାଇଥିବା ଦେଖି ଥାନାରେ ଏତାଲା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପଡୋଶୀ ଦୋକାନ ସିସିଟିଭି ଫୁଟେଜ ଅନୁଧାନ କରି ଫେରିଯାଇଥିଲା।

# ମିଲରଙ୍କ କଟ୍‌ନୀ ଛଟ୍‌ନୀ, ଚାଷୀଙ୍କ ପ୍ରତିବାଦ



ଧାମନଗର(ଭାସ୍କର ନ୍ୟୁଜ): ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷୀ ଧାର କରଜ କରି ଚାଷ କରି ଅମଳ ଧାନକୁ ବିକ୍ରି ବେଳକୁ ବାତ୍ୟା ଦାନା ଦାଉ ସାଧିଲା । ଯାହା ବଞ୍ଚିଲା ତାହା ସମିତିରେ କଟନିରେ କାଟି ଦେବାରୁ ଚାଷୀ ଧାନକୁ ଶାଗ ମାଛ ଦରରେ ବାଧହୋଇ ବିକ୍ରି କରୁଛି। ଚଳିତ ବର୍ଷ ଧାମନଗର ବ୍ଲକରେ ୧୬ ହଜାର ୯୩୨ ହେକ୍ଟର ଚାଷଜମିରେ ଧାନଚାଷ କରାଯାଇଥିଲା। ହେଲେ ବାତ୍ୟା ଦାନା ମାଡ ପରେ ମଣ୍ଡିରେ ମିଲରଙ୍କ ମାଡ ଚାଷୀଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଚାଷୀର ଅମଳ ଶସ୍ୟକୁ ବିକ୍ରି କରିବା ପାଇଁ ସରକାରୀ ମଣ୍ଡିରେ ବିକ୍ରୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ କରିଛନ୍ତି। ମାତ୍ର ଚଳିତ ବର୍ଷ ଧାନ ଅମଳ ଆରମ୍ଭ ହୋଇଛି। କିନ୍ତୁ ଚାଷୀ ଏବେ କଲବଲ ହେଉଛନ୍ତି। ବାତ୍ୟା ଦାନାର ପ୍ରଭାବ ଓ ଅମଳ ସମୟରେ ଅଦିନିଆ ବର୍ଷା ଚାଷୀର ମେରୁଦଣ୍ଡକୁ ଦୋହଲାଇ ଦେଇ ଅଧାରୁ ଅଧିକ ଅମଳର କ୍ଷୟକ୍ଷତି ହୋଇଥିଲା। ଅଧିକାଂଶ ଚାଷୀ ବିହନ ତଥା ସାର ବିଭିନ୍ନ ଦୋକାନରୁ ବାକି ଓ ଧାର ଆକାରରେ କରଜ ଆଣିଥିଲେ । ବର୍ଷକ ଯାକ ପରିଶ୍ରମ କରି ଧାନଚାଷ କରି ଯାହା ଲାଭବାନ ହୋଇଥାନ୍ତେ, ସେଥିରେ କରଜ ସୁଝିଥାନ୍ତେ । କିନ୍ତୁ ଧାନମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁଁ ଚାଷୀ ବାଧ ହୋଇ ଧାନ କୁଇଣ୍ଟାଲ ପ୍ରତି ୧୮୫୦ ରୁ ୧୯୫୦ ଦରରେ ଦଲାଲ ମାନଙ୍କୁ ବିକ୍ରି କରୁଛନ୍ତି। ମାତ୍ର ସରକାରଙ୍କ ର ଧାର୍ଯ୍ୟ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୩୦୦ ଟଙ୍କା ସରକାରଙ୍କ ସବସିଡି ୮୦୦ଟଙ୍କାକୁ ମିଶାଇ ମୋଟ ୩୧୦୦ଟଙ୍କା ରହିଛି। ମାତ୍ର ସମିତିରେ କଟନି ଛଟିନି ରେ କୁଇଣ୍ଟା ପିଛା ୮ରୁ ୨୫ କିଲୋ କାଟିବା ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଆଜି ଧାମନଗର ସେବା ସମବାୟ ସମିତି ପରିସର ରେ ଏହି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇ ଧାନ କିଣା ବନ୍ଦ ହୋଇଛି। ସୂଚନା ଥାଉକି ଉକ୍ତ ସମିତିର ଚାଷୀ ମାନେ ଧାନ ବିକ୍ରି ବେଳେ କଟନି ଛଟିନି ରେ ଏଫ କିୟୁ ମାନରେ ୮ କିଲୋ ଧାନ କାଟି ଦେଉଥିବାରୁ ଚାଷୀ ମାନେ ଏହାକୁ ବିରୋଧ କରି ହୋ ହାଲା କରି ପ୍ରତିବାଦ କରିଥିଲେ । ତେବେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପରେ ଧାନ କିଣା ପାଇଁ ଚାଷୀ ମାନେ ଦାବିକରିଥିଲେ । ଚାଷୀ ବୈଠକ ପରେ ନିଷ୍ପତ୍ତି ହୋଇ ଧାନ କିଣା ଯିବ ବୋଲି ସମିତିର ସଂପାଦକ ବସନ୍ତ ରାଜ ସାହୁ ସୁଚନା ଦେଇଥିଲେ । ଘଟଣାସ୍ଥଳରେ ଧାମନଗର ତହସିଲଦାର ଦୀପକ ଦାସ ପହଞ୍ଚି ଆଶୁ ସମାଧାନ ପାଇଁ ମଧ ଉଦ୍ୟମ ଜାରି ରଖିଛନ୍ତି ।

# ସମାଜସେବୀ ଜଗବନ୍ଧୁ ବରାଳଙ୍କୁ ଶ୍ରଦ୍ଧାଞ୍ଜଳି



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ପଞ୍ଚାୟତ ମୁଡ଼ାପଦା ଗ୍ରାମରେ ସମାଜସେବୀ ଜଗବନ୍ଧୁ ବରାଳଙ୍କ ଏକାଦଶାହରେ ସ୍ମୃତିସଭା ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ବିଜେପି ନେତା ବଦ୍ରୀନାରାୟଣ ଧଳ, କଂଗ୍ରେସ ନେତା ଗୋଲକ ଚନ୍ଦ୍ର ବେହେରା, ରଜନୀକାନ୍ତ ଚନ୍ଦ, ବିଜୟଶଙ୍କର ମହାନ୍ତି, ଶିକ୍ଷା ପ୍ରଶାସକ ବିଷ୍ଣୁଚରଣ ସୂତାର, ସର୍ବଶିକ୍ଷା ଅଭିଯାନ ରାଜ୍ୟ ସଂଯୋଜକ ବନ୍ଦନା ମହାପାତ୍ର, ଅଧ୍ୟାପକ ମଦନମୋହନ ପାତ୍ର, ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ, ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣା, ପ୍ରଧାନଶିକ୍ଷକ ସମୀର କୁମାର ଚୌଧୁରୀ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଶାନ୍ତନୁ କୁମାର ଧଳ, ନବକିଶୋର ପରିଡା, ଶିକ୍ଷକ ନିମାଇଁ ଚରଣ ନାୟକ, ଅଲେଖ ନାୟକ, ବରିଷ୍ଠ ଶିକ୍ଷା କର୍ମଚାରୀ ମଙ୍ଗୁଳି ଚରଣ ବେହେରା, ଷୋଳମପୁର ହିମସାରମନା ସାହିତ୍ୟ ପରିଷଦ ସମ୍ପାଦକ ଦାମୋଦର ନାୟକ ପ୍ରମୁଖ ସ୍ଥାନୀୟ ଅଞ୍ଚଳର ବିକାଶ, ଶିକ୍ଷା ପ୍ରସାର, ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ପରିଚାଳନା କ୍ଷେତ୍ରରେ ଜଗବନ୍ଧୁଙ୍କ ଅବଦାନକୁ ସ୍ମରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଭଞ୍ଜନଗର (ଭାସ୍କର ନ୍ୟୁଜ): ପବିତ୍ର ପୌଷ ପୂର୍ଣ୍ଣିମା ତିଥି ସହ ଆରମ୍ଭ ହୋଇଯାଇଛି ତେଲୁଗୁ ସଂପ୍ରଦାୟର ଭୋଗି ଓ ପୋଙ୍ଗଲ ଉତ୍ସବ। ସ୍ଥାନୀୟ ମରାଟି ସାହିରେ ଏଥିପାଇଁ ଆଜିଠାରୁ ଆରମ୍ଭ ହୋଇଯାଇଛି ଏକ ବିଶେଷ ଉତ୍ସବ। ପ୍ରତି ପୌଷ ପୂର୍ଣ୍ଣିମା ତଥା ଭୋଗି ଉତ୍ସବ ଦିନ ସାହିର ମହିଳାମାନେ ନୂତନ ବସ୍ତ୍ର ପରିଧାନ କରି ପବିତ୍ର କଳସ ଯାତ୍ରା ବାହାର କରିଥାନ୍ତି। ଏଥିରେ ପଣା ପାଣି ଆଦି ନେଇ ମହିଳାମାନେ ସାହି ଲୋକଙ୍କ ସହ ମିଶି ବାଜା ବଜାଣା କରି ନିଜର ଇଷ୍ଟ ଦେବୀଙ୍କ ନିକଟରେ ଏସବୁକୁ ଅର୍ପଣ କରିବାସହ ପୂଜା ପାଠ କରି ବର୍ଷସାରା ସେମାନେ ଯେପରି ଖୁସିରେ ପରିବାର ସହ ରହିବେ ତାହା ମନାସୀ ମାଆଙ୍କ ନିକଟରେ ଅଧିଆ ପଡିଥାନ୍ତି। ଆଉ ଶେଷରେ ପୁଣି ସାହିକୁ ଫେରିଥାନ୍ତି। ଆଜିଠାରୁ ଏଥିପାଇଁ ସାହିର ପ୍ରତ୍ୟେକ ଘରେ ପିଠାପଣାର ଆସର ଜମିଥାଏ। ସୋମବାର ମରାଟି ସାହିରୁ ବହୁ ମହିଳା ସୁସଜ୍ଜିତ କଳସ ଯାତ୍ରା ବାହାର କରିଥିବାବେଳେ ଏହା ଯାମପଲ୍ଲୀ ସ୍ଥିତ ରାମଚଣ୍ଡୀ ମନ୍ଦିର ଯାଏଁ ଚାଲିଥିଲା। ରାମଚଣ୍ଡୀ ମନ୍ଦିର ପରିସରରେ ଏମାନେ ଇଷ୍ଟଦେବୀ ମାଆ ରାମଚଣ୍ଡୀଙ୍କ ନିକଟରେ ପଣାପାଣି ଭୋଗ କରି ଢାଳିଥିଲେ। ଏହି କାର୍ଯ୍ୟକ୍ରମକୁ ସାହିର ଏ.ଝୁଲୁ ଓ ଏ. ବିଷ୍ଣୁପ୍ରସାଦ ପ୍ରମୁଖ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା।

### ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପାଇଁ ଆକୁଳ ନିବେଦନ

# ପଥର ମାଫିଆଙ୍କ କବଜାରେ ଆଦିବାସୀଙ୍କ ଠାକୁରାଣୀ



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଗ୍ରାନାଇଟ ତଥା କଳାପଥର ପରିପୂର୍ଣ୍ଣ ଜଙ୍ଗଲରେ ଥିଲେ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହଲପ୍ରସାଦ ପଞ୍ଚାୟତ ନୂଆକଷ୍ଟିପାଳ ଗ୍ରାମର କଳାପଥର ଠାକୁରାଣୀ । ସରଳ ନିରୀହ ଶବର ସଂପ୍ରଦାୟ ଆଦିବାସୀଙ୍କ କଳାପଥର ଠାକୁରଣୀ ଥିଲେ ଆରାଧ୍ୟ ଗ୍ରାମ ଦେବତୀ । ହେଲେ ପଥର ମାଫିଆ ସାଜିଥିବା ମେଗା କ୍ରସର ମାଲିକ ପାହାଡକୁ ଗିଳିଦେଲେ । ଶେଷକୁ ଶବର ମାନଙ୍କୁ ତାଙ୍କର ଠାକୁରାଣୀଙ୍କ ପୂଜା ବି କରାଇ ଦେଲେ ନାହିଁ। କଳା ଠାକୁରାଣୀ ପରିତ୍ୟକ୍ତ ଅବସ୍ଥାରେ ପଡି ରହିବା ନେଇ ଶବର ମାନଙ୍କ ମଧ୍ୟରେ ଚରମ ଅସନ୍ତୋଷ ପ୍ରକାଶ ପାଉଛି । ନୂଆକଷ୍ଟିପାଳ ଗ୍ରାମ ସଂଲଗ୍ନ ପାହାଡ ବୃକ୍ଷଲତାରେ ପରିପୂର୍ଣ୍ଣ ଥିଲା । ସଂଧ୍ୟା ହେଲେ ବନ୍ୟଜନ୍ତୁ ମାନଙ୍କ ଶବ୍ଦରେ ପାହାଡ କଡର ଏହି ଗାଁ ଗୁଡିକରେ ତାଟି କବାଟ ପଡି ଯାଉଥିଲା । ସୁନ୍ଦର, ସମୃଦ୍ଧ ସବୁଜିମା ପରିବେଶରେ ଆଦିବାସୀମାନେ ପ୍ରକୃତି ସହ ପାରମ୍ପରିକ ଜୀବନ ବିତାଉଥିଲେ । ହେଲେ ଜଙ୍ଗଲରେ ଥିବା କଳାପଥର ଉପରେ ପଥର ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଲା । ସେଥିପାଇଁ ଏହି ଜଙ୍ଗଲରେ ପ୍ରଥମେ ସଂପୂର୍ଣ୍ଣ ବେଆଇନ ଭାବେ ମେଗା କ୍ରସର ସ୍ଥାପନ କଲେ କେନ୍ଦ୍ରାପଡାର କଳାପଥର ମାଫିଆ । ଜଗବନ୍ଧୁ ଏଂଟରପ୍ରାଇଜର୍ସ ନାମକ ବେଆଇନ ମେଗା କ୍ରସରକୁ ଆଇନରେ ପରିଣତ କରିବା ପାଇଁ ପ୍ରଶାସନ ହାତବାରିସି ସାଜିଲା । ଶବର ମାନଙ୍କ ଘର ନିକଟରେ ଆଖିବୁଜା ପ୍ରଦୂଷଣ କରୁଥିବା କ୍ରସର ସ୍ଥାପନ ପାଇଁ ଅନୁମତି ପ୍ରଦାନ କରାଗଲା । ଏହାପରେ ଘଞ୍ଚ ଜଙ୍ଗଲରେ ଥିବା ବୃକ୍ଷକୁ କାଟି ଜଙ୍ଗଲର କଙ୍କାଳ ସଦୃଶ କଳାପଥରକୁ କୋରିଦେଲେ ପଥର ମାଫିଆ ସାଜିଥିବା କ୍ରସର ମାଲିକ । ଶେଷକୁ ପାହାଡ ଉପରେ ଥିବା ଶବର ମାନଙ୍କ କଳାପଥର ଠାକୁରଣୀଙ୍କୁ ବି ଛାଡିଲେ ନାହିଁ । ଏହି ଠାକୁରାଣୀଙ୍କ ନିକଟକୁ ଶବର ମାନେ ଆଉ ପୂଜା କରିବାକୁ ଯାଇ ପାରିଲେ ନାହିଁ । ଏଠାରେ ପ୍ରତିବର୍ଷ ହେଉଥିବା ଯଜ୍ଞ ଏବଂ ଯାତ୍ରାକୁ ବନ୍ଦ କରି ଦିଆଗଲା । ଶବର ମାନଙ୍କ ଡାକରାରେ ରାଜ୍ୟରେ ପାହାଡ ସୁରକ୍ଷା ପାଇଁ ଲଢେଇ କରୁଥିବା ପାହାଡ ପର୍ବତ ସୁରକ୍ଷା ମଞ୍ଚର ସଭାପତି ସତୀଶ ବିଶ୍ୱାଳଙ୍କ ନେତୃତ୍ୱରେ ଗୋଟିଏ ପ୍ରତିନିଧି ଦଳ ଏହି ଠାକୁରାଣୀଙ୍କ ପର୍ଯ୍ୟନ୍ତ ଯାଇଥିଲା । ପ୍ରତିନିଧି ଦଳ ସହ ଶତାଧିକ ସଂଖ୍ୟାରେ ଶବରମାନେ ସାମିଲ ହୋଇଥିଲେ । ଶବର ମାନେ କାନ୍ଦି କାନ୍ଦି ସେମାନଙ୍କ ଠାକୁରାଣୀଙ୍କ ଦୂରାବସ୍ଥା ବର୍ଣ୍ଣନା କରିଥିଲେ । ଶବର ମାନେ କହିଥିଲେ ଯେ, ଆମେ ଯାହା ଫଳ ମୂଳଟିଏ ପାଇଲେ ପ୍ରଥମେ ଆଗେ ଆମ କଳାଠାକୁରାଣୀଙ୍କ ନିକଟରେ ଭୋଗ ଲଗାଇବା ପରେ ଖାଇଥାଉ । ଠାକୁରାଣୀ ପାଖରେ ଆମ ଯଜ୍ଞ ଏବଂ ମେଳା ଆମର ମୁଖ୍ୟ ପର୍ବ। ଯଜ୍ଞ ସମୟରେ ଠାକୁରାଣୀ ଥିବା ଜଙ୍ଗଲ ତଳେ ଦୋକାନ ବଜାର ବସୁଥିଲା । ହେଲେ ପାହାଡ ମାଫିଆ ସାଜିଥିବା କ୍ରସର ମାଲିକ ଆମ ପାହାଡକୁ କୋରି ଖାଇଦେଲା । ଶେଷକୁ ଆମ ଠାକୁରାଣୀଙ୍କୁ ବି ପରିତ୍ୟକ୍ତ କରି ପକାଇ ରଖିଛି । ଏଠାକୁ ଆମକୁ ପୂଜା କରିବାକୁ ଯାଇପାରୁ ନାହୁଁ । ଆଉ କିଛିଦିନ ପରେ ପଥର ବ୍ଲାଷ୍ଟିଂ ପାଇଁ ଠାକୁରଣୀ ଭୃଶୁଡି ପଡି ମାଟିରେ ମିଶିବେ । ପାହାଡ ଉପରେ ଥିବା ଠାକୁରାଣୀଙ୍କ ନିକଟକୁ ଯିବା ପାଇଁ ପଥରରେ ହୋଇଥିବା ପାହାଚ ଧୀରେ ଧୀରେ ନଷ୍ଟ ହୋଇଗଲା । ଠାକୁରାଣୀଙ୍କ ବିଜେ ସ୍ଥଳୀ ଏବେ ସଂପୂର୍ଣ୍ଣ ପରିତ୍ୟକ୍ତ ହୋଇଗଲା । ଏଥିନେଇ ସତୀଶ ବିଶ୍ୱାଳ କହିଛନ୍ତି ଯେ, ଏଠାରେ ଦୀର୍ଘଦିନ ଧରି ପାହାଡ ଖାଦାନରେ ୧୪୪ ଧାରା ଜାରି ହୋଇଥିଲେ ମଧ୍ୟ ପାହାଡ ଲୁଟ ବେଧଡକ ଚାଲିଛି । ଏଥିନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ନିର୍ଦ୍ଦେଶକୁ ସ୍ଥାନୀୟ ଖଣି ଅଧିକାରୀ ଏବଂ ପୋଲିସ ଖାତିର କରି ନାହାନ୍ତି । ଗୋଟିଏ ପାହାଡ ଲୁଟରେ ସାମିଲ ଥିବା ଏହି ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏହି ପାହାଡ ଲୁଟରେ ସଂପୃକ୍ତ ମାଫିଆଙ୍କ ବିରୋଧରେ ବିଜେପି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ସରକାରର ସାଧୁତା ନେଇ ପ୍ରଶ୍ନବାଚୀ ଠିଆ କରିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କ ସ୍ୱାର୍ଥ ରକ୍ଷାକୁ ଗୁରୁତ୍ୱ ଦେଉଥିବାରୁ ଏଥିନେଇ ସରକାର କଠୋର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସତୀଶ ନିବେଦନ କରିଛନ୍ତି । ଏଥିନେଇ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ ପତ୍ର ପ୍ରଦାନ କରାଯାଇଛି ।

## ଶ୍ରୀଶ୍ରୀ ନର୍ମଦେଶ୍ୱର ଓ ବ୍ରାହ୍ମଣୀ ଦେବୀଙ୍କର ଚଣ୍ଡୀ ଯଜ୍ଞ



ଢେଙ୍କାନାଳ (ଭାସ୍କର ନ୍ୟୁଜ): ସଦର ବ୍ଲକ୍ ଲମ୍ବୋଦରପୁର ଶାସନସ୍ଥିତ ପରମେଶ୍ୱର ଭବାନୀଶଙ୍କର ମହାରୁଦ୍ର ଶ୍ରୀ ଶ୍ରୀ ନର୍ମେଦେଶ୍ୱର ଓ ଭଗବତୀ ବ୍ରାହ୍ମଣୀ ଦେବୀଙ୍କର ୨୦ତମ ବାର୍ଷିକ ଚଣ୍ଡୀ ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଅଛି । ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଦେବାଭିଷେକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ପୂଜା ଅନୁଷ୍ଠିତ ହୋଇଥିଲା । ୯ ତାରିଖରେ ଅଙ୍କୁରାରୋପଣ, ୧୧ ତାରିଖରେ ଶୁଭାଧିବାସ, ଘଟ ଆନାୟନ, ଶାଲାସଂସ୍କାର, କୁଣ୍ଡମଣ୍ଡଳାଦି ପୂଜନମ୍ ଓ ଅଗ୍ନିସ୍ଥାପନମ୍, ୧୨ ତାରିଖରେ ସୂର୍ଯ୍ୟପୂଜା, ଗୋ-ପୂଜା, କୁଣ୍ଡମଣ୍ଡଳାଦି ପୂଜନ୍ମ, ଶ୍ରୀ ଶ୍ରୀ ନର୍ମେଦେଶ୍ୱରଙ୍କ ଅଭିଷେକ, ଶ୍ରୀମଦ୍ ଭଗବତ୍ ଗୀତା ଯଜ୍ଞ ଓ ରୁଦ୍ର ଯଜ୍ଞ, ୧୩ ତାରିଖ ଶେଷଦିନ ସୂର୍ଯ୍ୟପୂଜା, ଗୋ-ପୂଜା, କୁଣ୍ଡମଣ୍ଡଳାଦି ପୂଜନ୍ମ, ଭଗବତୀ ବ୍ରାହ୍ମଣୀ ଦେବୀଙ୍କର ଷୋଡଶୋପଚାର ପୂଜା, ଚଣ୍ଡୀ ଯଜ୍ଞ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ଲମ୍ବୋଦରପୁର ଅଞ୍ଚଳବାସୀ, ସାଧୁସନ୍ଥ ଓ ଧର୍ମାତ୍ମାମାନେ ଉକ୍ତ ଯଜ୍ଞାନୁଷ୍ଠାନରେ ଯୋଗଦେଇ ବିଭୁକୃପା ଲାଭ କରିବା ସହିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଅନୁଷ୍ଠାନର ସଭାପତି ପଣ୍ଡିତ ରାଜକିଶୋର ମିଶ୍ରଶର୍ମା, ପଣ୍ଡିତ ଅରୁଣ କୁମାର କରଶର୍ମା, ପୂର୍ଣ୍ଣଚନ୍ଦ୍ର ମିଶ୍ରଶର୍ମା, ବିଧୂଭୂଷଣ ଦ୍ୱିବେଦୀ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଉମେଶ ଚନ୍ଦ୍ର କରଶର୍ମା ସମସ୍ତ ପୂଜାକୁ ସୁଚାରୁ ରୂପେ ତୁଲାଇଥିବାବେଳେ କର୍ତ୍ତା ଭାବେ ବିଜୟ କୁମାର ସାହୁ ଓ କର୍ତ୍ତୀ ଭାବେ ଝୁନୁବାଳା ସାହୁ ଉପସ୍ଥିତ ଥିଲେ । ସଂପାଦକ ଧ୍ରୁବ ଚରଣ ରାଉତ, କୋଷାଧ୍ୟକ୍ଷ ସୁରେଶ କୁମାର କର, ସଭ୍ୟ ନଗେନ କୁମାର କର, ସୁରେଶ କୁମାର ସାହୁ, ସୂର୍ଯ୍ୟନାରାୟଣ କର, ଶିବପ୍ରସାଦ ସାହୁ, ଓ ଅଜୟ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ନିଯୁକ୍ତି ଏବଂ ଦକ୍ଷତା ବିକାଶ ସଚେତନତା ଶିବିର

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ଯୋଡାମ୍ବା ଗ୍ରାମରେ ଏକ ବ୍ଲକସ୍ତରୀୟ ନିଯୁକ୍ତି ଏବଂ ଦକ୍ଷତା ବିକାଶ ପରାମର୍ଶ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଦକ୍ଷତା ବିକାଶ ଏବଂ ଜିଲ୍ଲା ନିଯୋଜନ ଅଧିକାରୀ ମାଲକାନଗିରି ମନସ୍ୱୀ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ୧୭୭ ବାଟାଲିୟନ



କମାଣ୍ଡାଣ୍ଟ ଏମ୍ ନୌଶାଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଦକ୍ଷତା ଏବଂ ନିଯୁକ୍ତି ସୁଯୋଗ ଉପରେ ପ୍ରେରଣାଦାୟକ ଭାଷଣ ଦେଇଥିଲେ। ଶୁଭଞ୍ଜନ ମହାପାତ୍ର ଉପ-କମାଣ୍ଡାଣ୍ଟ ଏବଂ ଜିଲ୍ଲା ଯୁବ ଅଧିକାରୀ ହରିଶ ରୂପାଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସେହିପରି ଯୋଡାମ୍ବା ସରପଞ୍ଚ, ଉପ ନିଯୋଜନ ଅଧିକାରୀ ଉପେନ୍ଦ୍ର ଦୀପ ଯୋଗ ଦେଇଥିଲେ ଏବଂ ଶିବିରରେ ଅଂଶଗ୍ରହଣ କରିଥିବା ଯୁବକମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୫୦୦ ଯୁବକ ଶିବିରରେ ଅଂଶଗ୍ରହଣ କରିଥିଲେ।

## ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ପୁଷ୍ୟାଭିଷେକ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଦ୍ମବନ ପୀଠରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୁଷ୍ୟାଭିଷେକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆଇନମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ପୀଠର ଉନ୍ନତିକରଣ କାର୍ଯ୍ୟପାଇଁ ଶିଳାନ୍ୟାସ କରିଛନ୍ତି। ସୋମବାର ପ୍ରଭାତରୁ ଇଷ୍ଟଦେବ ଗୋପିନାଥଙ୍କର ଯଥାବିଧି ସ୍ନାନ ଓ ଉପଚାର ପୂଜା ପରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସ୍ନାନ, ଚନ୍ଦନ ତୁଳସୀ ଲାଗି କରାଯାଇଥିଲା। ସେବାୟତଙ୍କ ଦ୍ୱାରା ଏଲ ସ୍ୱତନ୍ତ୍ର ପଗଡି କୁଞ୍ଜବିହାରୀ ମଠରୁ ଶୋଭାଯାତ୍ରାରୁ ଅଣାଯାଇ ଦଧିବାମନ ଜୀୟୁ ମନ୍ଦିର, ମା' ତାରିଣୀ ପୀଠ, ମଙ୍ଗଳା ମନ୍ଦିର ପରିକ୍ରମା କରାଯାଇ ଶେଷରେ ମହାପୁରୁଷଙ୍କ ପୀଠ ଚତୁପାର୍ଶ୍ୱରେ ପରିକ୍ରମା କରାଯାଇ ମହାପୁରୁଷଙ୍କୁ ଅର୍ପଣ କରାଯାଇଥିଲା। ମହାପୁରୁଷଙ୍କୁ ଲାଗି ହୋଇଥିବା ପଗଡି ୧୫ଜଣ ଶିଳ୍ପୀ ୫ ଦିନ ଅକ୍ଳାନ୍ତ ପରିଶ୍ରମ କରି ୫୦ମିଟର କପଡାରେ ୧୪ଫୁଟର ପଗଡି ତିଆରି କରାଯାଇଥିଲା। ୧୮ବର୍ଷ ହେବ ଏହି ପଗଡି ଯାତ୍ରା ମହାପୁରୁଷଙ୍କ ପୀଠ ସହ ଯୋଡି ହୋଇରହିଛି। ପଗଡି ଲଗାଯିବା ପରେ ବିଭିନ୍ନ ଅଳଙ୍କାରରେ ମହାପୁରୁଷଙ୍କୁ ସଜାଯାଇ ତୁଳସୀ ମାଳ ଲାଗିକରାଯାଇଥିଲା। ଶେଷରେ ଅଧରପଣା ଭୋଗ, ରସାବଳୀ ଭୋଗ, ସରଳବଣୀ ଭୋଗ ଅର୍ପଣ କରାଯାଇଥିଲା। ସନ୍ଧ୍ୟା ଆଳତୀ ପରେ ମହାପୁରୁଷଙ୍କ ପାଖରେ ଅଷ୍ଟ ଗୁଜରୀ ,ନବଗୁଜରୀ,ଶରଣ ପଞ୍ଜର ପାଠ କରାଯାଇଥିଲା। ଏହି ଅବସରରେ ମହାପୁରୁଷଙ୍କ ବେଢା ଉନ୍ନତିକରଣ ପାଇଁ ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ଶିଳାନ୍ୟାସ କରିଥିଲେ। ତାଙ୍କ ସହ କଟକ ସଦର ବିଧାୟକ ଇଂପ୍ରକଶ ସେଠୀ, ମାହାଙ୍ଗା ସ୍ୱାଧିନ ବିଧାୟକ ସାରଦା ପ୍ରଦାନ, ଅଭିନେତା ତଥା ସାଲେପୁର ଭାଜପା ନେତା ଅରିନ୍ଦମ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ଫଟୋ

ପୁରୀ (ଭାସ୍କର ନ୍ୟୁଜ): ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ଫଟୋ। ଶ୍ରୀମନ୍ଦିର ଉପରେ ନୋ ଫ୍ଲାଇଙ୍ଗ ଜୋନରେ ଡ୍ରୋନ ଉଡ଼ିବାର ସପ୍ତାହେ ନପୂରୁଣୁ ଶ୍ରୀମନ୍ଦିର ବେଢ଼ା ଭିତର ଫଟୋ ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି। ଏନେଇ ଜଗନ୍ନାଥ ପ୍ରେମୀ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠାଇବା ସହ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୁରୀର ଗୌରଭ କୁମାର ସାହୁ ନାମକ ଜଣେ ଯୁବକ ଏହାକୁ ଅପଲୋଡ଼ କରିଥିବା ସୂଚନା ମିଳିଛି। ଶ୍ରୀମନ୍ଦିର ଭିତର ବେଢ଼ା କୀର୍ତ୍ତନ ମଣ୍ଡପ ନିକଟରେ ସଂଧ୍ୟା ସମୟରେ ଫଟୋ ଉଠାଯାଇଛି। ଫଟୋରେ ଗାରଦ, ଜଗମୋହନ ସମେତ କିଛି ପାର୍ଶ୍ୱ ଦେବାଦେବୀ ଦୃଶ୍ୟମାନ ହେଉଛନ୍ତି। ଶ୍ରୀମନ୍ଦିର ଚାରିଦ୍ୱାରରେ ମାଳ ମାଳ ପୁଲିସ ମୋବାଇଲ ଚେକ କରି ଛାଡୁଥିଲେ ହେଁ କିଭଳି ଆଣ୍ଡ୍ରଏଡ୍ ମୋବାଇଲ ଶ୍ରୀମନ୍ଦିର ଭିତରକୁ ଯାଉଛି ଏବଂ ପୁଲିସଙ୍କ ପଇଁତରା ସତ୍ତ୍ୱେ କେମିତି ଏ ଦୃଶ୍ୟ ଦୃଷ୍ଟିରେ ପଡୁନି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପାଣି ପମ୍ପ ଚୋରି ଅଭିଯୋଗରେ ୨ ଗିରଫ

ଶୁଳିଆପଦା (ଭାସ୍କର ନ୍ୟୁଜ): ପାଣି ପମ୍ପ ଚୋରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଶୁଳିଆପଦା ପୋଲିସ। ସୂଚନା ମୁତାବକ ଗତ ୧୦ ତାରିଖ ରାତିରେ ଶୁଳିଆପଦା ଥାନା ଅଧିନ ଚଢେଇଗାଁ ଗ୍ରାମର ଜତିସ୍ମୟ ଦେଙ୍କ ଘରୁ ପାଣି ପମ୍ପ ଚୋରି ହୋଇଥିଲା।୧୧ ତାରିଖ ଏନେଇ ଥାନାରେ ଅଭିଯୋଗ ପରେ ଶୁଳିଆପଦା ଥାନା ଏଏସଆଇ ରସାନନ୍ଦ ମହାନ୍ତି ତଦନ୍ତ ଆରମ୍ଭ କରି ଗତକାଲି କୁଜିଡିହି ପଞ୍ଚାୟତ ଅଧିନ କଟାରିକଟା ଗ୍ରାମର ମଦନ ଧଳଙ୍କ ପୁଅ ମନୋରଞ୍ଜନ ଧଳ ଓରଫ ବାପି(୪୫) ଓ ବାରିପଦା ସଦର ଥାନା ଅଧିନ ବାଉତିଶୋଳ ଗ୍ରାମର ସ୍ୱର୍ଗତ କହ୍ନେଇ ମୁର୍ମୁଙ୍କ ପୁଅ ମିଥୁନ୍ (୩୦)ଙ୍କୁ ଗିରଫ କରିବା ସହିତ ବାପି ପାଖରୁ ଚୋରି ପାଣି ପମ୍ପ ଓ ବାଇକ୍ ଜବତ୍ କରି ଆଜି କୋର୍ଟ ଚାଲାଣ କରାଯାଇଛି। ଏନେଇ ଶୁଳିଆପଦା ଥାନା କେସ୍ ନଂ. ୫/୨୫ ରେ ମାମଲା ରୁଜୁ ହୋଇଛି।

## ପ୍ରଫୁଲ୍ଲ ପାତ୍ରଙ୍କ ସ୍ମୃତିରେ ଶୋକସଭା

ନବରଙ୍ଗପୁର (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଶୋକ ମେହେଟା ସମ୍ମିଳନୀ କକ୍ଷ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟାଳୟର ବରିଷ୍ଠ ଦପ୍ତରି ପ୍ରଫୁଲ୍ଲ କୁମାର ପାତ୍ରଙ୍କ ଦେହାନ୍ତ ଖବର ଶୁଣି ଏକ ଶୋକାକୁଳ ପରିବେଶ ମଧ୍ୟରେ ଦିବଂଗତ ପାତ୍ରଙ୍କ ଦେହାନ୍ତରେ ଏକ ଶୋକ ସଭା ସହିତ ସ୍ମୃତି ଚାରଣ କରାଯାଇଥିଲା । ସ୍ୱର୍ଗତ ପାତ୍ର ଏକା ଧାରରେ ଜଣେ ସମାଜସେବୀ, ନିଷ୍ପାପର, କର୍ତ୍ତବ୍ୟ ପରାୟଣ ଏବଂ ଅତ୍ୟନ୍ତ ମେଳାପି ବ୍ୟକ୍ତି ଥିଲେ। ଏହି ଶୋକ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ସାହୁ, ସୁରେଶ ପଟନାୟକ, ସୌରଭ ଦାଶ, ମନୋଜ ପଣ୍ଡା, ଜିତେନ୍ଦ୍ର ଚୌଧୁରୀ, ପ୍ରଣତି ମାଝୀ, ସତ୍ୟନାରାୟଣ ସାହୁ, ଗଗନ ଚୌହାନ, ଯୁବଲ ନିକେତନ ହରିଜନ, ଶିବ କେଶବ ବ୍ରହ୍ମା, ସଂଜୀବ ପଣ୍ଡା ପ୍ରମୁଖଙ୍କ ସହ ଓଡିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ ।

## କୁହୁଡି ଚାଦରରେ ଆଚ୍ଛାଦିତ ଅସ୍ତରଙ୍ଗ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ଘନ କୁହୁଡିରେ ଆଚ୍ଛାଦିତ ହୋଇଛି ପୁରୀ ଜିଲ୍ଲା ଅସ୍ତରଙ୍ଗ। ଏଭଳି ଘନ କୁହୁଡି ଚଳିତ ବର୍ଷ ପୂର୍ବରୁ ସେତେ ଦୃଶ୍ୟମାନ ହେଉନଥିଲା। ମାତ୍ର ୩୦ମିଟର ଦୂରରୁ ମଧ୍ୟ ଦୃଶ୍ୟମାନ ହେଉନି ଯାନବାହନ। ଫଳରେ ସକାଳ ୭ଟା ଯାଏଁ ଯାନବାହନ ସବୁ ହେଡ୍‌ଲାଇଟ ଜଳାଇ ଗତି ହ୍ରାସ କରି ଆଗକୁ ବଢୁଛନ୍ତି। ୧୦ରୁ ୧୨ଡିଗ୍ରୀ ତାପମାତ୍ରା ରେ ସକାଳୁ ସକାଳୁ ଏଭଳି କୁହୁଡି ଭିତରେ ବୁଲିବା ଶହ ପ୍ରକୃତିର ଅପରୂପ ଶୋଭାକୁ ଉପଭୋଗ କରୁଛନ୍ତି ଅଞ୍ଚଳବାସୀ। ପ୍ରାତଃ ଭ୍ରମଣରେ ବାହାରୁଥିବା ବ୍ୟକ୍ତି ବିଶେଷ ସାଙ୍ଗ ସାଥି ମେଳରେ ଖୁସି ମନାଉଥିବା ଦେଖିବାକୁ ମିଳୁଛି । ନୂତନବର୍ଷ ଆରମ୍ଭରୁ ଅସ୍ତରଙ୍ଗ ଅଞ୍ଚଳରେ ଶୀତର ପ୍ରକୋପ ଅତିମାତ୍ରାରେ ବୃଦ୍ଧି ପାଇଛି। ଅପରାହ୍ନ ୫ଟାରୁ ଶୀତ ପ୍ରକୋପ ଦେଖାଯାଉଛି। ସକାଳ ୯ଟା ଯାଏଁ ରହୁଛି ଥଣ୍ଡା ଲହରୀ। ରାତି ତାପମାତ୍ରା ପାଖାପାଖି ୧୦ରୁ ୧୪ଡିଗ୍ରୀ ମଧ୍ୟରେ ରହୁଥିବା ବେଳେ ଦିନରେ ପାରଦ ୨୭ଡିଗ୍ରୀ ରହୁଛି। ଶୀତୁଆ କାକର ଭିଜା ସକାଳ ମଜା ଉଠାଉଛନ୍ତି ଅସ୍ତରଙ୍ଗ ଅଞ୍ଚଳବାସୀ। ଘନ କୁହୁଡି ଯୋଗୁଁ ପନିପରିବା ଫସଲ ପ୍ରଭାବିତ ହେଉଥିବା କହିଛନ୍ତି ଅଧିକାଂଶ ଚାଷୀ। ଫୁଲ କୋବି, ମୁଗ ଓ ଅନ୍ୟାନ୍ୟ ଡାଲିଜାତୀୟ ଫସଲ ନଷ୍ଟ ହେବା ସେମାନେ ଆଶଙ୍କା କରୁଛନ୍ତି। ଆଗକୁ ମାଘ ମାସରେ ଶୀତର ପ୍ରକୋପ ଜାରୀ ରହିବ ନାଁ ଆଗକୁ କମିବ ତାକୁ ନେଇ ଚିନ୍ତାରେ ପଡିଛନ୍ତି ନିମ୍ନ ମଧ୍ୟବିତ୍ତ। ଅନ୍ୟ ପକ୍ଷରେ ସକାଳୁ ଶ୍ରମ ଅନେଶ୍ୱଣ ରେ ଆସୁଥିବା ବହୁ ଶ୍ରମଜୀବିଙ୍କୁ କାମ ଧନ୍ଦା ବିଳମ୍ବ ହେବା କହୁଛନ୍ତି।

## ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଫୁଲ ମେଲଣ

ପୁରୀ (ଭାସ୍କର ନ୍ୟୁଜ): ପବିତ୍ର ପୌଷ ମାସ ପୂର୍ଣ୍ଣିମା ତିଥିରେ ବା ପୁଷ୍ୟାଭିଷେକ ପୂର୍ଣ୍ଣିମା ବା ଦେବାଭିଷେକ ପୂର୍ଣ୍ଣିମାରେ ଅର୍ଥାତ ମକର ସଂକ୍ରାନ୍ତିର ପୂର୍ବଦିନ ବା ନବାଙ୍କ ବେଶ ଦିନ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଫୁଲ ମେଲାଣ ବା ଫୁଲ ମେଲଣ ନୀତି ଅନୁଷ୍ଠିତ ହେଉଅଛି। ଶ୍ରୀମନ୍ଦିରର ମାଳି ସେବକମାନେ ମୁହଁରେ ବାଘମୁହାଁ ବାନ୍ଧି ଜଳକବରମାନ ସହ ମାଳ, ଚୂଳ ଓ ଫୁଲମାଳ ଧରି ତଳୁଚଛ ପଟୁଆରରେ ଘଣ୍ଟ, ଛତା ଓ କାହାଳି ସହ ବଡ଼ଦେଉଳକୁ (ଶ୍ରୀମନ୍ଦିର) ଏକ ଥର ବେଢ଼ା ପରିକ୍ରମା କରନ୍ତି। ଏହା ପରେ ଖୁଣ୍ଟିଆ ସେବକ ନେଇ ସଂଧ୍ୟା ଆଳତି ବେଶରେ ରତ୍ନ ସିଂହାସନରେ ଶ୍ରୀବିଗ୍ରହଙ୍କୁ ଲାଗି କରାନ୍ତି। ଏହି ଦିନ ବଡ଼ ସିଂହାର ବେଶରେ ସୋଲ, ଜରି, କଇଁଥ ଅଠାରେ ପ୍ରସ୍ତୁତ ଶଙ୍ଖଚକ୍ର , ହଳମୂଷଳ, ମକର କୁଣ୍ଡଳ, ତଡ଼ଗୀ ଇତ୍ୟାଦି ଶ୍ରୀବିଗ୍ରହମାନେ ଲାଗି ହୁଅନ୍ତି । ଏହି ବେଶକୁ ନବାଙ୍କ ବେଶ କୁହାଯାଏ ।

## ଆଇଇଡ଼ି ବିସ୍ଫୋରଣରେ ଦୁଇ ଯବାନ ଆହତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରେ ପୃଥକ ଭାବେ ଦୁଇଟି ସ୍ଥାନରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ଦୁଇଜଣ ଡିଆରଜି ଯବାନ ଆହତ ହେବା ସହ ଜଣେ ନାବାଳିକା ଝିଅ ଆହତ ହୋଇଛନ୍ତି। ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲା କୁଟ୍ରୁ ଥାନାସ୍ଥ ଜାଗୁର ଜଙ୍ଗଲ କୁଡିଆ ରଜି ଯବାନ ମାନେ କୁମ୍ବି ଅପରେସନରେ ଯାଇ ଫେରୁଥିବା ବେଳେ ପୂର୍ବରୁ ଯବାନଙ୍କୁ ଟାର୍ଗେଟ କରି ମାଓବାଦୀ ପୋତିଥିବା ପ୍ରେ ର ମାଇନଟି ବିସ୍ଫୋରଣ ଘଟିଥିଲା । ଏହି ବିସ୍ଫୋରଣରେ ରାମ ଓ ଗଜେନ୍ଦ୍ର ନାମକ ଦୁଇଜଣ ଡିଆରଜି ଯବାନ ଗୁରୁତର ଭାବେ ଆହତ ହୋଇଛନ୍ତି । ସୀମାନ୍ତ ଚିନ୍ତଲନାର ଥାନାସ୍ଥ ତିମାପୁର ଜଙ୍ଗଲକୁ ସୋଡି ମାରମ(୧୧) ନାମକ ଜଣେ ନାବାଳିକା କାଠ ସଂଗ୍ରହ କରି ଘରକୁ ଫେରୁ ଥିବା ବେଳେ ପୂର୍ବରୁ ଯବାନ ମାନଙ୍କୁ ଟାର୍ଗେଟ କରି ମାଓବାଦୀ ମାନେ ପୋତି ଥିବା ପ୍ରେସର ମାଇନ ଉପରେ ଗୋଡ ପଡିଯିବାରୁ ବିସ୍ଫୋରଣ ଘଟିଥିଲା, ଏହି ବିସ୍ଫୋରଣରେ ଝିଅଟି ଆହତ ହୋଇଛି । ଆହତ ଝିଅକୁ ଯବାନ ମାନେ ଉଦ୍ଧାର କରି ନିକଟସ୍ଥ ସିଆରପିଏଫ ହସ୍ପିଟାଲରେ ଚିକିତ୍ସା କରୁଛନ୍ତି।

## ମେଳା ପଡ଼ିଛି ବିଦ୍ୟାଳୟର ଆଗପଛ ପାଚେରି

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ସଦର ବ୍ଲକ୍ ବେଲଟିକିରୀ ପଞ୍ଚାୟତ ଦାମୋଦରନାଳୀ ଗ୍ରାମ ଅନ୍ତର୍ଗତ ଧଉରାମରା ସରକାରୀ ପ୍ରାଥମିକ ବିଦ୍ୟାଳୟର ଆଗ ଓ ପଛ ଦୁଇପଟର ପାଚେରି ମେଳା ପଡିଛି । ହାତୀ ପ୍ରବଣ ଅଞ୍ଚଳରେ ଏହି ପ୍ରାଥମିକ ବିଦ୍ୟାଳୟଟି ୨୦୦୬ ରୁ ପ୍ରତିଷ୍ଠା ହୋଇଥିବାବେଳେ ଏଯାବତ୍ ଏହାର ସମ୍ମୁଖ ଭାଗରେ କୌଣସି ପ୍ରବେଶ ଫାଟକ ନିର୍ମାଣ ନହୋଇ ଖୋଲା ପଡିରହିଛି। ପ୍ରାୟ ୬ଗୁଣ୍ଠ ଜମି ଉପରେ ଗଢି ଉଠିଥିବା ଏହି ବିଦ୍ୟାଳୟର ପଶ୍ଚାତ୍ ଭାଗ ମଧ୍ୟ ସେମିତି ମୁକୁଳା ପଡିରହିଛି । ବିଦ୍ୟାଳୟ ସମ୍ମୁଖରେ ଆମ୍ବ ଓ ଅନ୍ୟାନ୍ୟ ବୃକ୍ଷର ବିସ୍ତୀର୍ଣ୍ଣ ଜଙ୍ଗଲ ରହିଛି ଓ ପଶ୍ଚାତ୍‌ଭାଗରେ ଉନ୍ମୁକ୍ତ ଚାଷଜମି ରହିଛି ଯାହା ହାତୀଙ୍କ ଚରାଭୂଇଁ ପାଲଟିଛି । ସକାଳ ଓ ସଂଧ୍ୟାରେ ବିଦ୍ୟାଳୟ ବନ୍ଦ ରହୁଥିବାରୁ ଛାତ୍ରଛାତ୍ରୀ ଏଯାବତ ସୁରକ୍ଷିତ ଅଛନ୍ତି । କିନ୍ତୁ ବିଦ୍ୟାଳୟର ନିମ୍ନତମ ଆବଶ୍ୟକତା ଫାଟକ ଓ ପାଚେରି ହତା ନିର୍ମାଣକୁ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଭୁଲି ଯାଇଛନ୍ତି । ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ କୋମଳମତି ଛାତ୍ରଛାତ୍ରୀଙ୍କୁ ସୁରକ୍ଷା ଦେବାକୁ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ସଭାପତି ପ୍ରଦ୍ୟୁମ୍ନ ରଥ ଦାବି କରିଛନ୍ତି ।

## ବନ୍ଧୁକ ଦେଖାଇ ୩୫ହଜାର ଟଙ୍କା ଲୁଟ୍

ଭଦ୍ରେଶ୍ୱର (ଭାସ୍କର ନ୍ୟୁଜ): ଭଦ୍ରେଶ୍ୱର ଥାନା ଝାଡେଶ୍ୱରପୁର ଗ୍ରାମନିକଟରେ ଜଣେ ସ୍କୁଟି ଚାଳକକୁ ବନ୍ଧୁକ ଦେଖାଇ ଲୁଟେରାମାନେ ୩୫ହଜାର ଟଙ୍କା ଲୁଟି ନେଇଥିବାର ଅଭିଯୋଗ ହୋଇଛି। ଗୋପାଳପୁର ଗ୍ରାମର ସେକ ସାଜନ ଖାଁ ସ୍ଥାନୀୟ ଉମର ଠାରେ ଥିବା ଏକ ଏଟିଏମରୁ ୩୫ହଜାର ଟଙ୍କା ଉଠାଇ ସ୍କୁଟି ଯୋଗେ ତାଙ୍କ ଘରକୁ ଫେରୁଥିଲେ। ଏହି ସମୟରେ ଏକ ବାଇକରେ ପିଛା କରୁଥିବା ୩ଜଣ ଅଚିହ୍ନା ଯୁବକ ଝାଡେଶ୍ୱରପୁର ନିକଟରେ ତାଙ୍କ ଗାଡିକୁ ଅଟକାଇବା ସହ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଲୁଟେରାମାନେ ତାଙ୍କ ନିକଟରୁ ସମସ୍ତ ଟଙ୍କା ଲୁଟି ନେଇଥିବାର ଜଣାଯାଇଛି।

### କିଡନୀ ପ୍ରତ୍ୟାରୋପଣରେ ଅର୍ଥ ବାଧକ

# ପିଲାଙ୍କ ପାଠ ପଢାରେ ଡୋରି ବନ୍ଧା ଆଶଙ୍କା



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ କଳମିଶ୍ରୀ ଗ୍ରାମ ପଞ୍ଚାୟତ ଲେଣ୍ଡୁରା ଭଗବାନପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ କିଡନୀ ପ୍ରତ୍ୟାରୋପଣରେ ଅର୍ଥ ବାଧକ ସାଜିଛି। ଫଳରେ ତାଙ୍କର କିଡନୀ ପ୍ରତ୍ୟାରୋପଣ ନିମନ୍ତେ ଆଶଙ୍କା ପ୍ରକାଶ ପାଇଛି। ଆର୍ଥୀକ ଅନାଟନ ହେତୁ ତାଙ୍କର ପୁଅଝିଅଙ୍କ ପାଠ ପଢାରେ ଡୋରି ବନ୍ଧା ହେବା ନେଇ ଆଶଙ୍କ ପ୍ରକାଶ ପାଇଛି। ଲେଣ୍ଡୁରାଭଗବାନପୁର ଗ୍ରାମର ନଟବର ପଣ୍ଡା ଜଣେ ଗରିବ ଶ୍ରେଣୀୟ ବ୍ୟକ୍ତି ଅଟନ୍ତି । ତାଙ୍କର ଏକମାତ୍ର ରୋଜଗାରକ୍ଷମ ପୁତ୍ର ଶରତ ଚନ୍ଦ୍ର ପଣ୍ଡା(୪୪) ରାଜ୍ୟ ବାହାରେ ଦାଦନ ଶ୍ରମିକ ରୂପେ ରହି କାର୍ଯ୍ୟ କରିଆସୁଥିଲେ। ଆକସ୍ମିକଭାବେ ତାଙ୍କର ଦେହ ଅସୁସ୍ଥ ହୋଇପଡିଥିଲା। ତାଙ୍କର ପତ୍ନୀ ବିଶ୍ୱକଲ୍ୟାଣୀ ଦାସ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ନେଇ ପରୀକ୍ଷା ନିରୀକ୍ଷା କରାଇଥିଲେ। ତେବେ ତାଙ୍କର କିଡନୀ ୨ଟି ନଷ୍ଟ ହୋଇଯାଇଥିବାର ଡାକ୍ତର ପ୍ରକାଶ କରିଥିଲେ। ତାଙ୍କର କିଡନୀ ୨ଟି ପ୍ରତ୍ୟାରୋପଣ ନିମନ୍ତେ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ରହିଥିବାର ଡାକ୍ତର ପ୍ରକାଶ କରିଛନ୍ତି। ଏତେ ପରିମାଣର ଟଙ୍କା କେଉଁଠୁ ଆଣିବେ ଚିନ୍ତାରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଅପରପକ୍ଷରେ ତାଙ୍କ ପରିବାର ଲୋକେ ଘରେ ଥିବା ସୁନା ଗହଣା,ଧାନ ଚାଉଳ ବିକ୍ରୟ କରି ତାଙ୍କର ଚିକିତ୍ସାରେ ସର୍ବସାନ୍ତ ହୋଇପଡିଲେଣି। ଏପରିକି ସରକାରଙ୍କ ତରଫରୁ ଦିଆଯାଇଥିବା ସ୍ୱାସ୍ଥ୍ୟ ବୀମା କାର୍ଡରୁ ମଧ୍ୟ ସମସ୍ତ ଅର୍ଥ ଶେଷ ହୋଇଯାଇଥିବାରୁ ତାଙ୍କର ଚିକିତ୍ସାରେ ଦୈନନ୍ଦିନ ବହୁ ଅର୍ଥ ଖର୍ଚ୍ଚ ହେଉଛି। ଫଳରେ ଏଥିନେଇ ତାଙ୍କର ବୃଦ୍ଧ ପିତାମାତା ଓ ପତ୍ନୀ ଭାଙ୍ଗିପଡିଛନ୍ତି। ତାଙ୍କର ତେଲଲୁଣର ସଂସାର ବୃଦ୍ଧ ପିତାମାତା, ପତ୍ନୀ ପୁତ୍ର ଓ କନ୍ୟାକୁ ନେଇ ଗଠିତ। ତାଙ୍କର ଜ୍ୟେଷ୍ଠା କନ୍ୟା ଇତିଶ୍ରୀ(୧୩) ସ୍ଥାନୀୟ ଲେଣ୍ଡୁରା ଭଗବାନପୁର ଅନନ୍ତେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ପୁତ୍ର ହରିହର(୬) ପ୍ରଥମ ଶ୍ରେଣୀରେ ଅଧ୍ୟୟନକରୁଛି। ତେବେ ଆର୍ଥୀକ ଅନାଟନ ଯୋଗୁ ଏହି ଦୁଇ ଭାଇ ଭଉଣୀଙ୍କ ପାଠ ପଢାରେ ଡୋରି ବନ୍ଧା ହେବାନେଇ ଆଶଙ୍କା ପ୍ରକାଶ ପାଇଛି। ଏପରିକି ତାଙ୍କ ପରିବାରକୁ କୌଣସି ସରକାରୀ ସହାୟତା ଯୋଗାଇ ଦିଆଯାଇ ନଥିବାର ଅଭିଯୋଗ ହୋଇଛି। କୌଣସି ସହୃଦୟବ୍ୟକ୍ତି କିମ୍ବା ସ୍ୱେଚ୍ଛାସେବୀ ସଙ୍ଗଠନ ତାଙ୍କ ପରିବାରକୁ ଆର୍ଥୀକ ସହାୟତା ଦେବାକୁ ଚାହୁଁଥିଲେ ଫୋନପେ ନମ୍ବର ୮୨୧୭୮୯୫୮୭୨ରେ ଯୋଗାଯୋଗ କରିବାକୁ ତାଙ୍କ ପରିବାର ତରଫରୁ ଅନୁରୋଧ କରାଯାଇଛି।

## ତୀର୍ଥଯାତ୍ରା ନେଇ ପ୍ରସ୍ତୁତି ବୈଠକ



ବାରିପଦା (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାରେ ଚଳିତ ବର୍ଷ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ନେଇ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ସଂଯୋଜନା କରିଥିବା ବେଳେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ସତ୍ୟଭାମା ବେହେରା ବୈଠକ ସଂଚାଳନ କରିଥିଲେ। ସୂଚନାନୁସାରେ, ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରୁ ଦୁଇଟି ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଦଳ ପ୍ରଥମେ ଶିରିଡି ରୁ ନାସିକ (ତା ୨୭.୦୨.୨୦୨୫ ରିଖ ଠାରୁ ତା ୦୪.୦୩.୨୦୨୫ ରିଖ ପର୍ଯ୍ୟନ୍ତ) ଓ ଅଯୋଧ୍ୟା ରୁ ବାରଣାସୀ (ତା. ୧୮.୦୪.୨୦୨୫ ରିଖ ଠାରୁ ତା ୨୩.୦୪.୨୦୨୫ ରିଖ ପର୍ଯ୍ୟନ୍ତ) ଯାତ୍ରା କରିବେ। ଏହି ଦୁଇ ଥରରେ ୧୯୬ ଜଣ ଲେଖାଏଁ ବରିଷ୍ଠ ନାଗରିକ (୬୦ ବର୍ଷରୁ ଉର୍ଦ୍ଧ୍ୱ ୭୫ ବର୍ଷ ବୟସ ପର୍ଯ୍ୟନ୍ତ) ଏହି ଯାତ୍ରାରେ ଭାଗ ନେଇ ପାରିବେ ବୋଲି ସ୍ଥିରୀକୃତ ହୋଇଛି। ଏହା ସହିତ ଇଚ୍ଛୁକ ବରିଷ୍ଠ ନାଗରିକ (୭୦ ରୁ ୭୫ ବର୍ଷ ବୟସର ବ୍ୟକ୍ତି ବିଶେଷ) ମାନେ ତାଙ୍କ ସହିତ ଜଣେ କେୟାର ଟେକର ମଧ୍ୟ ନେଇ ପାରିବେ ଏବଂ ସେଥିପାଇଁ ଟଙ୍କା ୧୦,୫୦୦/- ଅଗ୍ରିମ ଦାଖଲ କରିବାକୁ ପଡିବ। ସମସ୍ତ ଆବେଦନ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ଗ୍ରହଣ କରାଯିବ ଓ ଏଥିପାଇଁ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ସହିତ ସମସ୍ତ ଆବେଦନକାରୀ ମାନେ ଯୋଗାଯୋଗ କରିପାରିବେ। ପର୍ଯ୍ୟଟନ ଅଧିକାରିଣୀ ଶ୍ରୀମତୀ ବେହେରାଙ୍କ ସୂଚନା ଅନୁସାରେ, ଏହି ତୀର୍ଥଯାତ୍ରା ପାଇଁ ମୟୁରଭଞ୍ଜରୁ ଚଳିତ ବର୍ଷ ପାଇଁ ୭୨୫ ଜଣ ଆବେଦନ କରିଥିବା ବେଳେ ସେଠି ମଧ୍ୟରୁ ୪୧ଟି ଆବେଦନ ଅସ୍ୱୀକାର ଘୋଷଣା ହୋଇଛି ଓ ୬୭୪ଟି ଆବେଦନ ସ୍ୱୀକାର ହୋଇଅଛି। ସେଥିମଧ୍ୟରୁ ୩୬୫ ଟି ସିଙ୍ଗଲ ଭ୍ୟାଲିଡ୍ ଆପ୍ଲିକେସନ ହୋଇଥିବା ବେଳେ ୩୦୯ଟି କପାଲ ଭ୍ୟାଲିଡ୍ ଆପ୍ଲିକେସନ ବୋଲି ଜଣାପଡିଛି।ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ସୟ, ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିଜ ନିଜ ଦାୟିତ୍ୱ ବିଷୟରେ ଅବଗତ କରାଇବା ସହିତ ଅତିରିକ୍ତ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳ ରୂପାୟନ ହେବ ବୋଲି ଆଶା ପ୍ରକଟ କରିଥିଲେ।



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଚୌଦ୍ୱାରର ଅଗ୍ରଣୀ ଡାଏନା ଡ୍ୟାନ୍ସ ସ୍କୁଲର ଅଷ୍ଟମ ବାର୍ଷିକ ଉତ୍ସବ ସ୍ଥାନୀୟ ଗାନ୍ଧିଛକ ସ୍ଥିତ ଟାଉନ୍‌ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲର ନିର୍ଦ୍ଦେଶକ ଶୁଭମ୍ ସରିତା କର ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ହେମନ୍ତ କୁମାର ସାହୁ, ସବିତା ତ୍ରିପାଠୀ, ଡ. ନାରାୟଣ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟରେ ଡାଏନା ଡ୍ୟାନ୍ସ ସ୍କୁଲର ଛାତ୍ରଛାତ୍ରୀମାନେ ବେଶ ପାରଦର୍ଶିତା ଲାଭ କରିଛନ୍ତି ଏବଂ ସଙ୍ଗୀତ ଓ ନୃତ୍ୟ ଦ୍ୱାରା ମାନବ ଜୀବନ ସରସ ଓ ସୁନ୍ଦର ହୋଇପାରେ ବୋଲି ଆଲୋକପାତ କରିଥିଲେ । ସେହିପରି ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ମିନତୀ ମିଶ୍ର, ସସ୍ମିତା ମିଶ୍ର, ରୀନା ଦାଶ, ଅଭିଷେକ ପଣ୍ଡା, ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନର ସହ ନିର୍ଦ୍ଦେଶକ ସରୋଜ କୁମାର କର ମଞ୍ଚ ପରିଚାଳନା କରିଥିବା ବେଳେ ଉମାମଣି କର, ଗାୟତ୍ରୀ ସ୍ୱାଇଁ, ସତ୍ୟମ ସାଗର କର, ବିମଳ କୁମାର ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ପ୍ରତିମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।



# ସମାକୋଇ ନଦୀଗର୍ଭରେ ମାତିଛନ୍ତି ବାଲି ମାଫିଆ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ତେଲକୋଇର ଜୀବନରେଖା ସାଜିଥିବା ସମାକୋଇ ନଦୀଗର୍ଭ ଏବେ ବାଲି ମାଫିଆଙ୍କ କବଜାରେ ରହିଛି । କିଏ ଜେସିବି ମେସିନରେ ବାଲି ଉତ୍ତୋଳନ କରି ବୋହିନେଉଛି ତ ଆଉ କିଏ ଟ୍ରାକ୍ଟର ଦ୍ୱାରା ବାଲି ବୋହିନେଉଛି । ସମାକୋଇ ନଦୀର ବିଭିନ୍ନ ବାଲିଘାଟରୁ ଦୈନିକ ଶହଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଛି । ମାଫିଆମାନେ ରାତି-ଦିନ ଏକ କରି ନଦୀଗର୍ଭ ଓ ପଠାରୁ ବାଲି, ପଥର ଓ ମାଟି ଆଦି ତାଡ଼ି ନେଉଛନ୍ତି । ଏପରିକି ଲୋକଙ୍କ ଗାଧୁଆ ତୁଠକୁ ମଧ ଛାଡୁନାହାନ୍ତି, ଯାହାଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଅନ୍ୟପଟେ ବାଲି ମାଫିଆମାନେ ଏହି ଚୋରା ଚାଲାଣ ବାଲିକୁ କେତେକ ଠିକା ସଂସ୍ଥା ଏବଂ ସାଧାରଣ ଲୋକଙ୍କୁ ମୋଟା ଅଙ୍କରେ ବିକ୍ରି କରି ନାଲେନାଲ ହେଉଛନ୍ତି । ବାଲି ଟ୍ରିପପିଛା ୩ହଜାରରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଥିବା ସଙ୍ଗୀନ ଅଭିଯୋଗ ହୋଇଛି । ଖଣି ବିଭାଗ, ରାଜସ୍ୱ ବିଭାଗ ଓ ପୁଲିସ ପ୍ରଶାସନର ଅପାରଗତା ଯୋଗୁଁ ସମାକୋଇ ନଦୀଗର୍ଭ ବାଲି ମାଫିଆଙ୍କ ଚରାଭୂଇଁ ସାଜିଥିବା ଅଭିଯୋଗ ହୋଇଛି । ଏହାର ପ୍ରଭାବ ସିଧାସଳଖ ତେଲକୋଇ ଅଞ୍ଚଳର ଜନସାଧାରଣଙ୍କ ଉପରେ ପଡୁଛି । ଏହା ସହିତ ସ୍ଥାନୀୟ ସବୁଜିମା ଭରା ପରିବେଶ ଉପରେ ବ୍ୟାପକ ପ୍ରଭାବ ପଡୁଥିବା ଅଭିଯୋଗ ହୋଇଛି । ଅପରପକ୍ଷରେ ବାଲି ମାଫିଆମାନେ ସମାକୋଇ ନଦୀକୁ ଦିନରାତି ତାଡୁଥିବାରୁ ସମାକୋଇର ଭୌଗଳିକ ସ୍ଥିତି ବଦଳିଗଲାଣି । ଏହା ସହିତ ସମାକୋଇ ନିଜର ଅସ୍ତିତ୍ୱ ହରାଇଲେଣି । ଏପରି ସ୍ଥଳେ ନଦୀ କୂଳିଆ ବାସିନ୍ଦା ଆଶଙ୍କା ମଧ୍ୟରେ ଜୀବନ ଜିଉଁଛନ୍ତି । ସମାକୋଇ ନଦୀର ପଙ୍ଗା, ତାଳପଦା ଠାରୁ ଆରମ୍ଭ ବେତଖୋଲି, କୁମୁଣ୍ଡୁ , ବାଙ୍ଗୁରୁ ପାଳ, କମଣାଙ୍ଗ, ଭାଲିଆ ଡାଳ, ରାମଚନ୍ଦ୍ର ପୁର, ତେଲକୋଇ, ବାଲିସାହି, କଦଳୀ କୁଣ୍ଡ, ଘରମା, କଣାଆମ୍ବ, ଉଷା ଦରହ୍, ବାଘମହୁ, ରେଗ ରେଗା, ନୂଆଗଡ଼, ଦୋବଲାପାଳ, ଦେଉଳଦିହା, କରଦାଙ୍ଗି, ରଗଡ଼ା ଆଦି ବାଲିଘାଟରୁ ଦୈନିକ ବେଆଇନ ଭାବେ ଶତାଧିକ ଟ୍ରିପ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଛି । ବାଲି ମାଫିଆ ମାନେ ଅତି ସତର୍କତାର ସହିତ ବାଲି ଚୋରି କରୁଛନ୍ତି । ଟ୍ରାକ୍ଟର ନଦୀ ଗର୍ଭରେ ବାଲି ତାଡୁଥିବା ବେଳେ ମାଫିଆମାନେ ବାଲିଘାଟ ସମେତ ବିଭିନ୍ନ ଛକ ଏବଂ ରାସ୍ତାକଡ଼ରେ ବସି ଜଗି ରହୁଛନ୍ତି । ବିଶେଷ ଭାବରେ ସରକାରୀ ଛୁଟି ଦିନଗୁଡ଼ିକ ବାଲି ମାଫିଆଙ୍କ ପାଇଁ ଭଲ ସୁହାଉଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି । ନଚେତ ସ୍ଥାନୀୟ ପରିବେଶବିତ୍ ମା' ମାଟିକୁ ସୁରକ୍ଷା ଦେବା ପାଇଁ ପ୍ରଶାସନ ବିରୋଧରେ ନାରାବାଜି କରିବା ସହିତ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଚେତାବନି ଦେଇଛନ୍ତି ।

# ସଡ଼କ ସୁରକ୍ଷା ସଚେତନତା ଅଭିଯାନ




ଏରସମା, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତ ବାଲିତୁଠ ବାରେଣୀ ପଡ଼ିଆ ପ୍ରାଙ୍ଗଣରେ ସଡ଼କ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମାଜସେବୀ ତଥା ମଦର ଟେରେସା ଫାଉଣ୍ଡେସନର ଅଧ୍ୟକ୍ଷ ଡ. ସୁନାକର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଜଗତସିଂହପୁର ଜିଲ୍ଲା ପରିବହନ ଅଧିକାରୀ ନିର୍ମଳ ଚନ୍ଦ୍ର ମହାନ୍ତି ଯୋଗଦେଇ ଦୁର୍ଘଟଣା ଦୁଃଖଦିଏ ନିରାପତ୍ତା ହସ ଦିଏ କହି ଏ ସମ୍ବନ୍ଧରେ ଜନସାଧାରଣମାନଙ୍କୁ ସଚେତନ କରାଇଥିଲେ । ସମ୍ମାନୀତ ଅତିଥି ଭାବରେ କୁଜଙ୍ଗ ଥାନା ଆଇଆଇସି ରଶ୍ମୀରଞ୍ଜନ ଦାଶ ଜନସାଧାରଣ ମାନଙ୍କୁ ହେଲମେଟ ପିନ୍ଧି ଗାଡ଼ି ଚଲାଇବାକୁ ସଚେତନତା କରାଇ ଥିଲେ । ୧୮ ବର୍ଷରୁ କମ ବୟସର ଛୋଟ ପିଲାମାନଙ୍କୁ ଗାଡ଼ି ନ ଚଲାଇବାକୁ କହିଥିଲେ । ସେମାନେ ଗାଡ଼ି ଦୁର୍ଘଟଣା କଲେ ଗାଡ଼ିର ମାଲିକ ୨୫ ହଜାର ଟଙ୍କା ଜୋରିମାନା ଦେବାକୁ ପଡ଼ିବ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ କିଶୋର ଶତପଥି, ଏରସମା ବ୍ଲକ୍ ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ବାମଦେଇପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଗୋପୀନାଥ ସାମନ୍ତରାୟ, ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ବିଷୟରେ ବକ୍ତବ୍ୟ ରଖିଥିଲେ । କୁଜଙ୍ଗ ଥାନା ଏଏସ୍‌ଆଇ ରେଣୁବାଳା ମହାପାତ୍ର, କନେଷ୍ଟବଳ ନିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତି ଥିଲେ । ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ପବିତ୍ର ମୋହନ ମଙ୍ଗରାଜ ପରିଚାଳନା କରିଥିଲେ ।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଘଣ୍ଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅଧ୍ୟକ୍ଷ ପ୍ରାଧ୍ୟାପକ ଗୋପାଳ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବାଂଶଡ଼ା ଥାନା ଏଏସଆଇ ସୁଜାତା ରାଉତଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମ ସଂଯୋଜକ ରାଜକିଶୋର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଂଶଡ଼ା ଥାନାର ସୁଶ୍ରୀ ନିବେଦିତା ନାଥ ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ । ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ପାଣିଗ୍ରାହୀ, ଅଧ୍ୟାପକ ସୁବ୍ରତ ପରିଡା, ମୃତ୍ୟୁଞ୍ଜୟ ଦାସ ପ୍ରମୁଖ ଯୋଗଦେଇ ନିଜନିଜ ବକ୍ତବ୍ୟ ରଖିଥିଲେ । ଅଧ୍ୟାପିକା ସଂଯୁକ୍ତା ଭାରତୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇତିଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଶିକ୍ଷିକା ଗାୟତ୍ରୀ ବିଶ୍ୱାଳ ଓ ବର୍ଷାରାଣୀ ମହାଳିକଙ୍କ ତତ୍ତ୍ୱାବଧାନରେ ପ୍ରାୟ ତିନିଶହରୁ ଊର୍ଦ୍ଧ୍ୱ ବାଳିକାଙ୍କୁ ଆଠଦିନ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ । ଅଧ୍ୟାପିକା ସ୍ୱର୍ଣ୍ଣଶୋଭା ମହାପାତ୍ର, ଉମାରାଣୀ ପଣ୍ଡିତ, ତିମିର ବରଣ ଦାସ, ଲଳିତ ମୋହନ ଜେନା, ବବ୍ରୁବାହନ ଖିଲାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ୧୪ରୁ ମା'ସାଆଁଳାଶୁଣି ମହୋତ୍ସବ




କୋରେଇ, (ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ୍ ଅନ୍ତର୍ଗତ ରଣପୁର ଗ୍ରାମ ପଞ୍ଚାୟତର କଣ୍ଟାବଣିଆ ଗ୍ରାମ ବୈତରଣୀ ନଦୀ ଆବବାହିକାରେ ଅବସ୍ଥିତ ଯାଜପୁର ଜିଲ୍ଲାର ସର୍ବ ପୁରାତନ ପ୍ରସିଦ୍ଧ ମା'ସାଆଁଳାଶୁଣିଙ୍କ ବାର୍ଷିକଉତ୍ସବ ଓ ମହୋତ୍ସବ ଏବଂ ମେଳା ମହାସମାରୋହରେ ପାଳନ ପାଇଁ ଆଜି କମିଟି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ମା'ଙ୍କ ପୀଠରେ ଆୟୋଜିତ ହୋଇଯାଇଛି । ମା'ଙ୍କ ଏହି ଉତ୍ସବ ଚଳିତମାସ ମକର ସଂକ୍ରାନ୍ତି ୧୪ରୁ ୨୬ତାରିଖ ଯାଏଁ ପାଳନ କରାଯିବା ପାଇଁ ସ୍ଥିରୀକୃତ କରାଯାଇଛି । ଏହି ୧୨ ଦିନ ବ୍ୟାପୀ ଉତ୍ସବରେ ବିଭିନ୍ନପ୍ରକାର ସାଂସ୍କୃତିକ ନୃତ୍ୟ, ସଙ୍ଗୀତ, ଅପେରା, ମିନାବଜାର, ରାମ ଦୋଳି ଭଳି ଅନେକ କାର୍ଯ୍ୟକ୍ରମ ରହିଥିବା କମିଟିର ସଦସ୍ୟମାନେ ସୂଚନା ଦେଇଛନ୍ତି । ବିଶେଷକରି ମହୋତ୍ସବରେ ମଣ୍ଟୁ ଛୁରିଆ, ଅସୀମା ପଣ୍ଡା, ହ୍ୟୁମାନସାଗର ଆଦି ଲବ୍ଧ ପ୍ରତିଷ୍ଠିତ କଳାକାରମାନଙ୍କୁ ନେଇ ମନୋରଞ୍ଜନ କାର୍ଯ୍ୟକ୍ରମ ହେବା ସହିତ ବିଧାୟକ, ମନ୍ତ୍ରୀଙ୍କ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଆଜିର ସମ୍ମିଳନୀରେ ଜିଲ୍ଲା ପୋଲିସ, ସାମ୍ବାଦିକ, ବୁଦ୍ଧିଜୀବୀ, ସାଆଁଳାଶୁଣି କମିଟି ଓ ସ୍ଥାନୀୟ ଅଧିବାସୀଙ୍କ ମିଳିତ ଆଲୋଚନାରେ ହଜାର ହଜାର ଶ୍ରଦ୍ଧାଳୁମାନେ କିପରି ସୁବିଧାରେ ଆସି ମା'ଙ୍କୁ ଦର୍ଶନ କରିବା ଶହ ମହୋତ୍ସବର ଆନନ୍ଦ ଉଠାଇ ପାରିବେ ସେ ବିଷୟରେ ଅଧିକ ଗୁରୁତ୍ୱ ଦେବାପାଇଁ ପ୍ରସ୍ତାବ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପୋଲିସର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପୁଷ୍ପଲତା ବାରିକ, କୋରେଇ ଥାନାରୁ ସବ ଇନ୍ସପେକ୍ଟର ବାସୁଦେବ ପରିଡ଼ା ଓ କମିଟିର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ମଧ୍ୟାହ୍ନ ଭୋଜନରେ ଭାତ ସହିତ ପାଣିଆ ଡାଲି

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପରିଦର୍ଶନ କରିଥିଲେ । ପାଠପଢ଼ା ଗୁଣାତ୍ମକ ମାନ, ସ୍ୱଚ୍ଛତା, ମଧ୍ୟାହ୍ନ ଭୋଜନର ମାନ ପରୀକ୍ଷଣ କରିଥିଲେ । ଅପରାହ୍ନ ମଧ୍ୟାହ୍ନ ବିରତି ପରେ ପିଲା ମାନେ ମଧ୍ୟାହ୍ନ ଭୋଜନ ଖାଇବାକୁ ବସିଥିଲେ । ପିଲାମାନେ ଖାଉଥିବା ସମୟରେ ବିଧାୟକ ବିଦ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ଜଣେ ଛାତ୍ରୀ ଠାରୁ ମଧ୍ୟାହ୍ନଭୋଜନ ମାଗି ଖାଇଥିଲେ । ଭାତ ସହିତ ପାଣିଆ ଡାଲି ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ । ପରେ ରୋଷେଇ ଦାୟିତ୍ୱରେ ଥିବା ମହିଳାଙ୍କୁ ଡାକି ଆଜି କେତେଜଣଙ୍କ ପାଇଁ ରନ୍ଧା ଯାଇଥିଲା ଏବଂ ଡାଲି ଏତେ ପାଣିଆ କ'ଣ ପାଇଁ ବୋଲି ପଚାରି ବୁଝିଥିଲେ । ପରେ ପ୍ରଧାନଶିକ୍ଷୟତ୍ରୀଙ୍କୁ ଜଣେ ପିଲା ପିଛା କେତେ ଡାଲି ଓ ଚାଉଳ ପଡୁଛି ପଚାରିଥିଲେ । ଯାଇ ବସ୍ତାରୁ ଯାଇର ମାନ ଦେଖିଥିଲେ । ଆଗାମୀ ଦିନରେ ଡାଲି ପାଣିଆ ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୟରେ ସେଠାରେ ଥିବା ବିଦ୍ୟାର୍ଥୀଙ୍କ ସହ ଭାବବିନିମୟ କରିଥିଲେ ।

# ନାଗରିକ କମିଟିର ବାର୍ଷିକ ସାଧାରଣ ବୈଠକ



ବ୍ୟାସନଗର, (ଭାସ୍କର ନ୍ୟୁଜ୍): ବ୍ୟାସନଗର ନାଗରିକ କମିଟିର ୨୪ତମ ସାଧାରଣ ବୈଠକ ସ୍ଥାନୀୟ ବ୍ୟାସ ସରୋବର ନିକଟସ୍ଥ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ଡ. ହେମନ୍ତ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ ବାର୍ଷିକ ବିବରଣୀ ପାଠ ସହ ସଭା ପରିଚାଳନା କରିଥିଲେ । ଉକ୍ତ ବୈଠକରେ ବରିଷ୍ଠ ସଭ୍ୟ ଚନ୍ଦ୍ରମଣି ସାମଲ, ହୃଷିକେଶ ସାହୁ, ପ୍ରସନ୍ନ ସାମଲ, ଡ. ଗୌରୀଶଙ୍କର ଷଡ଼ଙ୍ଗୀ, ଡ. ପ୍ରମୋଦ କୁମାର ଶତପଥି, ହୃଦାନନ୍ଦ ସାମଲ, ସାମ୍ବାଦିକ କୃଷ୍ଣଚନ୍ଦ୍ର ସାମଲ, ଚିନ୍ତାମଣି ପାଢ଼ୀ, ନିତ୍ୟାନନ୍ଦ ମହାଳିକ, ସମାଜସେବୀ ରାଜେନ୍ଦ୍ର ବିଶ୍ୱାଳ, ସହଦେବ ଜେନା, ସୁନୀଲ ମୁଣ୍ଡା, ଗଣେଶ ପାତ୍ର, ବିକାଶ ଦାଶ ପ୍ରମୁଖ ଯୋଗଦେଇ ବ୍ୟାସନଗର ବିଭିନ୍ନ ସମସ୍ୟା ଯଥା ଯାଜପୁର ରୋଡ଼ ନାମ ପରିବର୍ତ୍ତନ କରି ବ୍ୟାସନଗର କରାଯିବା ଏବଂ ରେଲୱେ ଷ୍ଟେସନ ନାମ ଯାଜପୁର କେନ୍ଦୁଝର ରୋଡ଼ ପରିବର୍ତ୍ତନ କରାଯିବା, ରେଲୱେ ଡିଭିଜନ କରାଯିବାକୁ ଦାବି, ଟ୍ରାଫିକ ସମସ୍ୟା ସମାଧାନ ପାଇଁ ଟ୍ରାଫିକ ଥାନା ଓ ଟ୍ରାଫିକ ପୋଲିସ ମୃତୟନ, ଯାଜପୁର ରୋଡ କୁ ସବଡ଼ିଭିଜନ ମାନ୍ୟତା ପ୍ରଦାନ ଦାବି, ଡ୍ରେନେଜ ସମସ୍ୟାର ଦୂରୀକରଣ, ପରିବେଶ ପ୍ରଦୂଷଣ ମୁକ୍ତ ବ୍ୟାସନଗର, ଟାଉନ ବସ ଚଳାଚଳ, ସମସ୍ତ ଦ୍ରୁତଗାମୀ ଟ୍ରେନର ରହଣି ଓ ମାଲଗୋଦାମ ପଟରେ ନୂତନ ଟିକେଟ ବୁକିଂ କାଉଣ୍ଟର ସମେତ ମାଲଗୋଦାମ ପଟ ଫୁଟ ଓଭରବ୍ରିଜକୁ ଷ୍ଟେସନ ବାହାର ପର୍ଯ୍ୟନ୍ତ ସମ୍ପ୍ରସାରଣ ଇତ୍ୟାଦି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ତା'ର ସମାଧାନ ପାଇଁ ପଦକ୍ଷପ ନେବାକୁ ନିଷ୍ପତ୍ତି ନିଆଗଲା । ଶେଷରେ ବରିଷ୍ଠ ସଭ୍ୟ ଡ. ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେପି କୃଷକ ମୋର୍ଚ୍ଚାର ବନ୍ଧୁମିଳନ




କେନ୍ଦୁଝର (ଭାସ୍କର ନ୍ୟୁଜ୍) : ବିଜେପି କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ ୨୦୨୫ ନୂତନ ବର୍ଷର ବନ୍ଧୁମିଳନ କାର୍ଯ୍ୟକ୍ରମ କେନ୍ଦୁଝରଗଡ଼ସ୍ଥିତ ଅଶୋକ ବାଟିକା ଠାରେ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଭାଗିରଥି ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ । କେନ୍ଦୁଝର ଜିଲ୍ଲାର ଐତିହ୍ୟ, ପରମ୍ପରାର ସୁରକ୍ଷା କରିବା ସହିତ କେନ୍ଦୁଝର ଜିଲ୍ଲାର ଦ୍ରୁତ ବିକାଶ ପାଇଁ ସମସ୍ତେ ଏକ୍ ହେଇ କାମ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଆହ୍ୱାନ ଦେଇଥିଲେ । କେନ୍ଦୁଝର ଜିଲ୍ଲାର ଗର୍ବ ଗୌରବ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ୬ମାସ ସ୍ୱଳ୍ପ ଶାସନ କାଳରେ ଓଡ଼ିଶାରେ ଦ୍ରୁତଗତିରେ ଯେଉଁ ବିକାଶ ହେଇଛି, ତାହା ଓଡ଼ିଶା ରାଜନୈତିକ ଇତିହାସରେ ବିରଳ ବୋଲି ରାଜ୍ୟ ସଭାପତି ମହେଶ୍ୱର ସାହୁ ତାଙ୍କର ଭାଷଣରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାପତି ସୁଶ୍ରୀ ମନୀଷା ଚିନ୍ମୟୀ ବେହେରା, ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ଅଶୋକ କୁମାର ରଥ, ରାଜ୍ୟ ସଂଯୋଜକ ଜଗନ୍ନାଥ ମହାପାତ୍ର, ଅଶୋକ କୁମାର ପୃଷ୍ଟି, ଉପେନ୍ଦ୍ର ରାଉଲ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ମଦନମୋହନ ମହାନ୍ତ, କୌଶିକ ଚାନ୍ଦ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ବସନ୍ତ କୁମାର ନାୟକ, ଅଜୟ କୁମାର ସାମନ୍ତରାୟ, ସୁଧାକର ସାହୁ, ପ୍ରକାଶ ସୂତ୍ରଧର, ରାଜେଶ କୁମାର ସିଂହ, ରାଜେଶ କୁମାର ମହାନ୍ତ, ସାବିତ୍ରୀ ବିଶ୍ୱାଳ, ପ୍ରିୟବ୍ରତ ଜେନା, ବ୍ରଜକିଶୋର ରାୟ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ସବୀର ଦାଶ, ଶିଶିର କୁମାର ସାହୁ, ଅଭିମନ୍ୟୁ ସାହୁ, ସରୋଜ କୁମାର ସାହୁ, ଅଶିତ ନନ୍ଦନ ମହାନ୍ତି, ସୁବ୍ରତ କୁମାର ମହାନ୍ତି, ଦୁର୍ଗା ଚରଣ ବାରିକ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା, ସାମ୍ବାଦିକ, ସମାଜସେବୀ, ବୁଦ୍ଧିଜୀବୀ ସାମିଲ ହୋଇଥିଲେ ।

# ଆରଏସ୍‌ଏସ୍ କେନ୍ଦୁଝରର ଜିଲ୍ଲା ସମ୍ମିଳନୀ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଭାରତ ବର୍ଷର ମହାନ ଯୁଗ ପ୍ରବର୍ତ୍ତକ 'ସ୍ୱାମୀ ବିବେକାନନ୍ଦ'ଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କେନ୍ଦୁଝର ଜିଲ୍ଲାର ଏକ ଶାରୀରିକ ପ୍ରଦର୍ଶନ ଯୁକ୍ତ ଜିଲ୍ଲା ସମ୍ମିଳନୀ କେନ୍ଦୁଝର ଷ୍ଟାଡ଼ିୟମ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଡାକ୍ତର ପୁରୁଷୋତ୍ତମ ମହାନ୍ତ ଯୋଗଦେଇ ସମାଜର ବିଭିନ୍ନ ସେବା କାର୍ଯ୍ୟରେ ଅଧିକ ଯୋଗଦାନ ପାଇଁ ଆହ୍ୱାନ ଦେଇଥିଲେ । ଓଡ଼ିଶା ପୂର୍ବ ପ୍ରାନ୍ତର ସହ ପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ଯାତ୍ରା ସମ୍ପର୍କରେ ବକ୍ତବ୍ୟ ରଖି ସଂଘ ଶାଖାକୁ ସର୍ବସ୍ପର୍ଶୀ ଓ ସର୍ବବ୍ୟାପୀ କରିବାକୁ ସ୍ୱୟଂସେବକମାନଙ୍କୁ ଉତ୍ସାହିତ କରିଛନ୍ତି । ଜିଲ୍ଲା ସଂଘଚାଳକ ଭାଗୀରଥି ପୃଷ୍ଟିଙ୍କ ସହିତ ଜିଲ୍ଲା କାର୍ଯ୍ୟବାହି ବିନୋଦ ବିହାରୀ ମହାନ୍ତ ମଞ୍ଚାସୀନ ହୋଇ ଜିଲ୍ଲାର ସମସ୍ତ ଖଣ୍ଡ ନଗରସ୍ତରରୁ ଜିଲ୍ଲା ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ଶିବିରାର୍ଥୀ ମାନଙ୍କର ଶାରୀରିକ ପ୍ରଦର୍ଶନକୁ ନିରୀକ୍ଷଣ କରିଥିଲେ । ଆଗାମୀ ଦିନରେ ପ୍ରତି ଖଣ୍ଡ ନଗରରୁ ଗ୍ରାମ ଓ ବସତି ସ୍ତରରେ ଶାଖାକାର୍ଯ୍ୟର ବିସ୍ତାର ଓ ଦୃଢ଼ୀକରଣ ନିମନ୍ତେ ଏହି ଜିଲ୍ଲା ସମ୍ମିଳନୀରେ ଯୋଜନା ହୋଇଛି । ପଲିଥିନ ବର୍ଜନ, ସ୍ୱଦେଶୀ ଜାଗରଣ, କୁଟୁମ୍ବ ପ୍ରବୋଧନ ସହିତ ନାଗରିକ କର୍ତ୍ତବ୍ୟକୁ ସୂଚାରୁରୂପେ ପାଳନ କରିବାକୁ ସ୍ୱୟଂସେବକ ମାନେ ସମାଜରେ ଜାଗରଣ ସୃଷ୍ଟି କରିବାକୁ ନିବେଦନ କରାଯାଇଥିଲା ।

# ସ୍ୱାମୀ ବିବେକାନନ୍ଦଙ୍କ ୧୬୨ ତମ ଜୟନ୍ତୀ ପାଳିତ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ୍ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ପାଣିଓଳା ସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଆଜି ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜୟନ୍ତୀ ପାଳିତ ହୋଇଯାଇଛି । ପାଣିଓଳା ସ୍ଥିତ ଉତ୍କଳ ଯୁବ ଚେତନା ପରିଷଦ ପକ୍ଷରୁ ଆୟୋଜିତ ସ୍ୱାମୀଜୀଙ୍କ ୧୬୨ ତମ ଜୟନ୍ତୀ ଓ ୧୩ତମ ଯୁବ ଛାତ୍ର ସମାବେଶରେ ପରିଷଦର ସଭାପତି ସୁଖଦାନନ୍ଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ସନ୍ଥ ପୁରୁଷୋତ୍ତମ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ସମାଜସେବୀ ସିଦ୍ଧାର୍ଥ ମିଶ୍ର, ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ସମାଜସେବୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ଅନ୍ୟତମ ଅତିଥି ଭାବେ ଶିଶୁ ସୁରକ୍ଷା ଅଧିକାରୀ ବିଜୟ କୁମାର ସାହୁ,ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ପ୍ରଧାନ, ପତିତପାବନ ସ୍ୱାଇଁ, ଗୋଲଖ ଚନ୍ଦ୍ର ସ୍ୱାଇଁ, ଶିକ୍ଷକ ରଘୁନାଥ ଶତପଥି ଓ ପ୍ରଶାନ୍ତ କୁମାର ଶତପଥି ଯୋଗଦେଇ ହିନ୍ଦୁ ସନାତନ ଧର୍ମକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇ ଭାରତର ଧର୍ମ ଓ ସଂସ୍କୃତିକୁ ସାରା ବିଶ୍ୱରେ ପରିଚିତ କରାଇ ପାରିଥିବା ସ୍ୱାମୀ ବିବେକାନନ୍ଦଙ୍କ ମହନୀୟ ଗୁଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏଥିସହ ତାଙ୍କ ଆଦର୍ଶରେ ଆଜିର ଯୁବ ସମାଜ ଅନୁପ୍ରାଣୀତ ହୋଇପାରିଲେ ଭାରତର ସମଗ୍ର ପୃଥିବୀରେ ଅଗ୍ରଣୀ ରାଷ୍ଟ୍ର ହୋଇପାରିବ ବୋଲି କହିଥିଲେ । ଏହି ଅବସରରେ ସ୍ଥାନୀୟ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପ୍ରାରମ୍ଭରେ ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥି ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ସଂଯୋଜନା କରିଥିଲେ । ଶେଷରେ ଦିଲ୍ଲୀପକୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ବଳ, ଅନନ୍ତ ସାମଲ, ଜୟନ୍ତ ସ୍ୱାଇଁ, ଦୋଳଗୋବିନ୍ଦ ଘଡ଼େଇ, ରମେଶ ବରାଳ ପ୍ରମୁଖ ପରିଚାଳନା କରିଥିଲେ ।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଯଅଁରା ବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳ ଗ୍ରାମସ୍ଥିତ ଇଚ୍ଛାବିହାରୀ କ୍ଷେତ୍ରରେ ଅନୁଷ୍ଠିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଏହି ଅବସରରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଦୀର୍ଘ ତିନିଦିନ ବ୍ୟାପୀ ଅନୁଷ୍ଠିତ ଏହି ଯଜ୍ଞରେ ଷୋଡ଼ଷ ଉପଚାରରେ ପୂଜାର୍ଚ୍ଚନା କରାଯିବା ସହିତ ପ୍ରତି ସନ୍ଧ୍ୟାରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଯଜ୍ଞ କାର୍ଯ୍ୟରେ ମୁଖ୍ୟ ପୂଜକ ଭାବେ ପଣ୍ଡିତ ମନୋଜ କୁମାର ମିଶ୍ର, ସହଯୋଗୀ ଭାବେ ପଣ୍ଡିତ କରୁଣାକର ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ବାସୁଦେବ ପାଣି, ରଞ୍ଜନ ନନ୍ଦ, ମନୋଜ ନନ୍ଦ ଓ ଗୋପାଳ ଷଡ଼ଙ୍ଗୀ ଯଜ୍ଞକାର୍ଯ୍ୟ ନିର୍ବାହ କରିଥିଲେ । କର୍ତ୍ତା ଭାବେ କଳ୍ପତରୁ ଶତପଥି ଓ ତାଙ୍କ ପତ୍ନୀ କବିତା ରଥ, ରବିନ୍ଦ୍ର କୁମାର ବଳ ଓ ତାଙ୍କ ପତ୍ନୀ ମିନତି ବଳ, ସୁଖଦାନନ୍ଦ ପ୍ରଧାନ ଓ ତାଙ୍କ ପତ୍ନୀ କନକଲତା ପ୍ରଧାନ, ଲେଲିନ ବାରିକ ଓ ତାଙ୍କ ପତ୍ନୀ ପୂର୍ଣ୍ଣିମା ପଲ୍ଲବୀ ଦାସ, ଅବିନାଶ ପ୍ରଧାନ ଓ ତାଙ୍କ ପତ୍ନୀ ଦିପ୍ତିମୟୀ ପ୍ରଧାନ ଉପସ୍ଥିତ ରହିଥିଲେ । ଏହି ଯଜ୍ଞ କାର୍ଯ୍ୟକୁ ଅର୍ତ୍ତାମୂଳ, ଖାନନଗର ଓ ପାଣିଓଳା ଗ୍ରାମବାସୀମାନେ ପରିଚାଳନା କରିଥିଲେ ।

# ସ୍ୱାମୀ ବିବେକାନନ୍ଦଙ୍କର ଜନ୍ମ ଜୟନ୍ତୀ ପାଳିତ



କୁକୁଡ଼ାଖଣ୍ଡି (ଭାସ୍କର ନ୍ୟୁଜ୍) : ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କର ୧୬୨ତମ ଜନ୍ମ ଜୟନ୍ତୀ ଅବସରରେ ସ୍ୱାମୀ ବିବେକାନନ୍ଦ ସେବା ସଂଘ ଆଙ୍କୁଶପୁର ଆନୁକୂଲ୍ୟରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡା, ସଦର ଥାନାଧିକାରୀ ଶ୍ରୀ ରାମ ସୁବ୍ରମଣ୍ୟମ ପ୍ରଧାନ, କଳିଙ୍ଗ ଟିଭି ଦକ୍ଷିଣ ଓଡ଼ିଶା ପ୍ରମୁଖ ପ୍ରକାଶ ପଟ୍ଟନାୟକ, କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟର ଶଲ୍ୟ ବିଭାଗ ପ୍ରମୁଖ ପ୍ରଫେସର ଚିନ୍ମୟ ଭବାନୀ ପ୍ରସାଦ, ଏନଏସ୍‌ଏସ୍ ବିଭାଗର ପ୍ରମୁଖ ଡା. ସ୍ୱପ୍ନା ସ୍ୱୟଂପ୍ରଭା, ବିଶିଷ୍ଟ ସମାଜସେବୀ ରାମ ପ୍ରସାଦ ସାମଲ, ଅନୁଷ୍ଠାନର ଉପଦେଷ୍ଟା ବରିଷ୍ଠ ଶିକ୍ଷାବିତ୍ ବି. ଦିଲୀପ ରାଓ, ଡା. ବିମଳ କୁମାର ପଣ୍ଡା ତଥା ଅଞ୍ଚଳର ଅନେକ ବୁଦ୍ଧିଜୀବୀ ବରେଣ୍ୟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ବିଶାଳ ବିବେକାନନ୍ଦ ଜ୍ୟୋତି ପରିକ୍ରମା ଶୁଭାରମ୍ଭ ହୋଇଥିଲା । ପୁନଃ ସନ୍ଧ୍ୟାରେ ଆଙ୍କୁଶପୁର ଆୟୁର୍ବେଦ କଲେଜ ପଡିଆ ଠାରେ ମୁକ୍ତ ମଣ୍ଡପ ଉପରେ ଏକ ବର୍ଣ୍ଣାଢ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିଶେଷ ଆକର୍ଷଣ ଥିଲା ଅନୁଷ୍ଠାନ ତରଫରୁ ଦୁଇ ଜଣ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଉଲ୍ଲାସ ସାହୁ ଏବଂ ପ୍ରୀତିରାଣୀ ପଢ଼ୀଲଙ୍କୁ ପୂଜ୍ୟପୂଜା ପରମ୍ପରା ଅନୁସାରେ ଅନନ୍ୟ ଶୈଳୀରେ ପ୍ରଥମେ ଅନୁଷ୍ଠାନ ତରଫରୁ ଉପଢୌକନ ମାନପତ୍ର ଏବଂ ପୁଷ୍ପଚାରା ପ୍ରଦାନ କରାଯାଇଥିଲା । ପରେ ପରେ ବିଦ୍ୟାଭାରତୀ ଶିଶୁ ବିଦ୍ୟା ମନ୍ଦିର, ଓଁ ମାଁ ସରସ୍ୱତୀ ଶିଶୁ ବିଦ୍ୟମନ୍ଦିର ଆରାଧ୍ୟା ନୃତ୍ୟ ଅନୁଷ୍ଠାନ ଏବଂ ଅନେକ ସାଂସ୍କୃତିକ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଓଡିଶୀ ପାରମ୍ପରିକ ଓ ଲୋକନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର ସଦଶ୍ୟ ମିଟୁ ସାହୁ, ଶିବରାମ ପାଠୀ, ଗୁରୁ ସ୍ମୃତିମୟୀ ପଟ୍ଟନାୟକ, ଟିକିରି ବେହେରା, ପ୍ରଶାନ୍ତ କୁମାର ସାହୁ, ସ୍ମୃତି ଶିଖା ଚୌଧୁରୀ, ନିର୍ଜରା ମହାରଣା ଶୀତଳ କୁମାରୀ ଗୌଡ଼ଙ୍କ ସହିତ ବିବେକାନନ୍ଦ ଯୁବ ସଦଶ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ଅନୁଷ୍ଠାନର କୋଷାଧ୍ୟକ୍ଷ ଟି. ମୁକୁନ୍ଦ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ ।



କୋରୁକୋଣ୍ଡା, (ଭାସ୍କର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡି ପଞ୍ଚାୟତ ଅଧିନସ୍ତ ଡାଇକ-୨ ଗ୍ରାମରେ ଥିବା ସିଦ୍ଧେଶ୍ୱର ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ସୋମବାର ସକାଳୁ ରୀତିନୀତି ଅନୁସାରେ ଆରମ୍ଭ ହୋଇଛି। ସୋମବାର ଠାରୁ ଆସନ୍ତା ୧୬ ତାରିଖ ଗୁରୁବାର ପର୍ଯ୍ୟନ୍ତ ମୋଟ ଚାରିଦିନ ପର୍ଯ୍ୟନ୍ତ ପାଳନ କରିବାକୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥିର କରାଯାଇଛି।ଆଜି ସକାଳୁ ନିକଟସ୍ଥ ଜଙ୍ଗଲରୁ କିଛି ଶାଳଗଛ ଆଣି ମନ୍ଦିର ପରିସରରେ ସ୍ଥାପନ କରିବା ସହ ଦୀକ୍ଷା ଗ୍ରହଣ, ବନଯୋଗ, ଅଙ୍କୁରାରୋପଣ କାର୍ଯ୍ୟକ୍ରମ ରୀତିନୀତି ଅନୁସାରେ କରାଯାଇଅଛି। ମଙ୍ଗଳବାର ଦିନ କଳସ ଯାତ୍ରା,କର୍ମା ରମ୍ଭ,ଶାଳା ସଂସ୍କାର,ଅଗ୍ନି ସ୍ଥାପନ ଓ ଧାନ୍ୟାଧିବାସ କରାଯିବ। ଆସନ୍ତା ବୁଧବାର ଦିନ ରତ୍ନମ୍ବଦ,ଦେବତା ମହାସ୍ନାନ, ହୋମଯଜ୍ଞ ଓ ନ୍ୟାସ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ଆସନ୍ତା ଗୁରୁବାର ଦିନ ପୂଜାର୍ଚ୍ଚନା, ହୋମ ଯଜ୍ଞ,ଦେବତାଙ୍କୁ ନୂତନ ମନ୍ଦିର ପ୍ରବେଶ ଏବଂ ପୂର୍ଣ୍ଣାହୁତି କରାଯିବ। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ସମାଗମ ହେବାର ଆଶଙ୍କା ରହିଛି। ମନ୍ଦିର କମିଟି ପକ୍ଷରୁ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ସେବନ ନିମନ୍ତେ ବ୍ୟବସ୍ଥା କରାଯାଇଛି ବୋଲି କମିଟିର ସଭାପତି ଜଗବନ୍ଧୁ ଚାଲାଣ ଓ ସମ୍ପାଦକ ଆନପାଲ ନାଗେଶ କହିଛନ୍ତି।

## ଯୁବକଙ୍କୁ ନିର୍ମମ ହତ୍ୟା

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅଞ୍ଚଳ ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପାଣ୍ଡୁପଶି ଗ୍ରାମ ନିକଟରେ ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ନିର୍ମମ ହତ୍ୟା କରାଯାଇଛି। ମୃତକ ହେଲେ ପାଣ୍ଡୁପଶି ଗ୍ରାମର ସୁବ୍ରତ ମହାକୁଡ଼। ଘଟଣା ସ୍ଥଳରେ ଘଟଗାଁ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରକିଆ ପ୍ରୀତିକୁ ନେଇ ଏହି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପରିବାର ଲୋକଙ୍କ କହିବା ଅନୁସାରେ ଗତକାଲି ରାତିରେ ସୁବ୍ରତ ଘରୁ ଆସିଥିବା ବେଳେ ଆଜି ସକାଳେ ତାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମିଳିଛି। ତେବେ ଗାଁ'ର ପ୍ରଶାନ୍ତ ନାୟକଙ୍କ ଘର ପାଖରେ ମୃତଦେହଟି ପଡ଼ିଥିବା ବେଳେ ପ୍ରଶାନ୍ତ ନାଏକ ଓ ଅଜୟ ନାଏକ ଦୁଇଭାଇ ମିଶି ହତ୍ୟା କରିଥିବା ପରିବାର ସନ୍ଦେହ କରୁଛନ୍ତି। ଅନ୍ୟପକ୍ଷରେ ଦୋଷୀଙ୍କୁ ଫାଶୀ ଦିଆଯାଉ ବୋଲି ପରିବାର ଲୋକେ ଦାବି କରିଛନ୍ତି।

## ମୃତ ଚାଷୀ ପରିବାରକୁ ସହାୟତା ପ୍ରଦାନ କଲେ ବିଧାୟକ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ସୋମବାର ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ୍ କତୁରୁ ଗ୍ରାମର ମୃତ୍ୟୁବରଣ କରିଥିବା ଚାଷୀ ପି. ଈଶ୍ୱର ରେଡ୍ଡିଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ୨୦ ହଜାର ଟଙ୍କା ଆର୍ଥିକ ସାହାୟତା ରାଶି ପ୍ରଦାନ କରିଛନ୍ତି। ଏପରିକି ତହସିଲଦାରଙ୍କ ସହ ଆଲୋଚନା କରି ରେଡ଼କ୍ରସ ପାଣ୍ଠିରୁ ମଧ୍ୟ ୩୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ବିପୁଲିଙ୍ଗୀ ପଞ୍ଚାୟତ କତୁରୁ ଗ୍ରାମର ଚାଷୀ ପି. ଈଶ୍ୱର ରେଡ୍ଡି (୭୧) ହଠାତ ଅସୁସ୍ଥ ହୋଇପଡ଼ିବାରୁ ପ୍ରଥମେ ଛତ୍ରପୁର ଏବଂ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ପରବର୍ତ୍ତୀ ସମୟରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଅଣାଯାଇ ଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଈଶ୍ୱରଙ୍କ ପରିବାର ଲୋକଙ୍କ କହିବା ଅନୁସାରେ ଡିସେମ୍ବର ମାସରେ ହୋଇଥିବା ଅଦିନିଆ ବର୍ଷା ଯୋଗୁଁ ତାଙ୍କ ପାଚିଲା ଧାନ ଓଦା ହୋଇ ନଷ୍ଟ ହୋଇଯାଇ ଥିଲା। ଏପରିକି ଈଶ୍ୱର ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିବା ବେଳେ ଆଶାଠାରୁ କମ୍ ଧାନ ଅମଳ ହୋଇଥିଲା। ଫଳରେ ସେ ଚିନ୍ତିତ ରହୁଥିଲେ। ଏପରିକି ଋଣ ବୋଝ ସମ୍ଭାଳି ନ ପାରି ସେ କିଛିଦିନ ହେଲା ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ପ୍ରଶାସନିକ ଟିମ୍ ଗାଁ'ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ କୃଷିଋଣ ଛାଡ଼ କରିବା ପାଇଁ ମୃତ ଈଶ୍ୱର ରେଡ୍ଡିଙ୍କ ପୁଅ ଚିତ୍ତରଞ୍ଜନ ଦାବି କରିଛନ୍ତି।

## ପୁଷପୁନି ଉତ୍ସବ ଧୂମଧାମରେ ପାଳିତ



ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ଗ୍ରାମରେ ପୁଷ ପୁନି ପର୍ବ ଧୂମଧାମରେ ପାଳିତ ହୋଇଯାଇଛି। ଏହି ଉତ୍ସବ ଅବସରରେ ଗ୍ରାମର ସମସ୍ତ ଗ୍ରାମବାସୀ ଗ୍ରାମର ସଦର ଦାଣ୍ଡ ଠାରେ ଏକତ୍ରିତ ହୋଇଥିଲେ। ଏହି ଅବସରରେ ଗ୍ରାମର ଏକ ନୂତନ ଗ୍ରାମ କମିଟି ଗଠନ କରାଯାଇଥିଲା। ଗ୍ରାମର ନାୟକ ଭାବରେ କେଶବ ନାୟକ, ଉପନାୟକ ରାଜୁ ନାୟକ, ଚାଲାଣ ଶିବ ଚାଲାଣ, ଉପଚାଲାଣ ବୁଟି ତୁକମିଆ, ଗାଁ' ଦିଶାରୀ ସମନାଥ ଦିଶାରୀ, ଉପ ଦିଶାରୀ ରଘୁ ଦିଶାରୀ, ବାରିକ ସାଦୁ ସାଗରିଆ, କେଶିୟର ଧନୁର୍ଜୟ ଦୁର୍ଲିଆଙ୍କୁ ଗ୍ରାମର ସରପଞ୍ଚ ଶ୍ରୀନିବାସ ମୁଦୁଲି ଏବଂ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ବଛା ଯାଇଥିଲା। ଏହାପରେ ସନ୍ଧ୍ୟାରେ ଗ୍ରାମର ପୁଅ ଝିଅମାନେ ଆଦିବାସୀ ପାରମ୍ପରିକ ବେଶଭୁଷାରେ ଆସି ନାଚ, ଗୀତରେ ମସଗୁଲ ହୋଇଥିଲେ।

## ସିଗାରମ ଯୁବ ମହୋତ୍ସବ ଅନୁଷ୍ଠିତ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): କାଟନକୁଲାଥୁରସ୍ଥିତ ଏସ୍ଆର୍ଏମ୍ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି(ଏସଆରଏମଆଇଏସଟି) ପକ୍ଷରୁ ୩୮ତମ ଏଆଇୟୁ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ ଏସଆରଏମ ସିଗାରମ୍ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ବିଶ୍ୱ ବିଦ୍ୟାଳୟ ସଂଘ (ଏଆଇୟୁ)ର ଶତବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମ ଅୟୋଜନ କରାଯାଇଛି। ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ପ୍ରତିଭାକୁ ପ୍ରଦର୍ଶିତ କରି ସାଂସ୍କୃତିକ ଓ ବୌଦ୍ଧିକ କାର୍ଯ୍ୟକ୍ରମ ସିଗାରାମ ଯୁବ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା। ଏସଆରଏମ-ଆଇଏସଟିର ପ୍ରତିଷ୍ଠାତା କୁଳାଧିପତି ଡ. ଟିଆର୍ ପାଲିଭେନ୍ଧର ଏହି ଉତ୍ସବକୁ ଉଦଘାଟନ କରିଥିଲେ। ଏସଆରଏମ-ଆଇଏସଟିର କୁଳପତି ତଥା ଏଆଇୟୁ ଅତିରିକ୍ତ ସଚିବ ମମତା ଅଗ୍ରୱାଲ ଅଭିଭାଷଣରେ ସାଂସ୍କୃତିକ ବିନିମୟ ଏବଂ ଯୁବ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ କେରଳର ୨୧ରୁ ଅଧିକ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଏହି ମହୋତ୍ସବରେ ବିଭିନ୍ନ ଅନୁଷ୍ଠାନର ବିଭିନ୍ନ ସାଂସ୍କୃତିକ ପରିବେଷଣ କରାଯାଇଥିଲା। ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚେଣ୍ଡା ମେଲାମ ଏବଂ ଥିରୁବତୀରାଇ କାଲୀ, ଭାରତୀଦାସନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପାରା ଡ୍ରମ୍ ସହ ଲୋକକଳା ପରିବେଷଣ, ଶ୍ରୀ ଶଙ୍କରାଚାର୍ଯ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୋହିନୀଅଟ୍ଟମ୍, ଭରତନାଟ୍ୟମ୍ ଏବଂ ମାର୍ଶାଲ ଆର୍ଟ, ଅମୃତା ବିଶ୍ୱ ବିଦ୍ୟାପୀଠମ୍ ପକ୍ଷରୁ ଶାସ୍ତ୍ରୀୟ କର୍ଣ୍ଣାଟକ ଓ ମାଲାୟାଲମ୍ ଗୀତ, ଗାନ୍ଧୀଗ୍ରାମ ଗ୍ରାମୀଣ ଅନୁଷ୍ଠାନ ପକ୍ଷରୁ ମୟିଲାଟମ୍ ଏବଂ ଓଇଲାଟମ୍ ଲୋକନୃତ୍ୟ, କେରଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଥେୟାମ, ମୋହିନୀଅଟ୍ଟମ୍ ଏବଂ ଥିରୁବତୀରାଇ କାଳି, ଏସଆରଏମ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ତରଫରୁ ଭରତନାଟ୍ୟମ୍, ଓୟିଲାଟ୍ଟମ୍ ଏବଂ ରାଜା ରାଜା ଚୋଲାନଙ୍କ ଲାଇଭ୍ ଚିତ୍ରାଙ୍କନ ପରିବେଷଣ କରାଯାଇଥିଲା। ଏହି ମହୋତ୍ସବରେ ଓ୍ୱାନ୍ ଆକ୍ଟ ପ୍ଲେ, ବକ୍ତୃତା, କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ସମେତ ବିଭିନ୍ନ ବୌଦ୍ଧିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଯେଉଁଥିରେ ରାଜନୈତିକ ପ୍ରସଙ୍ଗ, ସାମାଜିକ ଉଦ୍ଦେଶ୍ୟ ଏବଂ ଐତିହାସିକ ବିବରଣୀ ଭଳି ବିଷୟବସ୍ତୁ ଥିଲା। ଏହି କାର୍ଯ୍ୟକ୍ରମଗୁଡ଼ିକ ଅଂଶଗ୍ରହଣକାରୀଙ୍କ ଅସାଧାରଣ ସୃଜନଶୀଳତା, ଦଳଗତ କାର୍ଯ୍ୟ ଏବଂ ସମର୍ପଣ ଉପରେ ଆଲୋକପାତ କରାଯାଇଥିଲା, ଯାହା ଉଭୟ ଦର୍ଶକ ଏବଂ ବିଚାରକଙ୍କ ଉପରେ ସ୍ଥାୟୀ ପ୍ରଭାବ ପକାଇଥିଲା। ଉଦଯାପନୀ ଉତ୍ସବରେ ଏସଆରଏମ-ଆଇଏସଟିର ନିର୍ଦ୍ଦେଶକ (ଛାତ୍ର ବ୍ୟାପାର) ଡ. ନିଶା ଅଶୋକନ୍ କାର୍ଯ୍ୟକ୍ରମର ସମୀକ୍ଷା କରି କହିଥିଲେ ଯେ, '୨୩ ଜଣ ବିଶିଷ୍ଟ ଜୁରି ସଦସ୍ୟଙ୍କୁ ନେଇ ଗଠିତ ଏକ କମିଟି ଦ୍ୱାରା ବିଚାର କରାଯାଇଥିବା ୨୭ଟି ପ୍ରତିଯୋଗିତାରେ ୨୧ଟି ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆର କ୍ଲେମେଟ ରମେଶ କୁମାର ଚେସ୍ ବିଶ୍ୱ ଚାମ୍ପିଅନ୍ ଗୁକେଶଙ୍କ ବିଷୟରେ ବକ୍ତବ୍ୟ ଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବା ସହ ଉତ୍କର୍ଷତା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରିଥିଲେ। କେରଳ ବିଶ୍ୱବିଦ୍ୟାଳୟ ଏହି ଉତ୍ସବର ସାମଗ୍ରିକ ଟ୍ରଫି ବିଜେତା ଭାବେ ଉଭା ହୋଇଥିଲା। ଏସଆରଏମ-ଆଇଏସଟିକୁ ଏହାର ଭବ୍ୟ ଆୟୋଜନ କୌଶଳ ପାଇଁ ପ୍ରଶଂସା କରାଯାଇଥିଲା ଏବଂ ସମସ୍ତ ୧୦ରୁ ଅଧିକ ଅଂଶଗ୍ରହଣକାରୀ ଏବଂ ଆୟୋଜକଙ୍କ ଦ୍ୱାରା ଉଦଯାପନୀ ଉତ୍ସବରେ ସେମାନଙ୍କ ଦଳଗତ କାର୍ଯ୍ୟ ଏବଂ ଆୟୋଜନ ଦକ୍ଷତା ପାଇଁ ପ୍ରଶଂସିତ ହୋଇଥିଲେ।

## ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ ଉତ୍ସବ ପାଳିତ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଆଧୁନିକ ଓଡ଼ିଶାର ନିର୍ମାତା ତଥା ଓଡ଼ିଶାର ବରପୁତ୍ର ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ଠାରେ ମହା ଆଡମ୍ବର ସହକାରେ ପାଳନ କରାଯାଇଛି। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ଜଳନ ସହ ଅତିଥିମାନେ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଥିଲେ। ବେହେରା ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଓଡିଶାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଓ ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ରାଜା ମର୍ଦ୍ଦରାଜ ପ୍ରାଧାନ୍ୟ ଦେବା ସହ ତାଙ୍କ ବଦାନ୍ୟ ଖଲ୍ଲିକୋଟ ବିଦ୍ୟାଳୟ ଓ ମହା ବିଦ୍ୟାଳୟକୁ ନିଜ ନାମରେ ନାମିତ ନ କରି ଖଲ୍ଲିକୋଟ ନାମରେ ନାମିତ କରିବାକୁ ପ୍ରବର୍ତ୍ତାଇ ଥିଲେ। ଏଥିରୁ ରାଜାଙ୍କ ମହାନତା ସମ୍ପର୍କରେ ସମସ୍ତେ ଅବଗତ ହେବା ଆଜିର ଦିନରେ ଆବଶ୍ୟକତା ରହିଛି। ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ୧୯୨୧ ମସିହାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଖଲ୍ଲିକୋଟ ପ୍ରତ୍ୟାବର୍ତ୍ତନ କରି ରାଜ୍ୟଭାର ଗ୍ରହଣ କଲା ପରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ନିଜ ପିତା ସ୍ୱର୍ଗତ ହରିହର ମର୍ଦ୍ଦରାଜ ଦେଓଙ୍କ ଦେଶ ମିଶ୍ରଣ ପାଇଁ ମହନୀୟ ଚେଷ୍ଟା ତଥା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣର ଆବଶ୍ୟକତା, ଓଡ଼ିଆମାନଙ୍କ ଇଚ୍ଛା ଓ ଅଭିପ୍ସା ସମ୍ପର୍କରେ ଯୁକ୍ତିଯୁକ୍ତ ଲିଖିତ ଦାବୀ ଉପସ୍ଥାପନ କରିଥିଲେ। ୧୯୨୭ ମସିହାରେ ମହାତ୍ମା ଗାନ୍ଧୀ ସ୍ୱରାଜ ଆନ୍ଦୋଳନ ପାଇଁ ଓଡ଼ିଶାଗସ୍ତ ବେଳେ ରମ୍ଭା ରାଜ ପ୍ରାସାଦରେ ଆତିଥ୍ୟ ଗ୍ରହଣ କରିଥିଲେ। ୧୯୩୧ ମସିହାରେ ଓଡ଼ିଶା ସୀମା ନିର୍ଦ୍ଧାରଣ ପାଇଁ ସାର୍ ସାମୁଏଲ୍ ଓଡ଼ୋନେଲଙ୍କ ଅଧକ୍ଷତାରେ ଏକ କମିଟି ନିଯୁକ୍ତ ହୋଇଥିଲା। ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ୧୯୩୨ ମସିହାରେ ତୃତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦାନ କରି ଓଡ଼ୋନେଲ କମିଟି ସୁପାରିଶ୍ ଅସମିଚୀନ ଓ ଅଟଲୀ ସବ୍ କମିଟିର ସୁପାରିଶ୍ ଯଥାର୍ଥ ବୋଲି ଯୁକ୍ତି ଉପସ୍ଥାପନ ପୂର୍ବକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଉ ବୋଲି ଦାବୀ ଉପସ୍ଥାପନ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଭୂମିକା ଅତ୍ୟନ୍ତ ମହନୀୟ, ଏଣୁ ଓଡ଼ିଶାର ଏହି ମହାନ ବରପୁତ୍ର ଜନକଲ୍ୟାଣ ପାଇଁ ଜନମାନସରେ ସଦା ସ୍ମରଣୀୟ ହୋଇ ରହିଛନ୍ତି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଛତ୍ରପୁରର ବରିଷ୍ଠ ନାଗରିକ ବ୍ରଜ ମୋହନ ଆଚାର୍ଯ୍ୟ ଅନ୍ୟତମ ଅତିଥି ଭାବେ ଯୋଗଦେଇ ତାଙ୍କ ଅଭି ଭାଷଣରେ କହିଥିଲେ ଯେ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଅବଦାନ ଅତୁଳନୀୟ। ସେ ଜଣେ ପ୍ରଜାବତ୍ସଳ ରାଜା ଥିଲେ। ଭାରତ ସ୍ୱାଧୀନତା ପୂର୍ବରୁ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନର ସ୍ୱପ୍ନ ମଧୁବାବୁ ଦେଖିଥିଲେ। ତେଣୁ ଓଡିଶାର ସ୍ୱାଧୀନତା ଆନ୍ଦୋଳନକୁ ସେ ପ୍ରାଧାନ୍ୟ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କ୍ୟୁରେସ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଅରୁଣ କୁମାର ଶତପଥୀ ଯୋଗଦେଇ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ସ୍ମୃତିଚାରଣ କରି କହିଥିଲେ ଯେ, ରାମଚନ୍ଦ୍ର ମର୍ଦ୍ଦରାଜ ପ୍ରକୃତରେ ଗଣତନ୍ତ୍ରର ପ୍ରତିଷ୍ଠାତା ଥିଲେ। ସେ ବ୍ୟକ୍ତିର ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଉଥିଲେ। ୧୯୪୭ ମସିହାରେ ମର୍ଦ୍ଦରାଜ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଜମିଦାରୀ ଉଚ୍ଛେଦ ଆଇନକୁ ସମର୍ଥନ କରିଥିଲେ। ଓଡ଼ିଶା ହେଉଛି ବହୁ ପୁରାତନ ଭାଷା। ଏଣୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ପରିଶେଷରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ଓଡ଼ିଆ ବକ୍ତୃତା ଓ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଆରସା ହାଇସ୍କୁଲର ସୁବର୍ଣ୍ଣଜୟନ୍ତୀ ପାଳିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଆରସା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇ ଯାଇଛି। ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସାହୁଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକ ଯୋଗଦେଇ ସୁସ୍ଥ ମଣିଷ ସମାଜର ସୁସ୍ଥ ଭାବରେ କାମ କରିପାରେ। ଶିକ୍ଷା ସହିତ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ହେବାର ଶିକ୍ଷା ଦେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲାପାଳ ଦିଲ୍ଲୀପ ରାଉତରାୟ ଯୋଗ ଦେଇ ମୂଲ୍ୟବୋଧ ଶିକ୍ଷା ଛାତ୍ରଛାତ୍ରୀମାନଙ୍କ ଜୀବନକୁ ଶୃଙ୍ଖଳିତ ଓ ପରିମାର୍ଜିତ କରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏସପି ମଡ଼କର ସନ୍ଦୀପ ସମ୍ପତ, ହାସ୍ୟ ଅଭିନେତା ହରିହର ମହାପାତ୍ର, ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ପୁରାତନ ଛାତ୍ର ପ୍ରଦୋଷ ସ୍ୱାଇଁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟରେ ଅଧକ୍ଷ ସୁଧାଂଶୁ ନାୟକ ଓ ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠ ଶିଳ୍ପୀ ଆନ୍ତରା ଚକ୍ରବର୍ତ୍ତୀ ଓ ଅନ୍ୟମାନଙ୍କ ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ପୂର୍ବାହ୍ନରେ ପୁରାତନ ଛାତ୍ରମାନଙ୍କର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। କମିଟି ସଭାପତି ପ୍ରଫୁଲ୍ଲ କୁମାର ରାଉତ, ସମ୍ପାଦକ ସୁଶାନ୍ତ କୁମାର ବାରିକ, ମିଡ଼ିଆ ସଂଯୋଜକ ତ୍ରିଲୋଚନ ଗୌତମ, ରାଜେଶ ସ୍ୱାଇଁ, ଗୋଲକ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କବିତା ସଙ୍କଳନ 'ଚୂନ ଚୂନା ସ୍ୱପ୍ନ' ଉନ୍ମୋଚିତ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ସ୍ଥାନୀୟ ଗୋଇକୁଣ୍ଡି ସ୍ଥିତ ଶ୍ରୀରାମ ମନ୍ଦିର ଠାରେ ବ୍ରହ୍ମପୁର ସାହିତ୍ୟ ପରିଷଦ ତରଫରୁ କବି ପ୍ରତିଭା ଦାଶଙ୍କ କବିତା ସଙ୍କଳନ 'ଚୂନା ଚୂନା ସ୍ୱପ୍ନ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଶିଶୁ ଗୌରବ ନିରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ପ୍ରତିଭା ଦାଶ ନିଜର ବକ୍ତବ୍ୟରେ କହିଥିଲେ ଜୀବନର ଘଟୁଥିବା ଘଟଣାକୁ ନେଇ ମୁଁ କବିତା ଲେଖୁଥାଏ ଓ ପାଠକମାନଙ୍କୁ ଅର୍ପଣ କରୁଥାଏ। ଏହି ଅବସରରେ ଇ. ଯାମିନୀ କାନ୍ତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଭା ଦାଶଙ୍କ କବିତା ଅତ୍ୟନ୍ତ ଉଚ୍ଚକୋଟିର ବୋଲି ଦର୍ଶାଇ ଥିଲେ। କବି ସୁଶାନ୍ତ ଦାଶଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ଗୌରଚନ୍ଦ୍ର ଷଡଙ୍ଗୀ, ଭଗ୍ୟଲକ୍ଷ୍ମୀ ମହାରଣା ସମ୍ମାନିତ ଅତିଥି ଭାବେ ମଞ୍ଚ ମଣ୍ଡନ କରିଥିଲେ। ଯୁବକବି ଓ ନାଟ୍ୟକାର ଚିନ୍ମୟ ରଞ୍ଜନ ମିଶ୍ର ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ 'ଚୂନା ଚୂନା ସ୍ୱପ୍ନ' ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ନବ ବର୍ଷ କବିତା ଆସର ସଂଯୋଜିକା ସୁଚେତା ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି କବିତା ପାଠରେ କବି ନନ୍ଦିନୀ ମହାରଣା, ଦୀପ୍ତି ଲେଖା ମିଶ୍ର, ସୁନୀଲ କୁମାର ପ୍ରଧାନ, ମିହିର ରଥ ଶର୍ମା, ସସ୍ମିତା ପାଣିଗ୍ରାହୀ, ସୁଧାଞ୍ଜଳି ମିଶ୍ର, ମନୋଜ କୁମାର ପାଢ଼ୀ, ଜୋସ୍ନାପାଣି, ସ୍ୱର୍ଣ୍ଣମୟୀ ପାଢ଼ୀ, ଗଙ୍ଗାଧର ମହାକୁଡ଼, ସୁଧୀର କୁମାର ପଣ୍ଡା, ମନମୋହନ ରଥ, ସୁଶାନ୍ତ ପଟ୍ଟନାୟକ, ତପନ ପଟ୍ଟନାୟକ, ସୋମନାଥ ସାହୁ, ଭିକାରୀ ମହାପାତ୍ର, ଜନତା କୁମାରୀ ସାହୁ ସହ ଅନେକ କବି ନିଜନିଜ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ ତ୍ରିପାଠୀ, ଦୀପ୍ତିମିତା ମହାପାତ୍ର ପରିଚାଳନା କରିଥିବା ବେଳେ ସମ୍ପାଦକ ବି ସତ୍ୟମ୍ ଆଚରି ଉପସଂହାର କରିଥିଲେ।




## କନିଷ୍ଠ ଶିକ୍ଷକ ସଂଘର ମିଳିତ ବୈଠକ

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ୍‌ର ନବନିଯୁକ୍ତ କନିଷ୍ଠ ଶିକ୍ଷକମାନଙ୍କ ଆତ୍ମୀୟ ଓ ସଂଗଠନ ମୂଳକ ସମ୍ମିଳନୀରେ ଏକ ମୁହୂର୍ତ୍ତତ୍ମକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ସଭାରେ କାକଟପୁର ବ୍ଲକ୍‌ର ସମସ୍ତ ନବନିଯୁକ୍ତ କନିଷ୍ଠ ଶିକ୍ଷକ ମିଳିତଭାବରେ ଏକ ସଂଗଠନ ଗଢ଼ିଛନ୍ତିଲ, ଯାହା ଶିକ୍ଷାକ୍ଷେତ୍ରରେ ଦୂରଦୃଷ୍ଟି ପଦକ୍ଷେପ ସ୍ଥାପନ କରିବା ସହ ଶିକ୍ଷକମାନଙ୍କ ଅଧିକାର, ସୁରକ୍ଷା ଓ ଉନ୍ନତିକୁ ସୁନିଶ୍ଚିତ କରିବାରେ ସହାୟକ ହେବ। ଏହି ଅବସରରେ କାକଟପୁରଠାରେ ସଂଘର ନାମ, ଗଠନ ପ୍ରକ୍ରିୟା ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଚର୍ଚ୍ଚା କରାଯାଇଥିଲା। ବିଶେଷକରି ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଭଳି କଳାବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସଂଘର ନବନିର୍ବାଚିତ କାର୍ଯ୍ୟକର୍ତ୍ତା ଭାବେ ସଭାପତି ସଞ୍ଜୀବ କୁମାର କାଣ୍ଡି, ଉପ ସଭାପତି ଜ୍ୟୋତିର୍ମୟୀ ମିଶ୍ର, ସମ୍ପାଦକ ପୀୟୂଷ ପ୍ରିୟ ଦଳାଇ, କୋଷାଧ୍ୟକ୍ଷ ଅର୍ବାବ୍ ଅଲ୍ଲୀ ଖାଁ ଏବଂ ମୌସୁମୀ ବେହେରା ଶପଥପାଠ କରି ସଂଘ ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦରଠାରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଭାଗ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟାଧନ ଭୋଇ, ଅତିରିକ୍ତ ଆରକ୍ଷ ଅଧିକ୍ଷ ଡ.ନାରାୟଣ ରଥ, କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁ, କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡିଙ୍କ ଉପସ୍ଥିତରେ ବ୍ଲକ ଅଧୀନରେ ଥିବା ମୋଟ ବାରଗୋଟି ଗ୍ରାମପଞ୍ଚାୟତର ବିଭିନ୍ନ ଦାବି ନେଇ ମୋଟ ୪୮ଗୋଟି ଅଭିଯୋଗ ଆସିଥିବା ବେଳେ କୋରୁକୋଣ୍ଡା ସଦର ତାରିଣୀ ମନ୍ଦିର ନିକଟ ପାହାଡ଼ ତଳେ ଥିବା ବହୁ ପୁରାତନ ଏମଆଇପି ବନ୍ଧ ଯାହାକି ଦୀର୍ଘ ଦିନ ହେଲାଣି ଭାଙ୍ଗି ପଡିଛି, ବନ୍ଧ ପଖାରେ ଚାଷ କରୁଥିବା ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ବିଭିନ୍ନ ଜନଶୁଣାଣିରେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ବର୍ତ୍ତମାନ ସୁଧା ମରାମତି ହୋଇପାରି ନାହିଁ, ଯଦି ସେହି ଏମଆଇପି ବନ୍ଧ ମରାମତି ହୋଇପାରିଥାନ୍ତା ତେବେ ଚାଷୀ ଗ୍ରୀଷ୍ମ ଦିନରେ ଚାଷ କରି ନିଜର ପରିବାର ଗୁଜୁରାଣ କରିପାରିଥାନ୍ତେ ବୋଲି କୋରୁକୋଣ୍ଡା ସଦର ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ନୀଳାକାମ୍ବେରୁ ଗ୍ରାମ ପଞ୍ଚାୟତର ଜଣେ ମହିଳା ଅଭିଯୋଗ କରିଛନ୍ତି କି, ଗ୍ରାମ ପାଞ୍ଚାୟତ ଅଧୀନ ବାଲିମେଳା କଲେଜ ପରିସରରେ ଥିବା ଦୋକାନ ଗୃହ ଭଡ଼ାରେ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିବା ନିମନ୍ତେ ଗତ ବର୍ଷ ପଞ୍ଚାୟତ ତରଫରୁ ନିର୍ଦ୍ଦେଶ ନାମା ବାହାରିଥିଲା। ତଥ୍ୟ ମୁତାବକ ଉକ୍ତ ମହିଳା ଜଣକ ନିଲାମି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ନିମନ୍ତେ ଆବେଦନ କରିଥିଲେ। କିନ୍ତୁ ନିଲାମି ପ୍ରକ୍ରିୟାରେ ଅନ୍ୟ କୌଣସି ବ୍ୟକ୍ତି ଆବେଦନ କରି ନଥିବାରୁ ପାଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମୋ ନାମ ଘୋଷଣା କରିବା ସହିତ ଦୋକାନ ଗୃହ ଅଧିକୃତ ବାବଦକୁ ୧୨ହଜାର ଟଙ୍କା ପଇଠ କରିବା ପରେ ଅଧିକାରୀ ମୋ ନାମରେ ରସିଦ କାଟି ମୋତେ ହସ୍ତାନ୍ତର କରିଥିବା କଥା ମହିଳା ଜଣକ ଉକ୍ତ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ବିଭିନ୍ନ ସ୍ଥାନରୁ ଧାର କରଜ କରି ଟଙ୍କା ଆଣିଥିବା ବେଳେ ବର୍ତ୍ତମାନ ସେହି ଦୋକାନ ଗୃହର ଏଗ୍ରୀମେଣ୍ଟ କରିବା ନିମନ୍ତେ ପଞ୍ଚାୟତ ସରପଞ୍ଚଙ୍କ ନିକଟକୁ ବାରମ୍ବାର ଯାଇଥିଲେ ମଧ୍ୟ ସେ ଏଗ୍ରୀମେଣ୍ଟ ନକରି ଅନ୍ୟ ଜଣେ ସ୍ଥାନୀୟ ଲୋକଙ୍କୁ ଭେଟି ତା'ସହିତ କଥାବାର୍ତ୍ତା କରି ଏଗ୍ରୀମେଣ୍ଟ କରିବେ ବୋଲି କହିଛନ୍ତି ବୋଲି ମହିଳା ଜଣକ ଅଭୋଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏଣୁ ଉକ୍ତ ଦୋକାନ ଗୃହକୁ ଶୀଘ୍ର ମୋତେ ହସ୍ତାନ୍ତର କଲେ ମୁଁ ମୋ ପରିବାର ପ୍ରତିପୋଷଣ କରିବି ବୋଲି ଉପସ୍ଥିତ ଅଧିକାରୀଙ୍କୁ ଅନୁରୋଧ କରିବା ସହିତ ଉକ୍ତ ସରପଞ୍ଚଙ୍କ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହି ଜଣଶୁଣାଣିରେ ପାଞ୍ଚାୟତ ସମିତି ଅଧୀନରେ ଥିବା ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞର ପ୍ରସ୍ତୁତି ବୈଠକ

ଧର୍ମଶାଳା, (ଭାସ୍କର ନ୍ୟୁଜ୍) : ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ପର୍ଯ୍ୟଟନକେନ୍ଦ୍ର ସିଦ୍ଧପୀଠ ଗଲଗଲିଶଙ୍ଖଠାରେ ତ୍ରୟୋଦଶ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିପାଇଁ ଏକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏନେଇ ଉକ୍ତ ପ୍ରସ୍ତୁତି ବୈଠକରେ ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱ କରିଥିଲେ। ବିଶ୍ୱଶାନ୍ତି ମହାଯଜ୍ଞକୁ ସଫଳତାର ସହିତ ଆୟୋଜନ କରିବା ପାଇଁ ଉପସ୍ଥିତ ନିମନ୍ତ୍ରିତ ବ୍ୟକ୍ତି ମତପ୍ରକାଶ କରିଥିଲେ। ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ ନେଇ ଉପଦେଷ୍ଟା କମିଟି, ଅଭ୍ୟର୍ଥନା କମିଟି, ଶୃଙ୍ଖଳା କମିଟି, ଅର୍ଥ କମିଟି, ପୂଜା କମିଟି ଆଦି ବିଭିନ୍ନ କମିଟିଗଠନ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ପ୍ରଶାସନିକ ଅଧିକାରୀ, ରାଜନେତା, ଶିକ୍ଷାବିତ ତଥା ସାଧୁସନ୍ଥଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରିବାକୁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇ ଥିଲା। ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଉଦ୍ୟମ କ୍ରମେ ରାଜ୍ୟସରକାର ଗଲଗଲିଶଙ୍ଖ କୁ ପର୍ଯ୍ୟଟନ କେନ୍ଦ୍ର ମାନ୍ୟତା ୨୦୧୩ ରେ ଦେଇଥିଲେ। ଉପସ୍ଥିତ ସଦସ୍ୟମାନେ ସ୍ୱର୍ଗତ ଲାବଣ୍ୟଙ୍କର କୀର୍ତ୍ତି ଓ କୃତିର ସ୍ମୃତି ଚାରଣ କରିଥିଲେ।

## କେବିଇଏମ ସ୍କୁଲର ବାର୍ଷିକ ଉତ୍ସବ ପାଳିତ

କାକଟପୁର, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କାକଟପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ କେବିଇଏମ କିଡ୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'କାଞ୍ଚନ-୦.୨'-୨୦୨୫ ବିଦ୍ୟାଳୟ ପରିସରରେ ଦୁଇଦିନ ବ୍ୟାପି ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କେବିଇଏମ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ଦିବ୍ୟରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମିଜୋରାମ ବିଶ୍ୱବିଦ୍ୟାଳୟର ପ୍ରଫେସର ହିମାଂଶୁ ଭୂଷଣ ରାଉତ, ମୁଖ୍ୟ ବକ୍ତା ଭାବେ ମିଜୋରାମ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଆର.କେ ମହାନ୍ତି, କାକଟପୁର ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା, ସମ୍ମାନିତ ଅତିଥି ଭାବେ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ପୁରୀଜିଲ୍ଲା ଆରକ୍ଷୀ ଉପ-ଅଧିକ୍ଷକ ବିଷ୍ଣୁ ମୋହନ ପତି ପ୍ରମୁଖ ଯୋଗଦେଇ ଛୋଟ ଛୋଟ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ନିର୍ମାଣରେ ଅଭିଭାବକମାନଙ୍କ ମୁଖ୍ୟ କର୍ତ୍ତବ୍ୟ ଏବଂ ସେମାନଙ୍କୁ ମୋବାଇଲର ଅପ ବ୍ୟବହାରରୁ ଦୂରେଇ ରଖି ଶିକ୍ଷା ସହ ମାନବିକତାର ମୂଲ୍ୟବୋଧର ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହା ସହ ସେ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରି ବିଦ୍ୟାଳୟର ଶିକ୍ଷା କ୍ଷେତ୍ରରେ ଅବଦାନ ତଥା ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ସ୍କୁଲର ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିଥିଲା ବେଳେ ଅନୁଷ୍ଠାନ ପକ୍ଷରୁ ଏକ ରକ୍ତଦାନ ଶିବିର ସ୍କୁଲ ପରିସରରେ ଆୟୋଜିତ ହେବା ସହ ଅଞ୍ଚଳର ବିଶେଷ କାର୍ଯ୍ୟ ପାଇଁ ବରିଷ୍ଠ ସାମ୍ବାଦିକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ ପରେ ସନ୍ଧ୍ୟାରେ କୁନିକୁନି ପିଲାମାନଙ୍କ ଦକ୍ଷତାର ପରିପ୍ରକାଶ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲର ସହ ନିର୍ଦ୍ଦେଶକ ଆଲୋକ ରଞ୍ଜନ ପାଣି ଏହାକୁ ପରିଚାଳନା କରିଥିଲେ।



ଜଗତସିଂହପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ସାଂସ୍କୃତିକ ପରିଷଦର ଆନୁକୂଲ୍ୟରେ ୨୬ ତମ ଜଗତସିଂହପୁର ପୁସ୍ତକମେଳା-୨୦୨୫ ଆୟୋଜନ ନିମନ୍ତେ ସାମ୍ବାଦିକ ସମ୍ମିଳନୀ ଜିଲ୍ଲାପାଳଙ୍କ ସମ୍ମୁଖସ୍ଥ ପଡ଼ିଆ ପୁସ୍ତକମେଳା ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପ୍ରଶାସନ ପକ୍ଷରୁ ପୁସ୍ତକମେଳା କୁ ସଫଳ କରିବାକୁ ସମସ୍ତ ପ୍ରକାର ସହଯୋଗ ଦିଆଯାଉଛି । ଷଡି ଜୋନ୍, ବ୍ୟାଙ୍ଗ କବି ସମ୍ମିଳନୀ, ଓଡ଼ିଶାର ପ୍ରତିଷ୍ଠିତ ସାଂସ୍କୃତିକ ଦଳ, ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସାଂସ୍କୃତିକ ଦଳ, ବିଦ୍ୟାଳୟ ସ୍ତରୀୟ ସାଂସ୍କୃତିକ ଦଳ, ବିଭିନ୍ନ ସାହିତ୍ୟ ଅନୁଷ୍ଠିତ ଦ୍ୱାରା କବିତା ପାଠୋତ୍ସବ, ପ୍ରତ୍ୟେକ ଦିନ କୁଇଜ୍ ପ୍ରତିଯୋଗିତା ଆଦି କରାଯିବା ସହ ସ୍ୱତନ୍ତ୍ର ଭାବରେ ୧୭ ତାରିଖ ଦିନ ପାଇଁ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ୨ଟି ପର୍ଯ୍ୟାୟରେ ମିଡିଆ କନକ୍ଲେଭ କରାଯିବା ପାଇଁ ସ୍ଥିରୀକୃତ ହୋଇଅଛି । ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ,ପୂର୍ବତନ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ କୁମାର ରଥ, ସମ୍ପାଦକ ସାରଦା ପ୍ରସାଦ ଦାସ,ଉପାଧ୍ୟକ୍ଷ ବିଜୟ କୁମାର ରାଉତ, ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ, ଯୁଗ୍ମ ସମ୍ପାଦକ ଡ଼ ସୁଧୀର କୁମାର ମହାନ୍ତି, ଡ଼ ଜ୍ୟୋତିର୍ମୟୀ ମହାନ୍ତି, ପ୍ରଜ୍ଞା ପାରମିତା ଚୌଧୁରୀ, ଅବନୀକାନ୍ତ ମହାରଣା, ପ୍ରଦିପ୍ତ କୁମାର ମିତ୍ର,ପ୍ରଭାତ ଦାଶ, ପ୍ରମୁଖ ଉପସ୍ଥିତ ରହି ପୁସ୍ତକମେଳା କୁ ସଫଳ କରିବାକୁ ଜଗତସିଂହପୁର ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ ।

# ବ୍ଲକ୍‌ସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ




ବାରିପଦା (ଭାସ୍କର ନ୍ୟୁଜ୍) : ସୋମବାର ଦିବା ୧୧ଘଟିକା ସମୟରେ ନୂଆ ଗାଁ ସ୍ଥିତ ମାଣ୍ଡିଆ ବିକ୍ରୟ କେନ୍ଦ୍ରରେ ମଣ୍ଡି ଉଦ୍‌ଘାଟିତ ହୋଇଯାଇଅଛି । ଏହାକୁ ସ୍ୱାର୍ଡ଼ା ସହାୟକ ସଂସ୍ଥା ପରିଚାଳନା କରୁଥିବା ବେଳେ ସିର୍ଜନ ଫାରମର୍ସ ପ୍ରୋଡ୍ୟୁସର କମ୍ପାନୀ ଲିଂ କ୍ରୟ ସଂସ୍ଥା ଭାବେ କାର୍ଯ୍ୟ କରୁଅଛି । ଏହି କାର୍ଯ୍ୟକ୍ରମରେ ସ୍ୱାର୍ଡା ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ ସଭାପତିତ୍ୱ କରିଥଲେ । ମୁଖ୍ୟ ଅତିଥି ମୋରଡ଼ାବ୍ଲକ୍ ଅଧ୍ୟକ୍ଷ ପିଥନାଥ ସୋରେନ, ମୁଖ୍ୟ ବକ୍ତା ବ୍ଲକ୍ କୃଷି ଅଧିକାରୀ ସ୍ନେହାଶିସ ସାହୁ, ଅତିରିକ୍ତ ତହସିଲଦାର,ସିଡ଼ିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟ, ସୁପରଭାଇଜର କବିତା ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଅଭିରାମ ଭୋଇ, ନୂଆଗାଁ ସରପଞ୍ଚ ଦାଶମାତ୍ ସୋରେନ, ଓ୍ୱାସାନ ପ୍ରତିନିଧି ଶ୍ରୀକାନ୍ତ ମହାନ୍ତ, କୃଷି ଅଧିକାରୀ ବିଜୟ ନାୟକ ଓ ଗଣେଶ ପରିଡ଼ା, ଟି. ଡି. ସି. ସି ର ହିରେନ୍ଦ୍ରନାଥ ପାଣିଗ୍ରାହୀ, ସ୍ୱାର୍ଡା ଅନୁଷ୍ଠାନ ର କୋଷାଧ୍ୟକ୍ଷ ସଞ୍ଜୟ ଦ୍ୱାରି, ହୃଦାନନ୍ଦ ସାହୁ, ସାଉଁନା ମାର୍ଣ୍ଡି, ଆଦିକନ୍ଦ ମହାନ୍ତ,ପୂର୍ଣ୍ଣ ନାୟକ, ସିର୍ଜନ୍ ର ଅଧ୍ୟକ୍ଷ ଚୈତନ୍ୟ ମହାନ୍ତ, ମହିଳା ଏସ୍‌ଏଚ୍‌ଜି ଓ ଚାଷୀମାନେ ଯୋଗଦାନ କରିଥିଲେ । ସିର୍ଜନ ପ୍ରଥମ ପର୍ଯ୍ୟାୟରେ ୧୧ଜଣ ମାଣ୍ଡିଆ ଚାଷୀ ୪୭ କୁଇଣ୍ଟାଲ ମାଣ୍ଡିଆ ବିକ୍ରୀ କରିଥଲେ । ସୀର୍ଜନ ଫାର୍ମର ପ୍ରୋଡୁସର୍ ସଂସ୍ଥାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ମୋହନ ମୁର୍ମୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥଲେ । ଜଶୋମତି ମହାନ୍ତ,ସୁମିତ୍ରା ମହାନ୍ତ, ସ୍ୱାଧୀନ ମହାନ୍ତ,ବ୍ରଜ ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥଲେ ।

## ଦିନିକିଆ ଟ୍ରାକିଙ୍ଗ୍ କ୍ୟାମ୍ପ



ବାରିପଦା । (ଭାସ୍କର ନ୍ୟୁଜ): ଚିତ୍ରଡା ମହାବିଦ୍ୟାଳୟର ଭାରତ ସ୍କାଉଟ୍ ଏବଂ ଗାଇଡ୍ ଇଉନିଟ୍ ର ରୋଭର-ରେଞ୍ଜର୍ ଶାଖା ତରଫରୁ ଏକ ଦିନିକିଆ ଟ୍ରାକିଂ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଏହି ଶାଖାର ରେଞ୍ଜର ଲିଡର୍ ସୌଦାମିନୀ ସିଂ । ରୋଭର୍ ଗଣେଶ ବେହେରାଙ୍କ ସହିତ ଅନ୍ୟ ୨୧ ଜଣ ରୋଭର୍ ଏବଂ ରେଞ୍ଜର୍ ମିଳିତ ଏକ ଦିନିଆ ଟ୍ରାକିଙ୍ଗ କ୍ୟାମ୍ପରେ ଶିମିଳିପାଳ ଜାତୀୟ ଅଭୟାରଣ୍ୟର ଆକର୍ଷଣୀୟ ସୀତାକୁଣ୍ଡ ଜଳପ୍ରପାତର ପର୍ବତ ଉପରେ ଆରୋହଣ କରିଥିଲେ । ଏହି ଅଭିଯାନ ସ୍କାଉଟ୍ ଏବଂ ଗାଇଡ୍ ଅନୁଷ୍ଠାନର ଉଦ୍ୟମ ଏବଂ ଦୃଢ଼ ଉଦ୍ୟମକୁ ପ୍ରତିପାଦିତ କରିଥିଲା ।

# ନେପାଳରେ ଚମକିଲେ ଓଡିଆ ପୁଅ ଶଶାଙ୍କ



ଲହୁଣୀପଡା (ଭାସ୍କର ନ୍ୟୁଜ୍) : ଇଛା ଶକ୍ତି ଏବଂ ଦୃଢ ମନୋବଳ ଥିଲେ ଦିନେନା ଦିନେ ମଣିଷ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚି ପାରିଥାଏ । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଲହୁଣିପଡା ବ୍ଲକ କୁର୍ଡା ପଞ୍ଚାୟତ ବ୍ରାହ୍ମଣ ଗାଁ ଗ୍ରାମର ଅରୁଣ ମାହାନ୍ତ ଓ ନମିତା ମାହାନ୍ତଙ୍କ ପୁଅ ଉଦିୟମାନ ଯୁବକ ଶଶାଙ୍କ ଶେଖର ମାହାନ୍ତଙ୍କ କ୍ଷେତ୍ରରେ । ପାରିବାରିକ ଅବସ୍ଥା ସେତେ ସୁଦୃଢ ନଥିଲେ ବି ଖେଳ ପ୍ରତି କେବେ ଭାଙ୍ଗି ପଡ଼ି ନାହାନ୍ତି, କିମ୍ବା ଅଭାବ ଅନାଟନ ଅସୁବିଧା ବି ପ୍ରତିବନ୍ଧକ ସୃଷ୍ଟି କରି ପାରି ନ ଥିଲା ଶଶଙ୍କଙ୍କ ଦୃଢ ମନୋବଳ ଥିବାରୁ ଆଜି ତାଙ୍କୁ ସଫଳତା ଆଣି ଦେଇଥିବା ପ୍ରକାଶ କରିଛନ୍ତି ଶଶାଙ୍କ । ଛୋଟ ସମୟରୁ ହିଁ କବାଡି ଖେଳ ପ୍ରତି ବେଶ ଦୁର୍ବଳତା ଥିବା ଶଶାଙ୍କ ଶେଖର ମାହାନ୍ତ ବଣାଇଗଡ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟରେ ପାଠ ପଢିବା ସମୟରେ ୧୪ ବର୍ଷ ରୁ କମ ବୟସରେ ଜିଲ୍ଲା ତଥା ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରି ସଫଳତା ପାଇଥିଲେ ଏବଂ ମାଟ୍ରିକ ପାସ କରି ସାରିବା ପରେ ସେ ବର୍ତ୍ତମାନ କଟକ ଜିଲ୍ଲା ଉଦୟନାଥ ମହା ବିଦ୍ୟାଳୟରେ ଏବେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର ଭାବେ ଅଧ୍ୟୟନ କରୁଛନ୍ତି । ୧୯ ବର୍ଷରୁ କମ ବୟସରେ କବାଡି ଖେଳରେ ଭାରତ ପାଇଁ ପ୍ରତିନିଧିତ୍ୱ କରି ନେପାଳର ପୋଖରା ରଙ୍ଗସାଲ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଟରନେସନାଲ ଖେଳରେ ନେପାଳ ସହିତ ଫାଇନାଲ ମ୍ୟାଚ ହୋଇଥିଲା ଏବଂ ନେପାଳ ଠାରୁ ଭାରତ ଅଣ୍ଡର ୧୯ ଜୁନିଅର ଦଳ ୧ ପଏଣ୍ଟ ରେ ହାରି ରୌପ୍ୟ ପଦକ ବିଜେତା ହୋଇଥିଲେ । ଇଣ୍ଟରନେସନାଲ ଅଣ୍ଡର ୧୯ ଜୁନିଅର କବାଡି ଓଡିଶା ଫାଇନାଲ କାଉଁସିଲିଙ୍ଗ ରାଉରକେଲାରେ ହୋଇଥିଲେ ମଧ କଟି ଯାଇଥିଲେ ସତ । କିନ୍ତୁ ସେଥିରେ ମଧ ସେ ବିଚଳିତ କିମ୍ବା ହତାଶ ନହୋଇଥିଲେ । କିନ୍ତୁ ଖଡ଼ଗପୁର ରେଳ ବିଭାଗରେ କାର୍ଯ୍ୟ କରୁଥିବା କକା ପରେଶ କୁମାର ମାହାନ୍ତଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପରେ କକା ସହିତ ଖଡ଼ଗପୁର ଯାଇ ଷ୍ଟାଡିୟମରେ ଅଭ୍ୟାସକରୁ ଥିବା ବେଳେ ପ୍ରୋ କବାଡି ୟୁପି ଯୋଧା ପାଇଁ ପ୍ରତିନିଧିତ୍ୱ କରିଥିବା କୋଚ ସୁରେନ୍ଦ୍ର ସିଂ ଭୋଲାଙ୍କ ସହିତ ପରିଚୟ ହେବା ଏବଂ ମୋର କବାଡି ଖେଳ ତାଙ୍କୁ ବେଶ ପ୍ରଭାବିତ କରିଥିଲା ଏବଂ ତାଙ୍କ ପ୍ରଚେଷ୍ଟାରେ ହିଁ ପୁଣି ମଥୁରାରେ ଅନୁଷ୍ଠିତ ଅଣ୍ଡର ୧୯ ଇଣ୍ଟର ନେସନାଲ ଟ୍ରାୟଲ ଦେଇ ୟୁପିରୁ ସିଲେଟ ହୋଇ ଭାରତ ଅଣ୍ଡର ୧୯ କବାଡି ଚମ୍ପିୟାନ ସିପ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଡିସେମ୍ବର ଶେଷ ସପ୍ତାହରୁ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ ନେପାଳରେ ଅନୁଷ୍ଠିତ ହୋଇଥିବା କବାଡି ଚମ୍ପିୟାନ ସିପରେ ନେପାଳ ଠାରୁ ୧ ପ୍ୱଏଣ୍ଟ ହାରି ରୈପୋ ପଦକ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି । ଯାହାକି ଓଡିଶା ରାଜ୍ୟ ସୁନ୍ଦରଗଡ ଜିଲ୍ଲା ବଣେଇ ଉପଖଣ୍ଡ, ଲହୁଣିପଡା ବ୍ଲକ ପାଇଁ ଗୌରବ ଆଣିଥିବା ଜଣାପଡ଼ିଛି । ବାପା ଅରୁଣ କୁମାର ମାହାନ୍ତ ଜଣେ ସାଧାରଣ କ୍ଷୁଦ୍ର ଚାଷୀ, ଛେଳି ପାଳନ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ପୁଅ ଆଜି କବାଡି ଖେଳରେ ଅଣ୍ଡର ୧୯ରେ ଭାରତ ପାଇଁ ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ବିଜେତା ହୋଇ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣି ଦେଇ ଥିବା ଜାଣି ବେଶ ଖୁସି ହୋଇଥିବା ପ୍ରକାଶ କରଛନ୍ତି ।

## କୃତି ଛାତ୍ରକୁ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ଗ୍ରାମ ପଞ୍ଚାୟତ ଦିଆନ ପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମହମ୍ମଦପୁର ଗ୍ରାମର ସମାଜସେବୀ ସେକ ଜଲାଲ ଉଦ୍ଦିନ ଅହମ୍ମଦ ଓ କଲ୍ପନା ଦଲାଇଙ୍କ ପୁତ୍ର ସେକ ଆତିକ ଅହମ୍ମଦ,ଚଳିତ ବର୍ଷ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକରେ ତୃତୀୟସ୍ଥାନ ହାସଲ କରିଛନ୍ତି । ତାଙ୍କର ଏହି ସଫଳତା ବିଦ୍ୟାଳୟକୁ ଗୌରବାନ୍ୱିତ କରିଛି । ତାଙ୍କର ଏହି ସଫଳତା ନିମନ୍ତେ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ସମ୍ପୃକ୍ତ କୃତି ଛାତ୍ରକୁ ଫୁଲତୋଡା ଦିଆଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବାର ଜଣାଯାଇଛି ।

# ୧୫ରୁ ଶ୍ରୀକ୍ଷେତ୍ର ମକର ମହୋତ୍ସବ

ପୁରୀ (ଭାସ୍କର ନ୍ୟୁଜ) : ତାଳବଣିଆ ଉନ୍ନୟନ ପରିଷଦ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରଥମଥର ପାଇଁ ଆୟୋଜିତ ହେଉଛି ଶ୍ରୀକ୍ଷେତ୍ର ମକର ମହୋତ୍ସବ । ଆସନ୍ତା ୧୫ ଓ ୧୬ ତାରିଖ ଦୁଇଦିନ ଧରି ତାଳବଣିଆ ପଡିଆରେ ଏହି ମହୋତ୍ସବ ଅନୁଷ୍ଠିତ ହେବ । ଏ ନେଇ ମଙ୍ଗଳବାର ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ ରୂପରେଖ ସଂକ୍ରାନ୍ତରେ ସୂଚନା ଦେଇଥିଲେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ବରିଷ୍ଠ ସେବକ ମଧୁସୂଦନ ସିଂହାରୀ । ଉଦ୍‌ଘାଟନୀ ଉତ୍ସବରେ ପୁରୀ ସାଂସଦ ଡା. ସମ୍ବିତ ପାତ୍ର, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଧର୍ମଶାଳା ବିଧାୟକ ହିଂମାଂଶୁ ଶେଖର ସାହୁ, ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଜେପି ନେତ୍ରୀ ପିଙ୍କି ପ୍ରଧାନ ଏବଂ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅତିଥି ଭାବେ ଯୋଗଦେବେ । ସେହିପରି ଉଦ୍‌ଯାପନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମହୋତ୍ସବ ଅବସରରେ ମକର ଚାଉଳ, ଗୁଡ଼ିଉଡା ଏବଂ ମକର କବିତା ଆସର ଅନୁଷ୍ଠିତ ହେବ । ଏଥିରେ ୨୦ଟି ଷ୍ଟଲ ଖୋଲାଯିବାକୁ ଥିବାବେଳେ କିଣାବିକାର ସୁଯୋଗ ପାଇବେ ଦେଖଣାହାରୀ । ତେବେ ପ୍ରଥମ ସନ୍ଧ୍ୟାରେ ବମ୍ବେରୁ ଅନନ୍ୟା ଶ୍ରୀତମ ନନ୍ଦ ଏବଂ ସାଥୀ, ଉଦ୍‌ଯାପନୀ ସନ୍ଧ୍ୟାରେ ଶଶାଙ୍କ ଶେଖର ଏବଂ ତାଙ୍କ ସାଥୀ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ଭାରତ ସରକାରଙ୍କ ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ ଏବଂ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ, ଭଜନ, ସମ୍ବଲପୁରୀ, ଗୋଟିପୁଅ ଆଦି ବିଭିନ୍ନ ପ୍ରକାର ନୃତ୍ୟ, ଗୀତର ଆସର ଜମିବ । ମକର ମହୋତ୍ସବ ଉପଲକ୍ଷେ ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନେଇ ଅନୁଷ୍ଠିତ ଭକ୍ତି ସଙ୍ଗୀତ, ଚିତ୍ରାଙ୍କନ ଏବଂ ଝୋଟି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଭ୍ୟର୍ଥନା କମିଟି ଅଧ୍ୟକ୍ଷ ସିଂହାରୀ ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଭ୍ୟର୍ଥନା କମିଟି ଉପାଧ୍ୟକ୍ଷ ଦିଗ୍‌ଦର୍ଶନ ପଟ୍ଟନାୟକ, ଅଭ୍ୟର୍ଥନା କମିଟି ଉପାଧ୍ୟକ୍ଷ ଉମାକାନ୍ତ ନାୟକ, ସାଙ୍ଗଠନିକ ଅଧ୍ୟକ୍ଷ ସନାତନ ଦାସ, ସଭାପତି ସିଉ ଜାମାତ୍ ରାଓ, ସମ୍ପାଦକ ସୁଜିତ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ରାଜେଶ କୁମାର ନନ୍ଦ, ଆବାହକ ଶିବପ୍ରସାଦ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ଅନିତା ପଟ୍ଟନାୟକ, ସାଂସ୍କୃତିକ ସଂଯୋଜକ ଲକ୍ଷ୍ମୀନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ପୁରାତନ ଛାତ୍ରଙ୍କ ଆଲୋଚନାଚକ୍ର

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ସହରର ବଳଦେବ ଉଚ୍ଚ ବିଦ୍ୟାଳୟର ୨୦୦୫ବ୍ୟାଚର ପୁରାତନ ଛାତ୍ରମାନଙ୍କର ଏକ ଆଲୋଚନାଚକ୍ର ମା'ବରୁଣେଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ପୁରାତନ ଛାତ୍ର ରୂପେ ଭବିଷ୍ୟତରେ ବିଦ୍ୟାଳୟର ଉନ୍ନତି ଓ ଅଧୁନା ବିଦ୍ୟାଳୟରେ ପଢୁଥିବା ପିଲା ମାନଙ୍କ ପାଇଁ ପ୍ରୋତ୍ସାହନ ପ୍ରଦାନ ନିମିତ୍ତ କିଛି କାର୍ଯ୍ୟକ୍ରମ ହାତକୁ ନେବାକୁ ଆଲୋଚନା କରାଯାଇଥିଲା । ଏଥିସହିତ ପୁରାତନ ଛାତ୍ରମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା । ପୁରାତନ ଛାତ୍ରମାନେ ବିଗତ ଦିନରେ ସେହି ଅଭୁଲା ସ୍ମୃତିକୁ ସାଉଁଟିବା ସହିତ ଦୀର୍ଘ ବ୍ୟବଧାନ ପରେ ମିଳିତ ହୋଇଥିବାରୁ ପରସ୍ପର ମଧ୍ୟରେ ଦୁଃଖ ଓ ସୁଖ ବାଣ୍ଟିବାରେ ନିମଗ୍ନ ହୋଇପଡିଥିଲେ । ଏହି କାର୍ଯ୍ୟକ୍ରମକୁ ସୌମ୍ୟକାନ୍ତ, ସମ୍ବିତ, ଆଦିତ୍ୟ, ବିଶ୍ୱରଂଜନ, ସରୋଜ, ଗୁରୁଚରଣ, ବିଭବ, ଶାରଦା ପ୍ରସନ୍ନ ପ୍ରମୁଖ ସୁଚାରୁରୂପେ ପରିଚାଳନା କରିଥିଲେ ।

# ସହରରେ ଆଇନ୍ ଶୃଙ୍ଖଳାକୁ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ



ବାରିପଦା: (ଭାସ୍କର ନ୍ୟୁଜ୍):ବାରିପଦା ସହରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ଲୁଟେରାଙ୍କ ପ୍ରାଧାନ୍ୟ ବିସ୍ତାରକୁ ନେଇ କଂଗ୍ରେସ ଦଳର ଟାଉନ ସଭାପତି ଶାନ୍ତନୁ ପାଲଙ୍କ ନେତୃତ୍ୱର ଏକ ଅଭିଯୋଗ ପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏ.ଡି.ଏମ ବା ଅତିରିକ୍ତ ଜିଲ୍ଲାପାଳ ଙ୍କୁ ଉକ୍ତ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଏହି କି ଯେ ଗତ ଶନିବାର ଦିନ ୧୧ ଟା ସମୟରେ ଟାଉନ ଥାନା ପାଖ ଶୀତଳା ମନ୍ଦିର ନିକଟରୁ ଜଣେ ମହିଳାଙ୍କ ବେକରୁ ସୁନାହାର ଛିନତାଇ, ରଘୁନାଥପୁର ସେଣ୍ଟମେରୀ ସ୍କୁଲରୁ ପିଲାକୁ ଆଣିବାକୁ ଯାଇଥିବା ମହିଳାଙ୍କ ବେକରୁ ସୁନାହାର ଲୁଟ, ଠିକ ସେହିପରି ପ୍ରଫୁଲ୍ଲ ନଗର ଠାରେ କନଭେଣ୍ଟ ସ୍କୁଲ ସମ୍ମୁଖରେ ମହିଳାଙ୍କ ବେକରୁ ସୁନାହାର ଲୁଟ ହୋଇଛି । ଏଇ କିଛିଦିନ ପୂର୍ବରୁ ମଧୁବନର ଗୌରହରି ବିଶ୍ୱାଳଙ୍କ ପତ୍ନୀ ଠାରୁ ସୁନାହାର ଲୁଟ ହୋଇଛି, ବିଜୟରାମଚନ୍ଦ୍ରପୁରରେ କେଦାରନାଥଙ୍କ ଘରୁ ଆଲମାରୀ ଭାଙ୍ଗି ୯ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବାର ଅଭିଯୋଗ ହୋଇଛି । ଦିନକୁ ଦିନ ବାରିପଦା ସହରରେ ଏପରି ଚୋରି, ଛିନତାଇ, ଧଳା ଜହର କାରବାର ବୃଦ୍ଧି ହେବାର ଲାଗିଛି, ଫଳରେ ସହରବାସୀ ଭୟଭୀତ ହେବାର ଖବର ଶୁଣିବାକୁ ମିଳୁଛି । ଏଣୁ ପୋଲିସ ତାର କାର୍ଯ୍ୟ କିପରି ଠିକ ଭାବରେ କରିବ ଓ ସହରବାସୀ ଉପକୃତ ହେବେ ତା' ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ସିପିଆଇର ଜିଲ୍ଲା ସଂପାଦକ ଜଗବନ୍ଧୁ ମିଶ୍ର, ଆଇନଜୀବୀ ମନୋଜ ମହାନ୍ତ, ନିର୍ମଳ ପ୍ରଧାନ, ଭବାନୀ ଶଙ୍କର ସାହୁ, ଗୋସାଇଁ ଚରଣ ମହାନ୍ତ ପ୍ରମୁଖ ଉପସ୍ଥିତ ହୋଇ ଅତିରିକ୍ତ ଜିଲ୍ଲାପା ଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ ।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟ ରେ ବାଳିକା ଆତ୍ମାରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ସଂଯୋଜିକା ଲକ୍ଷ୍ମୀରାଣୀ ସୁବୁଦ୍ଧି ଓ ଜି ବବିନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ଦାସ ଏହାକୁ ଉଦଘାଟନ କରି ବାଳିକା ମାନଙ୍କୁ ଏହି ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୨୦୨ଜଣ ଛାତ୍ରୀ ଯୋଗଦେଇଥିଲେ । ଏହା ଆଗାମୀ ୧୬ତାରିଖ ଯାଏ ଏହି ଶିବିର ଅନୁଷ୍ଠିତ ହେବ । ପ୍ରଶିକ୍ଷିକା ମିତା ସ୍ୱାଇଁ ଓ ସଂଗୀତା ଜେନା ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ଅଧାପିକା ଗାୟତ୍ରୀ ପଟ୍ଟନାୟକ, ଛବିରାଣୀ ସାହୁ ଓ ସୁଧାରାଣୀ ଦାସ ଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ ।

## ଘରୋଇ ବସ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ଚୟନ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଘରୋଇ ବସ ମାଲିକ ସଂଘର ସମ୍ପାଦକ ଇ.ଭେଙ୍କଟ ରାଓ ନିଜ ପଦବୀରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଛନ୍ତି । ତଥ୍ୟ ଅନୁଯାୟୀ ଗତ ୫ ତାରିଖ ଦିନ ଘରୋଇ ବସ ମାଲିକ ସଂଘର ବୈଠକ ଅନୁଷ୍ଠିତ ହୋଇଥିଲ । ଉକ୍ତ ବୈଠକରେ ସମ୍ପାଦକ ଇ. ଭେଙ୍କଟ ରାଓ ନିଜ ପଦବୀରୁ ଇସ୍ତଫା ଦେବାକୁ ନିଷ୍ପତି ନେଇ ଲିଖିତ ଆକାରରେ ଜିଲ୍ଲା ସଭାପତିଙ୍କୁ ଜଣାଇଥିଲ ତେବେ ଇସ୍ତଫା ପତ୍ର ଦେବାର ୫ ଦିନ ମଧ୍ୟରେ ସଂଘର ସମସ୍ତ ନଥିପତ୍ର ଦାଖଲ କରିବାକୁ ଅନୁରୋଧ କରା ଯାଇଥିଲା । ଇସ୍ତଫା ପତ୍ର ଦେଇ ୫ ଦିନ ବିତି ଯାଇଥିଲେ ସୁଦ୍ଧା ଶ୍ରୀ ରାଓ କୌଣସି ନଥିପତ୍ର ସଂଘ କାର୍ଯ୍ୟାଳୟରେ ଦାଖଲ କରି ନଥିବାରୁ ଆଜି ପୁନ୍ନବାର ର ଏକ ବୈଠକ କରାଯାଇ ଉକ୍ତ ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ରାଜେଶ୍ୱରୀ ପ୍ରଧାନ, ଉପସଭାପତି ଭାବେ ସପନ କୁମାର ଦତ୍ତ ଓ ଦିଲିପ କୁମାର, କାର୍ଯ୍ୟକାରୀ ସଭାପତ ଭାବେ ରାଜଶ କୁମାର ରାଉତ, ନୂତନ ସମ୍ପାଦକ ଭାବେ ଅଶୋକ ରାଉତ (ଝୁଲା) ଯୁଗ୍ମ ସମ୍ପାଦକ ଭାବେ କେଦାନନାଥ ଦାସ, କୋଷାଧ୍ୟକ୍ଷ ଭାବେ ରାଜେଶ ପାତ୍ର, ଆଇନ ଉପଦେଷ୍ଟା ଭାବେ ଦୁର୍ଗା ପ୍ରସାଦ ତ୍ରିପାଠୀ । ଏଥିସହ ଆଗାମୀ ୧୫ ଦିନ ମଧ୍ୟରେ ପୂର୍ବତ୍ତନ ସମ୍ପାଦକ ଇ. ଭେଙ୍କଟ ରାଓଙ୍କୁ ସମସ୍ତ ନଥିପତ୍ର କାର୍ଯ୍ୟାଳୟରେ ଦାଖଲ କରିବାକୁ ମାଲିକମାନେ ଅନୁରୋଧ କରିଛନ୍ତି । ଏହି ସଭା କାର୍ଯ୍ୟକାରୀ ସଭାପତି ରାଜଶ କୁମାରଙ୍କ ସଭାପତିତ୍ୱରେ କରାଜିଥିଲା । ଦୀର୍ଘ ୨୫ ଅଭିଜ୍ଞତା ସହିତ ସଂସ୍ଥା ରେ କାର୍ଯ୍ୟକରି ଆସୁଥିବା ହେତୁ ଛବି ଦାସ ଙ୍କୁ ମୁଖ୍ୟ ଉପଦେଷ୍ଟା ଭାବେ ଚୟନ କରାଗଲା ।

# ଚୌଦ୍ୱାରରେ ବିଶାଳ ଗଣଦୌଡ଼

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଜାତୀୟ ଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଜୟନ୍ତୀ ଉତ୍ସବ ଅବସରରେ ଟାଙ୍ଗୀ-ଚୌଦ୍ୱାରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସୋସିଆଲ ଡେଭଲପମେଣ୍ଟ ପକ୍ଷରୁ ୧୨ତମ ବିଶାଳ ଗଣଦୌଡ଼ ଓ ଅନୁଷ୍ଠାନର ବାର୍ଷିକ ଉତ୍ସବ ଓଟିଏମ୍ କଲୋନୀ ସ୍ଥିତ ଗୋପବନ୍ଧୁ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ମେଡ଼ାଲପ୍ରାପ୍ତ ଜାତୀୟ କ୍ରୀଡ଼ାବିତ୍ ନଳିନୀକାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ଜାତୀୟ କ୍ରୀଡ଼ାବିତ୍ ପ୍ରତିମା ମିଶ୍ର, ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବରିଷ୍ଠ ପାରିଷଦ ସୁବ୍ରତ କୁମାର ସାମଲ, ବିନୋଦିନୀ ରାଉତରାୟ, ଆଶୁତୋଷ ଦାସ, ପୂର୍ବତନ ପାରିଷଦ ବିଷ୍ଣୁଚରଣ ପରିଡ଼ା, ମନୋଜ କୁମାର ମହାନ୍ତି, ଶାଳଗାଁ ସରପଂଚ ପବିତ୍ର ମୋହନ ଉପାଧ୍ୟାୟ, ଶିକ୍ଷାବିତ୍ ଡଃ ସନ୍ତୋଷ କୁମାର ବଳ, ରୋଟାରିଆନ୍ ଶରତ କୁମାର ଖୁଣ୍ଟିଆ, ପୂର୍ବତନ କମାଣ୍ଡା ବିଜୟ କୁମାର ସାହୁ , ସମାଜସେବୀ ଜ୍ୟୋତିରଂଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନର ସଭାପତି ଭାସ୍କର ଚନ୍ଦ୍ର



ରାଉତରାୟ ଓ ସମ୍ପାଦକ ଅଶ୍ୱିନୀ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଗଣଦୌଡ଼ଟି ଗୋପବନ୍ଧୁ ଖେଳ ପଡ଼ିଆରୁ ଆରମ୍ଭ ହୋଇ ଓଟିଏମ୍ ବଜାର, ଗାନ୍ଧିଛକ, ଚୌଦ୍ୱାର ଥାନା, କଳିଙ୍ଗ ଛକ, ବିରାଟବଜାର, ଆଗ୍ରାହାଟ, ନୂଆଗାଁ, ବାଟବୁଢ଼ୀ କଲୋନୀ, ଜାକୋବଇନ୍ କ୍ଲବ୍, ଆମ୍ବିସନ୍ କ୍ଲବ୍ ଦେଇ ଗୋପବନ୍ଧୁ ଖେଳ ପଡ଼ିଆ ଠାରେ ଶେଷ ହୋଇଥିଲା । ଗଣଦୌଡ଼ର ବରିଷ୍ଠ ବାଳକ ବିଭାଗରେ ଶୁଭମ୍ ବେହେରା, ଦିବ୍ୟ ରଂଜନ ସାମଲ, ଟାଂଗ୍ ବ୍ରନ୍ ରୋସନ୍ ସିଂ, କନିଷ୍ଠ ବିଭାଗରେ ସଞ୍ଜୟ ବଦ୍ରା, ଆୟୁଷ କୁମାର ସିଂ, ଚିନ୍ତନ କୁମାର ସାହୁ ଓ ବାଳିକା ବିଭାଗରେ ପୂର୍ଣ୍ଣିମା ସାନ୍ଦିଲ, ଶୁଭଶ୍ରୀ ନାୟକ, ଦେବସ୍ମିତା ମହାନ୍ତି ପ୍ରମୁଖ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହାସହ ଅନୁଷ୍ଠାନ ପକ୍ଷରୁ କୁଇଜ୍, ଚିତ୍ରାଙ୍କନ, ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିବା ବେଳେ ବରିଷ୍ଠ ବକ୍ତୃତା ବିଭାଗରେ ସିପ୍ରା ଖୁଣ୍ଟିଆ, ଶ୍ରୀୟା ସାହୁ, ବନ୍ଦିତା ଦାସ, କନିଷ୍ଠ ବକ୍ତୃତାରେ ଆନନ୍ଦିତା ପଢ଼ିଆରୀ, ଅଙ୍କିତା ପାଢ଼ୀ, ଆୟାଂଶୀ ପାତ୍ର, ବରିଷ୍ଠ କୁଇଜ୍ ବିଭାଗରେ କ୍ଷେତ୍ରବାସୀ ବେହେରା, ସେକ୍ ମୁଦାସିର, ଅଂଶୁମାନ ସାହୁ, କନିଷ୍ଠ ବିଭାଗରେ ଶୌମଶ୍ରୀ ରାଉତରାୟ, ଆଲେନ୍ ବିହାରୀ, ସ୍ୱରୂପ ପ୍ରିୟତମ ବଳ, ବରିଷ୍ଠ ଚିତ୍ରାଙ୍କନରେ ରେହାନ୍ ଲତିଫ୍ ସାହା, ଗୌରବ ମହାରଣା, ସୌମ୍ୟରଞ୍ଜନ ଲେଙ୍କା ଓ କନିଷ୍ଠ ବିଭାଗରେ ସୌମ୍ୟାଂଶୁ ରାଉତରାୟ, ପ୍ରିୟାଂଶୁ ରାଉତରାୟ ଓ ସତ୍‌ରୂପା ମହାନ୍ତି ପ୍ରମୁଖ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ନୃତ୍ୟ ପ୍ରତିଯୋଗିତାରେ ସୁଇଟ୍ ଡ୍ୟାନ୍ସ ସ୍କୁଲ, ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିର, ପରିବ□ନ ନିଶା ନିବାରଣ କେନ୍ଦ୍ର, ଏସ୍‌ଡିଏସ୍ ଡ୍ୟାନ୍ସ ସ୍କୁଲ, ଓଟିଏମ୍ ହାଇସ୍କୁଲ ଓ ଏକକ ନୃତ୍ୟରେ ଶ୍ରେୟାଂଶି ସରିତା, ମନିଶା ପାତ୍ର, ସିପ୍ରା ମିଶ୍ର, ପ୍ରିୟମ୍ ପ୍ରିୟାଂଶୁ, ଇସ୍‌ପତା ନାୟକ ପ୍ରମୁଖ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ମାନସ କୁମାର ପରିଡ଼ା, ଭୀମସେନ୍ ବିଶ୍ୱାଳ, ଶ୍ରୀକାନ୍ତ ପାକଳ, ସୁରେଶ ରାଉତରାୟ, କାହ୍ନୁଚରଣ ଜେନା, ସୁଜିତ୍ ଦାସ, ଅମୂଲ୍ୟ ରଂଜନ ରାଉତରାୟ, ଟୁକୁ ପ୍ରଧାନ, ମାନସ ରଂଜନ ଖୁ□ଆ, ରାଜକିଶୋର ସାମନ୍ତ, ଅନ୍ତର୍ଯ୍ୟାମୀ ସାହୁ, ଭାସ୍କର ପ୍ରସାଦ ମହାପାତ୍ର,ଦୀପକ ବାରିକ, କ୍ୟାଚ୍ ଚାରିଟେବୁଲ ଟ୍ରଷ୍ଟର ସମସ୍ତ ସଦସ୍ୟ ଓ ଚୌଦ୍ୱାର ପୋଲିସ୍ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ସର୍ବଭାରତୀୟ ଟିଆରଏଲ୍ କ୍ରୋସାକି କପ୍ ଫୁଟବଲ୍ ଉଦ୍‌ଯାପିତ

# ସୁନାବେଢ଼ାକୁ ପରାସ୍ତ କରି ପଶ୍ଚିମବଙ୍ଗ ଚାମ୍ପିଅନ୍




ଝାରସୁଗୁଡ଼ା/ବେଲପାହାଡ଼(ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ଟିଆରଏଲ କ୍ରୋସାକି କମ୍ପାନୀ ପକ୍ଷରୁ ସ୍ଥାନୀୟ ଟିଆରଏଲ କ୍ରୋସାକି ଷ୍ଟାଡିୟମ୍‌ରେ ଚାଲିଥିବା ପ୍ରଥମ ସର୍ବଭାରତୀୟ ଟିଆରଏଲ କ୍ରୋସାକି କପ୍ ଫୁଟବଲ୍ ପ୍ରତିଯୋଗିତା ୨୦୨୫ ଉଦଯାପିତ ହୋଇଯାଇଛି । ଏହା ଜାନୁଆରୀ ୬ ତାରିଖ ଦିନ ଆରମ୍ଭ ହୋଇଥିବା ବେଳେ ୧୨ ତାରିଖ ଦିନ ସମାପ୍ତ ହୋଇଛି । ଏଥିରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ୍ ଖେଳ କୋଲକାତା ପଶ୍ଚିମବଙ୍ଗ ପୁଲିସ ଦଳ ଓ କୋରାପୁଟ ସୁନାବେଢ଼ା ସାଇ ହାଲ୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳର ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ଦେବାରୁ ଖେଳଟି ଅମିମାଂଶିତ ରହିଥିଲା । ପରେ ଟ୍ରାଇ ବ୍ରେକର ଜରିଆରେ ପଶ୍ଚିମବଙ୍ଗ ଦଳ ୪-୩ ଗୋଲରେ ସୁନାବେଢ଼ା ଦଳକୁ ପରାସ୍ତ କରି ଚମ୍ପିଆନ୍ ଟ୍ରଫି ହାସଲ କରିଥିଲା । ଚମ୍ପିଆନ୍ ପଶ୍ଚିମବଙ୍ଗ ଦଳକୁ ୧ ଲକ୍ଷ ଓ ଉପବିଜେତା ସୁନାବେଢ଼ା ଦଳକୁ ୭୦ ହଜାର ଟଙ୍କା ସହିତ ଉଭୟ ଦେକକୁ ଟ୍ରଫି ପୁରସ୍କୃତ କରାଯାଇଥିଲା । ଖେଳାଳିଙ୍କ ମଧ୍ୟରୁ ସଞ୍ଜିତ ଖୋରା ଶ୍ରେଷ୍ଠ ସ୍କୋରର ସହ ଶ୍ରେଷ୍ଠ ଖେଳାଳି, ନୋରୁଦ୍ଦିନ ମଣ୍ଡଳ ମ୍ୟାନ ଅଫ୍ ଦି ମ୍ୟାଚ୍, ଉତ୍ତମ ନାସ୍କର ଶ୍ରେଷ୍ଠ ଡିଫେନ୍ସ, ରବି ଦେଉଳପଡ଼ିଆ ଶ୍ରେଷ୍ଠ ଗୋଲ କିପର ଭାବେ ପୁରସ୍କୃତ ହୋଇଥିଲେ । ମ୍ୟାଚ୍ କମିଶନର ଗିରିଶ ଚନ୍ଦ୍ର ଜୟପୁରିଆ, ରେଫରୀ ଭାବରେ କିଶନ ଦାଶଙ୍କ ସମେତ ପ୍ରଦୀପ୍ତ ନାୟକ, ଶଶିକାନ୍ତ ଦାସିଆ, ପ୍ରଶାନ୍ତ ବେହେରା, କାର୍ତ୍ତିକ ଦାଶ, ଆଶୀର୍ବାଦ କାନୁନଗୋ, ରମଣୀ ମାଝୀ, ଶଶିକାନ୍ତ ଦାସିଆ ଓ ପ୍ରଶାନ୍ତ ବେହେରା ଖେଳକୁ ପରିଚାଳନା କରିଥିଲେ । ଭାଗିରଥୀ (ଜନ୍) ପାତ୍ର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ଖେଳଟି ଅତି ଉଚ୍ଚ କୋଟିର ପ୍ରଦର୍ଶନ ହୋଇଥିବାରୁ ଷ୍ଟାଡିୟମ୍ ?ରେ ହଜାର ହଜାର ଦର୍ଶକଙ୍କ ମହଲରେ ଅନେକ ଉତ୍ସାହ ଦେଖିବାକୁ ମିଳିଥିଲା । ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନିତ ଅତିଥି ଭାବେ ଟିଆରଏଲ୍ କ୍ରୋସାକି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକ, ବରିଷ୍ଠ ଅଧିକାରୀ ଡ. ତାରାପଦ ଦାଶ, ହିରୋଶି ନାଗାତା, ଏମଭି ରାଓ, ମାନସ ପାଢ଼ୀ, ସୁଶାନ୍ତ ଦାଶ, ଅତିରିକ୍ତ ତହସିଲଦାର କୁଳମଣି ଦଲେଇ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ଖେଳ ଆୟୋଜନରେ ଡ. ସନ୍ତୋଷ ମିଶ୍ର, ପ୍ରଫୁଲ୍ଲ ରଥ, ଶଶାଙ୍କ ଦୀକ୍ଷିତ, କିଶନ ଦାଶ, ସ୍ମୃତିରଞ୍ଜନ ପ୍ରଧାନ, ଦୀପକ ସାହୁ, ଶକ୍ତି ମହାପାତ୍ର, ସଞ୍ଜୟ ଦୀକ୍ଷିତ, ବିନୋଦ ରାଉଳ, ତପନକାନ୍ତ ଜେନା, ସଞ୍ଜୟ ସିଂ, ସୁଭେନ୍ ଅଧିକାରୀ, ଦୁଷ୍ମନ୍ତ ରାଉତ, ସୁଧାଂଶୁ ରାଉତ, ଗିରିଶ ଜୟପୁରିଆ, ରାମ ସେନ୍ଦ୍ରିଆ ପ୍ରମୁଖ ସହଯୋଗ କରିଥିଲେ । ଆଗାମୀ ଦିନରେ ଏହି ଷ୍ଟାଡିୟମକୁ ଆନ୍ତଃରାଷ୍ଟ୍ରୀୟ ସ୍ତରରେ ପରିଣତ କରିବା, ଆନ୍ତଃରାଷ୍ଟ୍ରୀୟ ଖେଳ ଆୟୋଜନ ସହିତ ଏକ ସ୍ଥାନୀୟ ଦଳ ମଧ୍ୟ ପ୍ରସ୍ତୁତ କରାଯିବ ବୋଲି ଟିଆରଏଲ୍ କ୍ରୋସାକିର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକ ପ୍ରକାଶ କରିଛନ୍ତି ।

# ସୁକତେଲ ମହୋତ୍ସବ ଉଦ୍‌ଯାପିତ



ବଲାଙ୍ଗିର (ଭାସ୍କର ନ୍ୟୁଜ୍) : ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ଗ୍ରାମ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ ପଡିଆରେ ନେସନାଲ ସର୍ଭିସ୍ ଫାଉଣ୍ଡେସନ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାର ଅନୁକୁଲ୍ୟ ରେ ଆୟୋଜିତ ସୁକତେଲ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ମହୋତ୍ସବର ତୃତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହି ନେଇଥିଲା ବଲାଙ୍ଗିରର ସୁନାମଧନ୍ୟ ଅନୁଷ୍ଠାନ ସଂଜ୍ୟୋତ କଳାକେନ୍ଦ୍ର ନିର୍ଦ୍ଦେଶିକା ତଥା ନୃତ୍ୟ ଗୁରୁ ସଂଗିତା ଦାଶଙ୍କ ମଡୁଆଶାଳ, ପଂଚରଶି, ଡାଲଖାଇ ଆଦି ଲୋକ ନୃତ୍ୟ ଓ ଲୋକ ଗୀତ । ମଡୁଆଶାଳ ର ବିଶେଷ ଆକର୍ଷଣ ବିହା ବେଦିରେ ମଡୁଆ ମାରିବା ଠୁ ନେଇ ଝିଅ ଶାଶୁ ଘର ଯିବା ପର୍ଯ୍ୟନ୍ତ ଲୋକ ଗୀତ ଓ ଲୋକନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା କ୍ଷ ଦଣ୍ଡନୃତ୍ୟ, ରାମଲିଳା, ଆଦିବାସୀ ନୃତ୍ୟ, କିର୍ତ୍ତନ ପାର୍ଟି ସହ ବହୁ କଳାକାର ଯୋଗ ଦେଇଥିଲେ । ମୁଖ୍ୟତଃ ସଂସ୍କୃତି ଗବେଷକ ନବୀନ କୁଅଁର, ବ୍ୟାସଦେବ ପୁରୋହିତ, ଶାଶ୍ୱତ ତ୍ରିପାଠୀ, ମୁରଲିଧାରୀ ପତି, କପିଳେଶ୍ୱର ଖମାରୀ, ମଧୁସୁଦନ ନାୟକ ଙ୍କ ଉପସ୍ଥିତି ବହୁ କଳାକାରଙ୍କୁ ଉତ୍ସାହିତ କରିଥିଲା । ବରେଣ୍ୟ ଅତିଥି ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ , ଅମଜିତ ପଟେଲ ଓ ପୁରୁଷୋତ୍ତମ ସାହୁ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉଦ୍‌ଯାପନି ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ, ବରେଣ୍ୟ ଅତିଥି ଉପ-ଜିଲ୍ଲାପାଳ ଆଲୋକ ରଂଜନ ପଟେଲ, ଗୋଲାପ ବାଗ, ଦେଓଗାଁ ବିଡ଼ିଓ ପ୍ରମୁଖ ମଂଚାସିନ ହୋଇଥିଲେ । ବିଶିଷ୍ଟ କଳାକାର ଦଣ୍ଡ ଶିରୋମଣୀ ସାନନ୍ଦ ସିକା, ବିଶିଷ୍ଟ ସମାଜସେବୀ ଲୋକନାଥ କୁମୁରା ଚୁଡ଼ାପାଲି, ମୋର ସମିଆ ରିପୋର୍ଟର ନିବେଶ ପାଣିଗ୍ରାହୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସ୍କୃତିକ ସନ୍ଧ୍ୟାରେ ଆର.ଆର. କଲୋନି ଡୁଙ୍ଗୁରିପାଲି, ଘୁଙ୍ଗୁରୁ କଳାପରିଷଦ, ଦେଓଗାଁ ବିଡିଓ, ବିଶିଷ୍ଟ କଣ୍ଠ ଶିଳ୍ପୀ ପ୍ରତାପ ସାହୁ କଳା ପରିବେଷଣ କରିଥିଲେ । ଆୟୋଜକ କମିଟି ସଭାପତି ବିଧୂଭୂଷଣ ସିଂଦେଓ, ସଂପାଦକ ପ୍ରଣୟ ଆନନ୍ଦ ତ୍ରିପାଠି, ଆବାହକ ଟିଙ୍କୁ ପ୍ରଧାନ, ଉପଦେଷ୍ଟା ମଳୟ ଆନନ୍ଦ ତ୍ରିପାଠି, ସୁକତେଲ ମହୋତ୍ସବ ର ଉଦ୍ୟୋକ୍ତା ସଂଜୟ ଆନନ୍ଦ ତ୍ରିପାଠି, ସଂଯୋଜକ ସତ୍ୟନାରାୟଣ ଗହିର, ଉପ ସଭାପତି ସୁବଳ ଗୁରହାଣ୍ଡି, ସୁରେଶ ମେହେର, କାର୍ଯ୍ୟ କ୍ରମ ନିଷ୍ପାଦକ ହାଡିବନ୍ଧୁ ତ୍ରିପାଠି ପ୍ରମୁଖ ନେତୃତ୍ୱ ନେଇଥିଲେ ଏବଂ ସଂଯୋଜକ ସଂଗଠକ ଜୟକୃଷ୍ଣ ମିଶ୍ର ଧନ୍ୟବାଦ୍ ଜ୍ଞାପନ କରିଥିଲେ ।



# ଆମ କଳାହାଣ୍ଡି





## ଏଟିଏମ୍‌ରେ ନାହିଁ ଟଙ୍କା
## ଅସୁବିଧାର ସମ୍ମୁଖୀନ ଉପଭୋକ୍ତା

କେସିଙ୍ଗା, (ଭାସ୍କର ନ୍ୟୁଜ୍): କେସିଙ୍ଗା ସହର କଳାହାଣ୍ଡି ଜିଲ୍ଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ପରିଚିତ। ସହରରେ ଭାରତର ପ୍ରାୟ ସମସ୍ତ ରାଷ୍ଟ୍ରାୟତ ବ୍ୟାଙ୍କ ଥିଲାବେଳେ ସମସ୍ତ ବ୍ୟାଙ୍କର ଏଟିଏମ୍ ମଧ୍ୟ ସ୍ଥାପନ କରାଯାଇଛି। ହେଲେ ୨୦୨୫ ଜାନୁୟାରୀ ପହିଲା ଠାରୁ ଆଜି ପର୍ଯ୍ୟନ୍ତ ସହରର କୌଣସି ବ୍ୟାଙ୍କ ଓ ଏଟିଏମ୍ ଗୁଡିକରେ ନାହିଁ ଟଙ୍କା। ଉପଭୋକ୍ତାମାନେ ବ୍ୟାଙ୍କକୁ ଟଙ୍କା ଉଠାଣ ପାଇଁ ଗଲେ ନଗଦ ଟଙ୍କା ନଥିବା କହି ଫେରାଇ ଦେଉଛନ୍ତି କାଉଣ୍ଟରରେ ବସିଥିବା କର୍ମଚାରୀ । ଏଟିଏମ୍ ମାନଙ୍କରେ ମଧ୍ୟ ସମାନ ଅବସ୍ଥା। ତେଣୁ ଯେଉଁ ଉପଭୋକ୍ତା ମାନେ ଡିଜିଟାଲ କାରବାର କରୁଛନ୍ତି । ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ଚାଷୀମାନେ ମଧ୍ୟ ପ୍ରାକୃତିକ ବାଧାବିଘ୍ନ ସହି କଷ୍ଟ ଉପାର୍ଜିତ ଧାନ ଓ କପା ବିକ୍ରି କରି ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ଅର୍ଥ ପାଇପାରୁ ନାହାନ୍ତି। ସେହିପରି ଗର୍ଭବତୀ ମହିଳାମାନେ ମଧ୍ୟ ଟଙ୍କା ନପାଇ ଅସହାୟ ଅବସ୍ଥାରେ ଫେରିଯାଉଥିବା ଦେଖିବାକୁ ମିଳିଛି। ରୋଗୀମାନେ ମଧ୍ୟ ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁ ନାହାନ୍ତି। ଏପରିକି ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ବୃଦ୍ଧବୃଦ୍ଧାମାନେ ଆକାଉଣ୍ଟରୁ ଭତ୍ତା ଟଙ୍କା ଉଠାଇ ନପାରି ବହୁ କଷ୍ଟରେ କାଳାତିପାତ କରୁଛନ୍ତି। ଏଣୁ ସେମାନେ ଏହା ସରକାରଙ୍କ ଅପାରଗତା ବୋଲି କହିବାକୁ ପଛାଉ ନାହାନ୍ତି। ପରିସ୍ଥିତି ଏମିତି ହେଲାଣି ଯେ ସହରର ପ୍ରମୁଖ ବ୍ୟାଙ୍କ ଏସବିଆଇ କର୍ତ୍ତୃପକ୍ଷ ମାତ୍ର ୧୦ ହଜାର ଟଙ୍କା ଦେବା ପାଇଁ ଅକ୍ଷମ। ଏଠାରେ ପ୍ରଶ୍ନ ଉଠୁଛି ଯେ ଲୋକେ କ'ଣ ବ୍ୟାଙ୍କରେ ଟଙ୍କା ଜମା ରଖିବା ପାଇଁ ପଛଘୁଞ୍ଚା ଦେଉଛନ୍ତି କି ? ଏହି ନଗଦ ଟଙ୍କା କମ୍‌ର କାରଣ ବିଷୟରେ କେସିଙ୍ଗା ଏସବିଆଇ ବ୍ୟାଙ୍କ ମ୍ୟାନେଜର ରୋହିତ ମହାନନ୍ଦଙ୍କୁ ଜନୈକ ଗଣମାଧ୍ୟମ ପ୍ରତିନିଧି ପଚାରିବାରୁ ସେ ନଗଦ ଟଙ୍କାର ଅଭାବ କଥାକୁ ସ୍ୱୀକାର କରିଥିଲେ। ତେବେ ଏହି ନଗଦ ଟଙ୍କାର ଅଭାବ ସାରା ଓଡ଼ିଶାରେ ଚାଲିଛି ବୋଲି କହିବା ସହ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରାୟ ୨୦୦ କୋଟି ପଠାଇଛନ୍ତି। ଆସନ୍ତା ସପ୍ତାହରେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରକାଶ କରିଥିଲେ।

## ରାଷ୍ଟ୍ରୀୟ ଯୁବ ଦିବସ ପାଳିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ୱାମୀ ବିବେକାନନ୍ଦଙ୍କର ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ଯୁବ ଦିବସ ରୂପେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ଭବାନୀପାଟଣାଠାରେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ସେ କିପରି ଆଜିର ଯୁବ ସମାଜରେ ପ୍ରେରଣା ସ୍ରୋତ ରୂପେ କାମ କରୁଛନ୍ତି, ସମାଜ ଓ ହିନ୍ଦୁ ଧର୍ମର ଉତ୍ଥାନ ପାଇଁ ନିଜର ଜୀବନକୁ ସ୍ୱାମୀଜୀ କି ଭଳି ଦୀପଶିଖା ପରି ଜଳେଇ ଦେଇଥିଲେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ହିନ୍ଦୁ ଧର୍ମକୁ ବିଶ୍ୱ ଧର୍ମ ସଂସଦ ଆମେରିକା ଠାରେ ତାଙ୍କର ବର୍ଣ୍ଣନା କିଭଳି ହୃଦୟସ୍ପର୍ଶୀ ଥିଲା ତାହାର ଅବିସ୍ମରଣୀୟ ଦିଗ ବିଷୟରେ ବିଭିନ୍ନ ଉଦାହରଣ ମଧ୍ୟ ଦିଆଯାଇଥିଲା। ଏକ ବାକ୍ୟରେ କହିବାକୁ ଗଲେ ସ୍ୱାମୀଜୀ ହୋଇଛନ୍ତି ଜଣେ ମହାନ୍ ଦାର୍ଶନିକ, ସମାଜ ସଂସ୍କାରକ ଓ ଯୁବ ଆବାହକ। ୧୯୮୪ ମସିହାରେ ତାଙ୍କର ଜନ୍ମ ଦିବସ ଜାନୁୟାରୀ ୧୨ ତାରିଖକୁ ଭାରତ ସରକାର ଜାତୀୟ ଯୁବ ଦିବସ ରୂପରେ ପାଳନ କରିବାକୁ ଘୋଷଣା କରିଥିଲେ। ତାଙ୍କ ଜୀବନର ଅନେକ ଉଦାହରଣ ଲକ୍ଷ ଲକ୍ଷ ଯୁବଶକ୍ତିଙ୍କ ମଧ୍ୟରେ ଭରି ଦିଏ ରାଷ୍ଟ୍ରଭକ୍ତିର ଅଫୁରନ୍ତ ଶକ୍ତି । ତାଙ୍କର ଜୀବନର ଦର୍ଶନ ଆମ ପାଇଁ ପ୍ରେରଣାର ସ୍ରୋତ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଏବିଭିପି ପକ୍ଷରୁ ମହେଶ ସାଗର, ହିତେଶ ସାହୁ, ସତ୍ୟ ସ୍ୱାଇଁ, ଆୟୁଷ ମହାନ୍ତି, ଶୁଭମ୍, ଦେବାଶିଷ ପଟ୍ଟନାୟକ, ତନିଶ ପୂଜାରୀ , ଅକ୍ଷୟ ନାୟକଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଳିତ



ନର୍ଲା , (ଭାସ୍କର ନ୍ୟୁଜ୍) : କିଛି ଦିନ ହେଲା କଳାହାଣ୍ଡି ଜିଲ୍ଲାର ଗାଁ ଠୁ ସହର କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଚଳଚଞ୍ଚଳ ଥିବାବେଳେ ନର୍ଲା ବ୍ଲକ୍ ପରିସରରେ ମଧ୍ୟ ମହା ଆଡ଼ମ୍ବର ସହିତ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ପାଳିତ ହୋଇଯାଇଛି। ସର୍ବପ୍ରଥମେ ନର୍ଲା ନିର୍ବାଚନ ମଣ୍ଡଳୀର ବିଧାୟିକା ମନୋରମା ମହାନ୍ତି ନର୍ଲା ଉପରପଡ଼ା ସ୍ଥିତ ବୁଢ଼ା ରଜା ମନ୍ଦିରରୁ ଘୁମୁରାର ତାଳେ ତାଳେ ଶହ ଶହ ଜନସାଧାରଣଙ୍କ ସହିତ ମଶାଲ୍ ଶୋଭଯାତ୍ରାରେ ଆସି କଳାପାହାଡ଼ ମଞ୍ଚ ପାଖରେ ମଶାଲ୍ ସ୍ଥାପନ କରିବା ପରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉଦ୍‌ଘଟନୀ ଉତ୍ସବରେ ବ୍ଲକ୍ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ସ୍ଥାନୀୟ ତହସିଲଦାର୍ ବଳଦେବ ବେହେରା ନର୍ଲା ବ୍ଲକ୍ ତିନୋଟି ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ, ୨୬ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଗଣ ଓ ଶହ ଶହ ଜନସାଧାରଣ ଉପସ୍ଥିତ ଥିଲେ । ମୁଖ୍ୟ ବକ୍ତା ତୁଳାପଡ଼ା ବିଜୟାନନ୍ଦ କଲେଜର ଓଡ଼ିଆ ଅଧ୍ୟାପକ ଉମେଶ ଚନ୍ଦ୍ର ସ୍ୱାଇଁ ଉଚ୍ଚ କୋଟୀର ବକ୍ତବ୍ୟ ପ୍ରଦାନ କରି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଦର୍ଶକଙ୍କ ମନ ଜିଣି ଥିଲେ। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ ଯୋଗ ଦେଇ ଥିବାବେଳେ ମୁଖ୍ୟ ବକ୍ତା ମାଁ ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା କଳାହାଣ୍ଡିର ଗୌରବ ଗାଥା ବଖାଣି ଥିଲେ। ଡାଲ୍ ଖାଇ, ରସର୍ କେଲି, ଭଳି ବିଭିନ୍ନ ନୃତ୍ୟ ଗୀତରେ ଦୁଲୁକୁ ଥିଲା କଳା ପାହାଡ଼ ମଞ୍ଚ । ମଝିରେ ମଝିରେ କଳାହାଣ୍ଡି ଉତ୍ସବର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତି ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ସମ୍ମାନିତ କରୁଥିବା ବେଳେ ନର୍ଲା ନିର୍ବାଚନ ମଣ୍ଡଳୀର ସମସ୍ତ ସାମ୍ବାଦିକ ମାନଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।

## ଆଲୁମିନିୟମ ପାଉଡର ଚୋରି ଅଭିଯୋଗ, ୨ କୋର୍ଟଚାଲାଣ



ଲାଞ୍ଜିଗଡ଼,(ଭାସ୍କର ନ୍ୟୁଜ): ଆଲୁମିନିୟମ ପାଉଡ଼ର ଚୋରି ଅଭିଯୋଗରେ ଲାଞ୍ଜିଗଡ଼ ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ୨ଟି ଟ୍ରାକ୍ଟର, ୨ ବୋଲେରୋ ପିକ୍‌ଅପ୍, ଗୋଟିଏ ମାରୁତି ସେଲେରୀଓ କାର ସହିତ ୫ଟନ୍ ୮ କ୍ୱିଣ୍ଟାଲ ଆଲୁମିନିୟମ ପାଉଡ଼ର ଓ ନଗଦ ୫୦ ହଜାର ଟଙ୍କା ଜବତ କରିଛି। କୋର୍ଟଚାଲାଣ ହୋଇଥିବା ଦୁଇଜଣ ବ୍ୟକ୍ତି ହେଲେ ଚମ୍ପାଦେଇପୁର ଗାଁର ହଳଧର ସାହୁ ଓ ଖମନଖୁଣ୍ଟି ଗାଁର ବଳିଆ କନ୍ଧପାଣି। ସେମାନଙ୍କଠାରୁ ୫ ଟନ ୮ କୁଇଣ୍ଟାଲ ଆଲୁମିନିୟମ ପାଉଡର ବୋଝେଇ ହୋଇଥିବା ୨ଟି ଟ୍ରାକ୍ଟର, ୨ଟି ବୋଲେରୋ ପିକ୍‌ଅପ୍, ଗୋଟିଏ ମାରୁତି ସେଲେରିଓ କାର ସହିତ ନଗଦ ୫୦ ହଜାର ଜବତ କରିଥିଲା ପୋଲିସ। ଏନେଇ ଲାଞ୍ଜିଗଡ ଥାନା କେସ ନଂ ୦୧/୨୫ରେ ଏକ ମାମଲା ରୁଜୁ କରି ୨ଜଣଙ୍କୁ କୋର୍ଟଚାଲାଣ କରାଯାଇଛି।

## ସମ୍ବଲପୁରୀ ଗୀତ, ନାଚ ସହିତ ଉଦ୍‌ଯାପିତ ହେଲା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡିର କଳା, ସଂସ୍କୃତି, ପରମ୍ପରା ଓ ଐତିହାସିକର ବାର୍ତ୍ତାବହ ଗୋଲାମୁଣ୍ଡା ବ୍ଲକସ୍ତରୀୟ ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ଶିବାଜୀ ଷ୍ଟାଡିୟମ୍ ପରିସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଗୋଲାମୁଣ୍ଡା ବ୍ଲକ ତହସିଲଦାର ଚନ୍ଦନ କୁମାର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚରେ ମଞ୍ଚାସୀନ ଥିବା ସମସ୍ତ ଅତିଥି କଳାହାଣ୍ଡି ଐତିହ୍ୟ, କଳା ସଂସ୍କୃତି, ପରମ୍ପରା ସମ୍ବନ୍ଧରେ ସଂକ୍ଷିପ୍ତ ଅଭିଭାଷଣ ରଖିଥିଲେ। ପରେ ଶହୀଦ ବିଜେନ୍ଦ୍ର ନାଥ ରାଉତଙ୍କ ଭଉଣୀ ମାଣିକ୍ୟ ବିଶିଙ୍କୁ ମାନପତ୍ର ପ୍ରଦାନ କରିଥିବା ବେଳେ



ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ସଭାପତିତ୍ୱ କରିଥିଲେ। ଏହି ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଓଡିଶା ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ସିଡିଓ ଦୟାମୟ ପାଢ଼ୀ, ଲୋକପାଳ ପରଂବ୍ରହ୍ମ ଯୋଶୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ମନୋଜ ମେହେର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବୃଷଭ ନାଏକ, ବିଡ଼ିଓ ଶ୍ରୀଧର ପଣ୍ଡା, ନିଜର ସିନ୍ଦୁର ବଞ୍ଚାଇବାକୁ ନିଜର କୀଡନି ଦାନ କରିଥିବା ମହିଳା ପ୍ରମିଳା ରାଉତଙ୍କୁ ମଧ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଭିନ୍ନ କଳା ସଂସ୍କୃତି ଉପରେ ପରିବେଷଣ ହୋଇଥିଲା। ଓଡିଶା ପ୍ରସିଦ୍ଧ ରକ୍‌ଷ୍ଟାର ରୁକୁ ସୁନା ମଧ ଉପସ୍ଥିତ ରହି ସମ୍ବଲପୁରୀ ଗୀତରେ ଦର୍ଶକଙ୍କ ମନ ମୋହିତ କରିଥିଲେ। ଉତ୍ସବରେ ହଜାର ହଜାର ସଂଖ୍ୟାରେ ଜନଗହଳି ଦେଖା ଯାଇଥିଲା। ଉତ୍ସବରେ ବ୍ଲକର ସମସ୍ତ ବିଭାଗ କର୍ମଚାରୀ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ।

## ନୂତନ ବ୍ଲକ ଗଠନ ପାଇଁ ସର୍ବସାଧାରଣ ବୈଠକ



ଧର୍ମଗଡ଼, (ଭାସ୍କର ନ୍ୟୁଜ): ନୂତନ ବ୍ଲକ ଗଠନ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୂଚନା ପରେ ବିଭିନ୍ନ ଅଂଚଳରେ ବ୍ଲକ ଗଠନ ଦାବି ଯୋର ଧରିଛି। ପର୍ଲା ଫୁଟ୍‌ବଲ ପଡ଼ିଆଠାରେ ଦଣ୍ଡପାଟ ବ୍ଲକ ଗଠନ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜାରାଜୁଡ଼ା ଅମଳରେ ସେ କାଳର କଳାହାଣ୍ଡିକୁ ବିଭିନ୍ନ ପାଟ(ଅଞ୍ଚଳ) ନାମରେ ନାମିତ କରାଯାଇଥିଲା। ତନ୍ମଧ୍ୟରୁ ୬୨ଟି ମୌଜା ଦଣ୍ଡପାଟ ରୂପେ ପରିଚିତ। ଦଣ୍ଡପାଟକୁ ନେଇ ସ୍ୱତନ୍ତ୍ର ଇତିହାସ ରହିଛି। ବିଭିନ୍ନ କାରଣରୁ ଦଣ୍ଡପାଟ ଅଞ୍ଚଳ ଅନେକ କ୍ଷେତ୍ରରେ ଅବହେଳିତ ରହିଛି। ବ୍ଲକ ଗଠନ ହେଲେ ଏହା କିଛି ପରିମାଣରେ ଦୂର ହେବ । ଏଥିପାଇଁ ବିଗତ ଦିନମାନଙ୍କରେ ବି ଏହି ଅଞ୍ଚଳକୁ ବ୍ଲକ ଗଠନ ପାଇଁ ଦାବି ହେଉଥିଲା। ରାଜସ୍ୱ ମନ୍ତ୍ରୀଙ୍କ ବୟାନ ପରେ ବ୍ଲକ ଗଠନ ଆଶା ପୁର୍ନଜୀବିତ ହୋଇଛି। ଏହି କ୍ରମରେ ଜୟନ୍ତପୁର ପୂର୍ବତନ ସମିତି ସଭ୍ୟ ତୁଳସୀ ନାଏକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଣ୍ଡପାଟ ନାମରେ ବ୍ଲକ ଗଠନ ହେଉ କିନ୍ତୁ ମୁଖ୍ୟାଳୟକୁ ନେଇ କୌଣସି ସ୍ଥାନକୁ ନିରୂପଣ କରାନଯାଉ। ସରକାରୀ ନିୟମ ଅନୁଯାୟୀ ଯେଉଁ ସ୍ଥାନ ଉଚିତ ହେବ ସେ ସ୍ଥାନରେ ହେଉ। ଦଣ୍ଡପାଟ କାହାର ପୈତୃକ ସମ୍ପତ୍ତି ନୁହେଁ। ଦଣ୍ଡପାଟ ଏବଂ ଦଣ୍ଡପାଟର ଅଧିଷ୍ଠାତ୍ରୀ ଦେବୀ ଦନ୍ତେଶ୍ୱରୀ ଉଣପଟେନ ସମସ୍ତଙ୍କର । ଏହାକୁ ନେଇ ବେପାର ନହେଉ-ସ୍ୱତନ୍ତ୍ର ଏକ ଗ୍ରାମ ଦଣ୍ଡପାଟକୁ ନିଜ ଅଧୀନରେ ରଖି ତାର ଅଖଣ୍ଡତାକୁ ଖଣ୍ଡ ଖଣ୍ଡ କରିବା ଉଦ୍ୟମକୁ ଘୋର ନିନ୍ଦନୀୟ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ଦଣ୍ଡପାଟର ଅଖଣ୍ଡତାକୁ ବଜାଇ ରଖିବା ସମସ୍ତଙ୍କ ଦାୟିତ୍ୱ ହେବା ଉଚିତ-ହେଲେ କେତେକ ଖଳପ୍ରକୃତି ଲୋକ ରାଜନୀତି ଫାଇଦା ଉଠାଇବାକୁ ନିମ୍ନମାନସିକତା ନେଇ ଦଣ୍ଡପାଟକୁ ବାଣ୍ଟିବା ପାଇଁ ପ୍ରଚେଷ୍ଟା କରୁଛନ୍ତି। ଦଣ୍ଡପାଟ ଅଞ୍ଚଳ ବିଭିନ୍ନ ବିକାଶ ପାଇଁ ବ୍ଲକ ଗଠନର ଆବଶ୍ୟକତା ଅଛି-ପ୍ରତ୍ୟେକ ଗ୍ରାମକୁ ଯାଇ ଲୋକଙ୍କ ସହ ଆଲୋଚନା କରି ଆଗାମୀ ଦିନରେ ସରକାର ଠାରେ ଦାବୀ ଉପସ୍ଥାପନ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକରେ ବଡଘୁମେର ସରପଞ୍ଚ ଜନ୍ମେଜୟ ଗୋପାଳ, ସମିତି ସଭ୍ୟ, ଗଡିଆଯୋର ସମିତି ସଭ୍ୟ ଶଙ୍କର ନାଏକ, କଦଳୀମୁଣ୍ଡା ପଞ୍ଚାୟତ ସରପଞ୍ଚ ଓ ସମିତି, ଛଞ୍ଚାଣବାହାଲି ସରପଞ୍ଚ ପ୍ରତିନିଧି ସମେତ ସେତୁରାମ ଭକ୍ତ, ସୁବାଷ ବୋଡକିଆ, ଖୁଣ୍ଟିଆ ପୂର୍ବତନ ସରପଂଚ ଧର୍ମବ୍ରତ ପଣ୍ଡା, ରାଧେଶ୍ୟାମ ଗୋପାଳ, ପଦ୍ମବନ ବେମାଲ, ନିରାକାର ଗୋପାଳ, ଶ୍ରୀକାନ୍ତ ନାଏକ, କେଦାର ବୋଡକିଆ, ନବୀନ ପୁରୋହିତ, ସୁଧୀର ବାଗ, ସୁବାଷ ବାଗ, ନବୀନ ଦାସ, ପରମାନନ୍ଦ ବୋଡକିଆ, ଗଣେଶ ନାଏକ ଗଜେନ୍ଦ୍ର ଦାସ,ବିବସ୍ତ ଦାସ, ଦୟାନିଧି ଜାଲ, ରତ୍ନାକର ଜାଲ,ଅରୁଣ ଜାଲ ପ୍ରମୁଖ ଉପସ୍ଥିତ ରହି ନିଜ ମତାମତ ଦେଇଥିଲେ। ପରସ୍ପର ମଧ୍ୟରେ ତିକ୍ତତା ନହେଉ ସେଥିପାଇଁ ଏକ ସମନ୍ୱୟ କମିଟି ଗଠନ ହୋଇଥିଲା। ପର୍ଲା ସରପଞ୍ଚ ବ୍ରିଜଲାଲ୍ ନାଏକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକକୁ ହେରମ୍ବ ସେନାପତି ପରିଚାଳନା କରିଥିଲେ।

## ମିଥ୍ୟା କେସ୍‌ରୁ ମୁକ୍ତ ହେଲେ ଯୁବ ଓକିଲ, କୃତଜ୍ଞତା ଜଣାଇଲେ ପରିବାର ଲୋକେ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ନିକଟବର୍ତ୍ତୀ ଲାଞ୍ଜିଗଡ ଗ୍ରାମର ନରେନ୍ଦ୍ର ନାଏକ ତାଙ୍କ ସ୍ତ୍ରୀଙ୍କୁ ଆତ୍ମହତ୍ୟା କରିବା ପାଇଁ ପ୍ରବର୍ତ୍ତାଇ ଥିବା ଅଭିଯୋଗରେ ଥାନାରେ ସିଟି କେସ୍ ନ.୧୮୨/୨୩ ଦଫା ୪୯୮(କ) ଧାରା ୩୦୬ରେ ଥୁ.ରାମପୁର ଥାନାରେ ଅଭିଯୋଗ କ୍ରମେ ନରେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଉକ୍ତ କେସ୍ ଟ୍ରାଏଲ୍ କୋର୍ଟ ସହକାରୀ ସେସନ୍ସ ଜଜ୍ ମହିଳା କୋର୍ଟରେ ବିଚରାଧୀନ ଥିଲା। ଉକ୍ତ କେସ୍‌କୁ ଅନ୍ୟତମ ଯୁବ ଆଇନଜୀବୀ ପ୍ରଭାକର ତାଣ୍ଡି ଓ ସୁଧାଂଶୁ ଶେଖର ନାଏକ ଅଭିଯୁକ୍ତଙ୍କ ତରଫରୁ ମକଦ୍ଦମା ଲଢୁଥିଲେ। ଶେଷରେ ଅଭିଯୁକ୍ତ ନରେନ୍ଦ୍ର ନାଏକଙ୍କୁ ମାନ୍ୟବର କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଏ ଖବର ମିଳିବା ପରେ ଗାଁରେ ଖୁସିର ଲହରୀ ଖେଳଯାଇଥିଲା ଓ ପରିବାର ଲୋକେ ଉଭୟ ଯୁବ ଆଇନଜୀବୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ଦୁଇଦିନିଆ ମନୋଜ୍ଞ ପଥୋତ୍ସବ ଉଦ୍‌ଯାପିତ
# କଳା, ସଂସ୍କୃତି ଓ କ୍ରୀଡ଼ା କୌଶଳରେ ମଜ୍ଜିଲେ ସହରବାସୀ





ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଦୁଇଦିନ ଧରି କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ସହିତ କ୍ରୀଡ଼ା କୌଶଳର ମିଳନସ୍ଥଳୀ ପାଲଟିଥିବା ପଥୋତ୍ସବ (ରାହାଗିରୀ) ଆନନ୍ଦ ଉଲ୍ଲାସ ମଧ୍ୟରେ ଉଦ୍‌ଯାପିତ ହୋଇ ଯାଇଅଛି। ଦୁଇଦିନ ଧରି ନାଚଗୀତ, ପ୍ରଥା, ପରମ୍ପରାର ନିଦର୍ଶନ ସହିତ ନିଜର ପ୍ରତିଭାର ପ୍ରଦର୍ଶନ ପାଇଁ ସମସ୍ତେ ଓହ୍ଲାଇ ଆସିଥିଲେ ରାଜରାସ୍ତାକୁ। ଭଳି କି ଭଳି ଦୃଶ୍ୟ ସମସ୍ତଙ୍କୁ ଅଭିଭୂତ କରି ପକାଉଥିଲା। ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରକଳା ପ୍ରଦର୍ଶନୀ, ଜିଲ୍ଲା, ରାଜ୍ୟ ଓ ଦେଶର ବିଭିନ୍ନ ପ୍ରସଙ୍ଗକୁ ନେଇ ରଙ୍ଗୋଲି, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ନୃତ୍ୟ କଳା ପ୍ରଦର୍ଶନ, ପଥପ୍ରାନ୍ତ ବିଜ୍ଞାନ ପ୍ରଦର୍ଶନୀ, ମହାକୁମ୍ଭ ମେଳାକୁ ନେଇ ଆକର୍ଷଣୀୟ ବାଲୁକା କଳା, କରାଟେ, ଟାଇକୋଣ୍ଡୋ, ଯୋଗ, କ୍ଷୁଦ୍ର ନାଟିକା, ଶାରୀରିକ କ୍ରୀଡ଼ା କୌଶଳ ସହିତ ବାଇକ ଷ୍ଟଣ୍ଟକୁ ଲୋକମାନେ ବେଶ୍ ଉପଭୋଗ କରିଥିଲେ। ଭବାନୀପାଟଣା ସହରର ଜେଲଛକରୁ ଷ୍ଟେଟବ୍ୟାଙ୍କ ଛକ ଯାଏଁ ଦେଖିବାକୁ ମିଳିଥିଲା ଏଭଳି ନିଆରା ଦୃଶ୍ୟ। କେବଳ ପ୍ରତିଭାଗୀ, କଳାକାର କିମ୍ବା ସାଧାରଣ ଲୋକେ ନୁହଁନ୍ତି ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ସମସ୍ତେ ଏହାକୁ ଉପଭୋଗ କରିବା ସହିତ ପଥୋତ୍ସବରେ ସାମିଲ ହୋଇଥିଲେ। ଲୋକସଭା ସାଂସଦ ମାଳବିକା ଦେବୀ, କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଯୋଜନା ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସହକାରୀ ଜିଲ୍ଲାପାଳ ମମତା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରତିଭାଗୀଙ୍କୁ ଉତ୍ସାହିତ କରିଥିଲେ। ପଥୋତ୍ସବ ଉପ କମିଟିର ଅଧ୍ୟକ୍ଷ ଡ. ଅଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ କମିଟିର କର୍ମକର୍ତ୍ତା ସଞ୍ଜୟ କୁମାର, ମୁକୁନ୍ଦ ରେଡ୍ଡୀ, ବିରଞ୍ଚି ନାରାୟଣ ପଣ୍ଡା, ଶାନ୍ତନୁ ମୁଣ୍ଡ, ଶେଖ ମୁନାୱର, ଭବାନୀ ପଟ୍ଟନାୟକ, ଡ. ପଲ୍ଲୀଶ୍ରୀ ପଟ୍ଟନାୟକ, ଟି. ସୁଜାତା ଆଚାରୀ, ରୋହିତ ଦୁର୍ଗାଙ୍କ ସମେତ ଅନ୍ୟମାନେ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ପୁଲିସ ଓ ଏନସିସି କ୍ୟାଡେଟ ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ନିୟୋଜିତ ଥିଲେ।

## ରାଶିଫଳ

ମଙ୍ଗଳବାର, ୧୪ ଜାନୁଆରୀ ୨୦୨୫



**ମେଷ:** ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ । ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ । ଅଫିସରେ କାର୍ଯ୍ୟଭାର ହେତୁ ଆପଣ ଅଧିକ ଥକ୍କା ଅନୁଭବ କରିବେ।



**ବୃଷ:** ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ । ଶରୀରରେ ଥକ୍କାପଣ ଏବଂ ଅଳସୁଆପଣ ଯୋଗୁଁ ବ୍ୟାକୁଳତା ଅନୁଭବ ହେବ । ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ । ଧାର୍ମିକ ଯାତ୍ରା ଆୟୋଜିତ ହେବ ।



**ମିଥୁନ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ । ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ । ସ୍ୱାସ୍ଥ୍ୟ ଭଲ ହେବ । ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ ।



**କର୍କଟ:** ଦିନଟି ଆନନ୍ଦରେ ଅତିବାହିତ ହେବ । ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ । ନୂତନ ପୋଷାକ କିଣି ପାରନ୍ତି। ସ୍ୱାସ୍ଥ୍ୟ ଭଲ ହେବ, ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ । ଗଣେଶଙ୍କ କୃପା ଦିନସାରା ଆପଣଙ୍କ ଉପରେ ରହିବ।



**ସିଂହ:** ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନର କାର୍ଯ୍ୟକ୍ରମ ହେବ । ଧନ ଲାଭର ସମ୍ଭାବନା । ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ । ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏହା ଏକ ଶୁଭ ଦିନ ।



**କନ୍ୟା:** ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ପାଇବେ। ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ । ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ । ସାଙ୍ଗମାନଙ୍କ ସହିତ ମିଳନ ହେବ, ମହିଳା ବନ୍ଧୁମାନେ ଉପକୃତ ହେବେ ।



**ତୁଳା:** ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ । ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ । ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ । ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ। ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ । ମହିଳା ଏବଂ ଜଳରୁ କ୍ଷତି ହେବାର ଭୟ ରହିବ ।



**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ । ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ । ଅନୈତିକ ପ୍ରବୃତ୍ତିଠାରୁ ଦୂରରେ ରୁହନ୍ତୁ । ଛାତ୍ରମାନଙ୍କ ଶିକ୍ଷଣରେ ବାଧା ଉପୁଜିବ ।



**ଧନୁ:** ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ । ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ । କଠିନ ପରିଶ୍ରମ କରିବା ପରେ ହିଁ ସଫଳତା ପାଇବେ । ଦୁର୍ଘଟଣା ପାଇଁ ସାବଧାନ ରୁହନ୍ତୁ।



**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆର୍ଥିକ ଲାଭ ହାସଲ ହେବ । ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ । କୌତୁହଳପୂର୍ଣ୍ଣ ଖାଦ୍ୟ ମିଳିପାରିବ ।



**କୁମ୍ଭ:** ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ । ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ । ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି । ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ । ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ ।



ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯